ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୨୩/୨୦୨୨ (୧୨+୮=୨୦ ପୃଷ୍ଠା) Bhubaneswar, Wednesday, March 23/2022 Page 20 ₹ 7.00 ★★★★★★

୪୮ଶ ଭାଗ ୧୧୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-





## ସଂକ୍ଷେପରେ

### ଗାଧୋଇବାକୁ ଯାଇ ପୋଖରୀରେ ବୁଡ଼ିଗଲେ ୨ ଶିଶୁ

**ପାପଡ଼ାହାଣ୍ଡି,୨୨।୩(ଡି.ଏନ୍.ଏ.):** ଘରୁ ହସ ଖୁସିରେ ଗାଧୋଇବାକୁ ବାହାରିଯାଇଥିଲେ ୨ଶିଶୁ। କିନ୍ତୁ ସେମାନେ ଆଉ ଘରକୁ ଫେରି ନ ଥିଲେ। ଉକ୍ତ ପୋଖରୀରେ ବୁଡି ୨ ଶିଶୁଙ୍କ ମୃତ୍ୟୁ ହୋଇଯାଇଛି। ଏପରି ଦୁଃଖଦ ଘଟଣା ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସେମଲା ପଞ୍ଚାୟତ ପାଇକ କତରା ଗ୍ରାମରେ ଘଟିଛି। ମୃତକ ୨ଜଣ ହେଲେ ଧନସାଇ ବାଘଙ୍କ ପୁଅ ଜିଜିକଲ (୬) ଓ ତପନ ଭତରାଙ୍କ ପୁଅ ରାଜ (୬)। ଜିଜିକଲ ଓ ରାଜ ପୋଖରୀରେ ଗାଧୋଇବାକୁ ସକାଳୁ ଘରୁ ଯାଇଥିଲେ। ଅପରାହ୍ଣ ୨ଟା ସୁଦ୍ଧା ସେମାନେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ। ପୋଖରୀ ହୁଡାରେ ସେମାନଙ୍କ ପୋଷାକ ଦେଖି ଗ୍ରାମବାସୀ ପାଣି ଭିତରକୁ ଯାଇଥିଲେ। ପୋଖରୀରୁ ସେମାନଙ୍କୁ ଉଦ୍ଧାରକରି ୧୦୮ ଆମ୍ବୁଲାନ୍ସ ଯୋଗେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

### ବିଷ ପିଇ ଦମ୍ପତିଙ୍କ ଆତ୍ମହତ୍ୟା

**ମାଲକାନଗିରି,୨୨।୩ (ଡି.ଏନ୍.ଏ.):** ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ତାର୍ଲାକୋଟାରେ ଏକ ଦମ୍ପତି ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ଡମ୍ବରୁ ସଗରିଆ ଓ ତାଙ୍କ ସ୍ତ୍ରୀ କୁନି ସଗରିଆ। ବୁଦ୍ରା ସଗରିଆ ଓର୍କେଲ ଥାନାରେ କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି ଯେ, ତାଙ୍କ ପୁତୁରା ଡମ୍ବରୁ ଓ ସ୍ତ୍ରୀ କୁନଙ୍କ ମଧ୍ୟରେ କିଛିଦିନ ଧରି ମନାନ୍ତର ଲାଗି ରହିଥିଲା। ଏହାକୁ ନେଇ ସୋମବାର ରାତିରେ କୁନି ବିଷ ଖାଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କୁନିଙ୍କ ମୃତ୍ୟୁ ହୋଇଥିଲା। ଏହି ଖବର ଜାଣିବା ପରେ ମଙ୍ଗଳବାର ସକାଳେ ପୁତୁରା ଡମ୍ବରୁ ବିଷ ଖାଇ ଗୁରୁତର ହୋଇପଡ଼ିଥିଲେ। ମାଲକାନଗିରି ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

# ଗୁଣାତ୍ମକ ସାମଗ୍ରୀ ପାଇଁ ବ୍ୟବସାୟ ତିଷ୍ଠିରହେ

**ବାଣିଜ୍ୟ ଶିକ୍ଷା ଶେଷ କରି ବାପାଙ୍କୁ ବ୍ୟବସାୟରେ ସହଯୋଗ କରୁଥିଲେ। ଇଲେକ୍ଟ୍ରୋନିକ୍ସ ବ୍ୟବସାୟରେ ଅଭିଜ୍ଞତା ହାସଲ କରି ଜଣାଶୁଣା କମ୍ପାନୀ ଏଲ୍‌ଜିର ଉତ୍ପାଦ ବିକ୍ରି କରିବାକୁ ସୁଯୋଗ ମିଳିଲା। ବଜାରରେ ଏକ ପ୍ରତିଷ୍ଠିତ ଇଲେକ୍ଟ୍ରୋନିକ୍ସ ପ୍ରତିଷ୍ଠାନ ଭାବେ ପରିଚୟ ସୃଷ୍ଟି ହେଲା। ବାପାଙ୍କ ପ୍ରେରଣା ଓ ପରିବାରର ସହଯୋଗ ଫଳରେ ଉଦ୍ଦେଶ୍ୟ ସାଧିତ ହୋଇଛି ବୋଲି ଧରିତ୍ରୀକୁ ସାକ୍ଷାତ୍‌କାର ଦେଇ କହିଛନ୍ତି ଏଲ୍‌ଜି ବେଷ୍ଟ ଶପ୍-ପ୍ରୋ ଭିଜୁଆଲ ଡାଇରେକ୍ଟର ସଞ୍ଜୟ ଡିଡ୍‌ୱାନିଆ।**



**ସଞ୍ଜୟ ଡିଡ୍‌ୱାନିଆ**
**ଡାଇରେକ୍ଟର, ଏଲ୍‌ଜି ବେଷ୍ଟ ଶପ୍-ପ୍ରୋ ଭିଜୁଆଲ**

**✪ ପାରିବାରିକ ବ୍ୟବସାୟରୁ ପର୍ସନାଲ ବିଜନେସର ଯାତ୍ରା କିଭଳି ଜାରି ରହିଛି?**

ଭଦ୍ରକରେ ବାପାଙ୍କ ବ୍ୟବସାୟିକ ପ୍ରତିଷ୍ଠାନ ଥିଲା। ଉଚ୍ଚଶିକ୍ଷା ଶେଷ ପରେ ବାପାଙ୍କୁ ସହଯୋଗ କରିବା ପାଇଁ ବ୍ୟବସାୟରେ ସାମିଲ ହୋଇଥିଲି। ବେପାର ଅଭିଜ୍ଞତା ହାସଲ ପରେ ୯୦ ଦଶକରେ ଆଉ ଏକ ସୁଯୋଗ ମିଳିଥିଲା। ଆରମ୍ଭ ହୋଇଥିଲା ନିଜସ୍ୱ ଇଲୋକ୍ଟ୍ରୋନିକ୍ସ ବ୍ୟବସାୟ। ଏଲ୍‌ଜି ପକ୍ଷରୁ ବ୍ୟବସାୟ ପାଇଁ ଆବଶ୍ୟକ ସ୍ୱୀକୃତି ପାଇ ଭଦ୍ରକ ସହରରେ ଏଲ୍‌ଜି ବେଷ୍ଟ ଶପ୍-ପ୍ରୋ ଭିଜୁଆଲ ଖୋଲିଥିଲି। ସେବେଠୁ ବ୍ୟବସାୟର ଯାତ୍ରା ଆଗକୁ ବଢ଼ିଚାଲିଛି। ପରିବାର ସହଯୋଗ ଓ ଗ୍ରାହକଙ୍କ ଭଲ ପାଇବା ଯୋଗୁ କାରବାର ଭଲ ରହିଛି। ଆଗକୁ ମଧ୍ୟ ଏହି ଧାରା ଜାରି ରହିବ ବୋଲି ଆଶାବାଦୀ।

**✪ ବାଣିଜ୍ୟର ଛାତ୍ର ହୋଇ ବ୍ୟବସାୟ ପାଇଁ ମନବଳାଇଲେ, ନିଷ୍ପତ୍ତି କେତେ ଦୂର ଠିକ୍ ଥିଲା ବୋଲି ଭାବୁଛନ୍ତି?**

ବ୍ୟବସାୟ କରିବା ପାଇଁ ବିଭାଗର ଆବଶ୍ୟକତା ନାହିଁ। ହେଲେ କଠିନ ପରିଶ୍ରମ ଓ ଲୋକସମ୍ପର୍କ ଜରୁରୀ। ବାଣିଜ୍ୟରେ ଉଚ୍ଚଶିକ୍ଷା ଶେଷ ପରେ ନିଯୁକ୍ତି ପାଇଁ କିଛି ସୁବିଧା ନ ଥିଲା। ବାହାର ରାଜ୍ୟକୁ ନ ଯାଇ ନିଜ ଅଞ୍ଚଳରେ କିଛି କରିବା ପାଇଁ ବହୁ ଲୋକ ପରାମର୍ଶ ଦେଇଥିଲେ। ଫଳରେ ପାରିବାରିକ ବ୍ୟବସାୟରେ ଯୋଗଦେବା ସହ ବ୍ୟବସାୟ କ୍ଷେତ୍ରରେ ପାରଦର୍ଶିତା ହାସଲ କରିବାକୁ ଚେଷ୍ଟା କଲି। ଅଭିଜ୍ଞତା ହାସଲ ଏବଂ ବ୍ୟବସାୟୀ ହେବାର କଳା ମଧ୍ୟ ଗ୍ରହଣ କରି ଜଣାଶୁଣା କମ୍ପାନୀ ଏଲ୍‌ଜି ସହଯୋଗରେ ଏଲ୍‌ଜି ଉତ୍ପାଦ ବିକ୍ରି କରିବାକୁ ସୁଯୋଗ ପାଇଲି। ବଜାରରେ ଏକ ପ୍ରତିଷ୍ଠିତ ଇଲେକ୍ଟ୍ରୋନିକ୍ସ ପ୍ରତିଷ୍ଠାନ ଭାବେ ପରିଚୟ ସୃଷ୍ଟି ହେଲା। ବାପାଙ୍କ ପ୍ରେରଣା ଓ ପରିବାରର ସହଯୋଗ ଫଳରେ ଉଦ୍ଦେଶ୍ୟ ସାଧିତ ହୋଇଛି।

**✪ ବର୍ତ୍ତମାନ ବଜାରରେ ଇଲେକ୍ଟ୍ରୋନିକ୍ସ ବ୍ୟବସାୟ କିଭଳି ରହିଛି?**

କୋଭିଡ୍ ପୂର୍ବରୁ ଇଲେକ୍ଟ୍ରୋନିକ୍ସ ବ୍ୟବସାୟ ଆଶାନୁରୂପ ଥିଲା। କିନ୍ତୁ ୨୦୨୦ ପ୍ରଥମ ଭାଗରୁ ଆଜି ପର୍ଯ୍ୟନ୍ତ ଆଶା ଓ ଆଶଙ୍କା ମଧ୍ୟରେ ସଂଘର୍ଷ କରୁଛି। ବିଶେଷକରି ଅନ୍‌ଲାଇନ୍ ବ୍ୟବସାୟର ପ୍ରବେଶ ପରଠାରୁ ଅଫ୍‌ଲାଇନ୍ ବ୍ୟବସାୟ କ୍ଷେତ୍ରରେ ଅନେକ ସମସ୍ୟା ସୃଷ୍ଟି ହୋଇଛି। ଉପଯୁକ୍ତ ଦରଠାରୁ କମ୍ ଦାମ୍ ଓ ହୋମ୍ ଡେଲିଭରି ସହ ଆକର୍ଷଣୀୟ ଅଫର୍‌ଆଦିପ୍ରତ୍ୟକ୍ଷ ବ୍ୟବସାୟକୁ ବ୍ୟାପକ କ୍ଷତି ପହଞ୍ଚାଇଛି। ଗୁଣାତ୍ମକ ସାମଗ୍ରୀ ଓ ସୁବିଧା ପ୍ରଦାନ ସହ ଲୋକସମ୍ପର୍କ ଯୋଗୁଁ ବ୍ୟବସାୟିକ ପ୍ରତିଷ୍ଠାନ ତିଷ୍ଠିରହିଛି। ଏସବୁ ପରେ ବ୍ୟବସାୟ କରିବାକୁ ହେଲେ ପରିଶ୍ରମ ସାଙ୍ଗକୁ ସାଧୁତା ରକ୍ଷା କରିବାକୁ ପଡ଼ିବ।

**✪ ଆପଣଙ୍କ ବ୍ୟବସାୟରେ ଟାର୍ଗେଟ କଷ୍ଟମର କିଏ ଏବଂ ସର୍ବାଧିକ ବିକ୍ରୟ ସାମଗ୍ରୀ କ'ଣ?**

ଭଦ୍ରକ ଏକ କୃଷିଭିତ୍ତିକ ଜିଲା। ଏହାର ବଜାରଗୁଡ଼ିକ ମଧ୍ୟ ଗ୍ରାମୀଣ ଓ ସହରଭିତ୍ତିକ ବଜାର। ଭଦ୍ରକ ଜିଲା ସହ ଏହାର ପଡ଼ୋଶୀ ଜିଲାର ଗ୍ରାହକମାନେ ମଧ୍ୟ ଭଦ୍ରକ ସହରକୁ ଆସିଥାନ୍ତି। ଏହି ବଜାର ବିଶେଷକରି ମଧ୍ୟମବର୍ଗଙ୍କ ଦ୍ୱାରା ପରିଚାଳିତ। ଏଠାରେ ସବୁପ୍ରକାରର ଇଲେକ୍ଟ୍ରୋନିକ୍ସ ଉତ୍ପାଦର ଚାହିଦା ରହିଛି। ବିଶେଷକରି ୩୨ ଇଞ୍ଚ ଏଲ୍‌ଇଡି ଟିଭି ସହ ରେଫ୍ରିଜରେଟର ଓ ୱାଶିଂମେଶିନ ଭଳି ସାମଗ୍ରୀ ସର୍ବାଧିକ ବିକ୍ରି ହେଉଛି। ଏସି, ମାଇକ୍ରୋ ଓଭେନ୍ ଭଳି ଉତ୍ପାଦର ଡିମାଣ୍ଡ ମଧ୍ୟ ରହୁଛି।

**✪ ବର୍ତ୍ତମାନ ଇଲେକ୍ଟ୍ରୋନିକ୍ସ ବଜାରରେ କ'ଣ ସବୁ ସମସ୍ୟା ରହିଛି ଏବଂ ତାହା ବ୍ୟବସାୟ କ୍ଷେତ୍ରରେ କିଭଳି ଅସୁବିଧା ସୃଷ୍ଟି କରୁଛି?**

କୋଭିଡ୍‌ର ପ୍ରଥମ ଲହରଠାରୁ ଅଦ୍ୟାବଧି ଅନେକ ସମସ୍ୟାର ସମ୍ମୁଖୀନ ହୋଇଛି। ପ୍ରାୟ ୪୦% ବେପାର ହ୍ରାସ ପାଇଛି। ବ୍ୟବସାୟରେ ସଙ୍ଘୀୟ ବ୍ୟବସ୍ଥା ସହ ଆନ୍ତର୍ଜାତୀୟ ବାଣିଜ୍ୟ ଚୁକ୍ତି ମଧ୍ୟ ବାଧକ ସାଜିଛି। ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ ଓ ଆମଦାନୀରେ ବଡ଼ ସମସ୍ୟା ରହିଥିବାବେଳେ କମ୍ପାନୀଗୁଡ଼ିକ ମଧ୍ୟ ଆବଶ୍ୟକତା ଅନୁସାରେ ସାମଗ୍ରୀ ଯୋଗାଇ ପାରୁନାହାନ୍ତି। ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ ପାଇଁ ଆବଶ୍ୟକ ପ୍ରମୁଖ ଉପାଦାନ ସହ ଚାଇନାରୁ ସାମଗ୍ରୀ ଆସି ପାରୁ ନ ଥିବାରୁ ଉଭୟ କମ୍ପାନୀ ଓ ଡିଲରମାନେ ଗ୍ରାହକଙ୍କ ଚାହିଦା ପୂରଣ କରିପାରୁନାହାଁନ୍ତି।

**✪ ଅବସର ସମୟରେ କ'ଣ କରିବାକୁ ଭଲ ପାଆନ୍ତି?**

ବ୍ୟବସାୟ କ୍ଷେତ୍ରରେ ପ୍ରତିଯୋଗିତା ରହିଥିବାରୁ ସମୟ ବାହାର କରିବା କଷ୍ଟକର। ତଥାପି ସାଙ୍ଗସାଥୀ ବନ୍ଧୁ ପରିଜନଙ୍କ ସହ ସମୟ ବିତାଇବାକୁ ଚାହେଁ। ବିଭିନ୍ନ ଅନୁଷ୍ଠାନ ସହ ଜଡ଼ିତ ଥିବାରୁ ଉଭୟ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥିତ ନ ରହିଲେ ମଧ୍ୟ ଆବଶ୍ୟକ ସହଯୋଗ ପାଇଁ ପ୍ରଚେଷ୍ଟା ଜାରି ରହିଛି।

ଧରିତ୍ରୀ | OrissaPOST BUSINESS EMINENCE AWARDS

**ଜାତୀୟସ୍ତରୀୟ ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନ ଶିକ୍ଷଣ ସର୍ବେକ୍ଷଣ**

# ୪୪୯ ବିଦ୍ୟାଳୟ ସାମିଲ

**ଭୁବନେଶ୍ୱର, ୨୨।୩(ବ୍ୟୁରୋ)**

ତୃତୀୟ ଶ୍ରେଣୀରେ ପଢ଼ୁଥିବା ଛାତ୍ରୀଛାତ୍ରଙ୍କ ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନ ଶିକ୍ଷଣର ସ୍ତର ନିର୍ଦ୍ଧାରଣ ନିମନ୍ତେ ଆସନ୍ତା ୨୩ ତାରିଖଠାରୁ ସର୍ବେକ୍ଷଣ ଆରମ୍ଭ ହେବ। ଜାତୀୟ ଶିକ୍ଷା ଓ ଗବେଷଣା ପରିଷଦ ଏବଂ ଭାରତ ସରକାରଙ୍କ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ମନ୍ତ୍ରଣାଳୟର ମିଳିତ ଆନୁକୂଲ୍ୟରେ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଦ୍ୱାରା ଏହି ସର୍ବେକ୍ଷଣ କରାଯିବ। ଏହି ସର୍ବେକ୍ଷଣର ମୂଳ ଲକ୍ଷ୍ୟ ହେଉଛି ଦେଶରେ ଶିକ୍ଷାଦାନ ନିମନ୍ତେ ବ୍ୟବହୃତ ହେଉଥିବା ବିଭିନ୍ନ ଭାଷାରେ ତୃତୀୟ ଶ୍ରେଣୀରେ ପଢ଼ୁଥିବା ପିଲାଙ୍କ ଭାଷାଜ୍ଞାନ ଓ ସଂଖ୍ୟା ଜ୍ଞାନ କ୍ଷେତ୍ରରେ ଶିକ୍ଷଣସ୍ତର ଜାଣିବା ଓ ସେମାନଙ୍କ ଶିକ୍ଷଣର ଅଗ୍ରଗତି ନିମନ୍ତେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା। ଏହି ସର୍ବେକ୍ଷଣରେ ଓଡ଼ିଶାର ୩୦ଟି ଜିଲାରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରୁ ମୋଟ ୬୦ ଜଣ ସଂଯୋଜକ ଓ ୩୪୫ ଜଣ କ୍ଷେତ୍ର ଅନୁଧ୍ୟାନକାରୀଙ୍କୁ ଚୟନ କରାଯାଇ ପ୍ରଶିକ୍ଷଣ ଦିଆଯାଇଛି। ସର୍ବେକ୍ଷଣରେ ସରକାରୀ, ବେସରକାରୀ, କେନ୍ଦ୍ରୀୟ ବିଦ୍ୟାଳୟ, ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ଓଡ଼ିଆ, ଉର୍ଦ୍ଦୁ ହିନ୍ଦୀ ଓ ଇଂଲିଶ ଭାଷାରେ ପଢୁଥିବା ତୃତୀୟ ଶ୍ରେଣୀର ସମସ୍ତ ପିଲାଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ଏଥିସହ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ଓଡ଼ିଶାରୁ ୪୪୯ଟି ବିଦ୍ୟାଳୟ ସର୍ବେକ୍ଷଣରେ ସାମିଲ ହୋଇଛି। ରାଜ୍ୟରେ ୨୪ ତାରିଖରେ ପୌର ନିର୍ବାଚନ ଓ ୨୫ରେ ସମସ୍ତ ଉର୍ଦ୍ଦୁ ବିଦ୍ୟାଳୟ ବନ୍ଦ ରହୁଥିବାରୁ ୨୩ରୁ ୨୫, ୨୬ରୁ ୨୮ ଏବଂ ଏପ୍ରିଲ ୪ରୁ ୬ ତାରିଖ ମଧ୍ୟରେ ତିନୋଟି ପର୍ଯ୍ୟାୟରେ ସର୍ବେକ୍ଷଣ ଶେଷ କରାଯିବାକୁ ନିର୍ଦ୍ଧାରିତ ହୋଇଛି। ସର୍ବେକ୍ଷଣ ପରିଚାଳନା ପାଇଁ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦରେ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଓଡ଼ିଶାରେ ତୃତୀୟ ଶ୍ରେଣୀ ଶିକ୍ଷାର୍ଥୀଙ୍କ ଶିକ୍ଷଣ ସ୍ତର ଜାଣିବା ସହିତ ସେମାନଙ୍କ ଶିକ୍ଷଣର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିବାରେ ଏହି ସର୍ବେକ୍ଷଣ ସହାୟକ ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।






# ୪୧ ଡିଗ୍ରୀ ଟପିଲା ଟିଟିଲାଗଡ଼

- ୪୦ ଡିଗ୍ରୀ ଉପରେ ୫ ସହର
- ୨୫ରୁ ଆହୁରି କଲବଲ କରିବ

**ଭୁବନେଶ୍ୱର,୨୨।୩(ବ୍ୟୁରୋ)**

ପ୍ରବଳ ତାତି। ଚାରିଆଡ଼େ ମୁଣ୍ଡଫଟା ଖରା। ପ୍ରଚଣ୍ଡ ଗ୍ରୀଷ୍ମରେ ସମଗ୍ର ରାଜ୍ୟ ଆଉଟପାଉଟ ହେଉଛି। ଆସନ୍ତା ୨୫ ତାରିଖରୁ ତାତିର ପ୍ରକୋପ ଆହୁରି ବଢ଼ିବ। ଦିନର ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀକୁ ଟପିଯିବ। ଉପକୂଳରୁ ଉପାନ୍ତ ସବୁଠି ତାତିର ପ୍ରକୋପ ବୃଦ୍ଧି ପାଇବ। ଦିନରେ ବାହାରେ ରହିବା ମୁସ୍କିଲ ହୋଇପଡ଼ିବ। ରାଜ୍ୟକୁ ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବାହ ହେବ। ଏଥିଯୋଗୁ ସର୍ବୋଚ୍ଚ ତାପମାତ୍ରା ୪ରୁ ୫ ଡିଗ୍ରୀ ଯାଏ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ଗତ କିଛିଦିନ ହେବ ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ବଢ଼ିବାରେ ଲାଗିଛି। ମଙ୍ଗଳବାର ୫ଟି ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସକୁ ଛୁଇଁଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଟିଟିଲାଗଡ଼ରେ ସର୍ବାଧିକ ୪୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀର ୪୦.୫, ବୌଦ୍ଧ ୪୦ , ବାରିପଦା ୪୦, ସମ୍ବଲପୁର ୪୦, ହୀରାକୁଦ ୩୯.୫, ଝାରସୁଗୁଡା ୩୮.୮, ତାଳଚେର ୩୮, ସୁନ୍ଦରଗଡ଼ ୩୮, କଟକ ୩୭.୨ ଏବଂ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୩୭.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୨/୩ ଦିନ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

# କୋରାପୁଟରୁ ଧରାପଡ଼ିଲେ ଆଉ ୪ ଅଭିଯୁକ୍ତ

**ସେବାୟତ କୃଷ୍ଣ ପ୍ରତିହାରୀ ହତ୍ୟା ମାମଲା**

- ସାତପଡ଼ା, ଚିଲିକାରେ ୨ଦିନ ଲେଖାଏ ରାତି କାଟିଥିଲେ
- ୪ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ପୋଲିସ
- ବନ୍ଧୁକ, ୨ ଗୁଳି ଓ ୨ ମୋବାଇଲ ଜବତ

**ପୁରୀ ଅଫିସ,୨୨।୩**

ଶ୍ରୀମନ୍ଦିର ସେବାୟତ ତଥା ସୁଆର ମହାସୁଆର ନିଯୋଗର ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରତିହାରୀଙ୍କୁ ଗୁଳି କରି ହତ୍ୟା କରାଯିବା ମାମଲାରେ ପୁରୀ ପୋଲିସକୁ ଆଉ ଏକ ସଫଳତା ମିଳିଛି। ଏହି ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଆଉ ୩ ଅଭିଯୁକ୍ତଙ୍କ ସମେତ ସେମାନଙ୍କୁ ଲୁଚାଇ ରଖିଥିବା ଅଭିଯୋଗରେ ଆଉ ଜଣଙ୍କୁ ମଙ୍ଗଳବାର କୋରାପୁଟ ଜିଲାରୁ ଗିରଫ କରିଛି ପୁରୀ ପୋଲିସ। ସେମାନେ ହେଲେ ପ୍ରଫୁଲ୍ଲ ମହାପାତ୍ର (ଟୁଟୁ), ଲକ୍ଷ୍ମଣ ସୁଆର(କୁନୁମୁନି), ହରି ପଣ୍ଡା ଏବଂ ଜଗନ ଖଟେଇ। କୃଷ୍ଣଚନ୍ଦ୍ର ପ୍ରତିହାରୀଙ୍କ ଭାଇ ନରସିଂହ ପ୍ରତିହାରୀ ଏତଲାରେ ସମ୍ପୃକ୍ତ ୩ ଅଭିଯୁକ୍ତ(ଟୁଟୁ, କୁନୁମୁନି ଓ ହରି) ହତ୍ୟାକାଣ୍ଡ ଘଟାଇଥିବା ଉଲ୍ଲେଖ କରିଥିଲେ। ଏହି ଗୁଳିକାଣ୍ଡ ମାମଲାରେ ପୋଲିସ ପ୍ରଥମ ପର୍ଯ୍ୟାୟରେ ୬ଜଣ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲେ ମଧ୍ୟ ସମ୍ପୃକ୍ତ ୩ ଅଭିଯୁକ୍ତ ଫେରାର ଥିଲେ। ମଙ୍ଗଳବାର ଗିରଫ କରାଯାଇଥିବା ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଏସ୍‌ପି କନୱର ବିଶାଲ ସିଂ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି। ତେବେ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଜଗନ ଖଟେଇ ଅଭିଯୁକ୍ତମାନଙ୍କୁ ଫେରାର ହେବାରେ ସହଯୋଗ କରିଥିଲେ ବୋଲି ପଚରାଉଚରା ବେଳେ ଜଣାପଡ଼ିଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ ଆଇପିସି ଧାରା- ୩୦୨, ୧୨୦(ବି), ୩୪ ଓ ଆର୍ମ୍ସ ଆକ୍ଟ ୨୫ ଓ ୨୭ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

କୃଷ୍ଣ ପ୍ରତିହାରୀଙ୍କୁ ହତ୍ୟା କରିବା ପରେ ଏହି ଅଭିଯୁକ୍ତମାନେ ପ୍ରଥମେ ସାତପଡ଼ା ଜଙ୍ଗଲକୁ ଯାଇ ଲୁଚି ରହିଥିଲେ। ସେଠାରେ ଦୁଇଦିନ ରହିବା ପରେ ପରିବେଶ ଅସହ୍ୟ ହେବାରୁ ବାହାରି ଆସି ଚିଲିକା ହ୍ରଦ ମଧ୍ୟରେ ଦୁଇ ଦିନ ଓ ଦୁଇ ରାତି ଏକ ଡଙ୍ଗାରେ ସମୟ ଅତିବାହିତ କରିଛନ୍ତି। ପୋଲିସ ଚିଲିକା ହ୍ରଦରେ ଥିବା ବିଭିନ୍ନ ଡଙ୍ଗାରେ ଚଢ଼ାଉ କରୁଥିବାର ଜାଣି ଅଭିଯୁକ୍ତମାନେ ରାଜ୍ୟ ଛାଡ଼ି ଚାଲିଯିବା ପାଇଁ ଯୋଜନା କରିଥିଲେ। ରାଜ୍ୟ ଛାଡ଼ିବା ଉଦ୍ଦେଶ୍ୟରେ ଏମାନେ କୋରାପୁଟ ସୀମା ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲେ। କୋରାପୁଟ ଜିଲା ପୋଲିସ ସହାୟତାରେ ପୁରୀ ପୋଲିସ ଟିମ୍ କୋରାପୁଟରେ ପହଞ୍ଚି ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ପୋଲିସ ପ୍ରଥମେ ୪ଟି ଟିମ୍ ଓ ପରବର୍ତ୍ତୀ ପର୍ଯ୍ୟାୟରେ ୭ଟି ଟିମ୍ ଗଠନ କରି ଖୋଜାଖୋଜି ଜାରି ରଖିଥିଲା। ୭ଜଣ ଇନ୍ସପେକ୍ଟର, ଜଣେ ଡିଏସ୍‌ପି ଓ ଜଣେ ଅତିରିକ୍ତ ଏସ୍‌ପି କ୍ରମାଗତ ଭାବେ ଅଭିଯୁକ୍ତଙ୍କ ସମ୍ଭାବ୍ୟ ଠିକଣା ଉପରେ ଚଢ଼ାଉ କରୁଥିଲେ। ସେହିଭଳି ଅଭିଯୁକ୍ତମାନେ ମୋବାଇଲ ଫୋନ୍ ବ୍ୟବହାର କରୁ ନ ଥିବାରୁ ଖୋଜିବା କଷ୍ଟକର ଥିଲା। ପଡ଼ୋଶୀ ଜିଲା ଓ ପଡ଼ୋଶୀ ରାଜ୍ୟର ପୋଲିସ ସହ ସମ୍ପର୍କରେ ରହି ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି ବୋଲି ଏସ୍‌ପି ସିଂ କହିଛନ୍ତି। ସେହିଭଳି ଷଡ଼ଯନ୍ତ୍ରକାରୀଙ୍କ ସମେତ ଗୁଳିକାଣ୍ଡ ବେଳେ ଘଟଣାସ୍ଥଳରେ ଥିବା ୪ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ। କ୍ରାଇମ ସିନ୍ ରିକ୍ରିଏସନ୍ କରାଯିବ। ତଦନ୍ତ ସମ୍ପୂର୍ଣ୍ଣ ସରିବା ପରେ କାହାର କ'ଣ ଭୂମିକା ଥିଲା ତାହା ସ୍ପଷ୍ଟ ହୋଇପାରିବ। ଚାର୍ଜସିଟ୍ ଠିକ ସମୟରେ ଦାଖଲ କରାଯିବ। ସ୍କର୍‌ରୁ ଯେଉଁ ଜମି ବିକ୍ରିବଟା କାଗଜପତ୍ର ଜବତ ହୋଇଥିଲା, ତାହାକୁ ମଧ୍ୟ ଯାଞ୍ଚ ପ୍ରକ୍ରିୟାରେ ସାମିଲ କରାଯାଇଛି। ନରସିଂହ ପ୍ରତିହାରୀଙ୍କ ଏତଲା ଆଧାରରେ ତଦନ୍ତକୁ ଆଗକୁ ବଢ଼ାଯିବ ବୋଲି ଏସ୍‌ପି କହିଛନ୍ତି। ଏଥିସହ ଅଭିଯୁକ୍ତମାନଙ୍କୁ ପଚରାଉଚରା ବେଳେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ରଖିଥିବା ଗୋଟିଏ ବନ୍ଧୁକ, ୨ଟି ଗୁଳି ଓ ୨ଟି ମୋବାଇଲକୁ ପୋଲିସ ଜବତ କରିଛି।



ଗିରଫ ୪ ଅଭିଯୁକ୍ତ।




ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୨୩/୨୦୨୨ (୧୨+୮=୨୦ ପୃଷ୍ଠା) | Bhubaneswar, Wednesday, March 23/2022 | ପୃଷ୍ଠା-୧



**ରୁଷିଆକୁ ଡରୁଛି ନାଟୋ**
ୟୁକ୍ରେନ୍‌କୁ ନାଟୋ ଗ୍ରହଣ କରୁଛି ବୋଲି ଘୋଷଣା କରୁ କିମ୍ବା ଏହା ରୁଷିଆକୁ ଡରୁଥିବା ସ୍ପଷ୍ଟ କରୁ ବୋଲି କହିଛନ୍ତି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି।
୦୯

୧୦
**ୟାସ୍ତିକା ଭାଟିଆ ପ୍ଲେୟର ଅଫ୍ ଦି ମ୍ୟାଚ**
ବାଂଲାଦେଶ ବିପକ୍ଷ ଆଇସିସି ମହିଳା ବିଶ୍ୱକପ୍ ମ୍ୟାଚରେ ଭାରତର ୟାସ୍ତିକା ଭାଟିଆ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।



# ସବୁ ଖୁସି ଖୁସିରେ

ନିକଟରେ ପ୍ରକାଶିତ ଜାତିସଂଘର ବିଶ୍ୱ ଖୁସି ରିପୋର୍ଟରେ ମୋଟ୍ ୧୪୬ ଦେଶ ମଧ୍ୟରୁ ଭାରତକୁ ୧୩୬ତମ ସ୍ଥାନ କାହିଁକି ମିଳିଛି ବୁଝିବା କଷ୍ଟକର। ରିପୋର୍ଟକୁ ତ୍ରୁଟିପୂର୍ଣ୍ଣ ବୋଲି କହୁନାହୁଁ, କିନ୍ତୁ ବୃଦ୍ଧିପାଇଥିବା ଇନ୍ଧନ ଓ ରନ୍ଧନ ଗ୍ୟାସ୍ ଦରକୁ ଯେଉଁଭଳି ଭାବରେ ନାଗରିକମାନେ ସ୍ୱାଗତ କରିଛନ୍ତି ସେଥିରୁ ମନେହେଉଛି ଖୁସିର ମାତାପିତା ଏହି ଭାରତରେ ଅଛନ୍ତି। ସବୁ ବାଧାବିଘ୍ନ ସତ୍ତ୍ୱେ ଭାରତୀୟ ଜନସାଧାରଣଙ୍କ ସନ୍ତୁଷ୍ଟି ସ୍ତରକୁ ସ୍ୱୀକାର କରିବାକୁ ହେବ। ଏଥିସହିତ ଏଭଳି ମଧ୍ୟ ଅନୁଭବ ହେଉଛି ଯେ, ଭାରତୀୟମାନେ ଧନୀ ହୋଇଗଲେଣି। ସରକାରଙ୍କ ନିୟନ୍ତ୍ରଣାଧୀନ ଯେତେସବୁ ସାମଗ୍ରୀ ରହିଛି ତାହାର ଅତ୍ୟଧିକ ମୂଲ୍ୟବୃଦ୍ଧି ହେବା ସହିତ ବିଭିନ୍ନ ଟିକସର ପରିମାଣ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ସେହି ସମୟରେ ଇପିଏଫ୍ ଭଳି ସଞ୍ଚୟ ବ୍ୟବସ୍ଥାରେ ସୁଧହାର ହ୍ରାସ କରାଯାଉଛି। ଅର୍ଥାତ୍ ଦୁଇ ଗାଲରେ ଚାପୁଡ଼ା।

**ତଥାଗତ ସତପଥୀ**

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଚଳିତ ମାସ ୧୧ ତାରିଖରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ବ୍ୟାରେଲ୍ ପିଛା ଦର ୧୪୦ ଡଲାର ପାଖାପାଖି ଛୁଇଁଥିଲା। ଯେତେବେଳେ ଅଶୋଧିତ ତୈଳଦର ଅନ୍ତର୍ଜାତୀୟ ବଜାରରେ କମ୍ ଥିଲା ସେତେବେଳେ ସପ୍ତାହକୁ ୭ ଥର ଭାରତର ତୈଳ ବଜାରରେ ଦରବୃଦ୍ଧି କରାଯାଉଥିଲା। ଇତିମଧ୍ୟରେ ଉତ୍ତରପ୍ରଦେଶ ସମେତ ୫ଟି ରାଜ୍ୟରେ ବିଧାନସଭା ନିର୍ବାଚନ ଆସିଲା। ସେହି ସମୟରେ, ସରକାର ଏକାଥରରେ ପେଟ୍ରୋଲ ଲିଟର ପିଛା ୫ ଟଙ୍କା ଓ ଡିଜେଲ ୧୦ ଟଙ୍କା ହ୍ରାସ କରି ଜନସାଧାରଣଙ୍କୁ ଆହୁରି ଖୁସି କରାଇଦେଇଥିଲେ। ସେହିଭଳି ଖୁସି ଖୁସିରେ ଲୋକେ ଭୋଟ ଦେଇଦେଲେ। ଏବେ ସେହି ଖୁସି ଫଳରେ, ହଠାତ୍, ଅତ୍ୟଧିକ ଦର ବୃଦ୍ଧି କରିଦିଆଯାଇଛି (୨୨ ମାର୍ଚ୍ଚ ୨୦୨୨ରେ ପେଟ୍ରୋଲ ଲିଟର ପିଛା ୮୫ ପଇସା, ଡିଜେଲ ୮୬ ପଇସା ବଢ଼ିଥିବା ବେଳେ ଏଲ୍‌ପିଜି ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି ହୋଇଛି) ; ଯାହାକୁ ସ୍ୱାଗତ କଲାଭଳି ଭାରତୀୟମାନେ ନୀରବ ରହି ଖୁସି ହେଉଛନ୍ତି।

> **ସରକାରଙ୍କ ନିୟନ୍ତ୍ରଣାଧୀନ ଯେତେସବୁ ସାମଗ୍ରୀ ରହିଛି ତାହାର ଅତ୍ୟଧିକ ମୂଲ୍ୟବୃଦ୍ଧି ହେବା ସହିତ ବିଭିନ୍ନ ଟିକସର ପରିମାଣ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ସେହି ସମୟରେ ଇପିଏଫ୍ ଭଳି ସଞ୍ଚୟ ବ୍ୟବସ୍ଥାରେ ସୁଧହାର ହ୍ରାସ କରାଯାଉଛି। ଅର୍ଥାତ୍ ଦୁଇ ଗାଲରେ ଚାପୁଡ଼ା।**

ଓଡ଼ିଆରେ ଢଗ ଅଛି–'ଚାଖଣ୍ଡେ ପେଟ ପାଇଁ ସବୁ ନାଟ'। ଭାରତରେ ଅର୍ଥନୈତିକ ବିଷୟକୁ ନେଇ ଶାନ୍ତିପୂର୍ଣ୍ଣଠାରୁ ହିଂସାତ୍ମକ ପ୍ରତିକ୍ରିୟା ପ୍ରକାଶ ପାଉଥିଲା। ସାଧାରଣ ନାଗରିକ ଏବଂ ବିଶେଷକରି ଆମର ପୂର୍ବ ପିଢ଼ି ଜାଣିଥିଲେ ଯେ ଦକ୍ଷ ସରକାରର ମୁଖ୍ୟ କର୍ତ୍ତବ୍ୟ ହେଲା ଅର୍ଥନୀତିକୁ ସମ୍ଭାଳିବା ; ଯାହାଫଳରେ ଦରଦାମ୍ ନିୟନ୍ତ୍ରିତ ରହିବ ଏବଂ ସାଧାରଣ ଲୋକେ ଖୁସିରେ ରହିପାରିବେ। ଏବେ ଅର୍ଥନୀତି ସମ୍ପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଲୋକଙ୍କୁ ଧାର୍ମିକ ଓ ରାଜନୈତିକ ଚିନ୍ତାଧାରାରେ ବୁଡ଼େଇ ରଖି ଖୁସିର ଲହର ବଣ୍ଟାଯାଉଛି। ମୁସଲମାନମାନେ ହିଜାବ ପିନ୍ଧି ଭାବୁଛନ୍ତି ଖୁସିରେ ରହିବେ। ହିନ୍ଦୁମାନେ ଭାବୁଛନ୍ତି ତାହାକୁ ବିରୋଧ କରି ଖୁସିରେ ରହିବେ। ୧୯ ବର୍ଷର ଉତ୍ତରାଖଣ୍ଡ ଯୁବକ ଦୌଡୁଥିବାର ଭିଡିଓ ଦେଖି ଦେଶର ଅନେକ ନାଗରିକ ସେଥିରେ ଖୁସି ହେଉଛନ୍ତି। ଏଥିରୁ ବୁଝିବାକୁ ହେବ ଯେ ବିଫଳ ବୈଦେଶିକ ନୀତି, ଭାରତୀୟ ଟଙ୍କାର ଅବମୂଲ୍ୟାୟନ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧି ଭାରତୀୟ ନାଗରିକଙ୍କୁ ବ୍ୟସ୍ତ କରୁନାହିଁ। କେହି ଚିନ୍ତା କଲେ ତାଙ୍କୁ ଚିନ୍ତା କରିବାରୁ ନିବୃତ୍ତ ରହିବା ପାଇଁ ଉପଦେଶ ଦିଆଯାଉଛି। ବଡ଼ବଡ଼ିଆଙ୍କୁ ଆଣ୍ଠୁ ଭାଙ୍ଗି ମୁଣ୍ଡିଆ ମାରିବା ଚରିତ୍ରକୁ ଭାରତୀୟ ପରମ୍ପରା ଓ ନମ୍ରତାର ପ୍ରତୀକ ଭାବେ ଦର୍ଶାଯାଉଛି। ଏଥିରେ ଅନେକେ ଖୁସି ହେଉଛନ୍ତି। ଯେତେବେଳେ ଏତେସବୁ ଖୁସି ଚାରିଆଡ଼େ ଖେଳୁଛି, ସେତେବେଳେ ଦେଶ ନିଶ୍ଚିତ ଭାବେ ସୁଖ ସମୃଦ୍ଧିରେ ଭରପୂର। ଯେଉଁମାନେ ବୁଝିପାରୁନାହାନ୍ତି ତ୍ରୁଟି ସେମାନଙ୍କର। କାରଣ ଏହି ସମୟରେ ଇନ୍ଧନ ଓ ରନ୍ଧନ ଗ୍ୟାସ୍ ଭଳି ସାମଗ୍ରୀର ଦର ବୃଦ୍ଧି ଲୋକଙ୍କ ଉତ୍‌ଫୁଲ୍ଲତାରେ ବାଧା ଦେଉଥିବା ଭଳି ମନେ ହେଉନାହିଁ। ଆଗରୁ ଭାବୁଥିଲୁ ଭିଡ଼କୁ ନୁହେଁ। ଏବେ ଯେହେତୁ କେହି ପ୍ରତିବାଦର ସ୍ୱର ଉତ୍ତୋଳନ କରୁନାହାନ୍ତି, ସେଥିପାଇଁ ଭାବିବା କଥା ସମସ୍ତଙ୍କ ଭଳି ମସ୍‌ଗୁଲ ରହି ଦେବାଳିଆ ହେଲେ ହେବା ପଛେ, ଭିଡ଼ରେ ରହି ଖୁସିରେ ବଞ୍ଚିବାର ସମୟ ଆସିଲାଣି।

# ୨ ମନ୍ତ୍ରୀଙ୍କ ସମ୍ପୃକ୍ତି ଅଭିଯୋଗ

## କ୍ୟାମେରାମ୍ୟାନ ମାନସ ହତ୍ୟା ଘଟଣା


ପ୍ରତାପ ଜେନା


ଦିବ୍ୟ ଶଙ୍କର ମିଶ୍ର

- ଅଭିଯୋଗ କଲେ ପରିବାର ଲୋକ
- ଗୁମର ନ ଖୋଲିବା ପାଇଁ ମାରିଦେଲେ
- ପୋଲିସ ନ ପାରିଲେ ସିବିଆଇ ତଦନ୍ତ କରୁ

**ନୟାଗଡ଼ ଅଫିସ/ରଣପୁର,୨୨।୩(ସ୍ୱ.ପ୍ର.)**

କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ଘଟଣା ଧୀରେ ଧୀରେ ବିବାଦୀୟ ହେବାରେ ଲାଗିଛି। ଏହି ଘଟଣାରେ ଦୁଇ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଓ ପ୍ରତାପ ଜେନା ସମ୍ପୃକ୍ତ ଅଛନ୍ତି ବୋଲି ମାନସଙ୍କ ସ୍ତ୍ରୀ, ମା ଓ ଭାଇ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ମାନସଙ୍କ ପରିବାର ପକ୍ଷରୁ ଚାନ୍ଦବାଲି ଥାନାରେ ଅଭିଯୋଗ କରାଯାଇଛି। ହେଲେ ହତ୍ୟାକାରୀଙ୍କୁ ଗିରଫ କରାଯାଉନାହିଁ। ହତ୍ୟାକାରୀଙ୍କ ପଛରେ ମନ୍ତ୍ରୀ ଓ ବଡ଼ବଡ଼ିଆଙ୍କ ହାତ ଥିବାରୁ ଉକ୍ତ ଘଟଣାକୁ ଚାପି ଦେବା ପାଇଁ ଉଦ୍ୟମ ହେଲାଣି। ତେଣୁ ଉଭୟ ମନ୍ତ୍ରୀଙ୍କ ସମେତ ବଡ଼ବଡ଼ିଆଙ୍କୁ ଗିରଫ କରାଯାଉ, ଘଟଣାର ସିବିଆଇ ତଦନ୍ତ କରାଯାଉ ବୋଲି ମାନସଙ୍କ ପରିବାର ପକ୍ଷରୁ ହାଇକୋର୍ଟରେ ଏକ ଆବେଦନ କରାଯାଇଛି। ଶର୍ମିଷ୍ଠାଙ୍କ ସହିତ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ ଓ ରାଜ୍ୟ ସଭା ସାଂସଦ ପ୍ରତାପ ଦେବଙ୍କ ଭଳି ଅନେକ ନେତାଙ୍କ ସହ ଫଟୋ ମଧ୍ୟ ଭାଇରାଲ ହେବାରେ ଲାଗିଛି।

ମାନସଙ୍କ ସ୍ତ୍ରୀ ଯମୁନା ସ୍ୱାଇଁ କହିଛନ୍ତି, ମୋ ସ୍ୱାମୀଙ୍କ ହତ୍ୟା ପଛରେ ୨ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଓ ପ୍ରତାପ ଜେନା ଜଡ଼ିତ ଅଛନ୍ତି। ସେମାନଙ୍କ ଫଟୋ ସୋସିଆଲ ମିଡିଆ ଓ ବିଭିନ୍ନ ଗଣମାଧ୍ୟମରେ ଆସିଛି। ମେମୋରି ଚିପ୍‌ରେ ମାଡାମ୍ ଶର୍ମିଷ୍ଠା ରାଉତଙ୍କ କିଛି କଳା କାରନାମା ରହିଥିଲା। ସେହି ମେମୋରି ଚିପ୍ ଜବତ ହେଲେ ସବୁ ଗୁମର ଫିଟିବ। ନ୍ୟାୟ ନ ପାଇଲେ ମୁଁ ନବୀନ ନିବାସ ସମ୍ମୁଖରେ ଆତ୍ମହତ୍ୟା କରିବି ବୋଲି ସେ କାନ୍ଦି କାନ୍ଦି କହିଛନ୍ତି। ମାନସଙ୍କ ମା'ଜୟନ୍ତୀ ସ୍ୱାଇଁ ବି ଏ ସଂକ୍ରାନ୍ତରେ ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି, ଏହି ଘଟଣାରେ ୨ ମନ୍ତ୍ରୀଙ୍କ ସମେତ ବଡ଼ବଡ଼ିଆଙ୍କ ହାତ ଅଛି। ଶର୍ମିଷ୍ଠା ରାଉତ ମୋ ପୁଅକୁ ମାରିଦେଲେ। ମୋ ପୁଅ କିଛି କଳାକାରନାମା ଜାଣିଥିଲା। ମେମୋରି ଚିପ୍‌ରେ କିଛି ଥିଲା, ଗୁମର ଖୋଲିଯିବା ଭୟରେ ମୋ ପୁଅକୁ ରାସ୍ତାରୁ ହଟାଇ ଦିଆଗଲା। ପୁଅ ମାନସ ସମେତ ଆମ ପରିବାରକୁ ନ୍ୟାୟ ମିଳୁ ବୋଲି ସେ କହିଛନ୍ତି। ଭାଇ ରାକେଶ କହିଛନ୍ତି, ଏହି ହତ୍ୟା ପଛରେ ବଡ଼ବଡ଼ ନେତା ☞ପୃଷ୍ଠା–୨

## ଶର୍ମିଷ୍ଠାଙ୍କ ଆଗୁଆ ଜାମିନ ଆବେଦନ ଖାରଜ

**କଟକ ଅଫିସ,୨୨।୩**

କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଶର୍ମିଷ୍ଠା ରାଉତଙ୍କ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ମାନସ ଅପହରଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତଙ୍କ ନାମରେ ଚାନ୍ଦବାଲି ଥାନାରେ ୬୩/୨୦୨୨ରେ ଏକ ମାମଲା ରୁଜୁ ହୋଇଛି। ଏହି ମାମଲାରେ ସମ୍ଭାବ୍ୟ ଗିରଫଦାରି ଏଡାଇବା ପାଇଁ ଶର୍ମିଷ୍ଠା ଗତମାସ ୨୩ରେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ଗତ ୧୬ତାରିଖରେ ଏହି ମାମଲାର ଶୁଣାଣି ହୋଇଥିଲା। ଏହା ଏକ ସମ୍ବେଦନଶୀଳ ମାମଲା ଏବଂ ଆବେଦନକାରୀ ମାମଲାର ମୁଖ୍ୟ ଅଭିଯୁକ୍ତ ଅଟନ୍ତି। ତାଙ୍କ ନାମରେ ହତ୍ୟା ପରି ସଙ୍ଗିନ ଅଭିଯୋଗ ରହିଥିବା ଦର୍ଶାଇ କୋର୍ଟ ତାଙ୍କ ଆଗୁଆ ଆବେଦନକୁ ଖାରଜ କରି ଦେଇଛନ୍ତି। ଏଥିସହିତ ଜାମିନ ଖାରଜ ଦିନଠାରୁ ୪ସପ୍ତାହ ମଧ୍ୟରେ ଆବେଦନକାରିଣୀ ତଳ କୋର୍ଟରେ ଆତ୍ମସମର୍ପଣ କରି ଜାମିନ ଆବେଦନ କଲେ, ତାକୁ ତଳକୋର୍ଟ ତ୍ୱରିତ ☞ପୃଷ୍ଠା–୨

## ଭାଇ ପରମେଶ୍ୱର ବିଜୟୱାଡାରୁ ଠାବ

### ଶର୍ମିଷ୍ଠାଙ୍କୁ ଫେରାରରେ ସହଯୋଗ କରୁଥିଲେ

**ଭୁବନେଶ୍ୱର,୨୨।୩(ବ୍ୟୁରୋ)**

ନୟାଗଡ଼ ଜିଲା ରଣପୁର ଥାନା ମଝିଆଖଣ୍ଡ ଗୋଡ଼ିପୋଖରୀ ଗ୍ରାମର କ୍ୟାମେରାମ୍ୟାନ ମାନସ ସ୍ୱାଇଁଙ୍କୁ ଅପହରଣ ଓ ହତ୍ୟା ଘଟଣାରେ ଦିନକୁ ଦିନ ପୋଲିସ ନୂଆ ତଥ୍ୟ ପାଇବାରେ ଲାଗିଛି। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସମ୍ପୂର୍ଣ୍ଣା ୱେବ ଚ୍ୟାନେଲର ମାଲିକାଣୀ ଶର୍ମିଷ୍ଠା ରାଉତଙ୍କ ଭାଇ ପରମେଶ୍ୱରଙ୍କୁ ଭଦ୍ରକ ପୋଲିସର ଏକ ଟିମ୍ ଆନ୍ଧ୍ରପ୍ରଦେଶ ବିଜୟୱାଡାରେ ମଙ୍ଗଳବାର ଠାବ କରିଛି। ପରମେଶ୍ୱର ବିଜୟୱାଡାରେ ରହି ଶର୍ମିଷ୍ଠାଙ୍କୁ ଫେରାର ହେବାରେ ଯୋଜନା କରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ପରମେଶ୍ୱର ଧରାପଡ଼ିଗଲେଣି, ତାଙ୍କୁ ସେଠାରେ ପଚରାଉଚରା କରାଯାଉଛି। ☞ପୃଷ୍ଠା–୨

**ଶର୍ମିଷ୍ଠାଙ୍କ ଭଦ୍ରକ ଲିଙ୍କ୍**

**ଅତିରିକ୍ତ ଏସ୍‌ପିଙ୍କ ସହ ଫଟୋ ଭାଇରାଲ୍**

ପୃଷ୍ଠା-୨







# ଧରାପଡ଼ିଲେ ନକଲି ବର

**ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି,୨୨।୩(ଡି.ଏନ୍.ଏ.)**


ନକଲି ବର ସାଜିଥିବା ଲକ୍ଷ୍ମୀକାନ୍ତ ତିୱାରୀ।

- ବାଜା ବଜାଇ ଆସିଥିଲେ କନ୍ୟାଘରକୁ
- ଆଣିଥିଲେ ସାଙ୍ଗରେ ନକଲି ସୁନା ଅଳଙ୍କାର
- ସନ୍ଦେହ ପରେ ଅଟକ ରଖି ପୋଲିସ ଜିମା ଦେଲେ ଗ୍ରାମବାସୀ
- ପ୍ରଧାନଶିକ୍ଷକ ଅଛି, ୮୦ ହଜାର ଦରମା ପାଉଛି କହି ଠକିଥିଲେ

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଚାଉଳଶୁଖା ଗାଁର ଜଣେ ଝିଅକୁ ବିବାହ କରିବାକୁ ଆସି ଜଣେ ନକଲି ବର ହରଡ଼ଘଣାରେ ପଡ଼ିଛନ୍ତି। ତାଙ୍କ ଠକାମି ଜଣାପଡ଼ିବା ପରେ ବର ସାଜିଥିବା ବିବାହିତ ବ୍ୟକ୍ତି ଜଣକ ବିବାହ ବେଦିରୁ ସିଧା ଥାନାରେ ପହଞ୍ଚିଛନ୍ତି। ପୋଲିସ ତାଙ୍କୁ ଅଟକ ରଖିଛି। ତାଙ୍କ ପରିଚୟ ହେଲା ଲକ୍ଷ୍ମୀକାନ୍ତ ତିୱାରୀ। ତାଙ୍କ ଘର କଣ୍ଟାବାଞ୍ଜି ଥାନା ସାଲେପଡ଼ା ଗ୍ରାମରେ। ବିବାହିତ ଲକ୍ଷ୍ମୀକାନ୍ତ ନିଜକୁ ସଞ୍ଜୟ ସାହୁ ନାମରେ ପରିଚୟ ଦେଇ ନକଲି ବର ସାଜି ବିବାହ କରିବାକୁ ଆସିଥିବା ଘଟଣା ଅଞ୍ଚଳବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

କିଛି ମାସ ପୂର୍ବରୁ କଳାହାଣ୍ଡିର ସଞ୍ଜୟ ସାହୁ ନାମକ ଜଣେ ଯୁବକ ବିବାହ ଉଦ୍ଦେଶ୍ୟରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ ଚାଉଳଶୁଖା ଗାଁର ସାହୁ ପରିବାରର ଜଣେ ଝିଅକୁ ଦେଖିବାକୁ ଆସିଥିଲେ। ନିଜକୁ ଏକ ସ୍କୁଲର ପ୍ରଧାନ ଶିକ୍ଷକ ବୋଲି ପରିଚୟ ଦେବା ସହ ମାସିକ ୮୦ ହଜାର ଟଙ୍କା ଦରମା ପାଉଥିବା କହିଥିଲେ। ଯୁବକଙ୍କ କଥାକୁ ବିଶ୍ୱାସ କରି ସାହୁ ପରିବାରର ଲୋକେ ନିଜ ଝିଅକୁ ସମ୍ପୃକ୍ତ ସଞ୍ଜୟ ସାହୁଙ୍କ ସହ ବିବାହ ଦେବାକୁ ରାଜି ହୋଇଥିଲେ। ବରଯାତ୍ରୀରେ ଦୁଇ ଶହ ଲୋକ ଆସିବେ, ଭଲ କରି ଚର୍ଚ୍ଚା କରିବେ। ଯୌତୁକରେ ସାମଗ୍ରୀ ଦେବେନି, ଯାହା ଦେବାକୁ ଚାହିଁବେ ଟଙ୍କା ଆକାରରେ ଦେବେ ବୋଲି ନକଲି ବର ସାହୁ ଝିଅ ପକ୍ଷଙ୍କୁ କହିଥିଲେ। ସରକାରୀ ଶିକ୍ଷକ ବୋଲି କହିଥିବାରୁ ଝିଅ ସୁଖରେ ରହିବ ଭାବି ଝିଅପକ୍ଷ ବିବାହ ପ୍ରସ୍ତାବରେ ☞ପୃଷ୍ଠା–୨

**ଆଜିର ମନ୍ତବ୍ୟ**

"ମହମ୍ମଦ ଅଲୀ ଜିନ୍ନା ଭାରତକୁ ଥରେ ବିଭାଜନ କରିଥିଲେ। କିନ୍ତୁ ଭାଜପା ନେତାମାନେ ହିନ୍ଦୁ-ମୁସଲମାନଙ୍କ ମଧ୍ୟରେ ଫାଟ ସୃଷ୍ଟି କରି ଦେଶକୁ ପ୍ରତିଦିନ ବିଭାଜନ କରିବାରେ ଲାଗିଛନ୍ତି।
-ସଞ୍ଜୟ ରାଉତ, ଶିବସେନା ଏମ୍‌ପି

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ନୁମାନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଈ, ଓଡ଼ଶ, ପିମ୍ପୁଡ଼ି, ମଶା ଏ ଚାରିଜାତି ଭାଙ୍ଗନ୍ତି ବସା।**

ଉଈ, ଓଡ଼ଶ, ପିମ୍ପୁଡ଼ି ଓ ମଶା ଭଳି କୀଟପତଙ୍ଗ ସବୁବେଳେ ଭିତତ୍ରସ୍ତ ଅବସ୍ଥାରେ ରଖିଥାନ୍ତି। ଗୋଟିଏ ସ୍ଥାନରୁ ତଡିଦେଲେ ଅନ୍ୟ ସ୍ଥାନରେ ବସା ବାନ୍ଧିଥାନ୍ତି। ଏହି ଚାରିଜାତି କେତେବେଳେ କେଉଁଠି ବସା ଗଢ଼ନ୍ତି ବା ଭାଙ୍ଗନ୍ତି ତା'ର ହିସାବ କେବଳ ତାଙ୍କୁ ହିଁ ଜଣା। ଏମାନଙ୍କ ଦାଉରେ ମଣିଷ ଅସ୍ତବ୍ୟସ୍ତ ହୋଇଯିବା ସହ ସୁଖ ଶାନ୍ତିରେ ରହି ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉପରେ ଉପରେ ପାଣି ସିଞ୍ଚୁଛି ଭିତରେ ଭିତରେ ଶିଅ କାଟୁଛି।**

ଆଗରେ ମିଷ୍ଟଭାଷୀ ଅଥଚ ଭିତରେ କପଟାଚରଣ। ଉପରେ ମଧୁର ବା ଚିକ୍କଣ କଥା କହି ଗୋପନରେ ଅନିଷ୍ଟ କରୁଥିବା କୁଟିଳ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ଅତିରିକ୍ତ ଏସ୍‌ପିଙ୍କ ସହ ଫଟୋ ଭାଇରାଲ୍

## ଶର୍ମିଷ୍ଠାଙ୍କ ଭଦ୍ରକ ଲିଙ୍କ୍

ଭଦ୍ରକ ଅଫିସ, ୨୨।୩

କ୍ୟାମେରାମ୍ୟାନ୍ ମାନସ ସ୍ୱାଇଁ ହତ୍ୟା ଘଟଣାରେ ଦିନକୁ ଦିନ ନୂଆ ନୂଆ ତଥ୍ୟ ଲୋକଲୋଚନକୁ ଆସୁଛି। ଭଦ୍ରକ ଅତିରିକ୍ତ ଏସ୍‌ପି ଯତୀନ ପଣ୍ଡାଙ୍କ ସହ ମାନସ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶର୍ମିଷ୍ଠା ରାଉତଙ୍କ ଏକ କାର୍ଯ୍ୟକ୍ରମର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଫଟୋ ଭାଇରାଲ ହେବା ପରେ ଶର୍ମିଷ୍ଠାଙ୍କ ଭଦ୍ରକ ଲିଙ୍କ୍‌କୁ ନେଇ ଚର୍ଚ୍ଚା ଜୋର ଧରିଛି। ଯଦିଓ ଶର୍ମିଷ୍ଠା ଓ ତାଙ୍କର ଅନ୍ୟ ଜଣେ ସହଯୋଗୀ ବର୍ତ୍ତମାନ ଫେରାର ଅଛନ୍ତି କିନ୍ତୁ ତାଙ୍କୁ ଗିରଫ କରିବା ପାଇଁ ଭଦ୍ରକ ଓ କମିଶନରେଟ ପୋଲିସର ୪ଟି ଟିମ୍ ରାଜ୍ୟ ବାହାରେ ଖୋଜୁଥିବା ଏସ୍‌ପି ଚରଣ ସିଂ ମୀନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅତିରିକ୍ତ ଏସ୍‌ପି ପଣ୍ଡାଙ୍କ ଏହି ଫଟୋ ଭାଇରାଲକୁ ନେଇ




ଭାଇରାଲ ହୋଇଥିବା ଫଟୋ।

ଏସ୍‌ପିଙ୍କୁ ପଚାରିବାରୁ ଏହା ଏକ ସରକାରୀ କାର୍ଯ୍ୟକ୍ରମର ଫଟୋ, ତଥାପି ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି। ଏନେଇ ଅତିରିକ୍ତ ଏସ୍‌ପି ପଣ୍ଡାଙ୍କୁ ପଚାରିବାରୁ ଜେଲ ପରିସରର ଏହି ଫଟୋ। ଜେଲରଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ହେଉଥିଲା ଓ ମୁଁ ସେଠାକୁ ଅତିଥି ହୋଇ ଯାଇଥିଲି। ଏହି କାର୍ଯ୍ୟକ୍ରମ (କିରଣ)ରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା, ଜେଲ୍ ପରିସରରେ ମହିଳାମାନଙ୍କ ସମସ୍ୟା ବୁଝିବା ପାଇଁ ଭୁବନେଶ୍ୱର ସ୍ଥିତ ଏକ ସାମାଜିକ ଅନୁଷ୍ଠାନ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ମୁଁ ସେଥିରେ ମୁଖ୍ୟଅତିଥି ହୋଇ ଯୋଗ ଦେଇଥିଲି। ଏଣୁ ମୋର ଶର୍ମିଷ୍ଠାଙ୍କ ସହ କୌଣସି ଲିଙ୍କ୍ ନାହିଁ କି ତାଙ୍କୁ ମୁଁ ଚିହ୍ନିନାହିଁ ବୋଲି ଧରିତ୍ରୀକୁ ସୂଚନା ଦେଇଛନ୍ତି। ଏହି ଭାଇରାଲ୍ ଫଟୋଟି ଶର୍ମିଷ୍ଠାଙ୍କ ନିଜ ଫେସବୁକ୍ ଆକାଉଣ୍ଟରେ ୨୦୨୧ ନଭେମ୍ବର ୧୩ରେ ପୋଷ୍ଟ ହୋଇଥିବା ଜଣାପଡ଼ିଛି। ଏଥିରେ କିରଣ ସପୋର୍ଟ ସେଣ୍ଟର ନାମକ ଏକ ପ୍ରୋଜେକ୍ଟ ମାଧ୍ୟମରେ ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ସରକାରଙ୍କ ଡାଇରେକ୍ଟରେଟ ଅଫ୍ ପ୍ରିଜିନ୍ସ ସପୋର୍ଟ କରିଥିବା ମଧ୍ୟ ପୋଷ୍ଟରରେ ଉଲ୍ଲେଖ ରହିଛି। ଅତିରିକ୍ତ ଏସ୍‌ପି ପଣ୍ଡାଙ୍କ ବ୍ୟତୀତ ଭଦ୍ରକ ଜେଲର ରୁଷି ନାୟକ, ସାମାଜିକ କର୍ମୀ ନମ୍ରତା ଚଢ଼ା, ସୋଫିଆ ଶେଖ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଭାଇରାଲ ଫଟୋରେ ଦେଖିବାକୁ ମିଳିଛି।

ପ୍ରଥମ ପୃଷ୍ଠାରୁ...

## ୨ ମନ୍ତ୍ରୀଙ୍କ ସମ୍ପୃକ୍ତି...

ଓ ମନ୍ତ୍ରୀ ଅଛନ୍ତି। ମୁଖ୍ୟ ହତ୍ୟାକାରୀ ୱେବ୍ ନ୍ୟୁଜ୍ ପୋର୍ଟାଲ ସମ୍ପୂର୍ଣ୍ଣାର ମାଲିକାଣୀ ତଥା ଖବରଦାତା ଶର୍ମିଷ୍ଠା ରାଉତ ଗିରଫ ହେବା ଦରକାର। ପୋଲିସ ଥାନାକୁ ଡକାଇ ତାଙ୍କୁ ଛାଡି ଦେଇଛି। ଶର୍ମିଷ୍ଠାଙ୍କ ସହ ବଡ଼ ନେତା, ମନ୍ତ୍ରୀ ଅଛନ୍ତି। ମେମୋରି ଚିପ୍‌ରେ କିଛି ଗୁମର ରହିଥିଲା କିମ୍ବା ଭାଇ କିଛି ଗୁମର ଜାଣିଥିଲେ। ଏଣୁ ତାଙ୍କୁ ରାସ୍ତାରୁ ହଟାଇ ଦିଆଯାଇଛି। ପୋଲିସ ଯଦି ଉକ୍ତ ଘଟଣାର ନିରପେକ୍ଷ ତଦନ୍ତ କରିପାରୁନି ତେବେ ଏହାର ସିବିଆଇ ତଦନ୍ତ କରାଯାଉ ବୋଲି ସେ କହିଛନ୍ତି।

ମାନସଙ୍କ ସ୍ତ୍ରୀଙ୍କ ଅଭିଯୋଗ ପରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି, ଆପଣମାନେ ସତ୍ୟ କ'ଣ ସବୁ ଜାଣିଛନ୍ତି। ବିଜେଡି ଗୋଟିଏ ଅତ୍ୟନ୍ତ ଶୃଙ୍ଖଳିତ ଦଳ। ଆମେ ଅନୁଶାସନ ଭିତରେ ରହି ବିଧିବ୍ୟବସ୍ଥା ମାନି ରାଜନୀତି କରୁ। ନିଶ୍ଚିତ ଭାବେ ବିଜେଡି ଆଇନକୁ ଅନୁପାଳନ କରିବ ବୋଲି ଦିବ୍ୟଶଙ୍କର କହିଛନ୍ତି।

ଅନ୍ୟପକ୍ଷେ ମନ୍ତ୍ରୀ ପ୍ରତାପ ଜେନାଙ୍କ ପ୍ରତିକ୍ରିୟା ନେବା ପାଇଁ ତାଙ୍କ ସହ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଟେଲିଫୋନ ଉଠାଇ ନ ଥିଲେ।

## ଶର୍ମିଷ୍ଠାଙ୍କ ଆଗୁଆ ଜାମିନ...

ଶୁଣାଣି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଚାନ୍ଦବାଲି ଥାନାରେ ମାନସଙ୍କ ନିଖୋଜ ନେଇ ତାଙ୍କ ପରିବାର ପକ୍ଷରୁ ଗତ ଫେବୃୟାରୀ ୧୪ରେ ଅଭିଯୋଗ କରାଯାଇଥିଲା। ଚାନ୍ଦବାଲି ଥାନା ପୋଲିସ ଆଇପିସି ଦଫା ୩୬୩ ଓ ୩୪ରେ ଏକ ମାମଲା (ନଂ ୬୩/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା। ହେଲେ ପରେ ମାନସଙ୍କ ମୃତଦେହ ନୟାଗଡ଼ ଜିଲାରୁ ଜବତ କରାଯିବା ପରେ ଉକ୍ତ ମାମଲାରେ ଆଇପିସି ଦଫା ୩୦୨, ୩୬୪, ୪୬୫, ୪୭୧ ଓ ୨୦୧ ଲଗାଯାଇ ତଦନ୍ତ ଜାରି ରହିଛି।

## ଭାଇ ପରମେଶ୍ୱର...

ପରମେଶ୍ୱର ନିଶ୍ଚିତ ଭାବେ ଶର୍ମିଷ୍ଠାଙ୍କ ସହ ମୋବାଇଲରେ କଥା ହୋଇଥିବେ। ଏପରି କି ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିବାରୁ ସେ ସମ୍ପର୍କରେ ମଧ୍ୟ ଗଣମାଧ୍ୟମ ଓ ସମ୍ପର୍କୀୟଙ୍କଠୁ ସୂଚନା ପାଇ ଶର୍ମିଷ୍ଠାଙ୍କୁ ସ୍ଥାନ ବଦଳାଇବା ପାଇଁ କହିଥିବେ। ତେଣୁ ପରମେଶ୍ୱରଙ୍କୁ ବିଶଦ ଜେରା ଏବଂ ତାଙ୍କ ମୋବାଇଲର କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍) ଯାଞ୍ଚ କରିବା ପରେ ଶର୍ମିଷ୍ଠା ଓ ତାଙ୍କ ସହଯୋଗୀ କେଉଁଠି ଅଛନ୍ତି ତାହା ଖୁବ୍‌ଶୀଘ୍ର ଜଣାପଡ଼ିବ ବୋଲି ଭଦ୍ରକ ଅତିରିକ୍ତ ଏସ୍‌ପି ଯତିନ୍ ପଣ୍ଡା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଏହି ମାମଲାରେ ଭଦ୍ରକ ପୋଲିସ ସୋମବାର ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ(ବୈଷୟିକ) ନିର୍ଦ୍ଦେଶକ ନିରଞ୍ଜନ ସେଠୀ ଏବଂ ଖଣ୍ଡଗିରିସ୍ଥିତ ରାଜ କମ୍ୟୁନିଶେନ ମାଲିକ ରଞ୍ଜନ ନାୟକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେଠୀଙ୍କୁ ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ପୋଲିସ କହିଛି।

## ଶର୍ମିଷ୍ଠାଙ୍କ ଘର, ଅଫିସରେ ଚଢ଼ାଉ

ମାନସ ଅପହରଣ ଓ ହତ୍ୟା ଘଟଣାରେ ପୋଲିସ ଏଯାବତ୍ ୫ଜଣଙ୍କୁ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତଙ୍କ ଭାଇ ପରମେଶ୍ୱରଙ୍କୁ ବିଜୟୱାଡାରୁ ଠାବ କରି ପଚରାଉଚରା କରୁଛି। ହେଲେ ଏଯାବତ୍ ଶର୍ମିଷ୍ଠାଙ୍କ କୌଣସି ପତ୍ତା ପାଇନାହିଁ। ଅପରପକ୍ଷରେ ଯେଉଁ ଚିପ୍ ପାଇଁ ମାନସଙ୍କୁ ହତ୍ୟା କରାଯାଇଛି, ତାହା ଏପର୍ଯ୍ୟନ୍ତ ପୋଲିସକୁ ମିଳିପାରିନାହିଁ। ଉକ୍ତ ଚିପ୍ ଓ ଅନ୍ୟାନ୍ୟ ପ୍ରମାଣ ପାଇବା ଉଦ୍ଦେଶ୍ୟରେ ଭଦ୍ରକ ପୋଲିସର ଏକ ୩ ଜଣିଆ ଟିମ୍ ଶର୍ମିଷ୍ଠାଙ୍କ ଘର, ଅଫିସ ଏବଂ ବନ୍ଧୁବାନ୍ଧବଙ୍କ ଘରେ ଚଢ଼ାଉ କରିଛି। ଏୟାରଫିଲ୍ଡ ଥାନା ଅନ୍ତର୍ଗତ ସ୍କାଏ ଟାୱାର ଆପାର୍ଟମେଣ୍ଟରେ ଥିବା ଶର୍ମିଷ୍ଠାଙ୍କ ଘର, ଦୟାଲ ଆଶ୍ରମରେ ଥିବା ଅଫିସ ଏବଂ ଭାଇଙ୍କ ଘର ସମେତ ବନ୍ଧୁବାନ୍ଧବଙ୍କ ଘରେ ପୋଲିସ ଯାଞ୍ଚ କରିଛି। ସେଠାରୁ ପୋଲିସ ଟିମ୍ ବିଭିନ୍ନ କାଗଜପତ୍ର ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇଥିବା ସୂଚନା ମିଳିଛି।

## ଶର୍ମିଷ୍ଠାଙ୍କୁ ଦିନକୁ ୩୦ ଥର କଲ୍ କରୁଥିଲେ ନିରଞ୍ଜନ

ମାନସ ହତ୍ୟା ଘଟଣାରେ ମୁଖ୍ୟ ଷଡ଼ଯନ୍ତ୍ରକାରୀ କୁହାଯାଉଥିବା ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ(ବୈଷୟିକ) ନିର୍ଦ୍ଦେଶକ ନିରଞ୍ଜନ ସେଠୀ ସୋମବାର ଗିରଫ ହେବା ପରେ ପୋଲିସ ତାଙ୍କ ଠାରୁ ମୋବାଇଲ ଜବତ କରିଥିଲା। ତେବେ ଉକ୍ତ ମୋବାଇଲର କଲ୍ ଡିଟେଲ୍ସ ଯାଞ୍ଚ କରିବା ପରେ ଚାଞ୍ଚଲ୍ୟକର ତଥ୍ୟ ମିଳିଛି। ମାନସ ନିଖୋଜ ହେବା ପରେ ନିରଞ୍ଜନ ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠାଙ୍କ ସହ ଦିନକୁ ୨୦ରୁ ଅଧିକ ଥର କଲ୍ କରିଥିଲେ। ଏପରିକି ଦିନକୁ ୩୦ ଥର କଲ୍ କରୁଥିଲେ ବୋଲି ସିଡିଆର୍ ରିପୋର୍ଟରୁ ଜଣାପଡ଼ିଛି। ଏଭଳି ତଥ୍ୟ ମିଳିବା ପରେ ମାନସ ଅପହରଣ ଓ ହତ୍ୟା ଘଟଣାରେ ଶର୍ମିଷ୍ଠା ଏବଂ ନିରଞ୍ଜନଙ୍କ ସମ୍ପୃକ୍ତି ଅଧିକ ଦୃଢ଼ୀଭୂତ ହେବାରେ ଲାଗିଛି।

## ଧରାପଡ଼ିଲେ ନକଲି...

ରାଜି ହୋଇଯାଇଥିଲେ। ନିର୍ଦ୍ଧାରିତ ଲଗ୍ନ ଅନୁସାରେ ସୋମବାର ବିବାହ କରିବାକୁ ନକଲି ବର ଏକ ଗାଡ଼ିରେ ୪/୫ ଜଣ ଲୋକଙ୍କ ସହ ଚାଉଳଶୁଖା ଗାଁରେ ପହଞ୍ଚିଥିଲେ। ଝିଅ ପକ୍ଷ ସମ୍ପୂର୍ଣ୍ଣ ପ୍ରସ୍ତୁତିରେ ବରପକ୍ଷଙ୍କୁ ଅପେକ୍ଷା କରିଥିଲେ। କେବଳ ବର ଗାଡ଼ି ଆସିବା ପରେ କୌଣସି ବରଯାତ୍ରୀ ନ ଆସିବାରୁ ସାହୁ ପରିବାରବର୍ଗ ଓ ସମ୍ପର୍କୀୟ ସନ୍ଦେହ କରିଥିଲେ। ଏହାପରେ ବରକୁ ନାନା ପ୍ରଶ୍ନ କରି ଅଟକ ରଖିଥିଲେ। ଗାଁ ଲୋକେ ଠକ ବର ବୋଲି ଜାଣିବା ପରେ ଆଣିଥିବା ସୁନା ଗହଣାକୁ ଯାଞ୍ଚ କରିବାରୁ ତାହା ନକଲି ବୋଲି ଜଣାପଡ଼ିଥିଲ। ଏହାପରେ ଉତ୍କ୍ଷିପ୍ତ ଗାଁ ଲୋକେ ନକଲି ବରକୁ ଉତ୍ତମ ମଧ୍ୟମ ଦେଇ ବିବାହକୁ ବନ୍ଦ କରିଥିଲେ। ନକଲି ବର ପରିଚୟ ମିଳିବା ପରେ ତାଙ୍କୁ ପୋଲିସ ଜିମା ଦେଇଥିଲେ। ଏନେଇ କଣ୍ଟାବାଞ୍ଜି ପୋଲିସ ସମ୍ପୃକ୍ତ ନକଲି ବରକୁ ଅଟକ ରଖି ପଚରାଉଚରା କରୁଛି।

ମିଳିଥିବା ସୂଚନା ମୁତାବକ ନକଲି ବର ସାଜି ବିବାହ କରିବାକୁ ଆସିଥିବା ଲକ୍ଷ୍ମୀକାନ୍ତ ବିବାହିତ ଏବଂ ତାଙ୍କର ଦୁଇଟି ସନ୍ତାନ ଅଛନ୍ତି। ଏନେଇ ଏସ୍‌ପି ନୀତିନ କୁଶଲକରଙ୍କୁ ପଚରାଯିବାରୁ ଏହି ମାମଲାରେ ତଦନ୍ତ ଚାଲିଛି, ପରେ ସୂଚନା ଦିଆଯିବ ବୋଲି କହିଛନ୍ତି। ଏହି ଘଟଣା ନକଲି ଡାକ୍ତର ସାଜି ବିଭିନ୍ନ ରାଜ୍ୟରେ ବହୁ ଝିଅଙ୍କୁ ବିବାହ କରି ପରେ ଜେଲ ଯାଇଥିବା ଠକ ରମେଶ ସ୍ୱାଇଁଙ୍କ ଘଟଣାକୁ ତାଜା କରିଦେଇଛି। ତେବେ କଣ୍ଟାବାଞ୍ଜି ପୋଲିସ ଦ୍ୱାରା ଅଟକ ଥିବା ନକଲି ବର ଓଡ଼ିଶାର ଅନ୍ୟ ସ୍ଥାନରେ ବିବାହ କରିଛନ୍ତି କି ନା ତାହା ସ୍ପଷ୍ଟ ହୋଇନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କଳାନୁରାଗୀ, ସଂଗୀତ ପ୍ରିୟତା, ଚଳଚ୍ଚିତ୍ରପ୍ରେମୀ ଭାବରେ ସମୟ ଅତିବାହିତ କରିବେ। ବାରମ୍ବାର ଦେହ ଖରାପ ହେଉଥିବାର ଅନୁଭବ କରିପାରନ୍ତି। ଏଣେ କାମଗୁଡ଼ିକ ଯଥା ସମୟରେ ହେଉ ନ ଥିବାରୁ ମନ ବିରକ୍ତ ରହିବ। ଆବଶ୍ୟକତା ପୂରଣ ପରିପ୍ରେକ୍ଷୀରେ ବଡ଼ କଷ୍ଟରେ ଟଙ୍କା ଯୋଗାଡ଼ କରିବାରେ ସକ୍ଷମ ହେବେ।

**ବୃଷ** ଅନ୍ୟଦ୍ୱାରା ପ୍ରଭାବିତ ହୋଇ ମନୋରଞ୍ଜନ କାର୍ଯ୍ୟରେ ଖର୍ଚ୍ଚ କରି ଅନୁତାପ କରିବେ। କେତେକ ସମୟରେ ପାଖରେ କାମ କରୁଥିବା ଲୋକଟି ଉପରେ ନିର୍ଭରଶୀଳ ହେବାକୁ ବାଧ ହୋଇପାରନ୍ତି। ଯାହା କିଣିବା ପାଇଁ ମନ ବଳାଇଛନ୍ତି, ଆଜି ମନ ନ ପାଇବା କାରଣରୁ ଫେରି ଆସିବାକୁ ପଡ଼ିବ। ରାଜନୀତି, ପ୍ରଶାସନ କ୍ଷେତ୍ରରେ ଫାଇଲ କାମ ବଢ଼ିଯିବ।

**ମିଥୁନ** ଭୁଲ୍ ବୁଝାମଣାର ବଶବର୍ତ୍ତୀ ହୋଇ ବନ୍ଧୁଙ୍କ ସହ ବିନା କାରଣରେ କଳହ ଲାଗିପାରେ। କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିବ। ଖର୍ଚ୍ଚ କମାଇବା ପାଇଁ ଚେଷ୍ଟା କରି ଅସଫଳ ହେବେ। କର୍ମ କ୍ଷେତ୍ରରେ କହିଥିବା କଥାଟିକୁ ଅନ୍ୟମାନେ ବଡ଼ ଆକାରରେ କଦର୍ଥ କରି ଚିନ୍ତା କରିବେ।

**କର୍କଟ** କେତେକ କ୍ଷେତ୍ରରେ ଯିଏ ଯାହା କହିଲେ ମଧ ତାହାକୁ ଭିନ୍ନ ଅର୍ଥରେ ଗ୍ରହଣ କରିବେ। ଖଳଲୋକମାନେ ଅପପ୍ରଚାର କରିପାରନ୍ତି ତେଣେ ନିଜଲୋକଙ୍କଠାରୁ ମଧ ଆସ୍ଥାହରାଇ ବସିବେ। ବନ୍ଧୁ ବାନ୍ଧବଙ୍କ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ଖୋଜୁଥିବା ଜିନିଷଟିର ସନ୍ଧାନ ସନ୍ଧ୍ୟା ସମୟରେ ପାଇବେ।

**ସିଂହ** ଆନୁଷ୍ଠାନିକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ। ବ୍ୟବସାୟ ଓ ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ। ଦେହ ଭଲ ରହିବ, ମାତ୍ର ଶ୍ରମଜନିତ ଦୁର୍ବଳତା ଅନୁଭବ କରିବେ। ପରିସ୍ଥିତିରେ ପଡ଼ି ବହୁତ୍‌ଗୁଡ଼ିଏ ଟଙ୍କା ଖର୍ଚ୍ଚକରିବେ।

**କନ୍ୟା** ଆଜି ପ୍ରତିଦ୍ୱନ୍ଦ୍ୱିତା କଲେ ବିଜୟର ଆଶା ନିରର୍ଥକ ହୋଇପାରେ। ବିବାଦରେ ମନସ୍ତାପ କରିବା ବ୍ୟତୀତ ଲାଭ କିଛି ହେବନି। ପାତର ଅନ୍ତର ନୀତିକୁ କେନ୍ଦ୍ରକରି ପରିବାରରେ ଅଶାନ୍ତି ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ି ହେବ ନାହିଁ। ଆୟ ଅପେକ୍ଷା ବ୍ୟୟ ଅଧିକ କରିବାକୁ ବାଧ ହେବେ।

**ତୁଳା** ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ଖୁସୀରେ ଅତିବାହିତ ହେବ। କୌଣସି ମନ ଭୁଲାଣିଆ କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିବେ। ଫାଇଲ୍ କାମରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ଅବଶ୍ୟ ବିଶେଷ କିଛି ଅସୁବିଧା ହେବନାହିଁ। । ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ।

**ବିଛା** ପାରିବାରିକ ତିକ୍ତତାର ସମାପ୍ତି ଘଟାଇବା ସକାଶେ ଚେଷ୍ଟା କରିବେ। କର୍ମକ୍ଷେତ୍ରରେ ସହକର୍ମୀମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେଇପାରନ୍ତି। ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ଆଇନ ଅଦାଲତରୁ ସୁଫଳ ପାଇବେ।

**ଧନୁ** ନିକଟସ୍ଥ ବନ୍ଧୁମାନଙ୍କୁ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଆଜି ଅପରାହ୍ନରେ ଜଣେ ବନ୍ଧୁଙ୍କ ସହଯୋଗରୁ କାମ ହାସଲ କରିବେ। ଜମିଜମା ସମସ୍ୟା କ୍ରମଶଃ ଜଟିଳ ହେବାର ସମ୍ଭାବନା ରହିଛି। ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**ମକର** କିଛି ନ ବୁଝି ନ ଶୁଝି କୌଣସି ବିବାଦ ସମ୍ପର୍କରେ ମନ୍ତବ୍ୟ ଦେବା ଠିକ୍ ହେବ ନାହିଁ। ଯଦି କହିବେ ତେବେ ଅଶାନ୍ତିକୁ ଆପଣେଇ ନେବା ଭଳି ହିଁ ପରିଣାମ ହୋଇପାରେ। ରାସ୍ତାରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବାରେ ପଛେଇ ଯିବେ।

**କୁମ୍ଭ** ଆଜିର କର୍ମକ୍ଷେତ୍ରରେ ମଉଜିଆ କଥା କହି ପରିସ୍ଥିତିକୁ ହାଲ୍‌କା କରିବାରେ ସମର୍ଥ ହେବେ। ଅଧ୍ୟୟନ ଓ ଆଧ୍ୟାତ୍ମିକତାରେ ଏକାଗ୍ରତା ଆଣିପାରିବେ। ଫେରିବା ବାଟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ସାହିତ୍ୟ,କଳା,ସଙ୍ଗୀତ ଓ ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**ମୀନ** ବିଭିନ୍ନ କାମ ହାତକୁ ନେଇ କଳ୍ପନାରାଇଜରେ ଘୂରି ବୁଲିବେ। କର୍ମକ୍ଷେତ୍ରରେ ଆପୋସ ଆଲୋଚନା ଓ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ଅର୍ଥ ଲାଭ, ଶାରିରୀକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁଁ ମନ ଖୁସି ରହିବ। ଯୋଜନା କାର୍ଯ୍ୟକାରୀ କରିବା ସକାଶେ ଚିନ୍ତା କରିପାରନ୍ତି।


# classifieds Everyday
0674-2580101, 2549302




**BRIDE WANTED**

**Groom Odiya Telugu debanga weaver OBC 38/5'5", Self Employed wants matching bride, caste no bar, Bhubaneswar. Contact- 8456916505, 9437031397.** D-70783

For Bhubaneswar based Brahmin ER. groom, age-34, Contact, khushimatrimony.com. 9040305159. D-71524

**GROOM WANTED**

Government Job, ବୟସ-44, ଏକୁଟିଆ ରହୁଥିବା ଅବିବାହିତା ବଣିଆ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 7077495623. D-23454

40Yrs. (5'4"- ଉଚ୍ଚତା) ସରକାରୀ Teacher, (ଦରମା- 54,000/-) ମହିଳା ହେତୁ ବର ଦରକାର। ଘରଜ୍ୱାଇଁକୁ ପ୍ରାଥମିକତା। (ସଭିଜାତି ସଭିମାନ୍ୟ ଅଟନ୍ତି)। Contact: 9516567713. D-23458

ଭୁବନେଶ୍ୱରସ୍ଥିତ ୫୮ ବୟସ୍କା ନିଃସନ୍ତାନ ଏକାକୀ ରହୁଥିବା ବିଧବା ବ୍ରାହ୍ମଣ Private ଚାକିରିଆ ଝିଅଙ୍କୁ ବରପାତ୍ର ଆବଶ୍ୟକ। 9437703488. D-23455




**SALE**

Plot for Sale at Chhatabar per sqft. @99/-. 9937816565, 9583295832 D-23401

**ଭୁବନେଶ୍ୱର ବାରଙ୍ଗ ଥାନାରୁ 1Km. ଦୂରରେ କୁଞ୍ଜବିହାରୀ କଲେଜ ପାଖରେ ୧୦୦ ଫୁଟ ପିଚୁରୋଡ୍‌କୁ ଲାଗି yellow zone plot sqft. 970/-. 6371801630, 9556907765.** D-73209

Sum Hospital ଘଘଂପାଟନାରେ ସ୍ଥିତିବାନ ପ୍ଲଟ୍ ୩୦ଫୁଟ୍ ରୋଡ୍, ଇଲେକ୍ଟ୍ରି ସହ ମିଳୁଛି। 7653997595. D-73208

**ସୁନ୍ଦରପଦା ଏବଂ ବାଲିଅନ୍ତାରେ developed, demarcated, gharabari, electricity plot କିଣନ୍ତୁ। 7008492511.** D-23375

Ready 4BHK Duplex at Balianta. Land-1400 and Construction-2200 @85Lakh. Land Balianta @900, Pahala @1500, Patrapada @2000. 8984071303. D-23449

**Independent bungalow for immediate sale main road, Jharsuguda. Contact: 9861193320.** D-23452

ମହାରାଜା କଲେଜ ପାଖରେ (Gangapada Bhubaneswar) 30ft. ରାସ୍ତା ଥାଇ 60 plot ବିକ୍ରିହେବ। loan available. 9938016295. D-73212

**Gharabari Plot for Sale near Pahala, Bhingarpur, Kesura (Bankual, Contact: 8144128238, 6371268258.** D-71962

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର Biggest commercial hub "Grand Bazar" ସମ୍ମୁଖରୁ ଅଳ୍ପଦୂରରେ ବାସୋପଯୋଗୀ ଘରବାରି ପ୍ଲଟ୍ ଶସ୍ତାରେ କିଣନ୍ତୁ। 6371200121. D-73205

**5000sqft. (50ft. X100ft.) fully commercial developed 100% litigation free Gharabari, Yellowzone, Single Patta Owner plot for sale with 25ft. wide road at Dhauli Square just 3rd plot from Dhauli-Uttara NH. Price- Rs. 1,50,00,000/-. Contact: direct Owner- 9040026465 (BABU BABU).** D-23306

Private plot for sale Patrapada & Khandagiri near DN Regalia Mall 999/- Price. 9437335686, 7008487006. D-23418

**60ft. ପିଚୁ ରୋଡ୍‌କୁ ଲାଗି commercial/ residential ଘରବାରି, ପଟ୍ଟା, ପାଚେରି, ଇଲେକ୍ଟ୍ରିସିଟି ସୁବିଧା ଥାଇ ଭୁବନେଶ୍ୱର GIFT College ପାଖରେ @25,00,000/- ବିକ୍ରିହେବ। Owner- 9437033320.** D-73213

ପୁରୀ ମାଳତିପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1KM. ଦୂରରେ immediate ଘରକରି ରହିବା ପାଇଁ low cost plot ମିଳୁଛି। 9692213354. D-71879




**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-23456




2BHK house with Car Parking is available at Palasuni. Contact 9425275445. D-23442




Refreshing your mind and body with the best therapy, 7873794731. D-23292

Newly open SPA positively health benifit with expert. Contact: 7749976301. D-71960

Ayurvedic full body massage by experienced male/ female therapist. 7381172169. D-71480

Newly open full body massage ladies and gents. 8327740003. D-71879

All types body massage with hiprofile smart lady room service available. 8917243035. D-71341

Newly opening SPA positively health benefits with expert therapist. 8917332216. D-71959

**Relax, Refresh your body, Mind at Saikrupa Spa with best therapies. 8984068077.** D-23343




**SALE**

**Fully loaded 2015 Excellent running condition Swift Dzire Petrol, 5,20,000/-. Contact Owner- 9853926464 (BABU BHAI).** D-23307

**AFFIDAVIT**

By virtue of an Affidavit vide CF No. 34 dated 22.03.2022 before the Executive Magistrate, Bhubaneswar, I, Prabir Kumar Samal Son of Late Khageswar Samal, declare that my name may be mentioned as "Prabir Kumar Samal" instead of "Prabira Kumar Samal" for all purposes, since both the names relate to one and the same person, i.e. myself. D-71622

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୭,୩୩,୨୯,୧୫୬ | ୬୧,୦୮,୨୯୮ | ୪୦,୯୪,୫୦,୪୦୬ |
| ଭାରତ | ୪,୩୦,୧୦,୯୭୧ | ୫,୧୬,୬୭୪ | ୪,୨୪,୭୦,୫୧୫ |
| ଓଡ଼ିଶା | ୧୨,୮୭,୨୨୫ | ୯୧୧୬(+୫୩) | ୧୨,୭୭,୫୮୦ |

ମଙ୍ଗଳବାର ରାତି ୧୨ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ସ୍ୱାମୀଙ୍କ ଦଶାହରେ ଆଖି ବୁଜିଲେ ସ୍ତ୍ରୀ

**ବିଜୟୀ ସମିତି ସଭ୍ୟ ପ୍ରାର୍ଥୀଙ୍କର ଟାହିଟାପରା ସହି ନ ପାରି ବିଷ ପିଇଥିଲେ**

**ପଦ୍ମପୁର, ୨୨।୩(ଡି.ଏନ.ଏ.)**

ସ୍ୱାମୀଙ୍କ ଦଶାହରେ ଆଖି ବୁଜିଛନ୍ତି ସ୍ତ୍ରୀ। ଏଭଳି ଘଟଣା ଘଟିଛି ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତର ବଡ଼ଅଗାପୁର ଗ୍ରାମରେ। ସମିତିସଭ୍ୟା ପ୍ରାର୍ଥିନୀ ସୁମତି ପରିଡ଼ା ପଞ୍ଚାୟତ ନିର୍ବାଚନରେ ଲଢ଼ି ପରାସ୍ତ ହୋଇଥିଲେ। ଏନେଇ ବିଜୟୀ ପ୍ରାର୍ଥୀଙ୍କର ଟାହିଟାପରାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। ଗତ ୧୩ ତାରିଖ ରାତିରେ ସୁମତୀ ଉତ୍ତ୍ୟକ୍ତ ହୋଇ ବିଷ ପିଇ ଦେଇଥିବାବେଳେ ତାଙ୍କ ସ୍ୱାମୀ ରମାକାନ୍ତ ନିଜ ଘରେ ବେକରେ ରଶି ଲଗାଇ ଦେଇଥିଲେ। ରମାକାନ୍ତଙ୍କୁ ଚିକିତ୍ସା ପାଇଁ ଭଦ୍ରକ



ନିଆଯାଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବାସୁଦେବପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫/୨୨) ରୁଜୁ ହୋଇଛି। ସୁମତି ଗୁରୁତର ଅବସ୍ଥାରେ କଟକରେ ଚିକିତ୍ସାଧୀନ ଥିଲେ। ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି।

# ମିନିବସ୍ ଓଲଟି ୫ ଗୁରୁତର, ୩୫ ଆହତ



ଓଲଟି ପଡ଼ିଥିବା ବସ୍

**ଢେଙ୍କାନାଳ ଅଫିସ, ୨୨।୩**

କ୍ଷମତାଠାରୁ ଅଧିକ ଯାତ୍ରୀ ଧରି ଯାଉଥିବାବେଳେ ଢେଙ୍କାନାଳ ସଦର ଥାନା ବଣସିଂହ ସ୍ୱାସ୍ଥ୍ୟକେନ୍ଦ୍ର ଛକ ନିକଟରେ ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଭାରସାମ୍ୟ ହରାଇ ଘରୋଇ ମିନିବସ୍ ସମଲେଇ (ନଂ. ଓଆର୍ ୦୬ ଏଫ୍ ୧୬୦୫) ଓଲଟି ପଡ଼ିଛି। ଏଥିରେ ୩୫ ଯାତ୍ରୀ ଆହତ ହୋଇଛନ୍ତି। ୫ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

ବସ୍‌ଟି ବଣସିଂହ ଅଞ୍ଚଳରୁ ଢେଙ୍କାନାଳ ଅଭିମୁଖେ ଆସୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲା। ବସ୍ ଭିତରେ ଫସି ରହିଥିବା ଯାତ୍ରୀଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ସେମାନଙ୍କୁ ଆମ୍ବୁଲାନ୍ସ, ଘରୋଇ ଗାଡ଼ି ସହାୟତାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ମାମୁନି ଦେହୁରୀ (୯), ନିରଞ୍ଜନ ଦାସ (୬୦), ଶୁଭ୍ରାଂଶୁ ରାଉତ (୨୭)ଙ୍କ ସମେତ ଅନ୍ୟ ୨ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ତୁରନ୍ତ କଟକ ସ୍ଥାନାନ୍ତର କରିଦିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ୨୫ ଜଣଙ୍କୁ ଛାଡ଼ି ଦିଆଯାଇଛି। ଅନ୍ୟମାନଙ୍କ ଚିକିତ୍ସା ଚାଲିଛି। ତେବେ ଆହତଙ୍କ ଚିକିତ୍ସା ବେଳେ ଟକ୍ସାଇଡ୍ ଇଞ୍ଜେକ୍ସନ ଅଭାବ ଦେଖାଦେଇଥିଲା। ସେହିପରି ମାତ୍ର ଜଣେ ଡାକ୍ତର ଥିବାରୁ ସମସ୍ୟା ସୃଷ୍ଟି ହୋଇଥିଲା। ଜିଲାପାଳ ସରୋଜ କୁମାର ସେଠୀଙ୍କ ହସ୍ତକ୍ଷେପ ପରେ ଟକ୍ସାଇଡ୍ ଇଞ୍ଜେକ୍ସନ ଅଣାଯାଇ ଚିକିତ୍ସା କରାଯାଇଥିଲା। କଟକ ସ୍ଥାନାନ୍ତର ହୋଇଥିବା ଗୁରୁତରଙ୍କ ଚିକିତ୍ସା ପାଇଁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ହଜାର ଟଙ୍କା ଏବଂ ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ଆହତଙ୍କ ପାଇଁ ୫ହଜାର ଟଙ୍କା ପ୍ରଦାନ କରାଯାଇଛି। ଜିଲାପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଦୁର୍ଘଟଣାର ବିଧିବଦ୍ଧ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସଦର ଥାନାଧିକାରୀ ଅଭିନବ ଡାଲୁଆ ସଦଳବଳ ପହଞ୍ଚି ବସ୍ ଜବତ କରିବା ସହିତ ତଦନ୍ତ ଚଳାଇଛନ୍ତି।

# ମାଓବାଦୀଙ୍କ ଗୁଳିରେ ଯବାନ ନିହତ

**ମାଲକାନଗିରି, ୨୨।୩(ଡି.ଏନ୍.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ କାଙ୍କେର ଜିଲାର ଗଞ୍ଜୁରିମୁର୍ଗା ବଜାରରେ ଜିନିଷପତ୍ର କିଣୁଥିବା ବେଳେ ଜଣେ ପୋଲିସ କର୍ମଚାରୀଙ୍କୁ ମାଓବାଦୀମାନେ ଗୁଳିକରି ହତ୍ୟା କରିଛନ୍ତି। ତାଙ୍କ ନାମ ସଞ୍ଜୟ କଞ୍ଜାମ ବୋଲି ଜଣାପଡିଛି। ଖବର ପାଇ ଆମ୍ବାବେଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚିଛି। ତେବେ ସଞ୍ଜୟ ମାଓବାଦୀ ବିରୋଧୀ ଅଭିଯାନରେ ସାମିଲ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା କାଙ୍କେର ମାଓବାଦୀ ସଙ୍ଗଠନ ପକ୍ଷରୁ କୁହାଯାଇଛି।







# ଫରେଷ୍ଟ ଗାର୍ଡଙ୍କୁ କଚାଡ଼ି ମାରିଲା ଦନ୍ତା

**ବାରିପଦା ଅଫିସ/ ରାସଗୋବିନ୍ଦପୁର, ୨୨।୩ (ଡି.ଏନ.ଏ.)**

ହାତୀ ଉପଦ୍ରବରୁ ଲୋକଙ୍କୁ ସୁରକ୍ଷା ଦେବାକୁ ଯାଇଥିବା ଜଣେ ଫରେଷ୍ଟ ଗାର୍ଡଙ୍କୁ ଦନ୍ତା କଚାଡ଼ି ମାରି ଦେଇଛି। ମୃତକ ହେଲେ ଚନ୍ଦ୍ରକାନ୍ତ ରାଉତ(୪୦)। ଏଭଳି ଦୁଃଖଦ ଘଟଣା ଘଟିଛି ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜର ଅମର୍ଦ୍ଦା ଫରେଷ୍ଟ ବିଟ୍ ଅଧୀନ ବାଉଁଶୁଳୀ ଗ୍ରାମରେ। ତାଙ୍କ ମରଶରୀରକୁ ବାରିପଦା ବନଖଣ୍ଡ କାର୍ଯ୍ୟାଳୟକୁ ଅଣାଯାଇ ଶେଷ ସମ୍ମାନ ପ୍ରଦାନ କରାଯାଇଛି ।

ସୂଚନା ଅନୁଯାୟୀ, ୨ ମାସ ପୂର୍ବେ ବନରକ୍ଷୀ ଚନ୍ଦ୍ରକାନ୍ତ ଅମର୍ଦ୍ଦା ଫରେଷ୍ଟ ବିଟ୍‌କୁ ବଦଳି ହୋଇ ଆସିଥିଲେ। ସୋମବାର ରାତି ୧୦ଟା ସମୟରେ ସେ ହାତୀ ଘଉଡ଼ାଇବା ପାଇଁ ବାଉଁଶୁଳୀ ଗ୍ରାମକୁ ଯାଇଥିଲେ। ସେଠାରେ ଏକ ଦନ୍ତା ତାଙ୍କୁ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ବାରିପଦା ପିଆର୍‌ଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ବିଭାଗ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ନିର୍ଦ୍ଦେଶକ ଏମ୍.ଜଗଜୟାନନ୍ଦ, ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା, ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ, ସମସ୍ତ ରେଞ୍ଜ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଶେଷ ସମ୍ମାନ ଜଣାଇଥିଲେ। ମୃତ ବନରକ୍ଷୀଙ୍କ ଘର ଉଦଳା ଥାନା ଅଞ୍ଚଳରେ। ତାଙ୍କ ପରିବାରକୁ ମୃତ୍ୟୁକାଳୀନ ସହାୟତା ରାଶି ଓ ବିଭାଗ ପକ୍ଷରୁ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯିବ। ପରିବାରର ଜଣେ ସଦସ୍ୟଙ୍କୁ ନିୟମାନୁଯାୟୀ ଅନୁକମ୍ପା ମୂଳକ ଚାକିରି ପ୍ରଦାନ କରାଯିବ ବୋଲି ବନଖଣ୍ଡ ଅଧିକାରୀ ଯୋଶୀ କହିଛନ୍ତି।








# ବେରୋଜଗାରୀର ବିସ୍ଫୋରକ ସ୍ଥିତି

ଭାଲଚନ୍ଦ୍ର ଷଡ଼ଙ୍ଗୀ

ଗତ ଜାନୁୟାରୀ ଶେଷ ସପ୍ତାହରେ ବିହାରର ପାଟନାଠାରୁ ଆରମ୍ଭ କରି ଉତ୍ତର ପ୍ରଦେଶର ପ୍ରୟାଗରାଜ ପର୍ଯ୍ୟନ୍ତ ବେରୋଜଗାର ଯୁବତୀ ଯୁବକଙ୍କ ରଣହୁଙ୍କାର ଦେଶକୁ ଆଲୋଡ଼ିତ କରିଥିଲା। ରେଲ୍‌ୱେ ଭର୍ତ୍ତିରେ ହୋଇଥିବା ଅନିୟମିତତାକୁ କେନ୍ଦ୍ରକରି ଉପରୋକ୍ତ ଦୁଇ ରାଜ୍ୟର ହଜାର ହଜାର ଯୁବତୀଯୁବକ ସ୍ୱତଃସ୍ଫୂର୍ତ୍ତ ଭାବେ ବିକ୍ଷୋଭ ପ୍ରଦର୍ଶନ ସହ ରେଲରୋକୋ କରିଥିଲେ। ସରକାର ନିଜ ଭୁଲ୍ ସ୍ୱୀକାର କରି ତୁରନ୍ତ ପଦକ୍ଷେପ ନେବା ପରିବର୍ତ୍ତେ ଆନ୍ଦୋଳନକାରୀଙ୍କୁ ବିଭିନ୍ନ ମକଦ୍ଦମା ଓ ଦଫା ଲଗାଇ ରାତିଅଧିଆ ଗିରଫ କରିଥିଲେ। ଏପରିକି ପ୍ରତିଯୋଗୀ ପରୀକ୍ଷା ପାଇଁ ସେମାନେ ଯେଉଁସବୁ କୋଚିଂ କେନ୍ଦ୍ରରେ କୋଚିଂ ନେଉଥିଲେ ତା'ର ଅଧ୍ୟାପକମାନେ ମଧ୍ୟ ପୋଲିସ ଦମନରୁ ବର୍ତ୍ତି ନ ଥିଲେ। ତେବେ ରେଲ୍‌ୱେରେ ଭର୍ତ୍ତିକୁ ନେଇ ଯୁବତୀ ଯୁବକମାନଙ୍କ ଏତେବଡ଼ ପ୍ରତିବାଦର ପରିଣାମ ଯାହା ହେଉନା କାହିଁକି, ତାହା ଦେଶରେ ବେରୋଜଗାରୀର ଭୟାବହ ସ୍ଥିତିକୁ ଉଜାଗର କରିଦେଇଛି।

ରେଲ୍‌ୱେ ଭର୍ତ୍ତି ପରୀକ୍ଷାରେ ଅନିୟମିତତାକୁ ନେଇ ଯୁବତୀ ଯୁବକମାନଙ୍କ ଉପରୋକ୍ତ ପ୍ରତିବାଦ ଅସ୍ୱାଭାବିକ ନ ଥିଲା। ବର୍ଷ ବର୍ଷ ଧରି ନୂଆ ଚାକିରି ନ ବାହାରିବା, ଚାକିରି ପାଇଁ ଭର୍ତ୍ତି ପରୀକ୍ଷାରେ ଅନିଶ୍ଚିତତା, ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା, ପରୀକ୍ଷା ଦେବା ପରେ ବର୍ଷ ବର୍ଷ ଧରି ତା'ର ଫଳ ନ ବାହାରିବା, ଏପରିକି ଚାକିରି ପାଇଁ ଚୟନ ହେବା ପରେ ବି ବର୍ଷ ବର୍ଷ ଧରି ନିଯୁକ୍ତି ନ ମିଳିବା ଆଦି ସାଙ୍ଗକୁ ବେରୋଜଗାରୀର ବର୍ଦ୍ଧିତ ଜ୍ୱାଳା ଦେଶର ଚାକିରି ଆଶାୟୀ କୋଟି କୋଟି ଯୁବତୀ ଯୁବକଙ୍କୁ ହତାଶ କରିଆସିଛି। କେବଳ ରେଲ୍‌ୱେ ନୁହେଁ, ସରକାରଙ୍କ ସମସ୍ତ ଭର୍ତ୍ତି ବୋର୍ଡରେ ଏଭଳି ଅନିୟମିତତା, ଭ୍ରଷ୍ଟାଚାର ଓ ସମ୍ବେଦନହୀନତା ଚାକିରି ଆଶାୟୀମାନଙ୍କୁ ଲଗାତର ପ୍ରତାରିତ କରିଛି। ବେରୋଜଗାରୀର ସ୍ଥିତି ଏତେ ଉତ୍କଟ ହୋଇଛି ଯେ ସାଧାରଣ ଚପରାସୀ କିମ୍ବା ସଫେଇ କର୍ମଚାରୀ ପଦବୀ ପାଇଁ ହଜାର ହଜାର ସଂଖ୍ୟାରେ ସ୍ନାତକ, ସ୍ନାତକୋତ୍ତର ଏପରିକି ବିଟେକ୍, ଏମ୍‌ବିଏ ପାସ୍ କରିଥିବା ପିଲା ଆବେଦନ କରିବା ଦେଖାଯାଉଛି। ରେଲ୍‌ୱେର ଯେଉଁ ପରୀକ୍ଷାକୁ ନେଇ ଏତେ ବିବାଦ ସୃଷ୍ଟି ହୋଇଛି, ସେଥିରେ ମାତ୍ର ୩୫ ହଜାର ପଦବୀ ପାଇଁ ସର୍ବମୋଟ ୧.୩୭ କୋଟି ଯୁବତୀ ଯୁବକ ଆବେଦନ କରିଥିଲେ। ଅତଏବ ଚାକିରି ଆଶାୟୀ ପିଲାମାନେ ରେଲ୍‌ୱେର ଭର୍ତ୍ତି ପ୍ରକ୍ରିୟାରେ ଅନିୟମିତତା ଓ ସମ୍ବେଦନହୀନତାକୁ ଦେଖିଥିଲେ, ସେମାନଙ୍କ ପାଖରେ ପ୍ରତିବାଦ ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନ ଥିଲା। ଆଜି ସରକାରଙ୍କ ଦମନ ଓ କିଛି ତ୍ରୁଟି ସୁଧାର ପଦକ୍ଷେପ ଫଳରେ ହୁଏତ ତତ୍କାଳିକ ଭାବେ ଏହି ଆନ୍ଦୋଳନ ଏବେ ଥଣ୍ଡା ପଡ଼ିଯାଇଛି। କିନ୍ତୁ ଦେଶରେ ବେରୋଜଗାରର ଭୟଙ୍କର ସ୍ଥିତିରେ କୌଣସି ଆଖିଦୃଶିଆ ସୁଧାର ନ ଆସିବା ପର୍ଯ୍ୟନ୍ତ ଏହି ପ୍ରସଙ୍ଗ ପୁଣି ଥରେ ଯେ ବିସ୍ଫୋରକ ରୂପ ନେବ, ସେଥିରେ ତିଳେମାତ୍ର ସନ୍ଦେହ ନାହିଁ।

ଦେଶରେ ବେରୋଜଗାରୀର ସ୍ଥିତି ଯେ ଅତ୍ୟନ୍ତ ଭୟଙ୍କର, ଏହାର ସ୍ପଷ୍ଟ ସଙ୍କେତ ବିଭିନ୍ନ କ୍ଷେତ୍ରରୁ ମିଳୁଛି। ନିକଟରେ କେନ୍ଦ୍ର ସରକାରଙ୍କ ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି ଯେ ବେରୋଜଗାର କାରଣରୁ ଯୁବତୀ ଯୁବକଙ୍କ ମଧ୍ୟରେ ଆତ୍ମହତ୍ୟାର ହାର ଲଗାତର ବଢ଼ିବାରେ ଲାଗିଛି। ବେରୋଜଗାର କାରଣରୁ ୨୦୧୮ରେ ୨୭୪୧ ଜଣ ଆତ୍ମହତ୍ୟା କରିଥିବା ବେଳେ ୨୦୧୯ରେ ୨୮୫୧ ଓ ୨୦୨୦ରେ ୩୫୪୮ ଜଣ ଆତ୍ମହତ୍ୟା କରିଛନ୍ତି। ଖୋଦ୍ ସରକାରୀ ତଥ୍ୟ ଅନୁଯାୟୀ ଗତବର୍ଷ ମଧ୍ୟରେ ଦେଶରେ ବେରୋଜଗାରୀର ହାର ସର୍ବୋଚ୍ଚ ସ୍ତରରେ ରହିଛି। କୋଭିଡ୍ ମହାମାରୀର ଆଗରୁ ହିଁ ଦେଶରେ ବେରୋଜଗାରୀ ହାର ଚିନ୍ତାଜନକ ଥିବା ବେଳେ କୋଭିଡ୍ ମହାମାରୀ ଏହାକୁ ଆହୁରି ଉତ୍କଟ କରିଛି। ଦେଶର ୧.୮୯ କୋଟି ଲୋକ କୋଭିଡ୍ ଯୋଗୁ ନିଜର ଚାକିରି ହରାଇଥିବା ବେଳେ ସେମାନଙ୍କ ମଧ୍ୟରେ ୬୦ ଲକ୍ଷ ଲୋକ ନିୟମିତ ଦରମା ପାଉଥିବା କର୍ମଚାରୀ ରହିଛନ୍ତି। କେନ୍ଦ୍ର ସରକାରଙ୍କ ସଂସ୍ଥା ଜାତୀୟ ପରିସଂଖ୍ୟାନ ଅଫିସ ଦ୍ୱାରା ସଦ୍ୟତମ ଜାରି ତଥ୍ୟ ଅନୁଯାୟୀ ଦେଶରେ ଗତବର୍ଷ ବେରୋଜଗାରୀ ହାର ୧୨.୭ ପ୍ରତିଶତ ରହିଥିଲା। ସେଥିମଧ୍ୟରୁ ପୁରୁଷମାନଙ୍କ କ୍ଷେତ୍ରରେ ଏହି ହାର ୧୨.୨ ପ୍ରତିଶତ ରହିଥିବା ବେଳେ ମହିଳାମାନଙ୍କ କ୍ଷେତ୍ରରେ ତାହା ୧୪.୩ ପ୍ରତିଶତ ରହିଛି।

ଭାରତରେ ଜନସଂଖ୍ୟା ଅନୁପାତରେ ରୋଜଗାର କରୁଥିବା ଲୋକଙ୍କ ହାର ବିଶ୍ୱର ଅନେକ ଦେଶ ତୁଳନାରେ କମ୍ ରହିବା ସହ ତାହା ଲଗାତର କମିବାରେ ଲାଗିଛି। ଏହା ଶ୍ରମଶକ୍ତିର ଅଂଶଗ୍ରହଣର ହାରରେ ଦେଖିବାକୁ ମିଳିଥାଏ। ୨୦୨୦ରେ ଏହି ହାର ଭାରତରେ ୪୬ ପ୍ରତିଶତ ଥିବା ବେଳେ ଚାଇନାରେ ୬୭ ପ୍ରତିଶତ, ଇଣ୍ଡୋନେସିଆରେ ୬୬ ପ୍ରତିଶତ, ମାଲେସିଆରେ ୬୪ ପ୍ରତିଶତ, ବ୍ରାଜିଲରେ ୫୯ପ୍ରତିଶତ ଏବଂ ଇଥିଓପିଆ ଓ ଘାନା ପରି ଦେଶଗୁଡ଼ିକରେ ଏହା ଯଥାକ୍ରମେ ୬୭ ପ୍ରତିଶତ ଓ ୬୬ ପ୍ରତିଶତ ରହିଥିଲା। ୨୦୨୧ରେ ଭାରତରେ ଏହି ହାର ୪୩.୧ପ୍ରତିଶତକୁ ହ୍ରାସ ପାଇଥିବା ବେଳେ ଗତବର୍ଷ ମହାମାରୀର ଦ୍ୱିତୀୟ ଲହର ସମୟରେ ୪୦.୯ ପ୍ରତିଶତକୁ ହ୍ରାସ ପାଇଛି। ଭାରତରେ ଏହି ହାର ବେରୋଜଗାରୀର ହାର ଅପେକ୍ଷା ଅଧିକ ଗୁରୁତ୍ୱ ବହନ କରୁଛି। କାରଣ ଉପଯୁକ୍ତ ରୋଜଗାର ଅଭାବରୁ ଯାହା କାମ ମିଳୁଛି ତାକୁ କରିବାକୁ ଭାରତର ଆଶାୟୀ ଲୋକେ ବାଧ୍ୟ ହେଉଛନ୍ତି।

୨୦୧୪ରେ ବାର୍ଷିକ ଦୁଇ କୋଟି ଲୋକଙ୍କୁ ରୋଜଗାର ଦେବାର ପ୍ରତିଶ୍ରୁତି ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିଥିଲେ। ଏହି ହିସାବରେ ଦେଖିଲେ ମୋଦିଙ୍କ ଗତ ୮ବର୍ଷର ଶାସନ କାଳରେ ମୋଟ ୧୬ କୋଟି ଲୋକଙ୍କୁ ରୋଜଗାର ମିଳିବା କଥା। କିନ୍ତୁ ସରକାରଙ୍କ ଆନ୍ତରିକତା ଅଭାବରୁ ନୂଆ ରୋଜଗାର ତ ମିଳିଲାନି। ବରଂ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଦେଶର ଲକ୍ଷ ଲକ୍ଷ ଲୋକଙ୍କ ରୋଜଗାରକୁ ଛଡ଼େଇ ନେଇଛି। ବିମୁଦ୍ରୀକରଣ, ଜିଏସ୍‌ଟି ଓ ଯୋଜନାହୀନ ଲକ୍‌ଡାଉନ୍ ଘୋଷଣା ପରି ସରକାରଙ୍କ ଦାୟିତ୍ୱହୀନ ପଦକ୍ଷେପ ଯୋଗୁ ଦେଶର କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ କାର୍ଯ୍ୟରତ ଲକ୍ଷ ଲକ୍ଷ ଶ୍ରମିକ ଏବଂ କର୍ମଚାରୀ ନିଜର ରୋଜଗାର ହରାଇଛନ୍ତି। କଂଗ୍ରେସ ଶାସନ କାଳର ରୋଜଗାରହୀନ ବିକାଶ ଏବେ ଭାଜପା ଶାସନ କାଳରେ ରୋଜଗାରହାନି ବିକାଶରେ ପରିଣତ ହୋଇଛି। ରିଜର୍ଭ ବ୍ୟାଙ୍କ ଆକଳନ ଅନୁଯାୟୀ ମୋଦିଙ୍କ ଶାସନର ପ୍ରଥମ ଦୁଇବର୍ଷ ମଧ୍ୟରେ ଦେଶର ୨୦ ଲକ୍ଷ ଯୁବତୀ ଯୁବକ ରୋଜଗାର ହରାଇଛନ୍ତି। ୨୦୧୩ରେ ଦେଶରେ କାର୍ଯ୍ୟରତ ବ୍ୟକ୍ତିଙ୍କ ସଂଖ୍ୟା ୪୪ କୋଟି ଥିବା ବେଳେ ୨୦୧୬ରେ ତାହା ୪୧ କୋଟିକୁ ହ୍ରାସ ପାଇଛି। କରୋନା ମହାମାରୀ ପରବର୍ତ୍ତୀ ଅବସ୍ଥାରେ ଏହି ସଂଖ୍ୟା ୩୪ କୋଟିକୁ ହ୍ରାସ ପାଇଛି।

ବେରୋଜଗାରୀ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବା ପରିବର୍ତ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବାରମ୍ବାର ସମ୍ବେଦନହୀନତା ପ୍ରଦର୍ଶନ କରାଯାଇଛି। ସରକାର ନିଜର ଅପାରଗତା ଉଜାଗର ହେବା ଭୟରେ ବେରୋଜଗାରୀର ବାର୍ଷିକ ତଥ୍ୟକୁ ଆଉ ପ୍ରକାଶ କରୁନାହାନ୍ତି। ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ କେନ୍ଦ୍ରମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଏନେଇ ଲଗାତର ଅତ୍ୟନ୍ତ ସମ୍ବେଦନହୀନ ମନ୍ତବ୍ୟ ଦେବା ଦେଖିବାକୁ ମିଳିଛି। ବେରୋଜଗାରୀ ପ୍ରସଙ୍ଗକୁ ହାଲୁକା କରିବା ପାଇଁ ପ୍ରଧାନମନ୍ତ୍ରୀ କେତେବେଳେ ରାସ୍ତାକଡ଼ରେ ପକୋଡ଼ି ଛାଣିବାକୁ ରୋଜଗାର ବୋଲି କହିଥିବା ବେଳେ କେତେବେଳେ ରୋଜଗାର ଆଶାୟୀ ହେବା ପରିବର୍ତ୍ତେ ରୋଜଗାର ପ୍ରଦାନକାରୀ ହେବାକୁ ଦେଶର ଯୁବ ସମ୍ପ୍ରଦାୟକୁ ପରାମର୍ଶ ଦେବାକୁ ଭୁଲିନାହାନ୍ତି। ଏପରି କହି ସରକାର ଦେଶରେ ରୋଜଗାର ସୃଷ୍ଟି ପାଇଁ ନିଜର ଦାୟିତ୍ୱ ଓ ପ୍ରତିବଦ୍ଧତାକୁ ଏଡ଼େଇଯିବାକୁ ଚାହୁଁଥିବା ଜଣାପଡ଼ିଛି।

ସରକାର ରୋଜଗାର ଦେବା ନେଇ କେତେ ଗମ୍ଭୀର ତାହା ଖୋଦ ସରକାରଙ୍କ ବିଭିନ୍ନ ବିଭାଗରେ ଖାଲିପଡ଼ିଥିବା ଲକ୍ଷ ଲକ୍ଷ ପଦବୀରୁ ଜଣାପଡୁଛି। ସରକାର ସଂସଦରେ ଦେଇଥିବା ତଥ୍ୟ ଅନୁଯାୟୀ ମାର୍ଚ୍ଚ ୨୦୨୦ ସୁଦ୍ଧା କେବଳ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ୮.୭୨ ଲକ୍ଷରୁ ଅଧିକ ପଦବୀ ଖାଲି ରହିଛି। ସେଥିମଧ୍ୟରୁ ରେଲ୍‌ୱେରେ ୨.୬୫ ଲକ୍ଷ, ସୈନ୍ୟବାହିନୀରେ ୧.୨୫ ଲକ୍ଷ, ୧୨ଟି ସରକାରୀ ବ୍ୟାଙ୍କରେ ୪୧,୧୭୭, ଗ୍ରାମୀଣ ସ୍ୱାସ୍ଥ୍ୟକର୍ମୀ ବାବଦରେ ୬୩,୯୪୧ଟି ପଦବୀ ଖାଲି ରହିଛି। ଏହା ବ୍ୟତୀତ ଦେଶସାରା ପୋଲିସ ବିଭାଗରେ ୫.୩୧ ଲକ୍ଷ ପଦବୀ ଖାଲି ରହିଛି। ଦେଶର ବିଚାର ବିଭାଗ, ଶିକ୍ଷା ବିଭାଗ ଆଦିରେ ବି ଲକ୍ଷ ଲକ୍ଷ ସଂଖ୍ୟାରେ ପଦବୀ ଖାଲି ରହିଛି। ଯଦି ଦେଶର ସବୁ ରାଜ୍ୟରେ ଖାଲିଥିବା ସରକାରୀ ପଦବୀକୁ ହିସାବକୁ ନିଆଯିବ, ତା'ହେଲେ ଏହି ସଂଖ୍ୟା କୋଟିଏରୁ ଅଧିକ ହୋଇଯିବ। ଏହା ପ୍ରତିଦିନ ବଢ଼ିବାରେ ଲାଗିଛି। କାରଣ ଉପରୋକ୍ତ ଶୂନ୍ୟ ପଦବୀସବୁ ଆଗରୁ ସେଠାରେ କାର୍ଯ୍ୟରତ କର୍ମଚାରୀମାନେ ଅବସର ନେବା ପରେ ଶୂନ୍ୟ ହୋଇଛି। ଏସବୁ ପଦବୀ ମୋଦିଙ୍କ ଅମଳରେ ସୃଷ୍ଟି ହୋଇନି। ପୂର୍ବ ସରକାରଙ୍କ ସମୟରେ ସରକାରୀ କାର୍ଯ୍ୟର ଆବଶ୍ୟକତାକୁ ନେଇ ସୃଷ୍ଟି ହୋଇଥିଲା। ତାକୁ ଗତ ୮ବର୍ଷ ମଧ୍ୟରେ ସମ୍ପ୍ରସାରିତ କରାଯାଇନାହିଁ। ସରକାରୀ ସେବାର ପରିଧିକୁ ବଢ଼ାଇ ଅଧିକରୁ ଅଧିକ ନିଯୁକ୍ତି ଦେବା ପରିବର୍ତ୍ତେ ଓଲଟା ଅନେକ ଶୂନ୍ୟପଦକୁ ଉଚ୍ଛେଦ କରିଦିଆଯାଇଛି।

ଦେଶରେ ରୋଜଗାର ବଢ଼ାଇବା ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନେବା ପରିବର୍ତ୍ତେ ସରକାରଙ୍କ ଆର୍ଥିକ ନୀତି ଓଲଟା ରୋଜଗାରକୁ ହ୍ରାସ କରିଚାଲିଛି। ସରକାରଙ୍କ ବହୁ ପ୍ରଚାରିତ ମୁଦ୍ରୀକରଣ ଯୋଜନାରେ ଯେଉଁସବୁ ରାଷ୍ଟ୍ରାୟତ୍ତ ଶିଳ୍ପ ଓ ସଂସ୍ଥାର ଘରୋଇକରଣ ବା ବିକ୍ରି ହେବ, ତାହା ସେସବୁରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀଙ୍କ ରୋଜଗାରକୁ ଛଡ଼େଇନେବ। ଏହାବ୍ୟତୀତ ସରକାରଙ୍କ ପ୍ରସ୍ତାବିତ ଶ୍ରମ ସଂସ୍କାର ପଦକ୍ଷେପ ମଧ୍ୟ ଶ୍ରମିକମାନଙ୍କୁ ମନଇଚ୍ଛା ଛଟେଇ କରିବାକୁ ଘରୋଇ ମାଲିକମାନଙ୍କୁ ଅବାଧ ସୁଯୋଗ ଦେବ। ଦେଶରେ ହିନ୍ଦୁ-ମୁସଲମାନ, ଭାରତ-ପାକିସ୍ତାନର ବିତର୍କ ମଧ୍ୟ ଦେଇ ରୋଜଗାରର ପ୍ରସଙ୍ଗକୁ ଏଡ଼େଇଦେବାକୁ ଏକ ସୁନିୟୋଜିତ ଷଡ଼ଯନ୍ତ୍ର ଚାଲିଛି। ନିକଟରେ ଅନୁଷ୍ଠିତ ୫ଟି ରାଜ୍ୟର ବିଧାନସଭା ନିର୍ବାଚନରେ ଏହା ପ୍ରସଙ୍ଗ ନ ହେବା ଉପରୋକ୍ତ ଷଡ଼ଯନ୍ତ୍ରର ହିଁ ଅଂଶବିଶେଷ ବୋଲି କୁହାଯାଇପାରେ। ଅତଏବ ଦେଶର ବିଶେଷ କରି କୋଟି କୋଟି ଯୁବତୀ ଯୁବକଙ୍କ ସ୍ୱାର୍ଥରେ 'ରୋଜଗାର' ସବୁଠାରୁ ବଡ଼ ପ୍ରସଙ୍ଗ ହେବା ଏକାନ୍ତ ଜରୁରୀ।

**ମୋ: ୯୪୩୭୧୬୬୩୯୧**

# ଶାନ୍ତି ଲୋଡ଼ା



ଇଂ. ରୌଶନ ଖାନ୍

ବିଶ୍ୱବନ୍ଦିତ ରସୁଲ୍ ହଜରତ ମହମ୍ମଦଙ୍କ ଦ୍ୱାରା ଶରିୟତ ବା ଧର୍ମବିଧାନ ପୂର୍ଣ୍ଣାଙ୍ଗ ପ୍ରାପ୍ତ ହୋଇଥିବାରୁ ତାଙ୍କୁ 'ଖାତମନ୍ ନବିୟିନ୍' ବା ନବିଶ୍ରେଷ୍ଠ ରୂପେ ଅଭିହିତ କରାଯାଇଛି। ଇସଲାମ୍‌ର ପୁନରଭ୍ୟୁଦୟ ସମ୍ବନ୍ଧରେ ତାଙ୍କର ମହାନ୍ ବାଣୀକୁ ଚରିତାର୍ଥ କରି ୧୪୦୦ ବର୍ଷ ପରେ ଭାରତରେ ଜନ୍ମିତ ତାଙ୍କର ଦାସାନୁରକ୍ତ ଜଣେ ମୁସଲିମ ସନ୍ଥଙ୍କ ଦ୍ୱାରା ୧୮୮୯ ମାର୍ଚ୍ଚ ୨୩ ଦିନ ଲୁଧିଆନା ଠାରେ ଏକ ଆଧ୍ୟାତ୍ମିକ ଆନ୍ଦୋଳନର ସୂତ୍ରପାତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହାର ନାମ 'ଅହମଦିୟା ମୁସଲିମ ସମ୍ପ୍ରଦାୟ' ରଖାଗଲା। ଏହା ପ୍ରତିଷ୍ଠା କରିବାର ପ୍ରମୁଖ ଉଦ୍ଦେଶ୍ୟ ହେଉଛି, ଇସଲାମ ଧର୍ମର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବରେ ସଂସାର ସମ୍ମୁଖରେ ରଖିବା ଏବଂ ଏହାର ମୂଳ ଲକ୍ଷ୍ୟ ଇସଲାମ ଶାନ୍ତି ଓ ନିରାପତ୍ତାର ଧର୍ମ ବୋଲି ମାନବ ସମାଜକୁ ବୁଝାଇବା। ସେହିପରି ଇସଲାମକୁ ଆଳ କରି ଜିହାଦ ନାମରେ ଯେଉଁମାନେ ନିରୀହ ଲୋକଙ୍କୁ ହତ୍ୟା କରୁଛନ୍ତି, ସେମାନଙ୍କ ବିକୃତ ମାନସିକତାର ଦୃଢ ପ୍ରତିବାଦ କରିବା ସହିତ ଏହା ଜଣାଇବାକୁ ହେବ ଯେ ହଜରତ ମହମ୍ମଦ ସମଗ୍ର ମାନବଜାତି ପାଇଁ କରୁଣାର ସାଗର ହୋଇ ଆବିର୍ଭୂତ ହୋଇଥିଲେ।

ତେବେ ବର୍ତ୍ତମାନର ସଂକଟମୟ ସ୍ଥିତିରେ 'ଜିହାଦ'ର ଅସଲ ତତ୍ତ୍ୱକୁ ଲୋକଲୋଚନକୁ ଆଣିବା ଦିଗରେ ମସିହ ମଉଦ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ; ଯାହାର ସମ୍ୟକ୍ ଆଲୋଚନା କରାଯାଉଛି। ତାଙ୍କର ଅନେକ ବହୁମୁଖୀ ଦୈବୀ ଯୋଜନା ମଧ୍ୟରେ ଏକ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି: 'ୟଜଉଲ୍ ହରବ୍'। ଅର୍ଥାତ୍ ସାମ୍ପ୍ରଦାୟିକ ସଂଘର୍ଷକୁ ସମାପ୍ତ କରିବା। ଏହାର ତାତ୍ପର୍ଯ୍ୟ ହେଉଛି, ଏହି ଯୁଗରେ କେବଳ ଆତ୍ମଶୁଦ୍ଧି ଓ କୁରଆନରେ ରହିଥିବା ଶାନ୍ତି ଓ ଅହିଂସାମୂଳକ ବାଣୀର ପ୍ରଚାର ଓ ପ୍ରସାର ପାଇଁ ଜିହାଦ କରାଯିବ। ସୁତରାଂ ଅହମଦ କହିଥିଲେ: ''ଯେଉଁ କାର୍ଯ୍ୟ ପାଇଁ ପ୍ରଭୁ ମୋତେ ଆଦେଶ ଦେଇଛନ୍ତି, ତାହା ହେଉଛି ... ସତ୍ୟକୁ ପ୍ରକଟ କରିବା ପାଇଁ ଧର୍ମୀୟ ଯୁଦ୍ଧର ଅନ୍ତ କରି ମୈତ୍ରୀର ଭିତ୍ତି ପ୍ରତିଷ୍ଠା କରିବି।'' (ଲେକଚର ଲାହୋର, ପୃ- ୩୪)

ଧାର୍ମିକ କଠୋରବାଦ ଯେଉଁ ସଂକୀର୍ଣ୍ଣତାକୁ ଜନ୍ମ ଦେଇଛି, ତାହା ଆତଙ୍କବାଦ ନାମରେ ଧର୍ମାନ୍ଧତା ଓ ନିଷ୍ଠୁରତାର ରାକ୍ଷସ ସାଜି ଆଜି କେବଳ ଭାରତବର୍ଷ କାହିଁକି ସମଗ୍ର ପୃଥିବୀକୁ ଗ୍ରାସ କରିବାରେ ଲାଗିଛି। ଆଇ.ଏସ୍., ଅଲ୍ କାଏଦା ଓ ଜେ.ଇ.ଏମ୍. ଇତ୍ୟାଦି ତଥାକଥିତ ଜିହାଦୀ ସଂଗଠନ ନରହନ୍ତା ରାକ୍ଷସ ସାଜି ମାନବିକତା ବିରୋଧରେ କ୍ରୂର ଅଟ୍ଟହାସ୍ୟର ସ୍ପଷ୍ଟ ଚିତ୍ର ଦେଖାଉଛି। ଅନ୍ୟପଟେ ଶାନ୍ତି ପ୍ରତିଷ୍ଠା ବାହାନାରେ ମହାଶକ୍ତିଗୁଡ଼ିକର ଅଯଥା ହସ୍ତକ୍ଷେପ ମାନବଜଗତକୁ ତୃତୀୟ ବିଶ୍ୱଯୁଦ୍ଧ ଆଡକୁ ଠେଲି ଦେଇଛି। ରୁଷିଆର ୟୁକ୍ରେନ ଆକ୍ରମଣ ପରେ ଏବଂ ନିକଟରେ ରୁଷୀୟ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ତାଙ୍କର ଆଣବିକ ଶକ୍ତିକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେବା ଫଳରେ ଆଣବିକ ଯୁଦ୍ଧର ଆଶଙ୍କା ସୃଷ୍ଟି ହୋଇଛି।

ସଂପ୍ରତି ପୃଥିବୀବାସୀ ଶାନ୍ତି କାମନା କରି ଯୁଦ୍ଧ ନ ହେବା ପାଇଁ ଚାହୁଁଛନ୍ତି। ଏହି ସ୍ଥିତିକୁ ସ୍ପଷ୍ଟ କରିବାକୁ ଯାଇ ଅହମଦୀୟା ଜମାଅତର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ କହିଛନ୍ତି :'ସଦ୍ୟ ଆବିଷ୍କୃତ ମହା ଶକ୍ତିଶାଳୀ ପରମାଣୁ ଓ ଉଦ୍‌ଜାନ ବୋମା ତଥା ଅତ୍ୟାଧୁନିକ କ୍ଷେପଣାସ୍ତ୍ର ଦ୍ୱାରା ରୁଷିଆ ଓ ତାହାର ସହଯୋଗୀ ରାଷ୍ଟ୍ର ଏବଂ ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ର ମଧ୍ୟରେ ଲଢ଼େଇ ହେବା ପରେ ସେମାନଙ୍କ ଶକ୍ତି ଦୁର୍ବଳ ହୋଇପଡ଼ିବ। ସନ୍ତ୍ରାସବାଦ ବିରୋଧରେ ସଂଘର୍ଷ ହେଉ ଅବା ଜିହାଦ ନାମରେ ନିରୀହ ମଣିଷଙ୍କ ରକ୍ତପାତ, ସମଗ୍ର ମାନବ ସମାଜ ଆଜି ଆସନ୍ନ ମହାଯୁଦ୍ଧର ବିଭୀଷିକାରେ ଆତଙ୍କିତ। ଏପରି ଶଙ୍କାକୁଳ ପରିସ୍ଥିତିରେ ଅହମଦୀୟା ସଂପ୍ରଦାୟର ପଞ୍ଚମ ଖଲିଫା ହଜରତ୍ ମିର୍ଜା ମସରୁର ଅହମଦ୍ ବିଶ୍ୱର ପ୍ରମୁଖ ଧର୍ମଗୁରୁ ଓ ରାଷ୍ଟ୍ରମୁଖ୍ୟମାନଙ୍କୁ ପତ୍ର ଲେଖି ଜଣାଇଛନ୍ତି ଯେ ଶକ୍ତିଶାଳୀ ରାଷ୍ଟ୍ରଗଣ ଶାନ୍ତିରକ୍ଷା ପାଇଁ ଚେଷ୍ଟା ଚଳାଇ ଥିବାର ବାହାନା କରି ନିଜ ଶକ୍ତି ପ୍ରୟୋଗ କରିବା ପରିବର୍ତ୍ତେ କଥାବାର୍ତ୍ତା ଜରିଆରେ ବିବାଦର ସମାଧାନ କରନ୍ତୁ। ନ୍ୟାୟ ଭିତ୍ତିକ ଶାନ୍ତିର ଲକ୍ଷ୍ୟ ନେଇ ପୃଥିବୀକୁ ଏକତ୍ରିତ କରିବା ପାଇଁ କୌଣସି ଯୁଦ୍ଧକ୍ଷେତ୍ର ନୁହେଁ, ବରଂ ଗୋଟିଏ ଟେବୁଲରେ ମିଳିତ ହୋଇ ଭାବ ବିନିମୟ କରିବା ଅଧିକ ଶ୍ରେୟସ୍କର। ଯୁଗ ପ୍ରବର୍ତ୍ତକ ମସିହ ମଉଦ କହିଥିଲେ:''ଏବେ ଧର୍ମରକ୍ଷା ଓ ପ୍ରସାର ପାଇଁ କୌଣସି ଫୌଜି ଜିହାଦର ଆବଶ୍ୟକତା ନାହିଁ। ଧର୍ମ ଆଳରେ ଯୁଦ୍ଧ, ନରସଂହାର ଓ ରକ୍ତପାତକୁ ନିଷିଦ୍ଧ କରାଯାଇଛି। କାରଣ ଜିହାଦ ଏବେ ଆଧ୍ୟାତ୍ମିକ ରୂପ ଧାରଣ କରିଛି।'' ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ସ ଗଣମାଧ୍ୟମର ଯୁଗରେ ଆଉ ବନ୍ଧୁକ ଚାଳନାର ଅନୁମତି ନାହିଁ। ଆସନ୍ତୁ, ଆମେମାନେ ସମାଜରୁ ହିଂସା ଓ କୁସଂସ୍କାରର କାଳିମା ଦୂର କରିବା ପାଇଁ ଶପଥ ନେବା।

**କେରଙ୍ଗ (ଖୋର୍ଦ୍ଧା), ମୋ:୯୪୩୭୬୮୪୮୫୯**

## ଏଇ ଭାରତରେ

ଦିଲ୍ଲୀ ନିବାସୀ ଉଷା ଗୁପ୍ତାଙ୍କ ବୟସ ୮୮ ଛୁଇଁଲାଣି। ପରିଣତ ବୟସରେ ଗରିବଙ୍କ ସେବା ମନସ୍କତା ତାଙ୍କୁ ନିଆରା ପରିଚୟ ଦେଇଛି। ଏବେ ସେ ଆଚାର ବିକ୍ରିକରି ସେମାନଙ୍କ ସେବା ପାଇଁ ପାଣ୍ଠି ଯୋଗାଡ଼ କରୁଛନ୍ତି ଓ ଅସହାୟ ଗରିବଙ୍କୁ ଖାଇବାକୁ ଦେଉଛନ୍ତି। ଏବେ ସୁଦ୍ଧା ସେ ୬୫,୦୦୦ ଏଭଳି ଲୋକଙ୍କୁ ଖାଇବାକୁ ଦେଇସାରିଲେଣି। ଉଷା ଓ ତାଙ୍କ ସ୍ୱାମୀ ରାଜକୁମାର କୋଭିଡ୍–୧୯ ମହାମାରୀରେ ଆକ୍ରାନ୍ତ ହୋଇଥିଲେ ଓ ପରେ ରାଜଙ୍କ ଦେହାନ୍ତ ହୋଇଥିଲା। ମହାମାରୀ ସମୟରେ ଲୋକଙ୍କ କଷ୍ଟମୟ ଜୀବନକୁ ଦେଖି ସେମାନଙ୍କୁ ସାହାଯ୍ୟ କରିବାକୁ ଉଷା ନିଷ୍ପତ୍ତି ନେଇଥିଲେ। ସେ ତାଙ୍କ ନାତୁଣୀ ଡ. ରାଧିକା ବାତ୍ରାଙ୍କ ସହଯୋଗରେ 'ପିକଲ୍ସ୍ ୱିଥ୍ ଲଭ୍' ସଂସ୍ଥା ଗଠନ ସହ ଆଚାର ଓ ଚଟଣି ତିଆରି କରି ବିକ୍ରି ଆରମ୍ଭ କରିଥିଲେ। ସେଥିରୁ ଯାହା ଆୟ ହେଲା ତାହାକୁ ସେ ଗରିବଙ୍କ ସେବାରେ ଲଗାଇଲେ ଓ ଏଯାବତ୍ ତାହା କରିଆସୁଛନ୍ତି। କେବଳ ଏତିକି ନୁହେଁ, ସେ କୋଭିଡ୍–୧୯ରେ ପ୍ରଭାବିତ ପରିବାରକୁ ମଧ୍ୟ ଆର୍ଥିକ ସହାୟତା ଯୋଗାଇ ଆସୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ମାର୍ଚ୍ଚ ୧୯୯୭**

- ପୂର୍ବ ଜେରୁଜେଲମରେ ଇହୁଦୀ ବସତି ନିର୍ମାଣ ବିରୁଦ୍ଧରେ ନିରାପତ୍ତା ପରିଷଦରେ ଅଣାଯାଇଥିବା ଏକ ପ୍ରସ୍ତାବ ଉପରେ ଆମେରିକାର ଭିଟୋ ପ୍ରୟୋଗ।
- ଜେଏମ୍ଏମ୍ ଉତ୍କୋଚ ମାମଲାର ଅନ୍ୟତମ ଅଭିଯୁକ୍ତ ଶୈଳେନ୍ଦ୍ର ମହାତୋଙ୍କ ସ୍ୱୀକାରୋକ୍ତିକୁ ଅଦାଲତ ରେକର୍ଡ କରିଛନ୍ତି।
- ଆନ୍ଧ୍ରପ୍ରଦେଶ ଯୋଗାଣ ମନ୍ତ୍ରୀ ଜି. ହନୁମନ୍ତା ରାଓଙ୍କ ପରଲୋକ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | 8 | 5 | | 1 | | | | |
| | | | 2 | 4 | | | | 5 |
| | | | | | | | | 9 |
| | | 2 | | 7 | 6 | | | |
| 9 | | 8 | | | | | 2 | |
| | 1 | | | | | | 9 | |
| | | | | | | 9 | 4 | 7 |
| | 6 | | | | | | | |
| 8 | | 9 | | | 3 | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 4 | 6 | 9 | 2 | 3 | 7 | 5 |
| 6 | 5 | 2 | 8 | 7 | 3 | 4 | 9 | 1 |
| 9 | 7 | 3 | 4 | 5 | 1 | 6 | 2 | 8 |
| 4 | 6 | 7 | 3 | 2 | 8 | 1 | 5 | 9 |
| 8 | 2 | 9 | 1 | 4 | 5 | 7 | 3 | 6 |
| 5 | 3 | 1 | 9 | 6 | 7 | 2 | 8 | 4 |
| 2 | 1 | 6 | 5 | 3 | 9 | 8 | 4 | 7 |
| 3 | 9 | 8 | 7 | 1 | 4 | 5 | 6 | 2 |
| 7 | 4 | 5 | 2 | 8 | 6 | 9 | 1 | 3 |

ଗତକାଲିର ଉତ୍ତର

# କାନ୍ଦୁରା ହସ



ଦ୍ୟୁତି ଚନ୍ଦ୍ର ସାହୁ

ଧାଡ଼ି ଧାଡ଼ି ହୋଇ ରହିଛି ନୂଆ ଘର। ନୂଆ ରଙ୍ଗରେ ଧଉଳା ହୋଇ ବେଶ୍ ଆକର୍ଷଣୀୟ ଲାଗୁଛି। ଦୁଇ ଧାରରେ ଠିଆ ହୋଇଥିବା ଘରକୁ ଦି' ଫାଳ କରି ଲମ୍ବିଛି କଳା ମଚମଚ ପିଚୁ ରାସ୍ତା। ରାସ୍ତାର କଡ଼େ କଡ଼େ ଠାଏ ଠାଏ ମଇଳା ପକାଇବା ରଙ୍ଗିନ କୁଣ୍ଡ। ଏପାଖ ସେପାଖ ହୋଇ ନାନା ଜ୍ୟାମିତିକ ଚିତ୍ର ବହନ କରୁଥିବା କୃତ୍ରିମ ବସ୍ତି। ବସ୍ତି ତ କୁହାଯିବନି। ଠୁକୁରୁ ଠୁକୁରୁ ପାଦଚଲା ଆରମ୍ଭ କରୁଥିବା ଗୋଟେ ସାନ ସହର। ଏଇଥିପାଇଁ ସହର କହିବାକୁ ବାଧ୍ୟ ହେଲି ଆଜିକାଲି ସହରତଳିରେ ଗଢି ଉଠିଥିବା ରିୟଲ ଇଷ୍ଟେଟ କମ୍ପାନୀ ଦ୍ୱାରା ନିର୍ମିତ ଅଚିରେ ଭ୍ରମ ସୃଷ୍ଟି କରୁଥିବା ଝଲମଲ ଅଞ୍ଚଳ ପରି ଲାଗୁଥିଲା ଅବିକଳ। ପ୍ରବେଶରେ ସୁନ୍ଦର ସିମେଣ୍ଟର ତୋରଣ ସହ ବିରାଟ ଫାଟକ। ପରସ୍ପରକୁ ଛେଦ କରୁଥିବା କଲୋନୀ। ଅନବରତ ପାଣି, ବିଦ୍ୟୁତ୍ ଆଲୁଅର ବ୍ୟବସ୍ଥା। ବିଦ୍ୟୁତ୍ ଚାଲିଗଲେ ବିକଳ୍ପ ବିଦ୍ୟୁତ୍ ଯୋଗାଇବାର ସୁବିଧା। ଘର କହିଲେ ଚାରି ବଖରିଆ ଘର। ସେଥିରେ ଗୋଟେ ରୋଷେଇ ଘର ଓ ଆଉ ଗୋଟେ ଛୋଟ ଘର। ପୂଜା ଘର କରିପାର ଅବା ଗୋଦାମ ଗୃହ। ଘର ପଛକୁ ଆଉ ଗୋଟେ ଛୋଟ ଆଜବେଷ୍ଟସ ଗୁହାଳ। ଗୁହାଳକୁ ଲାଗି ଦି'ଟା ପାଇଖାନା। ଗୁହାଳ ପଛପଟେ ବାଡିବଗିଚା ଲାଗି ସାମାନ୍ୟ ଅଳ୍ପ ସ୍ଥାନ। ତମାମ କଲୋନୀ ଚାରିପଟେ ତାରବାଡ଼। ତାରି ଭିତରେ ରହୁଛନ୍ତି ସୁନ୍ଦରଗଡ଼ ହେମଗିରି ବ୍ଲକର ବିସ୍ଥାପିତ ଅଞ୍ଚଳର ଭିଟାମାଟି ହରାଇଥିବା ଲୋକେ। ବହୁଦୂର ପର୍ଯ୍ୟନ୍ତ ଜଙ୍ଗଲର ଦେଖା ନାହିଁ। ପାହାଡ଼ ଛୁଇଁବାକୁ ହେଲେ କୋଶେ ବାଟ ଚାଲିବାକୁ ହେବ। ଚାରିପଟେ ଟାଙ୍ଗରା ଭୂଇଁ। ତାରି ଭିତରେ ବିସ୍ଥାପିତ ମଣିଷ। ଅବଶ୍ୟ ମିଳିଛି ପ୍ରଚୁର ଅର୍ଥ। ଚାଷଜମିକୁ ଏକର ପିଛା ପନ୍ଦର ଲକ୍ଷ। ଘର ବାବଦକୁ ଖର୍ଚ୍ଚ ବାର ଲକ୍ଷ। ଯିଏ ନିଜେ କରିବାକୁ ଆଗ୍ରହୀ ପାଇବ ମାତ୍ର ଛଅ ଲକ୍ଷ। ଗାଁରେ ହରାଇଥିବା ଘର ବାବଦକୁ ବର୍ଗଫୁଟକୁ ପାଞ୍ଚଶହ ହିସାବରେ ଯିଏ ଯେତିକି ପାଇଲା ସେତିକି ନେଇ ଘର ଛାଡିବ। ଅଠର ବର୍ଷରୁ ଉର୍ଦ୍ଧ୍ୱ ପାରିବାରିକ ସଦସ୍ୟ ପାଇଁ ଆଉ ଗୋଟେ ନୂଆଘର। ବିବାହ ଯୋଗ୍ୟାଙ୍କ ପାଇଁ ଅଲଗା ବ୍ୟବସ୍ଥା। ପାଖାପାଖି କୋଡିଏରୁ ଚବିଶ ଲକ୍ଷ ଯାଏ ହିସାବ ଅନୁଯାୟୀ ବଢିଲା ଝିଅମାନେ ପାଇଛନ୍ତି ଅର୍ଥ। ତା' ପାଇଁ ପୁଣି ଅଲଗା ଗୋଟେ ଘର। ଏସବୁବାଦ୍ ପ୍ରତି ଘର ପିଛା ମାସିକ ତିନି ହଜାର ଟଙ୍କା ଆଗାମୀ ୩୦ ବର୍ଷ ଯାଏ ଦେବାକୁ କମ୍ପାନୀ ଦେଇଛି ପ୍ରତିଶ୍ରୁତି। ତା' ସହିତ ୩୦ବର୍ଷ ଯାଏ କଲୋନୀର ସମସ୍ତ ପରିଚାଳନା ଦାୟିତ୍ୱ ବୁଝିବ କମ୍ପାନୀ। ଏକାଥରକେ ଗଳଗଳ କରି ମିଳିଥିବା ହିସାବର ବିବରଣୀ ପ୍ରଦାନ କଲେ ଅନ୍ୟତମ ବାସଚ୍ୟୁତ ତଥା ପୂର୍ବତନ ସରପଞ୍ଚ ବୁଦ୍ଧଦେବ ଭୋଏ।

ଖଣି ପାଇଁ ସାନଘୁମୁଡାର ବାସଚ୍ୟୁତ ହୋଇଥିବା ୧୨୨ ପରିବାର ଲାଗି ନିର୍ମିତ ହୋଇଛି ୧୧୭ଟି ଘର। ବାକି କିଛି ଅନ୍ୟତ୍ର ରହୁଛନ୍ତି। ଚିକିତ୍ସାଳୟ, ପଢାଘର, ବିଦ୍ୟାଳୟ, ହାଟବଜାର, ମନ୍ଦିର, ମନୋରଞ୍ଜନ କେନ୍ଦ୍ର ସବୁ ଖଞ୍ଜି ଦେଇଛି କମ୍ପାନୀ। ପ୍ରଚୁର ଅର୍ଥ ମିଳିଛି, ତା' ସହିତ ସବୁ ସୁବିଧା ଥାଇ ଘର। ବଞ୍ଚିବା ଖୁବ୍ ଭଲ ଲାଗୁଥିବ! ଏତିକି କଥାରେ ଭୋ ଭୋ ହୋଇଗଲେ ଭୋଏ। ଶୁଖିଲା ପତର ଖରାମାସରେ ଯେମିତି ଉଡି ଉଡି ଏଠି ସେଠି ବାଡ଼େଇହୋଇ ତା'ର ପରିଚୟ ହରେଇଦିଏ। କେଉଁ ଗଛରୁ ଆସିଛି ଜାଣିପାରେନି। ସେମିତି ଗତି ଆମ ଲୋକଙ୍କର ହୋଇଛି ବୋଲି ଆତ୍ମଗ୍ଲାନିକୁ ବଖାଣିଲେ। ଦାଣ୍ଡବାଡ଼କୁ ଲାଗି ଜଙ୍ଗଲ। କଳକଳ ହୋଇ ବୋହିଯାଉଥିବା ଝରଣା। ଗାଁ ମୁଣ୍ଡର ଦେମୂଳି। ଅଗଣା ଥିବା ପୁରୁଷ ପୁରୁଷର ଘର। ଶୀତକାକର ଓ ଗରମରୁ ରକ୍ଷା କରୁଥିବା ଅନ୍ଧୁଡିଶାଳ। ଜମିର ଧାନ। ବଣ ଡଙ୍ଗରର ଜାତିଜାତିକା ପାଚିଲା ଫଳ ଖାଇବା ଏସବୁ କେଉଁଠି ମିଳିବ। ଚୁଲି ନିଆଁରେ ପୋଡା ବାଇଗଣ ଓ ପାତଲ ଘଣ୍ଟାର ସୁଆଦ ଠିଆ ଚୁଲିରେ ମିଳିବ କିମିତି? ଏତେ ସବୁ ବାଦ୍ ମନ ଗୋଟେ ଅଛି ଆଜ୍ଞା! ଯେଉଁଠି ଜୀବନଯାକ ବଡ଼ ବଡ଼ ମାଟିଘର ଅଗଣା, ଉଚା ପିଣ୍ଡାରେ ବଢିଛୁ, ବଣ ପାହାଡ଼ର ମିଠା ମିଠା ବାସ୍ନାର ପବନରେ ମାତିଛୁ, ଝର ପାଣିରେ ବୁଡିଛୁ, ସେଠି ମାତ୍ର ଦଶ ଡିସିମିଲ ଜାଗା ଭିତରେ କେମିତି ଜିଇ ହେବ! ନିଃଶ୍ୱାସ ମାରିଲେ ଏଠି ଧଇଁସଇଁ ଲାଗୁଛି। ପୁଷ ପୂନେଇଁ, ନବାନ୍ନ ହେଉ କି ଫାରସ ନାଟ କିଛି ନାହିଁ ଏଠି। ଭାଇ ଭାଇ ଅଲଗା ଘର। ନିଜ ନିଜ ଘରେ ପରବପର୍ବାଣି ତ ଓ ହସଖୁସି। ପଇସା ଥାଇ ଇମିତି ଜୀବନ କିଛି ଗୋଟେ ଅଛି କି ଆଜ୍ଞା! ତୁମେ କୁହ ଆଗେ! 'ଓଲଟା ପ୍ରଶ୍ନର ଉତ୍ତର ମୋ ପାଖେ କି ମୋ ସାଥିରେ ଥିବା ବନ୍ଧୁଙ୍କ ପାଖରେ ନ ଥିଲା। ସେଠୁ ସାହି ସାହି ବୁଲିଲୁ। ବିସ୍ଥାପିତଙ୍କ ଅବସ୍ଥା ଓ ବ୍ୟବସ୍ଥାକୁ ଦେଖିଲୁ। ଆଲୋଚନା ହେଲା ବହୁତ। ହାତରେ ପଇସା ଅଛି। କିନ୍ତୁ କାହାରି ପାଖେ ସ୍ୱପ୍ନ ନାହିଁ। ମୁଠା ମୁଠା ପଇସା ଭିତରେ ବି ତୁଚ୍ଛା ଦୁଃଖର କୋହ। ସବୁଠି ସେଇ ସେଇ ବେଦନା। ସମସ୍ତଙ୍କର ମୁହଁରେ ସେଇ ଏକା କଥା– 'ଭଲ ଲାଗିଲେ ରହିବୁ, ନ ଲାଗିଲେ ବି ରହିବୁ। ଆମର ଆଉ ଗତିବୃତ୍ତି କାହିଁ!'

ସମସ୍ତେ ଇଟା ସିମେଣ୍ଟର ଘର ଭିତରେ ଥାଇ ମୁକ୍ତ ଆକାଶ ତଳେ ଥିବା ଫକିର। ହାତକୁ କାମ ନାହିଁ। କମ୍ପାନୀ ଦେଉଥିବା ତିନି ହଜାରକୁ ନେଇ ଗତିଶୀଳ ଜୀବନ। ଯୁବତୀଯୁବକଙ୍କ ହାତରେ ମୋବାଇଲ। ସାମାଜିକ ଗଣମାଧ୍ୟମ ଭିତରେ ବିତୁଛି ଦିନରାତି। କମ୍ପାନୀ ପୁଳା ପୁଳା ଟଙ୍କା ଦେଇଛି, ହେଲେ ଜଣେ କାହାକୁ ରୋଜଗାର ଦେଇପାରିନି। ଆଖପାଖରେ ଜମି କିଣି ପୁଣି ଚାଷବାସ କରିବାକୁ କିଛି ବାସଚ୍ୟୁତଙ୍କ ଇଚ୍ଛା। ଅଥଚ କିଣିବାକୁ ଜମି ମିଳୁନି।ସେଇଠି ହିଁ ଭବିଷ୍ୟତ ଜୀବନର ବିପଦ ଜଳଜଳ ହୋଇ ସ୍ପଷ୍ଟ ଦିଶୁଛି। ଏସବୁ ଭିତରେ ଅଶୀ ବର୍ଷ ବୟସ୍କ ଶତ୍ରୁଘ୍ନ ଭଇଁସା କହିଲେ – 'ଏଠି ପାନି ସରସର, ଖର୍ଚ୍ଚାପାନି ଝରଝର। ଉପର ସବେ ମଲମଲ, ମନର କଥା ମନ ଜାନୁଛେ, କାନ୍ଦି ଜାଉଁଛେ ପରାନ। 'ବାସ୍ତବରେ ସମସ୍ତଙ୍କ ମୁହଁରେ ନେସି ହୋଇଛି କାନ୍ଦୁରା ହସ, ଯେଉଁଥିରେ ନାହିଁ ଖୁସିର ଉଶ୍ୱାସ।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା, ମୋ: ୯୪୩୭୯୦୯୬୭୧**

## ପାଠକ ଶ୍ରେଷ୍ଠ ବିଚାରକ

### ନାଗରିକଙ୍କ ସୁରକ୍ଷା ସରକାରଙ୍କ ଦାୟିତ୍ୱ

ମହାଶୟ,

ହଜାର ହଜାର ଭାରତୀୟ ବିଭିନ୍ନ ଦେଶରେ ରହିଛନ୍ତି। ସେମାନଙ୍କ ଭିତରୁ କିଏ ପାଠ ପଢୁଥିବା ବେଳେ ଆଉ କିଏ ଚାକିରି କରୁଛନ୍ତି। ସମୁଦାୟ କେତେ ଭାରତୀୟ ବିଦେଶରେ ଅଛନ୍ତି ତାହାର ତାଲିକା ସରକାରଙ୍କ ନିକଟରେ ରହିଛି। ପ୍ରତିବର୍ଷ ଏମାନଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ବିଦେଶରେ ଏମାନଙ୍କ ଉପରେ ବିପଦ ଦେଖାଦେଲେ ସରକାର ସେମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥାଆନ୍ତି। ତେବେ ଅତୀତରେ ବିଦେଶରେ ପ୍ରବଳ ଯୁଦ୍ଧ ଘନଘଟା ମଧ୍ୟରେ ସେଠାରେ ରହିଥିବା ଭାରତୀୟମାନଙ୍କୁ ଭାରତ ସରକାର ବିମାନ ପଠାଇ ଆଣିବାରେ ବିପୁଳ ଅର୍ଥ ଖର୍ଚ୍ଚ କରିଛନ୍ତି। ବର୍ତ୍ତମାନ ୟୁକ୍ରେନ୍ ଏବଂ ରୁଷିଆ ମଧ୍ୟରେ ଯୁଦ୍ଧ ଚାଲିଛି । ଏହି ଯୁଦ୍ଧରେ ବହୁ ନାଗରିକଙ୍କର ମୃତ୍ୟୁ ଘଟୁଛି। ଜଣେ ଭାରେତୀୟ ଡାକ୍ତରୀ ଛାତ୍ରଙ୍କର ମଧ୍ୟ ମୃତ୍ୟୁ ହୋଇଛି। ସେଠାରେ ଥିବା ଅସହାୟ ଅନେକ ହଜାର ଭାରତୀୟଙ୍କୁ ଭାରତ ସରକାର ଆଣିଛନ୍ତି। ଏଥିପାଇଁ ଫେରନ୍ତା ଭାରତୀୟମାନେ ସରକାରଙ୍କୁ ଧନ୍ୟବାଦ ଦେଉଛନ୍ତି। ଭାରତୀୟ ନାଗରିକଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ସରକାର କୂଟନୀତିକ ସ୍ତରରେ ବହୁ ପଦକ୍ଷେପ ମଧ୍ୟ ନେଇଛନ୍ତି। ଭବିଷ୍ୟତରେ ବିଦେଶରେ ଏପରି ବିବାଦ ନ ଲାଗୁ, ଭାରତ ସରକାର ଭାରତୀୟମାନଙ୍କୁ ଆଣିବା ପାଇଁ ବିପୁଳ ଅର୍ଥ ଖର୍ଚ୍ଚ ନ କରନ୍ତୁ।

**–ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସହସ୍ର ଅଭାବ ମୋର ଶତ ଅପରାଧ
ଅପମାନ ସଂଖ୍ୟାହୀନ କୋଟି ଅପବାଦ
ତବ ଆଲିଙ୍ଗନ ତଳେ ଶୁଭ୍ର ପୂତ ଏ ଅଞ୍ଚଳେ
ପୋଛିଦିଅ ଜୀବନର ସବୁ ପରମାଦ
ନିଭୃକ୍ଷଣେ ବିଶ୍ୱର ଅସୀମ ଅବସାଦ।
-(ଆଶ୍ଳେଷ ସ୍ୱର୍ଗ)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

## ଭିଜିଲାନ୍ସ ଜାଲରେ ପୋଲିସ ଏଏସ୍ଆଇ

ଭବାନୀପାଟଣା,୨୨।୩(ସ୍ୱ.ପ୍ର.): କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଏଏସ୍ଆଇ ରମେଶ ଚନ୍ଦ୍ର ପଟ୍ଟନାୟକ ୬ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ମଙ୍ଗଳବାର ଭିଜିଲାନ୍ସ ଜାଲରେ ପଡିଛନ୍ତି। ଲହରଜୋର ଗାଁର ପବିତ୍ର ନାଏକଙ୍କ ମଦ ମାମଲା ରଫାଦଫା କରିବା ପାଇଁ ସେ ୬ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ପବିତ୍ର ଭିଜିଲାନ୍ସ ବିଭାଗ ଦ୍ୱାରସ୍ଥ ହୋଇଥିଲେ। ମଙ୍ଗଳବାର ଏଏସ୍ଆଇ ପଟ୍ଟନାୟକଙ୍କୁ ପବିତ୍ର ଟଙ୍କା ଦେଉଥିବା ସମୟରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ବିଭାଗ ଭବାନୀପାଟଣା ପୁରୁଣା ବସ୍ଷ୍ଟାଣ୍ଡ ନିକଟରୁ ଗିରଫ କରିଥିଲା। ତାଙ୍କଠାରୁ ରାସାୟନିକ ପ୍ରଲେପ ଥିବା ୧୨ଟି ୫ଶହ ଟଙ୍କିଆ ନୋଟ ଜବତ ହୋଇଛି। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ସଂକ୍ଷେପରେ

### ଲାଇନ୍‌ଚ୍ୟୁତ ହେଲା ପାର୍ସଲ ବଗି

ବ୍ରଜରାଜନଗର,୨୨।୩(ଡି.ଏନ.ଏ.): ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଦେଇ ଯାଇଥିବା ହାୱଡା-ମୁମ୍ବାଇ ରେଳପଥର ବ୍ରଜରାଜନଗର ରେଳ ଷ୍ଟେଶନଠାରୁ ଚାରି କିଲୋମଟର ଦୂର ଲଜକୁରା ଷ୍ଟେଶନଠାରେ ମଙ୍ଗଳବାର କିଷାନ ପାର୍ସଲ ଟ୍ରେନର ଦୁଇଟି ଚକା ଲାଇନ୍‌ଚ୍ୟୁତ ହୋଇଥିଲା। ପ୍ରାୟ ୨ଘଣ୍ଟା ପରେ ବିଭାଗୀୟ କର୍ମଚାରୀ ଖସିଯାଇଥିବା ଚକା ଦୁଇଟିକୁ ଟ୍ରାକ୍‌କୁ ଆଣିବା ପରେ ଟ୍ରେନ୍‌ଟି ସ୍ୱାଭାବିକ ଭାବେ ଗନ୍ତବ୍ୟ ପଥକୁ ଯାଇଥିଲା। ଏଥିଯୋଗୁ ଅନ୍ୟ କୌଣସି ଟ୍ରେନ୍ ଯାତାୟାତରେ ବାଧା ସୃଷ୍ଟି ହୋଇ ନ ଥିଲା।

### ନିର୍ବାଚନୀ ହିଂସା : ୩ ଆହତ

କେନ୍ଦୁଝର, ୨୨।୩(ସ୍ୱ.ପ୍ର.): କେନ୍ଦୁଝର ଟାଉନ୍ ଥାନା ଅଧୀନ ଆଟୋପୁର ଗାଁରେ ମଙ୍ଗଳବାର ରାତିରେ ନିର୍ବାଚନୀ ହିଂସାକାଣ୍ଡ ଘଟିଛି। ପୌର ନିର୍ବାଚନ ପୂର୍ବରୁ ଟଙ୍କା ବଣ୍ଟାକୁ କେନ୍ଦ୍ର କରି ଗୋଟିଏ ଗୋଷ୍ଠୀର ଆକ୍ରମଣରେ ଅନ୍ୟ ଗୋଷ୍ଠୀର ୩ଜଣ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହାର ପ୍ରତିବାଦରେ ଭାଜପା ବିଧାୟକ ମୋହନ ମାଝିଙ୍କ ନେତୃତ୍ୱରେ ଟାଉନ୍ ଥାନା ଘେରାଉ କରାଯାଇଛି। ଉତ୍ତେଜନା ଲାଗି ରହିଥିବାରୁ ଗାଁରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

### ଦ୍ୱିତୀୟ ପର୍ଯ୍ୟାୟ ରଥକାଠ ପୁରୀ ଗଲା

ନୟାଗଡ଼ ଅଫିସ/ଦଶପଲ୍ଲା, ୨୨।୩ (ଡି.ଏନ.ଏ.): ରଥଯାତ୍ରା ପାଇଁ ନୟାଗଡ଼ ଜିଲା ଦଶପଲ୍ଲାରୁ ୨ୟ ପର୍ଯ୍ୟାୟ ରଥକାଠ ବୁଧବାର ପୁରୀ ପଠାଯାଇଛି। ଏଥିରେ ଅସନ ୨୦ ଫୁଟ୍‌ର ୫ ଖଣ୍ଡ ଓ ଧଉରା ୨୦ ଫୁଟ୍‌ର ୧୩ଖଣ୍ଡ ଏପରି ୧୮ ଖଣ୍ଡ କାଠ ପୁରୀ ରଥଖଳାକୁ ଯାଇଛି। ସେହିଭଳି ୨୦ଫୁଟ୍‌ର ଅସନ ୧୧ଖଣ୍ଡ ଏବଂ ୧୨ଫୁଟ୍ ଲମ୍ବ ଧଉରା ୫ଖଣ୍ଡ କାଠ ଚିରାହେବା ପାଇଁ କଟକସ୍ଥିତ ଖପୁରିଆ ସ'ମିଲ୍‌କୁ ପଠାଯାଇଛି। କାଠଗୁଡିକ ପୋଖରୀଗୋଛା ସଂରକ୍ଷିତ ଜଙ୍ଗଲରୁ ସଂଗ୍ରହ କରାଯାଇ ୨ଟି ଟ୍ରକରେ ପୁରୀ ଓ କଟକ ପଠାଯାଇଥିବା ଦଶପଲ୍ଲା ରେଞ୍ଜ ଅଫିସର ଅଖିଳେଶ ମଲ୍ଲିକ ସୂଚନା ଦେଇଛନ୍ତି।

# ଖୁବ୍‌ଶୀଘ୍ର ରାଜ୍ୟ ଜଳ ନୀତି-୨୦୨୨

## ଜଳ ସମ୍ପଦ ବିଭାଗରେ ବିଶ୍ୱ ଜଳ ଦିବସ ପାଳିତ

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ରାଜ୍ୟ ଜଳ ସମ୍ପଦ ବିଭାଗ ତରଫରୁ ମଙ୍ଗଳବାର ଅପରାହ୍ନରେ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି। ଏହି ଦିବସ ଉପଲକ୍ଷେ ପ୍ରସ୍ତାବିତ ରାଜ୍ୟ ଜଳ ନୀତି -୨୦୨୨ ଉପରେ ପ୍ରାଥମିକ ପର୍ଯ୍ୟାୟରେ ବିଭିନ୍ନ ଅଂଶୀଦାରୀ ବିଭାଗ ଓ ଅନୁଷ୍ଠାନଗୁଡିକଠାରୁ ପରାମର୍ଶ ନିଆଯିବା ସହିତ ଏ ସମ୍ପର୍କରେ ବିଚାର ବିମର୍ଶ କରାଯାଇଥିଲା। ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗୃହ ଓ ନଗର ଉନ୍ନୟନ, ଶିଳ୍ପ, ମହିଳା ଓ ଶିଶୁ ବିଭାଗ, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ, ବୈଷୟିକ ବିଦ୍ୟା, ସୂଚନା ଓ ପ୍ରଯୁକ୍ତି, ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହିତ ୟୁନିସେଫ ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବିଶ୍ୱ ଜଳ ଦିବସ ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ।

ଏହି ପରିପ୍ରେକ୍ଷୀରେ ଗର୍ଗ ଜଳର ପ୍ରମୁଖ ଆବଶ୍ୟକତା, ଏହାର ସଂରକ୍ଷଣ ଓ ବ୍ୟବହାରିକ ଦକ୍ଷତା ବୃଦ୍ଧି ଉପରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ରାଜ୍ୟ ଜଳ ନୀତି ୨୦୨୨ ପ୍ରଣୟନ ହେବାକୁ ଥିବା ସୂଚନା ଦେଇଥିଲେ। ପୂର୍ବରୁ ପ୍ରଚଳିତ ରାଜ୍ୟ ଜଳନୀତି ୨୦୦୭ ପ୍ରବର୍ତ୍ତନ ହେବାର ଦୀର୍ଘ ୧୫ ବର୍ଷ ଅତିକ୍ରାନ୍ତ ହୋଇଛି। ଇତି ମଧ୍ୟରେ ଜଳ ପରିଚାଳନା ଓ ଏହାକୁ ଆଧାର କରି ବହୁ ପରିବର୍ତ୍ତନ ଆସିଛି। ପ୍ରଯୁକ୍ତି ବିଦ୍ୟାର ଅଧିକ ବ୍ୟବହାର ଯୋଗୁ ତଥ୍ୟ ପରିଚାଳନା, ପୋଷଣୀୟତା ଏବଂ ଜଳବାୟୁ ପରିବର୍ତ୍ତନ, ପୁରୁଷ ସହିତ ମହିଳାଙ୍କୁ ଜଳ ପରିଚାଳନା କ୍ଷେତ୍ରରେ ସମାନତା ପ୍ରଦାନ ଭଳି ପ୍ରସଙ୍ଗର ଏବେ ଗୁରୁତ୍ୱ ବୃଦ୍ଧି ପାଇଥିବା ବେଳେ ରାଜ୍ୟ ଜଳ ନୀତି-୨୦୨୨ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ। ସେହିପରି ତଥ୍ୟ ଓ ସୂଚନାଭିତ୍ତିକ ଯୋଜନା, ପ୍ରଯୁକ୍ତି ବିଦ୍ୟା ଆଧାରିତ ଆଭିମୁଖ୍ୟ, ଉନ୍ନତ ତଥା ଯୁଗ୍ମ ଜଳ ପରିଚାଳନା ମାନକ (ସିଡବ୍ଲ୍ୟୁଏମ୍ଆଇ), ସମସ୍ତଙ୍କ ସହଭାଗିତା ତଥା ସୂଚନା, ଶିକ୍ଷା ଓ ଯୋଗାଯୋଗର ସମ୍ମେଳନ, ସାମାଜିକ ଓ ବ୍ୟବହାରିକ ପରିବର୍ତ୍ତନ ଯୋଗାଯୋଗ ବ୍ୟବସ୍ଥା ଫଳରେ ଜଳ ବ୍ୟବହାରକାରୀ ଯେପରି ଉପକୃତ ହେବେ ସେ ସମ୍ପର୍କରେ ବିଶଦ ଆଲୋଚନା କରାଯାଇଥିଲା। ରାଜ୍ୟ ଜଳନୀତି-୨୦୨୨ ଲାଗୁ ପୂର୍ବରୁ ଆଗାମୀ ଦିନରେ ସମସ୍ତ ଅଂଶୀଦାରୀ ସରକାରୀ ବିଭାଗ ତଥା ମିଳିତ ଜାତିସଂଘର ସଂସ୍ଥା, ନୀତି ନିର୍ଦ୍ଧାରକ, ଶିକ୍ଷାବିତ୍, ବିଶେଷଜ୍ଞ, ଶିଳ୍ପ, କୃଷକ ତଥା ଅନ୍ୟାନ୍ୟ ପ୍ରମୁଖ ଭାଗିଦାରୀ ସଂସ୍ଥାମାନଙ୍କର ସହଯୋଗ ନିଆଯିବା ନେଇ ବୈଠକରେ ସୂଚନା ଦିଆଯାଇଥିଲା।

# ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା

ପୁରୁଷୋତ୍ତମପୁର,୨୨।୩ (ଡି.ଏନ୍.ଏ.)


ମା' ତାରାତାରିଣୀଙ୍କ ମହାକାଳୀ ବେଶ।

ଗଞ୍ଜାମ ଜିଲାର ଇଷ୍ଟଦେବୀ ମା' ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ଆରମ୍ଭ ହୋଇଛି। କରୋନା କଟକଣା ମାନି ଯାତ୍ରା ପରିଚାଳନା କରାଯାଉଛି। ପ୍ରଥମ ପାଳି ଦୁଇ ଭଉଣୀ ଶ୍ରଦ୍ଧାଳୁଙ୍କୁ ମହାକାଳୀ ବେଶରେ ଦର୍ଶନ ଦେଇଛନ୍ତି। ସୋମବାର ରାତି ସାଢ଼େ ୧ଟାରେ ମନ୍ଦିର ଫିଟାଯାଇ ଅବକାଶ ନୀତି, ମଙ୍ଗଳ ଆଳତି ଓ ମାର୍ଜଣା ପରେ ପୂଜାର୍ଚ୍ଚନା କରି ସେବାୟତମାନେ ମା'ଙ୍କୁ ମହାକାଳୀ ବେଶରେ ସଜ୍ଜିତ କରିଥିଲେ। ଏହି ପାଳିରେ ୪,୭୧୨ ଜଣ ଶିଶୁଙ୍କ ମୁଣ୍ଡନ କରାଯାଇଥିଲା। ପୀଠରେ ପଚାଶ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତମାନେ ପାହାଡ ଉପରକୁ ଯାଇ ମା'ଙ୍କ ଦର୍ଶନ କରିବା ଲାଗି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବସ ବ୍ୟବସ୍ଥା କରାଯାଇଥିଲା।

# ୯ ଅନ୍ତେବାସୀ ଝାଡ଼ାବାନ୍ତିରେ ଆକ୍ରାନ୍ତ

ବୈପାରିଗୁଡ଼ା,୨୨।୩(ଡି.ଏନ୍.ଏ.)


ଚିକିତ୍ସାଧୀନ ଥିବା ଛାତ୍ରମାନେ।

କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ଦୋରାଗୁଡ଼ାସ୍ଥିତ ମଙ୍ଗଳ ବିଭାଗ ପରିଚାଳିତ ସେବାଶ୍ରମ ବିଦ୍ୟାଳୟରେ ୯ ଜଣ ଅନ୍ତେବାସୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ସେମାନେ ହେଲେ ଦ୍ୱିତୀୟ ଶ୍ରେଣୀର ରତନ ଶିଶା, ଦୁର୍ଯ୍ୟୋଧନ ହନ୍ତାଳ, ତୃତୀୟ ଶ୍ରେଣୀର ସୁଶୀଳ କୁମାର ସାନ୍ତା, ପଞ୍ଚମ ଶ୍ରେଣୀର ପବିତ୍ର ମାଠପଡ଼ିଆ, ପିତୁ ଜାନି, ଷଷ୍ଠ ଶ୍ରେଣୀର ଜଳେନ୍ଦ୍ର ଗାଦବା,ସପ୍ତମ ଶ୍ରେଣୀର ପୂର୍ଣ୍ଣ ଖରା, କମୁଲୁ ଖରା ଓ କାର୍ତ୍ତିକ ପୂଜାରୀ। ମଙ୍ଗଳବାର ସେମାନଙ୍କୁ ବୈପାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରିବାରୁ ସମସ୍ତଙ୍କୁ ମେଡିକାଲରୁ ଛଡ଼ାଯାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅଧୀରାଜ ସାହୁ କହିଛନ୍ତି।

ଖବରରୁ ଜଣାପଡ଼ିଛି ଏହି ଛାତ୍ରାବାସର ଅନ୍ତେବାସୀମାନେ ପୂର୍ବରୁ ମଧ୍ୟାହ୍ନଭୋଜନ କରୁଥିଲେ। କରୋନା କଟକଣା ଯୋଗୁ ଛାତ୍ରାବାସରେ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ବାତିଲ ହୋଇଛି। ଏ ବାବଦ ଚାଉଳ ସେମାନଙ୍କ ଅଭିଭାବକମାନଙ୍କୁ ପ୍ରଦାନ କରାଯାଉଛି। ସକାଳେ ଓ ରାତିରେ ସେମାନଙ୍କୁ ରନ୍ଧାଖାଦ୍ୟ ଏବଂ ସନ୍ଧ୍ୟାରେ ଜଳଖିଆ ପ୍ରଦାନ କରାଯାଉଛି। ମଧ୍ୟାହ୍ନଭୋଜନ ସମୟରେ ପିଲାମାନେ ଭୋକ ସମ୍ଭାଳି ପାରୁନାହାନ୍ତି। ବାହାରକୁ ଯିବାକୁ ବାରଣ କରିବା ସତ୍ତ୍ୱେ ସେମାନେ ଗେଟ୍ ଡେଇଁ ବାହାର ଜଳଖିଆ ଦୋକାନରେ କିଣି ଖାଉଛନ୍ତି। ବାହାରର ଅପମିଶ୍ରିତ ଖାଦ୍ୟ ଖାଇବା ଦ୍ୱାରା ଏପରି ହୋଇଥାଇପାରେ ବୋଲି ଶିକ୍ଷକ ଭକ୍ତବନ୍ଧୁ ସାହୁ କହିଛନ୍ତି।

## ଦୋରାଗୁଡ଼ା ସେବାଶ୍ରମ

# ସରକାରୀ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ତ୍ୱରିତ କର

## ସମୀକ୍ଷା ବୈଠକ

## ଜିଲାପାଳଙ୍କୁ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ବିଭିନ୍ନ ସରକାରୀ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣରେ କାଳକ୍ଷେପଣ ନୀତି ଯୋଗୁ ଉଭୟ ଅର୍ଥ ଓ ସମୟ ଅପଚୟ ହେଉଛି। ଏହା ଦ୍ୱାରା ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ପ୍ରଭାବିତ ହେଉଛି। ବିଭିନ୍ନ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ସମସ୍ତ ଜିଲାପାଳ, ଜମି ଅଧିଗ୍ରହଣ ଅଧିକାରୀ ଓ କ୍ଷେତ୍ରାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ରେଳପଥ, ଜାତୀୟ ରାଜପଥ, ରାଜ୍ୟ ରାଜପଥ, ବିଜୁ ଏକ୍ସପ୍ରେସ ୱେ ଏବଂ ବିଭିନ୍ନ ଜଳସେଚନ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ କ୍ଷେତ୍ରାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣରେ ବିଳମ୍ବ ନ କରିବାକୁ କଡ଼ା ତାଗିଦ କରିଛନ୍ତି।

ମଙ୍ଗଳବାର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ସରକାରୀ ପ୍ରକଳ୍ପ ଯଥା ରେଳପଥ, ଜାତୀୟ ରାଜପଥ, ରାଜ୍ୟ ରାଜପଥ, ବିଜୁ ଏକ୍ସପ୍ରେସ ୱେ ଏବଂ ବିଭିନ୍ନ ଜଳସେଚନ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି।

ବିଭିନ୍ନ ବିଭାଗର କ୍ଷେତ୍ରାଧିକାରୀଙ୍କ ମତାମତକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ଆର୍ଏଫ୍‌ସିଟିଏଲ୍ଏଆରଆର ୨୦୧୩ ମାଧ୍ୟମରେ ସରକାରଙ୍କ ଅନୁମୋଦନ ପରେ ଜମି ଅଧିଗ୍ରହଣ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଉକ୍ତ ଆଇନ ଅନୁସାରେ ଅଧିଗ୍ରହଣ ହେବାକୁ ଥିବା ଜମିର ସମସ୍ତ ମାଲିକଙ୍କୁ ପ୍ରାପ୍ୟ ପ୍ରଦାନ ପରେ ଜମି ଦଖଲ ନେବାର ବିଧି ବ୍ୟବସ୍ଥା ଥିଲେ ମଧ୍ୟ ଜମି ମାଲିକ ସଂଖ୍ୟା, ମୃତ ପ୍ରଜାଙ୍କ ଉତ୍ତରାଧିକାରୀ ଆଦି କାରଣରୁ ଏହା ସମ୍ଭବ ହୋଇପାରୁ ନ ଥିଲା। ପୂର୍ବରୁ ପ୍ରଚଳିତ ଭୂମି ଅଧିଗ୍ରହଣ ଆଇନ ୧୮୯୪ ଅନୁଯାୟୀ ୮୦% ଜମି ମାଲିକଙ୍କୁ ପ୍ରାପ୍ୟ ପ୍ରଦାନ ପରେ ସମ୍ପୃକ୍ତ ଜମି ଦଖଲକୁ ନେଇ ପ୍ରକଳ୍ପ ଆରମ୍ଭ କରାଯାଇ ପାରୁଥିଲା। ସେହି ନିୟମକୁ ଦୃଷ୍ଟିରେ ରଖି ରାଜ୍ୟରେ ସରକାରୀ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ କରିବା ପାଇଁ ଏହି ବିକଳ୍ପ ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି ଅନୁଯାୟୀ କୌଣସି ପ୍ରକଳ୍ପରେ ଆବଶ୍ୟକ ହେଉଥିବା ଜମିର ଶତକଡ଼ା ୮୦ ଭାଗ ପ୍ରାପ୍ୟ ଜମି ମାଲିକଙ୍କୁ ଦିଆଗଲା ପରେ ଅବଶିଷ୍ଟ ଅର୍ଥକୁ କୋର୍ଟରେ ଜମା ରଖି ସମୁଦାୟ ଜମିକୁ ଅଧିଗ୍ରହଣ କରିହେବ। କୌଣସି ହିତାଧିକାରୀ ଏହି ପ୍ରକ୍ରିୟାରେ ଆଇନ ଅନୁଯାୟୀ ସ୍ଥିରୀକୃତ ପ୍ରାପ୍ୟ ନେବାକୁ ଇଚ୍ଛା ପ୍ରକାଶ ନ କଲେ ସେହି ପ୍ରାପ୍ୟ ଉପଯୁକ୍ତ ଅଧିକାରୀଙ୍କ ନିକଟରେ ଜମା କରି ଜମି ଅଧିଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଭୁବନେଶ୍ୱରରୁ ଅଭିଯୁକ୍ତ ଗିରଫ

## ପୋଲିସ ମାଡ଼ରେ ଆଦିବାସୀ ଯୁବକଙ୍କ ମୃତ୍ୟୁ ମାମଲା

## କର୍ତ୍ତବ୍ୟରେ ଅବହେଳା ପାଇଁ ଏଏସ୍ଆଇ ନିଲମ୍ବିତ

ପାଣିକୋଇଲି,୨୨।୩ (ଡି.ଏନ.ଏ.)

ଯାଜପୁର ଜିଲା ପାଣିକୋଇଲି ଥାନା ଅନ୍ତର୍ଗତ ଅଳତିରି ଗ୍ରାମର ଆଦିବାସୀ ଯୁବକ ଶୁକୁରା ମୁଣ୍ଡା ମୃତ୍ୟୁ ମାମଲାରେ ପୋଲିସ ଆକ୍ରମଣକାରୀ ଅଭିଯୁକ୍ତ ସୁଚୀନ୍ଦ୍ର ସିଂହ ଓରଫ୍ ବାପିଙ୍କୁ ଭୁବନେଶ୍ୱରରୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଏଥିସହିତ ମାମଲାକୁ ହାଲ୍‌କା ଭାବେ ନେବା ସହ କର୍ତ୍ତବ୍ୟରେ ଅବହେଳା କରିଥିବା ଅଭିଯୋଗରେ ପାଣିକୋଇଲି ଥାନା ଏଏସ୍ଆଇ ପ୍ରଭାସ ବେହୁରାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି।

ସୂଚନା ଅନୁସାରେ, ଅଳତିରି ଶିବମନ୍ଦିର ନିକଟରେ କେତେଜଣ ଆଦିବାସୀ ପରିବାର ରହୁଛନ୍ତି। ସେଠାରେ ଚଗୁଲୁ ମୁଣ୍ଡା ନାମକ ଯୁବକ ଅଭିଯୁକ୍ତ ତଥା କଟକ ଓଏସ୍ଏପିରେ କାର୍ଯ୍ୟରତ କନଷ୍ଟେବଳ ବାପିଙ୍କ ଟ୍ରାକ୍ଟର ଚଳାନ୍ତି। ଗତ ୧୩ ତାରିଖରେ ଚଗୁଲୁ ବକେୟା ଟଙ୍କା ନ ଦେଲେ ଟ୍ରାକ୍ଟର ଚଳାଇବେ ନାହିଁ ବୋଲି ବାପିଙ୍କୁ କହିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ବାପି ତାଙ୍କୁ ଆକ୍ରମଣ କରିଥିଲେ। ଚଗୁଲୁଙ୍କ ସମ୍ପର୍କୀୟ ଶୁକୁରା ଏହାର ପ୍ରତିବାଦ କରିବାରୁ ବାପି ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଏନେଇ ଶୁକୁରା ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଦାୟିତ୍ୱରେ ଥିବା ଏଏସ୍ଆଇ ବେହୁରା ଏହାକୁ ଗୁରୁତ୍ୱ ନ ଦେଇ ସମାଧାନ କରିବାକୁ ପ୍ରବର୍ତ୍ତାଇଥିଲେ। ଏହି ସମୟ ମଧ୍ୟରେ ଶୁକୁରା ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ କଟକ ବଡ଼ ମେଡିକାଲ ପଠାଯାଇଥିଲା। ସେଠାରେ ବୁଧବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଶୁକୁରାଙ୍କ ମୃତଦେହ ଆଣି ଆଦିବାସୀ ବସ୍ତିର ଲୋକେ ବାପିଙ୍କ ଘର ଆଗରେ ରଖି କ୍ଷତିପୂରଣ ଦାବି କରିଥିଲେ। ଶୁକୁରାଙ୍କ ପରିବାର ପ୍ରତିପୋଷଣ ସହ ପିଲାଙ୍କ ପାଠପଢ଼ାର ଦାୟିତ୍ୱ ଗ୍ରାମବାସୀ ନେବା ପାଇଁ ପ୍ରତିଶ୍ରୁତି ଦେବାରୁ ସେମାନେ ଧାରଣାରୁ ଓହରିଥିଲେ। ପରବର୍ତ୍ତୀ ସମୟରେ ବିଭିନ୍ନ ଆଦିବାସୀ ସଙ୍ଗଠନ ମାନବ ଅଧିକାର କର୍ମୀଙ୍କ ଦ୍ୱାରା ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ପରେ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଡିଜିପି, ମୁଖ୍ୟମନ୍ତ୍ରୀ ଓ ଗୃହ ସଚିବଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଶୁକୁରାଙ୍କ ସ୍ତ୍ରୀ ମାମି ମୁଣ୍ଡା ପାଣିକୋଇଲି ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା ନଂ.୬୨/୨୨ ରୁଜୁ ହୋଇଛି। ଘଟଣାରେ ଶୁକୁରାଙ୍କ ପରିବାରକୁ ପୋଲିସ ପକ୍ଷରୁ ପଚରାଉଚୁରା କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ପ୍ରମୋଦ କୁମାର ମଲ୍ଲିକ ପାଣିକୋଇଲି ପୋଲିସ ସହାୟତାରେ ଅଭିଯୁକ୍ତ ବାପିଙ୍କୁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀରୁ ଗିରଫ କରିବାରେ ସଫଳ ହୋଇଥିଲେ।


ପୌର ନିର୍ବାଚନ ପ୍ରଚାର ଶେଷ ଦିନରେ ବଲାଙ୍ଗୀର ଜିଲା ପୋଲିସ ପକ୍ଷରୁ ମଙ୍ଗଳବାର ବଲାଙ୍ଗୀର ସହରରେ ଫ୍ଲାଗ୍ ମାର୍ଚ୍ଚ।

# ଏନ୍‌ସିଇଆର୍‌ଟି ବହି ବ୍ୟବହାର ତଦାରଖ ନିର୍ଦ୍ଦେଶ

ଭୁବନେଶ୍ୱର, ୨୨।୩(ବ୍ୟୁରୋ)



ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଆମରଣ ଅନଶନ।

ସମସ୍ତ ଘରୋଇ ସ୍କୁଲରେ ଏନ୍‌ସିଇଆର୍‌ଟି ବହିରେ ପାଠପଢା ସହ ଯେଉଁ ଘରୋଇ ସ୍କୁଲ ବେଆଇନ ଭାବେ ଭୁଲ ବହି ବିକ୍ରି କରୁଛନ୍ତି ସେହି ସ୍କୁଲର ସ୍ୱୀକୃତି ପ୍ରତ୍ୟାହାର ଏବଂ ପିଲାଙ୍କୁ ଅଯଥା ବସ୍ତାନି ବୋଝରୁ ମୁକ୍ତି ଦାବିରେ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ମଙ୍ଗଳବାର ନ' ତାଳାସ୍ଥିତ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରାଯାଇଛି। ଏହି ଆନ୍ଦୋଳନ ପରେ ପ୍ରାଥମିକ ଶିକ୍ଷା ବିଭାଗ ଚେତିଛି। ଏନେଇ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀଙ୍କ ପ୍ରକୋଷ୍ଠରେ ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟଙ୍କ ନେତୃତ୍ୱରେ ବୈଠକ ଅନୁଷ୍ଠିତ ହୋଇଛି। ବେଆଇନ ଭାବେ ବହି ବିକ୍ରି ଓ ଫି' ଆଦାୟ ପାଇଁ ସେଣ୍ଟ ଜୋସେଫ ସ୍କୁଲକୁ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଛି। ସ୍କୁଲର ସ୍ୱୀକୃତି କାହିଁକି ପ୍ରତ୍ୟାହାର କରା ନ ଯିବ ସେନେଇ ଜବାବ ରଖିବାକୁ କୁହାଯାଇଛି। ଏଥିସହ ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ଏନ୍‌ସିଇଆର୍‌ଟି ବହିରେ ପାଠପଢ଼ା ନିର୍ଦ୍ଦେଶର ଠିକ କାର୍ଯ୍ୟକାରୀ ନେଇ ତଦାରଖ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଓ କାର୍ଯ୍ୟକାରିତାକୁ ଅପେକ୍ଷା କରି ମହାସଂଘ ଅନଶନକୁ ସ୍ଥଗିତ ରଖିଛି। ଏହି ଆନ୍ଦୋଳନରେ ଅଧ୍ୟକ୍ଷ ଭଟ୍ଟଙ୍କ ସମେତ ସହଅଧ୍ୟକ୍ଷ ପ୍ରସନ୍ନ ବିଶୋଇ, ଭୁମୋହନ ପଟ୍ଟନାୟକ, ସତ୍ୟଜିତ ଦାଶ, ଅଶୋକ ପାଇକରାୟ, ସ୍ୱପ୍ନେନ୍ଦୁ ସାମନ୍ତରାୟ, ପ୍ରଦୀପ୍ତ ମିଶ୍ର, କାର୍ତ୍ତିକ ସାହୁ, ଦେବାଶିଷ ବସନ୍ତିଆ, ସତ୍ୟବ୍ରତ ପରିଜା ପ୍ରମୁଖ ସାମିଲ ଥିଲେ।

## ଆଲୋଚନା ପରେ ଅଭିଭାବକ ମହାସଂଘର ଅନଶନ ସ୍ଥଗିତ

ସୂଚନାଯୋଗ୍ୟ, ଦେଶର ସମସ୍ତ ସ୍କୁଲରେ ଜାତୀୟ ସ୍ତରରେ ଏନ୍‌ସିଇଆର୍‌ଟି ଏବଂ ରାଜ୍ୟରେ ବିଭିନ୍ନ ଭାଷାରେ ରାଜ୍ୟସ୍ତରରେ ଏସ୍‌ସିଇଆର୍‌ଟି ପାଠ୍ୟକ୍ରମ ଅନୁମୋଦିତ ପାଠ୍ୟ ପୁସ୍ତକ ବ୍ୟବହାର କରି ପାଠ ପଢ଼ାଇବା ପାଇଁ ସ୍ପଷ୍ଟ ନିୟମ ରହିଛି। ଏଥିସହ ବିଭିନ୍ନ ସମୟରେ ଏନ୍‌ସିପିସିଆର୍, ଶିକ୍ଷା ମନ୍ତ୍ରଣାଳୟ, ଉଚ୍ଚତମ ନ୍ୟାୟାଳୟ, ଉଚ୍ଚ ନ୍ୟାୟାଳୟ, ମାନବ ଅଧିକାର କମିଶନ ଏବଂ ରାଜ୍ୟ ଗଣଶିକ୍ଷା ବିଭାଗର ସମସ୍ତ ସ୍କୁଲ ଲାଗି ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ହେଲେ ଘରୋଇ ସ୍କୁଲଗୁଡ଼ିକ ମୁନାଫା କରିବାକୁ ଶିକ୍ଷା ବିଭାଗର ଅସାଧୁ ଅଧିକାରୀଙ୍କ ସଲାସୁତୁରା ଓ ଭାଗୀଦାରିରେ ବେଆଇନ ଭାବେ ବହି ବିକ୍ରି କରୁଛନ୍ତି ବୋଲି ମହାସଂଘ ଅଭିଯୋଗ କରିଛି। ଏଥିଯୋଗୁ ଅଭିଭାବକମାନେ ଅଯଥା ଆର୍ଥିକ ବୋଝ ମୁଣ୍ଡାଉଥିବାବେଳେ ପିଲାମାନେ ଅନାବଶ୍ୟକ ବସ୍ତାନି ବୋଝ ବୋହି ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଛନ୍ତି। ଯଦି ନବମଠାରୁ ଦ୍ୱାଦଶ ପର୍ଯ୍ୟନ୍ତ ପାଠପଢ଼ା, ଜାତୀୟ ତଥା ରାଜ୍ୟରେ ସମସ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା, କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ, ଆଦର୍ଶ ବିଦ୍ୟାଳୟ ଆଦି ସବୁ ସ୍କୁଲରେ ପ୍ରଶ୍ନ ଓ ପାଠପଢ଼ା ଏନ୍‌ସିଇଆର୍‌ଟି ବହିରୁ ଆସୁଛି ତେବେ ଉକ୍ତ ଘରୋଇ ବିଦ୍ୟାଳୟଗୁଡ଼ିକ କାହିଁକି ଏଥିରୁ ବିଚ୍ୟୁତ ହେଉଛନ୍ତି ବୋଲି ମହାସଂଘ ପ୍ରଶ୍ନ କରିଛି। ଏଥିସହ ଏଭଳି ମନମୁଖି ଭୁଲ ବହି ବିକ୍ରିକୁ ଦୀର୍ଘଦିନ ହେଲା ମହାସଂଘ ବିରୋଧ କରିଆସୁଛି।

# ବ୍ଲକିଂ ବେଳେ ପୋଲିସକୁ ଗୁଳିମାଡ଼

## ଯୁବକ ଗିରଫ, ୨ ବନ୍ଧୁକ ଜବତ

ବ୍ରହ୍ମପୁର ଅଫିସ,୨୨।୩

ପୌର ନିର୍ବାଚନ ଲାଗି ବଡବଜାର ପୋଲିସ ଫାଷ୍ଟଗେଟ ଛକରେ ସୋମବାର ବିଳମ୍ବିତ ରାତିରେ ବ୍ଲକିଂ କରୁଥିଲା। ପୋଲିସ ଉପରକୁ ଗୁଳିମାଡ କରି ଖସି ପଳାଇବାକୁ ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ପୋଲିସ କାବୁ କରିଥିଲା। ଗିରଫ ଅଭିଯୁକ୍ତ ଜଣଙ୍କ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବୋଇରାଣୀର ପବିତ୍ର ଜେନା। ପବିତ୍ର କାର୍ଯ୍ୟରତ ପୋଲିସ ଏସ୍ଆଇ ରଞ୍ଜିତ ଜେନାଙ୍କ ଉପରକୁ ଗୁଳିମାଡ କରିବା ବେଳେ ତାହା ଫୁଟି ନ ଥିଲା। ଘଟଣାସ୍ଥଳରୁ ପୋଲିସ ଅଫୁଟା ଗୁଳି ଜବତ କରିଛି। ସେହିପରି ପୋଲିସ ତାଙ୍କଠାରୁ ୨ଟି ବନ୍ଧୁକ ସହ ସେ ଘଟଣା ବେଳେ ବ୍ୟବହାର କରିଥିବା ବାଇକ୍ (ନଂ ଓଡି୦୭ଏନ୯୩୧୫) ମଧ୍ୟ ଜବତ କରିଛି। ଅଭିଯୁକ୍ତଙ୍କୁ ଥାନାକୁ ଆଣି ଜେରା ବେଳେ ସେ ବ୍ରହ୍ମପୁରରେ ଏହି ବନ୍ଧୁକ ଦୁଇଟି ଜଣେ ଲୋକଙ୍କୁ ଦେବା ପାଇଁ ଆସୁଥିଲେ ବୋଲି ଜଣାପଡିଛି। ମାମଲା ନମ୍ବର ୬୦/୨୨ରେ ପବିତ୍ରଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। କୋର୍ଟ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ପୋଲିସ କହିଛି। ଅଭିଯୁକ୍ତ ପବିତ୍ରଙ୍କ ବୟାନକୁ ଆଧାର କରି ପୋଲିସ ଏବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିବା ଜଣାପଡିଛି।


ମଙ୍ଗଳବାର ପ୍ରଚାରର ଶେଷ ଦିନରେ ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀରେ ବିଏମ୍‌ସି ମେୟର ପ୍ରାର୍ଥୀ ସୁଲୋଚନା ଦାସଙ୍କ ରୋଡ୍ ଶୋ'।


କଟକ କଂଗ୍ରେସ ମେୟର ପ୍ରାର୍ଥୀ ଗିରିବାଳା ବେହେରା ଓ କର୍ପୋରେଟର ପ୍ରାର୍ଥୀଙ୍କ ପ୍ରଚାର।


କଟକର ସ୍ୱାଧୀନ ମେୟର ପ୍ରାର୍ଥୀ ଦେବାନନ୍ଦ ମହାପାତ୍ରଙ୍କ ରୋଡ୍ ଶୋ'।

# ଶେଷ ଦିନ ପ୍ରଚାରରେ ମିଲନ ଦେବୀଙ୍କ ଭୋଟ ଭିକ୍ଷା


ବିଜେଡି ପ୍ରାର୍ଥୀ ମିଲନ ଦେବୀ ସମର୍ଥକଙ୍କ ସହ ପ୍ରଚାର କରୁଛନ୍ତି।

**ଭୁବନେଶ୍ୱର, ୨୨।୩ (ବ୍ୟୁରୋ)** ମହାନଗର ନିଗମ ନିର୍ବାଚନର ଶେଷ ଦିନରେ ପ୍ରଚାରରେ କମ୍ପିଛି ରାଜଧାନୀ। ବିଶେଷକରି ୱାର୍ଡ ନଂ. ୬୭ରେ ବିଜେଡି ପ୍ରାର୍ଥୀ ମିଲନ ଦେବୀ ନିଜର ଦମ୍ ଦେଖାଇଛନ୍ତି। ଏହି ୱାର୍ଡରୁ ଭାଜପା, କଂଗ୍ରେସ ବ୍ୟତୀତ ୨ଜଣ ସ୍ୱାଧିନ ପ୍ରାର୍ଥୀ ମଧ୍ୟ ନିର୍ବାଚନ ଲଢୁଛନ୍ତି। ତେଣୁ ବିରୋଧୀଙ୍କୁ କଡା ଟକ୍କର ଦେବାକୁ ଯାଇ ମଙ୍ଗଳବାର ମିଲନ୍ ଶହ ଶହ ସଂଖ୍ୟାରେ ମହିଳାଙ୍କୁ ନେଇ ପଦଯାତ୍ରା କରିବା ସହ ନିଜ ପାଇଁ ଭୋଟ୍ ଭିକ୍ଷା କରିଛନ୍ତି। ସେହିପରି ବାଇକ୍ ଶୋଭାଯାତ୍ରାରେ ବିପୁଳ ଜନସମର୍ଥନ ସହିତ ବିରାଟ ପଟୁଆରରେ ବାହାରି ୱାର୍ଡରେ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ବିବରଣୀ ଦେବା ସହ ୱାର୍ଡରେ ଥିବା ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। କ୍ଷମତାକୁ ଆସିଲେ ହଜ ପୋଖରୀ କାମ ତ୍ୱରାନ୍ୱିତ କରିବା, ୱାର୍ଡରେ ଥିବା ଦୁଇଟି ଶ୍ମଶାନର ପୁନରୁଦ୍ଧାର କରିବା, ଡ୍ରେନେଜ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଶେଷଦିନରେ ମିଲନ ଦେବୀ ସୁନ୍ଦରପଦା ଗ୍ରାମ, ଅଭିରାମ ବସ୍ତି ଆଦି ବିଭିନ୍ନ ଅଞ୍ଚଳ ବୁଲିବା ସହିତ ଲୋକଙ୍କ ଭଲମନ୍ଦ ବୁଝିଥିଲେ।

**୬୭ ନଂ. ୱାର୍ଡ**

# ପଦଯାତ୍ରାରେ ପ୍ରଚାର ଶେଷ କଲେ ଅମରେଶ

**ଭୁବନେଶ୍ୱର, ୨୨।୩ (ବ୍ୟୁରୋ)** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନିର୍ବାଚନର ଶେଷ ଦିନ ପ୍ରଚାରରେ ୱାର୍ଡ ନଂ. ୪୫ର ବିଜେଡି କର୍ପୋରେଟର ପ୍ରାର୍ଥୀ ଅମରେଶ ଜେନା ପଦଯାତ୍ରା କରି ପ୍ରଚାର ଶେଷ କରିଛନ୍ତି। ୱାର୍ଡରେ ଡ୍ରେନେଜ, ପିଇବା ପାଣି, ପ୍ରାଥମିକ ଚିକିତ୍ସାଳୟ ନ ଥିବା ଆଦି ପ୍ରମୁଖ ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେଇ ଭୋଟ ଭିକ୍ଷା କରିଥିଲେ। ପଦଯାତ୍ରାଟି ଚିନ୍ତାମଣିଶ୍ୱର ମନ୍ଦିରଠାରୁ ଆରମ୍ଭ ହୋଇ ବଡ଼ଗଡ଼ ହାଟ, କଲ୍ପନା ଛକ, ଶବର ସାହି, ଜାଲି ଗଳି, ଚୌଧୁରୀ କଲୋନୀ ଓ ପୁଣି ଚିନ୍ତାମଣିଶ୍ୱର ମନ୍ଦିର ଦେଇ ଚମ୍ପା ପୋଖରୀ ନିକଟରେ ଶେଷ କରାଯାଇଥିଲା। ସ୍ଥାନୀୟ ବରିଷ୍ଠ ନାଗରିକଙ୍କ ସହ ବହୁ ମହିଳା ସମର୍ଥକ ଅମରେଶଙ୍କ ପଦଯାତ୍ରାରେ ସାମିଲ ହୋଇଥିଲେ।


୪୫ ନଂ. ୱାର୍ଡର ବିଜେଡି କର୍ପୋରେଟର ପ୍ରାର୍ଥୀ ଅମରେଶ ଜେନାଙ୍କ ପଦଯାତ୍ରା।

# ପଦଯାତ୍ରା କରି ଭୋଟରଙ୍କ ପାଖରେ ପହଞ୍ଚିଲେ ସୁଲଗ୍ନା


ସମର୍ଥକଙ୍କ ସହ ୩୩ ନଂ. ୱାର୍ଡର ବିଜେଡି ପ୍ରାର୍ଥୀ ସୁଲଗ୍ନା ଜେନାଙ୍କ ପ୍ରଚାର।

**ଭୁବନେଶ୍ୱର, ୨୨।୩(ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅନ୍ତର୍ଗତ ୱାର୍ଡ ନଂ. ୩୩ରେ ବିଜେଡି ପ୍ରାର୍ଥୀ ସୁଲଗ୍ନା ଜେନା ଜୋର୍‌ଦାର ପ୍ରଚାର କରିଛନ୍ତି। ମଙ୍ଗଳବାର ପ୍ରଚାରର ଶେଷ ଦିନ ହୋଇଥିବାରୁ ସକାଳୁ ହିଁ ନିଜ ସମର୍ଥକଙ୍କ ସହିତ ଭୋଟରଙ୍କ ପାଖରେ ପହଞ୍ଚି ଯାଇଥିଲେ ସୁଲଗ୍ନା। ୱାର୍ଡର ବିଭିନ୍ନ ଅଞ୍ଚଳ ଯଥା ବିଜୁ ଆଦର୍ଶ କଲୋନୀ, ହଳଦୀପଡ଼ିଆ, ଷ୍ଟେଜ୍-୪, ଷ୍ଟେଜ୍-୫ ବିଡ଼ିଏ କଲୋନୀ, ଶାନ୍ତିନଗର ଆଦି ବିଭିନ୍ନ ଅଞ୍ଚଳରେ ପଦଯାତ୍ରା କରାଯାଇଥିଲା। ଶହ ଶହ ମହିଳା, ପୁରୁଷ ଏହି ପଦଯାତ୍ରାରେ ସାମିଲ ହୋଇ ସୁଲଗ୍ନାଙ୍କ ପ୍ରତି ନିଜର ସମର୍ଥନ ଜାହିର କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶକୁ ପାଥେୟ କରି ଆଗାମୀ ଦିନରେ ବସ୍ତି ବାସିନ୍ଦାଙ୍କ ଥଇଥାନ, ରାସ୍ତା, ଡ୍ରେନ୍ ନିର୍ମାଣ ଆଦି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଛନ୍ତି।

# ଜନ ସମର୍ଥନ ହାତଉଛନ୍ତି ନମିତା

**ଭୁବନେଶ୍ୱର, ୨୨।୩ (ବ୍ୟୁରୋ)** ଦିନକ ପରେ ମହାନଗର ନିଗମ ନିର୍ବାଚନ। ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର୍। ସେଥିପାଇଁ ଉଠୁଛି ପଡୁଛି ରାଜଧାନୀ। ମଙ୍ଗଳବାର ନିର୍ବାଚନ ପ୍ରଚାରର ଶେଷଦିନ ହୋଇଥିବାରୁ ବିଭିନ୍ନ ଦଳର ପ୍ରାର୍ଥୀଙ୍କ ସମେତ ସ୍ୱାଧିନ ପ୍ରାର୍ଥୀମାନେ ଜୋର୍‌ଦାର ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା। ତେବେ ୱାର୍ଡ ନଂ ୫୮ରେ ଟିକେ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଛି। ସ୍ୱାଧିନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଥିବା ନମିତା ମହାପାତ୍ର ସମର୍ଥକଙ୍କ ଗହଣରେ ପଦଯାତ୍ରା କରିଥିଲେ। ସେ ବ୍ରହ୍ମେଶ୍ୱର ମନ୍ଦିରଠାରୁ ଆରମ୍ଭ କରି ରତ୍ନାକରବାଗ୍, ଚିଲିପୋଖରୀ, ଟଙ୍କପାଣି ରୋଡ୍ ଆଦି ସମସ୍ତ ଅଞ୍ଚଳକୁ ପଦଯାତ୍ରା କରିଥିଲେ। ଏଥିରେ ଏକ ହଜାରରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ ଯୋଗଦେଇ ତାଙ୍କ ପ୍ରତି ସେମାନଙ୍କ ଅକୁଣ୍ଠ ସମର୍ଥନ ଜଣାଇଥିଲେ। କାହାର ମିଥ୍ୟା ପ୍ରରୋଚନାରେ ଭାସି ନ ଯାଇ ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ୍ ଦେବା ପାଇଁ ନମିତା ଜନସାଧାରଣଙ୍କୁ ନିବେଦନ କରିଥିଲେ। ନିର୍ବାଚନରେ ସେ ଜୟଯୁକ୍ତ ହେଲେ ୱାର୍ଡରେ ଥିବା ରାସ୍ତା, ଡ୍ରେନ୍ ସମସ୍ୟା ଦୂର କରିବା ସହିତ ବ୍ରହ୍ମେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆହୁରି ଉନ୍ନତ କରିବାକୁ ପ୍ରୟାସ କରିବେ ବୋଲି କହିଛନ୍ତି। ସେହିପରି ରାଜୀବ ଆବାସ ଯୋଜନା ଅନ୍ତର୍ଗତ ବସ୍ତିବାସିନ୍ଦାଙ୍କୁ ଥଇଥାନ କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି।

ନମିତା ପେଶାରେ ଆଇନ୍‌ଜୀବୀ ହୋଇଥିଲେ ମଧ୍ୟ ନିଶା ତାଙ୍କର ସମାଜସେବା। ତେଣୁ ଲୋକଙ୍କ ସେବା କରିବା ପାଇଁ ସେ ଆଗେଇ ଆସିଛନ୍ତି ବୋଲି କହିଛନ୍ତି। ଏହାବ୍ୟତୀତ ସେ ପୂର୍ବତନ କର୍ପୋରେଟର ମଳୟ ମହାପାତ୍ରଙ୍କ ଭଉଣୀ। ମଳୟ ଏହି ୱାର୍ଡରୁ ୨ଥର କର୍ପୋରେଟର ହୋଇ ଅନେକ ବିକାଶମୂଳକ କାର୍ଯ୍ୟ କରିଥିଲେ। ଚଳିତ ଥର ଏହି ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାରୁ ନମିତା ମଇଦାନକୁ ଓହ୍ଲାଇଛନ୍ତି। ସ୍ୱାଧିନ ପ୍ରାର୍ଥୀ ହୋଇଥିଲେ ବି ତାଙ୍କ ପ୍ରତି ଭୋଟରଙ୍କ ବିପୁଳ ସମର୍ଥନ ରହିଥିବା ଦେଖିବାକୁ ମିଳୁଛି।

**ୱାର୍ଡ ନଂ. ୫୮**


ୱାର୍ଡ ନଂ. ୫୮ର ସ୍ୱାଧୀନ ପ୍ରାର୍ଥୀ ନମିତା ମହାପାତ୍ରଙ୍କ ପ୍ରଚାର।























See Career Appointment on every Wednesday & Saturday


ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ସିନେତାରକା ସବ୍ୟସାଚୀ ମିଶ୍ର, ଅର୍ଚ୍ଚିତା ସାହୁ ଶୋଭାଯାତ୍ରାରେ ଯାଉଛନ୍ତି।

# ବିଜେଡି ଶୋଭାଯାତ୍ରାରେ ସିନେତାରକା

ବାଙ୍କୀ,୨୨।୩(ସ୍ୱ:ପ୍ର.)

ବାଙ୍କୀ ଏନ୍‌ଏସି ନିର୍ବାଚନର ଶେଷ ଦିନରେ ବାଙ୍କୀ ବିଜେଡି ପକ୍ଷରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଆ ସିନେତାରକା ସବ୍ୟସାଚୀ ମିଶ୍ର, ଅର୍ଚ୍ଚିତା ସାହୁ ସାମିଲ ହୋଇ ଦଳ ପାଇଁ ପ୍ରଚାର କରିଥିଲେ। ରାଣୀ ଶୁକଦେଇ ମହିଳା ମହାବିଦ୍ୟାଳୟ ନିକଟରୁ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ବାହାରି ଟାଉନ ପରିକ୍ରମା କରିଥିଲା। ଏହି ଅବସରରେ ବିଭିନ୍ନ ୱାର୍ଡରେ ପଥପ୍ରାନ୍ତ ସଭା କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି କାର୍ଯ୍ୟକାରୀ କମିଟି ସଭ୍ୟ ସୁବାସ ଚନ୍ଦ୍ର ପାଢ଼ୀ, କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ସନାତନ ବେହେରା, କଟକ ଜିଲା ବିଜେଡି ଉପସଭାପତି ସନ୍ତୋଷ କୁମାର ରଣା ପ୍ରମୁଖ ଯୋଗଦେଇ ଥିଲେ। ୨୪ ତାରିଖରେ ହେବାକୁ ଥିବା ଏନ୍‌ଏସି ନିର୍ବାଚନରେ ବିଜେଡି ପୌରାଧକ୍ଷ ପ୍ରାର୍ଥିନୀ ମାଣିକ ସାହୁ ଓ କାଉନ୍‌ସିଲର ପ୍ରାର୍ଥୀମାନଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ।


ଚୌଦ୍ୱାର ମ୍ୟୁନିସିପାଲିଟିର ୧୭ ନଂ. ୱାର୍ଡର ବିଜେଡି କାଉନ୍‌ସିଲର ପ୍ରାର୍ଥୀ ଆଶୁତୋଷ ଦାସଙ୍କ ପ୍ରଚାର।




# ବିକାଶ ବନାମ ଭ୍ରଷ୍ଟାଚାର ମୁଖ୍ୟ ପ୍ରସଙ୍ଗ

ନିମାପଡ଼ା,୨୨।୩(ଡି.ଏନ୍.ଏ.)

ନିମାପଡ଼ା ଏନ୍‌ଏସିରେ ଚଳିତ ପୌର ନିର୍ବାଚନରେ ଅଧ୍ୟକ୍ଷା ପଦବୀ ଆସନଟି ମହିଳା ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରହିଛି। ଏହି ନିର୍ବାଚନରେ ବିଜେଡିର ଅଧ୍ୟକ୍ଷା ପ୍ରାର୍ଥିନୀ ଭାବେ ସସ୍ମିତା ସାହୁ, ଭାଜପାର ବିଲୁପ୍ତା ପ୍ରିୟଦର୍ଶିନୀ ମହାନ୍ତି, କଂଗ୍ରେସର ରୀତାରାଣୀ ବସ୍ତିଆ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି।

## ନିମାପଡ଼ା ଏନ୍‌ଏସି: ସସ୍ମିତା, ବିଲୁପ୍ତାଙ୍କ ମଧ୍ୟରେ ଟକ୍କର


ସସ୍ମିତା ସାହୁ


ବିଲୁପ୍ତା ପ୍ରିୟଦର୍ଶିନୀ ମହାନ୍ତି


ରୀତାରାଣୀ ବସ୍ତିଆ

ନିର୍ବାଚନ ପ୍ରଚାରର ଶେଷ ଦିନରେ ୩ ପ୍ରମୁଖ ଦଳର ପ୍ରାର୍ଥିନୀମାନେ ପ୍ରଚାରକୁ ଜୋରଦାର କରିଥିବା ଦେଖିବାକୁ ମିଳିଥିବାବେଳେ ମୁଖ୍ୟତଃ ବିଜେଡି ପ୍ରାର୍ଥିନୀ ସସ୍ମିତା ଓ ଭାଜପାର ବିଲୁପ୍ତାଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳୁଛି। ପ୍ରଚାରରେ ସସ୍ମିତାଙ୍କ ବିଜୟ ପାଇଁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ କର୍ଣ୍ଣଧାର ସାଜି ବିଭିନ୍ନ ପ୍ରଚାର, ଅଭିଯାନ କରି ଜିତାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। ନିମାପଡ଼ାରେ ବିକାଶମୂଳକ କାର୍ଯ୍ୟ, ଅଧୁରା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଅଗ୍ରଣୀ ଏନ୍‌ଏସିର ମାନ୍ୟତା ପାଇଁ ପ୍ରୟାସ ଜାରି ରଖିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ସଫଳତାକୁ ପାଥେୟ କରି ନିର୍ବାଚନ ଲଢୁଥିବା ପ୍ରାର୍ଥିନୀ ସସ୍ମିତା କହିଛନ୍ତି। ଅନ୍ୟପକ୍ଷେ ନିମାପଡ଼ାରେ ବିଜେଡି ନେତାଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ସହ ଏକଚ୍ଛତ୍ରବାଦୀ ଶାସନର ଅବସାନ ଘଟାଇ ନିମାପଡ଼ାକୁ ସ୍ମାର୍ଟ, ବିକଶିତ ସହରରେ ପରିଣତ କରିବା ସହ କୁ ହେଲେ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ବିକାଶମୁଖୀ ଜନକଲ୍ୟାଣ ଯୋଜନାକୁ ପ୍ରତି ଗାଁରେ ପହଞ୍ଚାଇବା ଲକ୍ଷ୍ୟ ନେଇ ପ୍ରାର୍ଥୀ ବିଲୁପ୍ତା ପ୍ରିୟଦର୍ଶିନୀ ପ୍ରଚାର ଚଳାଇଛନ୍ତି। ଭାଜପା ପ୍ରାର୍ଥିନୀଙ୍କ ପାଇଁ ମଙ୍ଗୁଆଳ ସାଜିଥିବା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା ଓ ନେତା ଦିଲୀପ ନାୟକ, ଯୁବ ନେତା ବିମଳେନ୍ଦୁ ସ୍ୱାଇଁ ଘର ଘର ବୁଲି ଭୋଟରଙ୍କୁ ନିବେଦନ କରୁଛନ୍ତି। ବିଜେଡିର ବିଜୟର ଧ୍ୱଜା ଉଡ଼ାଇବାକୁ ପୌରବାସୀ ପ୍ରସ୍ତୁତ ହୋଇସାରିଲେଣି ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ଅନ୍ୟପକ୍ଷେ ବିଜୟର ଦ୍ୱାରଦେଶରେ ଏବେ ଭାଜପା ପହଞ୍ଚି ସାରିଥିବା ନେଇ ଭାଜପା ନେତୃବୃନ୍ଦ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏନ୍‌ଏସି ଅଞ୍ଚଳରେ ବହୁ ସମସ୍ୟା ରହିଛି। ଏହାର ସମାଧାନ ଦିଗରେ ଯେଉଁ ଅଧ୍ୟକ୍ଷା ପ୍ରାର୍ଥିନୀ କାର୍ଯ୍ୟ କରିବେ ତାଙ୍କୁ ହିଁ ଭୋଟ ଦିଆଯିବ ବୋଲି ଭୋଟର କହିଛନ୍ତି।















## ଫଳଚାଷରେ ଉଇ ଦମନ



ଫଳବଗିଚାକୁ ଉଇ ଦାଉରୁ ରକ୍ଷା କରିବା ପାଇଁ ଜଳସେଚନ ପୂର୍ବରୁ କ୍ଲୋରୋପାଇରିଫସ୍ ଗୁଣ୍ଡ ଗଛ ପ୍ରତି ୧୦ରୁ ୨୦ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ । ଦହିଆ ପୋକକୁ ନିୟନ୍ତ୍ରଣ କରିବାକୁ ହେଲେ ଗଛର ଗଣ୍ଡି ଚାରିପଟେ ଗ୍ରୀଜ୍‌ର ଲେପ କିମ୍ବା ମସୃଣ ଟିଣ ବ୍ୟାଣ୍ଡ (୪ ରୁ ୬ ଇଞ୍ଚ ଓସାର) ଭୂମି ପତ୍ତନଠାରୁ ଦେଢ଼ ଫୁଟ ଉଚ୍ଚରେ ଦିଅନ୍ତୁ । ଅଧିକ ଅମଳ ପାଇବା ପାଇଁ ଗଛର ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ । ଆମ୍ବ ଡାହାଣୀ ଦମନ ପାଇଁ ଆମ୍ବ କଷି ଧରିବା ଅବସ୍ଥାରେ ଥରେ ୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ କିମ୍ବା ଥାୟୋମିଥୋକ୍‌ସାମ୍ (୩ଗ୍ରାମ୍) ୧୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିମ୍ପି ତଥା ପାଉଁଶିଆ ରୋଗର ପ୍ରତିକାର ପାଇଁ ବଉଳ ହେବାର ୧୫ ଦିନ ପରେ ଥରେ ସଲ୍‌ଫର (ସେଚିତ ଗୁଣ୍ଡ) ୦.୪% କିମ୍ବା ୦.୧୦% ବାଭିଷ୍ଟିନ୍ ବା ପେନ୍‌କୋନାଜୋଲ୍ ୦.୫ ମି.ଲି./ଲିଟର ପାଣି ସିଞ୍ଚନ କରନ୍ତୁ । ଅଧିକ ଅମଳ ପାଇବା ପାଇଁ ଚଣା ଅବସ୍ଥାରେ ଗଛରେ ପ୍ଲାନୋଫିକ୍ସ କିମ୍ବା ପ୍ଲାନୋଭିଟା ୭ ମି.ଲି.କୁ ୨୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କଷି ଧରି ସାରିଥିଲେ ଜଳସେଚନର ବ୍ୟବସ୍ଥା କରନ୍ତୁ।

## ସୋରିଷରେ ଜଉପୋକ ଲାଗିଲେ..

ସୋରିଷ ଫସଲରେ ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍‌ଜାମ୍ ୨୫ ଏସ୍‌ଜି–୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ। କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମିଲିଲିଟର ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହି ଚାଷରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।



## ଡାଲିଜାତୀୟ ବିହନ ବିଶୋଧନ



ଡାଲିଜାତୀୟ ଫସଲ ପାଇଁ ବିହନ ବିଶୋଧନ କରୁଥିଲେ ୧ କି.ଗ୍ରା. ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ । କଲ୍‌ଚର ପ୍ରୟୋଗର ଏକ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବା ସମ୍ଭାବନା ଅଛି । ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍‌ଏଲ୍ କିମ୍ବା ୧୦୦୦ ମିଲି ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ । ମଟର ଓ ବୁଟର ଝାଉଁଳା ରୋଗର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରାମ୍ ସଲ୍‌ଫର ସେଚିତଗୁଣ୍ଡ କିମ୍ବା ୧ ମି.ଲି. ପ୍ରୋପିକୋନାଜୋଲ ମିଶାଇ ସିଞ୍ଚନ କରନ୍ତୁ ।

## ଆଖୁ କାଟିବା ସମୟରେ..



ଆଖୁ କାଟିବା ବେଳେ ଆଖୁଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ। ମୂଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଆଖୁଗଛକୁ ଏକ ଧାରୁଆ କଟୁରିରେ ଭୂମି ପତ୍ତନ ସହ ସମାନ କରି କାଟି ଦିଅନ୍ତୁ। ଏହାଦ୍ୱାରା ଆଖୁ ଅଧିକ ଅମଳ ହୁଏ ଓ ମୂଳିଆଖୁ ଫସଲ ପାଇଁ ଅଧିକ ଗଜା ବାହାରେ। ଜମିରୁ ଶୁଖିଲା ପତ୍ର ବାହାରକରି କ୍ଷେତକୁ ପରିଷ୍କାର କରନ୍ତୁ। ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ରୁ ଅଧିକ ହେଲେ ଆଖୁ କାଟିବା ଉଚିତ। ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗି ଦିଅନ୍ତୁ। ଏହା ଫଳରେ ପୁରୁଣା ଚେର ନଷ୍ଟ ହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ। ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ଟନ୍ ଗୋବରଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ।

## ପନିପରିବା ଚାଷ କରୁଥିଲେ...



ସମସ୍ତ ପ୍ରକାର କଖାରୁ ଜାତୀୟ ପନିପରିବା ଯଥା କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨–୩ ଟି ସୁସ୍ଥ ସବଳ ଗଛ ରଖି ଅନ୍ୟାନ୍ୟ ଚାରା ଉପାଡ଼ି ଦିଅନ୍ତୁ। ଉନ୍ନତ କିସମ ବା ସଙ୍କର ଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ। ଜମିକୁ ଭଲଭାବରେ ଚାଷକରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବରଖତ ବା ଜିଆଖତ ବ୍ୟବହାର କରନ୍ତୁ। ପ୍ରତ୍ୟେକ ୩ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷାକରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳ ବିନ୍ଧାପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ । ଖରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ । ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ।

# ଗ୍ରୀଷ୍ମଋତୁ ଓ ଫସଲ ଚାଷ



ପ୍ର. ସୁବୋଧ କୁମାର ସାହୁ



ବର୍ଷକ ୬ ଋତୁ ହେଲେ ମଧ୍ୟ ଜଳବାୟୁର ପରିବର୍ତ୍ତନ ଯୋଗୁ ଆମେ ୩ ଗୋଟି ଋତୁ ଉପଲବ୍ଧ କରୁ । ସେଥିମଧ୍ୟରୁ ଗ୍ରୀଷ୍ମଋତୁ ଅନ୍ୟତମ । ଫାଲ୍‌ଗୁନ, ଚୈତ୍ର, ବୈଶାଖ ଓ ଜ୍ୟେଷ୍ଠ ୪ମାସ ଗ୍ରୀଷ୍ମଋତୁ ଭାବେ ଅନୁଭବ ହେଉଛି । ଉକ୍ତ ଋତୁରେ ବାୟୁମଣ୍ଡଳର ଦିନ ସମୟର ଉତ୍ତାପ ୩୫°ରୁ ଫାଲ୍‌ଗୁନ ମାସରେ ଆରମ୍ଭ ହୋଇ ଜ୍ୟେଷ୍ଠ ମାସରେ ୪୫° ପର୍ଯ୍ୟନ୍ତ ପହଞ୍ଚେ । ରାତିରେ ଉତ୍ତାପ ୩୦° ରୁ ୪୦° ମଧ୍ୟରେ ଅନୁଭବ ହୁଏ । ଉତ୍ତାପର ତାରତମ୍ୟକୁ ନେଇ ଉକ୍ତ ୪ ମାସ ମଧ୍ୟରେ ସମୟେ ସମୟେ ସ୍ୱଳ୍ପ ବର୍ଷା ହୁଏ । କେତେକ ସମୟରେ କୁଆ ପଥର ବର୍ଷା ମଧ ହୁଏ । ବାୟୁମଣ୍ଡଳର ଜଳୀୟ ବାଷ୍ପ ପରିମାଣ ପ୍ରାୟ ୭୫ ରୁ ୯୦ ଶତକଡ଼ା ଥାଏ । ଏହି ସମୟରେ ପବନର ବେଗ ୧୫ ରୁ ୨୦ କି.ମି. ମଧ୍ୟରେ ରହେ । କେତେକ ସମୟରେ ବାୟୁମଣ୍ଡଳ ଉତ୍ତପ୍ତ ହୋଇ ଘୂର୍ଣ୍ଣିବାତ୍ୟା ସୃଷ୍ଟି ହୁଏ । ଗ୍ରୀଷ୍ମଋତୁରେ ବେଳେ ବେଳେ କାଳବୈଶାଖୀ ଯୋଗୁ ପବନର ବେଗ ୩୦ ରୁ ୪୦ କି.ମି. ହୋଇ ବର୍ଷା ମଧ୍ୟ ହୁଏ । ଏହି ଋତୁରେ ପ୍ରଚୁର ସୂର୍ଯ୍ୟାଲୋକ ଭୂପୃଷ୍ଠକୁ ଆସେ । ଦିନ ବଡ଼ ଓ ରାତି ଛୋଟ ହୁଏ । ଋତୁର ପ୍ରଥମ ଭାଗରେ ଘନ କୁହୁଡ଼ି ହୁଏ । ଅତ୍ୟଧିକ ଉତ୍ତାପ ଯୋଗୁ କୂଅ ପୋଖରୀ ଶୁଖି ଜଳକଷ୍ଟ ଅନୁଭବ ହୁଏ । ବାଲିଆମାଟି ଉତ୍ତପ୍ତ ହୁଏ ଏବଂ ଚିକିଟାମାଟି ଫାଟେ । ଅଧିକାଂଶ ଚାଷଜମି ପଡ଼ିଆ ରହେ । ଉପରୋକ୍ତ ସମସ୍ୟା ମଧ୍ୟରେ ଜଳସେଚନର ସୁବିଧା ଦେଖି ବିଭିନ୍ନ ଫସଲ ଚାଷ ପାଇଁ ଚାଷୀ ଚେଷ୍ଟାକରେ । ଗ୍ରୀଷ୍ମଋତୁରେ ବିଭିନ୍ନ ଫସଲ ମଧ୍ୟରେ ସଅଳ କିସମ ଧାନ, ତୈଳବୀଜ, ଡାଲିଜାତୀୟ ଫସଲ ଏବଂ ଖରାଟିଆ ପନିପରିବା, ତନ୍ତୁଜାତୀୟ ଫସଲ ନଳିତା ଆଦି ମୁଖ୍ୟ ।

ଉଠା ଜଳସେଚନର ସୁବିଧା ଥିଲେ ସଅଳ କିସମ ଧାନ ଯଥା ହୀରା, ରୁଦ୍ର, ଶଙ୍କର, ସୁଭଦ୍ରା, କଳିଙ୍ଗ ୩ ନମ୍ବର, ପଥରା, ପାରିଜାତ ଆଦି ୧୦୦ ଦିନ ମଧ୍ୟରେ ଅମଳ ହେଉଥିବା ଧାନଚାଷ କରାଯାଏ । ଏକରକୁ ୨୪ କିଲୋ ଯବକ୍ଷାରଜାନ ସହ ଫସ୍‌ପେଟ ଓ ପଟାସ ପ୍ରତ୍ୟେକରୁ ୧୨ କିଲୋ ପ୍ରୟୋଗ କରାଯାଇ ୩ସପ୍ତାହର ତଳି ରୁଆଯାଏ । କେନାଲ ଜଳସେଚନର ସୁବିଧା ଥିଲେ ମଧ୍ୟମ କିସମ ଅର୍ଥାତ୍ ୧୧୫ରୁ ୧୩୫ ଦିନିଆ ଧାନ ଯଥା ଲଲାଟ, ସାରଥି, ଦୟା, ଆଇ ଆରି ୩୬, ଶ୍ରାବଣୀ, ଭୁବନ, ଯଯାତି, ଉଦୟ ଆଦିରେ ୩୦ କିଲୋ, ଯବକ୍ଷାରଜାନ ସହ ଫସ୍‌ପେଟ ଓ ପଟାସ ପ୍ରତ୍ୟେକରୁ ୧୫ କିଲୋ ପ୍ରୟୋଗ ହୁଏ । ପ୍ରଚୁର ସୂର୍ଯ୍ୟକିରଣ ପାଇ ଖରାଦିନିଆ ଧାନ ରାସାୟନିକ ସାରର ପ୍ରୟୋଗ ଦ୍ୱାରା ଶତକଡ଼ା ୪୦ରୁ ୮୦ ଭାଗ ଗ୍ରହଣ କରି ଭଲ ପିଲ ଦିଏ ଏବଂ ଆଶାନୁରୂପକ ଅମଳ ହୁଏ ।

> "ଗ୍ରୀଷ୍ମଋତୁରେ ଜଳସେଚନର ଠିକ୍ ପରିଚାଳନା କରିବା ଉଚିତ । କାରଣ ଏହି ସମୟରେ ଦିନକୁ ଛୋଟ କିସମ ଧାନରୁ ୫ରୁ ୬ ମିଲିମିଟର ଏବଂ ମଧ୍ୟମ କିସମ ଧାନରୁ ୧୦ ରୁ ୧୫ ମିଲିମିଟର ପାଣି ପ୍ରସ୍ୱଦନ ଦ୍ୱାରା ବାଷ୍ପ ଆକାରରେ ଚାଲିଯାଏ । ସେହିପରି ସୂର୍ଯ୍ୟତାପ ଯୋଗୁ ଧାନକ୍ଷେତରୁ ଦିନକୁ ୩ ରୁ ୬ ମିଲିମିଟର ପାଣି ବାଷ୍ପୀକରଣ ଏବଂ ମାଟିର ବତର ଅନୁସାରେ ୧.୦ ରୁ ୯.୮ ମିଲିମିଟର ପାଣି ଅଶ୍ରବଣ ଦ୍ୱାରା ନଷ୍ଟ ହୁଏ । ଜଳର ଏପରି ନଷ୍ଟକୁ ପୂରଣ ପାଇଁ ଧାନକ୍ଷେତରେ ସର୍ବଦା ୩ ରୁ ୪ ସେ.ମି .ଠିଆ ପାଣି ରଖିବା ଉଚିତ୍ ।"

ଗ୍ରୀଷ୍ମଋତୁରେ ଜଳସେଚନର ଠିକ୍ ପରିଚାଳନା କରିବା ଉଚିତ । କାରଣ ଏହି ସମୟରେ ଦିନକୁ ଛୋଟ କିସମ ଧାନରୁ ୫ରୁ ୬ ମିଲିମିଟର ଏବଂ ମଧ୍ୟମ କିସମ ଧାନରୁ ୧୦ ରୁ ୧୫ ମିଲିମିଟର ପାଣି ପ୍ରସ୍ୱଦନ ଦ୍ୱାରା ବାଷ୍ପ ଆକାରରେ ଚାଲିଯାଏ । ସେହିପରି ସୂର୍ଯ୍ୟତାପ ଯୋଗୁ ଧାନକ୍ଷେତରୁ ଦିନକୁ ୩ ରୁ ୬ ମିଲିମିଟର ପାଣି ବାଷ୍ପୀକରଣ ଏବଂ ମାଟିର ବତର ଅନୁସାରେ ୧.୦ ରୁ ୯.୮ ମିଲିମିଟର ପାଣି ଅଶ୍ରବଣ ଦ୍ୱାରା ନଷ୍ଟ ହୁଏ । ଜଳର ଏପରି ନଷ୍ଟକୁ ପୂରଣ ପାଇଁ ଧାନ କ୍ଷେତରେ ସର୍ବଦା ୩ ରୁ ୪ ସେ.ମି ଠିଆପାଣି ରଖିବା ଉଚିତ୍ ।

ଗ୍ରୀଷ୍ମଋତୁରେ ଜଳସେଚିତ ଡାଲିଜାତୀୟ ଫସଲ ପାଇଁ ମୁଗ, ବିରି ଓ ଝୁଡ଼ଙ୍ଗ ସଫଳତାର ସହ ହୋଇପାରିବ। ମୁଗ ପାଇଁ ପୁଷା ବୈଶାଖୀ, ସୁଜାତା ଓ ଧଉଳି ଉପଯୁକ୍ତ । ବିରି ପାଇଁ ଟି–୯ ନମ୍ବର ଏବଂ ଝୁଡ଼ଙ୍ଗ ପାଇଁ ଏଫ୍‌ଏସ୍ ୮ ନମ୍ବର ଭଲ । ଏକରକୁ ୧୬ କିଲୋ ଫସ୍‌ଫେଟ ସାର ସହ ଜୀବାଣୁ ସାର ପ୍ରୟୋଗକରି ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନରେ ବୁଣିଲେ ଫସଲ ଅଧିକ ସୂର୍ଯ୍ୟକିରଣ ପାଇ ଝଙ୍କାଳିଆ ହୋଇ ବଢ଼େ । ବାଲିଆ ମାଟିରେ ୭ ରୁ ୮ ଦିନରେ ପଟୁମାଟିରେ ୧୦ ରୁ ୧୨ ଦିନରେ ଏବଂ ଚିକିଟାମାଟିରେ ୧୫ ରୁ ୧୭ ଦିନରେ ଜଳସେଚନ କଲେ ଫସଲରୁ ୬୦ ରୁ ୭୦ ଦିନରେ ୩ ରୁ ୪ କୁଇଣ୍ଟାଲ ଅମଳ ମିଳେ ।

ଗ୍ରୀଷ୍ମଋତୁରେ ତୈଳବୀଜ ଫସଲ ଭାବେ ଚିନାବାଦାମ ପାଇଁ ଏକ ୧୨–୨୪, ରାଶି ପାଇଁ ବିନାୟକ, କନକ ଓ କାଳିକା ଏବଂ ସୂର୍ଯ୍ୟମୁଖୀ ପାଇଁ–୬୮୪୧୩ ଓ ସନ୍‌ରାଇଜ ଉତ୍କୃଷ୍ଟ । ସୂର୍ଯ୍ୟମୁଖୀ ମଞ୍ଜିକୁ ୨୪ ଘଣ୍ଟା ପାଣିରେ ବତୁରାଇ ୪୫ ସେ.ମି. ବ୍ୟବଧାନରେ ଧାଡ଼ିରେ ବୁଣିଲେ ପ୍ରଚୁର ସୂର୍ଯ୍ୟକିରଣ ପାଇ ଗଛ ଭଲ ବଢ଼େ। ଜଳସେଚିତ ଚିନାବାଦାମକୁ ବାଲିଆ ଓ ପଟୁ କିସମ ମାଟିରେ ବୁଣିଲେ ଭଲ ପରାଗ ସଙ୍ଗମ ହୋଇ ସ୍ତ୍ରୀକେଶର ଧାରିକା ସହଜରେ ମାଟିରେ ପ୍ରବେଶକରି ଅଧିକ ଅମଳ ଦିଏ । ତୈଳବୀଜ ଫସଲ ୩ରୁ ୪ଥର ଜଳସେଚନ ଆବଶ୍ୟକ କରେ।



ତୈଳବୀଜ ଫସଲର ଫୁଲଫୁଟିବା ଏବଂ ମଞ୍ଜି ପାକଳ ହେବା ସମୟରେ ଜଳସେଚନ ଜରୁରୀ ଆବଶ୍ୟକ । ଗ୍ରୀଷ୍ମଋତୁରେ ଜଳସେଚନର ସୁବିଧା ଥିଲେ ଉତ୍ତମ ଉତ୍ତାପ ଓ ଅଧିକ ସୂର୍ଯ୍ୟକିରଣ ହେତୁ ପନିପରିବା ଯଥା ପୋଟଳ, ବାଇଗଣ, ଭେଣ୍ଡି, କଲରା, କଖାରୁ, ଜହ୍ନି, ଛଚିନ୍ଦ୍ରା ଏବଂ ଶାଗ ଯଥା ଖଡ଼ା, ଲେଉଟିଆ ଓ ପୋଇ ଆଦି ଭଲ ହୁଏ । ପୋଟଳ ପାଇଁ ସ୍ଥାନୀୟ ଲମ୍ବ କିସମ ଉତ୍କୃଷ୍ଟ । ଫୁଲ ଓ ଫଳ ଆସିବା ସମୟରେ ପୋଟଳକୁ ଜଳସେଚନ କରିବା ଉଚିତ୍ । ଏହାଦ୍ୱାରା ଖରାରେ ପୋଟଳ ଫାଟେ ନାହିଁ । ବାଇଗଣ ପାଇଁ ପୁଷାକ୍ରାନ୍ତି ଓ ପୁଷାପର ପଲ ଲଙ୍ଗ୍ ଭଲ। ଉକ୍ତ କିସମ ବାଙ୍ଗରା ଗୋଛାଳିଆ ହୋଇ ବଢ଼ି ମାଟିର ଜଳ ଉତ୍ସ୍ୱେଦନ ପ୍ରକ୍ରିୟା କମାଏ । ଭେଣ୍ଡି କିସମ ମଧ୍ୟରୁ ପୁଷାସ୍ୱାଳି ଓ ବିଓ–୧ ନମ୍ବର ଭଲ ଅମଳ ଦିଏ । ଉକ୍ତ କିସମ ଭଲ ସୂର୍ଯ୍ୟକିରଣ ପାଇ ପ୍ରତ୍ୟେକ ପତ୍ର ଶାଖାରେ ଫଳ ଆସେ । ଖରାଦିନେ କଲରା କିସମ କୋଏମ୍ବାଟୁର ଲଙ୍ଗ୍, ଗ୍ରୀନ୍ ଲଙ୍ଗ୍ ଓ କୁଜି କିସମ ଭଲ ବଢ଼େ । ଉତ୍ତାପ ବଢ଼ିଲେ ଉକ୍ତ କଲରା ଭଲ ଲଟି ହୋଇ ଅଧିକ ଫୁଲ ଓ ଫଳ ଦିଏ । ସାତପତୁରି ଜହ୍ନି ଗ୍ରୀଷ୍ମଋତୁରେ ଜଳସେଚନ ପାଇ ଭଲ ଅମଳ ଦିଏ । କଖାରୁ କିସମ ଯଥା ଗୁଆମାଳ, ବୈଦ୍ୟବାଟିକା ଓ ଆର୍କା ଚନ୍ଦନ ଗ୍ରୀଷ୍ମଋତୁରେ ମାଟିରେ ଲଟି ବହୁତ ଫଳେ । ୩ରୁ ୪ ଗୋଟି କଖାରୁ ମଞ୍ଜି ମନ୍ଦାରେ ଖତସାର ଦେଇ ଲଗାଇ ଉଠା ପାଣିରେ ଜଳସେଚନ କଲେ କମ୍ ଜଳ ଆବଶ୍ୟକ ହୁଏ ଓ ଭଲ ଫୁଲ ଫଳ ଆସେ । ଖରାଦିନେ ତନ୍ତୁଜାତୀୟ ଫସଲ ମଧ୍ୟରେ ନଳିତା ଚାଷ ଲାଭଜନକ । ନଳିତା ଦୁଇ ପ୍ରକାରର ଯଥା ପିତା ଓ ମଧୁର । ପିତା ନଳିତା ପାଇଁ ସବୁଜସୋନା ଓ ଶ୍ୟାମଳୀ କିସମ ଉତ୍କୃଷ୍ଟ । ଉକ୍ତ ନଳିତା ଖାଲ କିସମ ଜମି ଓ ଚିକିଟାମାଟିରେ ଭଲ ବଢ଼େ । ମଧୁର ନଳିତା ପାଇଁ ବାସୁଦେବ, ବୈଶାଖୀ, ତୋଷା, ଚୈତାଳି ଢିପଜମିର ବାଲିଆମାଟିରେ ଭଲ ହୁଏ । ପିତା ନଳିତା ଚୈତ୍ର ମାସରେ ବୁଣିଲା ବେଳେ ମଧୁର ନଳିତା ବୈଶାଖ ମାସରେ ବୁଣାଯାଏ । ସୂର୍ଯ୍ୟ ତାପ ବଢ଼ିଲେ ନଳିତା ଭଲ ବଢ଼େ । ନଳିତା ଯଦିଓ ମରୁଡ଼ି ସହଣୀ, ଏହା ବଢ଼ିବା ସମୟରେ ବର୍ଷା ହେବା ପର୍ଯ୍ୟନ୍ତ ୨ ରୁ ୩ଟି ଜଳସେଚନ ଆବଶ୍ୟକ କରେ । ଗ୍ରୀଷ୍ମଋତୁରେ ହେଉଥିବା ଉତ୍ତାପ, ସୂର୍ଯ୍ୟାଲୋକ, ବାୟୁମଣ୍ଡଳର ଜଳୀୟକଣା, ସମୟ ଉପଯୋଗୀ ବର୍ଷା ଓ ଜଳସେଚନର ସୁଯୋଗ ନେଇ ଚାଷୀ ଖରାଦିନିଆ ବିଭିନ୍ନ ଫସଲ ଚାଷ କଲେ ନିଶ୍ଚୟ ଲାଭବାନ୍ ହେବେ ।

–ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ:୯୫୫୬୭୨୬୬୯୮୫

# ଚାଷୀଙ୍କ ପାଇଁ...

- ଗୋରୁଙ୍କୁ ଛାଇରେ ରଖନ୍ତୁ ଏବଂ ପରିଷ୍କାର ପାଣି ପିଇବାକୁ ଦିଅନ୍ତୁ । ଦୁଧିଆଳୀ ଓ ଗର୍ଭବତୀ ଗାଈଙ୍କୁ ପ୍ରତିଦିନ ଅନ୍ୟାନ୍ୟ ଖାଦ୍ୟ ସହ ୩୦ ଗ୍ରାମ୍ ରୁ ୫୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ନିଶ୍ଚୟ ଦିଅନ୍ତୁ।
- ମାର୍ଚ୍ଚ ମାସ ବେଳକୁ ବିନା ବର୍ଷାରେ ଚରିବା ପାଇଁ ଘାସ ଯଥେଷ୍ଟ ମିଳେ ନାହିଁ। ତେଣୁ ଛେଳି ଓ ମେଣ୍ଢାମାନଙ୍କୁ ଚରି ଆସିଲା ପରେ ଯଥେଷ୍ଟ ଡାଳପତ୍ର କାଟି ଖାଇବାକୁ ଦେବା ଉଚିତ ଓ ଛେଳି ବା ମେଣ୍ଢା ପିଛା ଦୈନିକ ୧୦୦ରୁ୨୦୦ ଗ୍ରାମ୍ ସନ୍ତୁଳିତ ଦାନା ଖାଇବାକୁ ଦେଲେ ସେମାନେ ଅଧିକ ଓଜନର ହୁଅନ୍ତି ।
- ବର୍ତ୍ତମାନ କୁକୁଡ଼ା ଗୃହର ଭିତର ଉତ୍ତାପ ଦିନରେ ପାଖାପାଖି ୩୫୦ ରୁ ୪୦୦ ସେଲ୍‌ସିୟସ୍ ରହୁଥିଲେ କୁକୁଡ଼ା ଚିଆଁ ପାଳନ ପାଇଁ ଏହାଠାରୁ ଅଧିକ ଉତ୍ତାପ ଦିଅନ୍ତୁ ନାହିଁ ଏବଂ ଗୃହର ଝରକାରେ ଓଦା ଅଖା ଓହଳାଇବା ବ୍ୟବସ୍ଥା କରନ୍ତୁ। ଟିଣ, ଆଜବେଷ୍ଟସ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ ।



- ଏକ ହେକ୍ଟର ବିଶିଷ୍ଟ ପୋଖରୀ ପାଇଁ ଦୈନିକ ୭.୫ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୭.୫ କି.ଗ୍ରା. ଚିନାବାଦାମ ପିଡ଼ିଆର ମିଶ୍ରଣ ପ୍ରସ୍ତୁତ କରି ମାଛମାନଙ୍କୁ ଖାଇବାକୁ ଦିଅନ୍ତୁ ।
- ଆଳୁ ଖୋଳିବା ପରେ ତାହାକୁ ପବନ ଚଳାଚଳ କରୁଥିବା ଛାଇ ଜାଗାରେ (ଖୋଲାଘର, ଛାତ ଥିବା ଖଳା ପ୍ରଭୃତି) ପତଳା ସ୍ତରରେ ୬–୮ ଦିନ ରଖି ୩–୪ ଦିନ ଅନ୍ତରରେ ପୋଚା ଆଳୁକୁ ଅଲଗା କରିବା ଆବଶ୍ୟକ ।

## ମଲ୍ଲୀ ଗଛରେ କଟା କଲମି



ମଲ୍ଲୀ ଗଛରେ କଟା କଲମି ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ପଟାଳିକରି କଲମିଗୁଡ଼ିକୁ ପୋତିଦେଲେ ୨/୩ ମାସ ମଧ୍ୟରେ ଚେର ହୋଇଯାଏ। ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍–ବି ରୁଟେକ୍ସ ହର୍‌ମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟା ଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକ ୬୦ସେ.ମି. ଲମ୍ବ, ୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା.ରୁ ୧୦କି.ଗ୍ରା. ଶଢ଼ା ଗୋବରଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣକରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମି କିମ୍ବା ଗୁଟି କଲମି ଦ୍ୱାରା ହୁଏ।



ସିବିଆଇ, ଇଡି ଏବଂ ଅନ୍ୟ କେନ୍ଦ୍ରୀୟ ସଂସ୍ଥାଗୁଡିକ ଭାଜପା ନେତୃତ୍ୱାଧୀନ ସରକାରଙ୍କ ସବୁଠୁ ବଡ଼ ସହଯୋଗୀ।

- ଶତ୍ରୁଘ୍ନ ସିହ୍ନା, ଆସାନସୋଲର ଟିଏମ୍‌ସି ପ୍ରାର୍ଥୀ

# କ୍ୱିଭ୍ ଉପାନ୍ତରୁ ରୁଷିଆ ବେଦଖଲ

## ମାରିଉପୋଲରେ ଘମାଘୋଟ ଲଢ଼େଇ

**କ୍ୱିଭ୍, ୨୨।୩**

ରୁଷିଆ-ୟୁକ୍ରେନ୍ ଯୁଦ୍ଧ ମଙ୍ଗଳବାର ୨୭ ଦିନରେ ପହଞ୍ଚିଥିବା ବେଳେ ଲଢ଼େଇ ଥମିବାର କୌଣସି ଉପାୟ ବାହାରିପାରିନାହିଁ। ଉଭୟ ପକ୍ଷଙ୍କ ପ୍ରତିନିଧି ପୂର୍ବରୁ ସ୍ଥଗିତ ଥିବା ଆଲୋଚନା ସୋମବାର ଆଗେଇ ନେଇଥିଲେ ହେଁ ଯୁଦ୍ଧବିରତି ଦିଗରେ ଏହା ସଫଳ ହୋଇପାରିନାହିଁ। ୟୁକ୍ରେନ୍ ରାଜଧାନୀ କ୍ୱିଭ୍ ସମେତ ପୂର୍ବ ଭାଗରେ ଥିବା ବନ୍ଦର ସହର ମାରିଉପୋଲ, ଓଡେଶା ଆଦି ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ଦଖଲ କରିବାକୁ ରୁଷିଆ ନିଜର ବଳ ପ୍ରୟୋଗ କରିଚାଲିଛି। ରୁଷୀୟ ସୈନ୍ୟଙ୍କୁ ରୋକିବା ପାଇଁ ୟୁକ୍ରେନ୍ ସୁରକ୍ଷାବଳ ରାସ୍ତାଘାଟରେ ସେମାନଙ୍କ ସହ ଲଢ଼େଇ ଜାରି ରଖିଛନ୍ତି। ଏହା ଭିତରେ କ୍ୱିଭ୍ ପାଇଁ ଗୁରୁତ୍ୱ ରଖୁଥିବା ଏକ ଉପାନ୍ତ ଅଞ୍ଚଳ ମକାରିଭ୍‌କୁ ରୁଷୀୟ ସୈନ୍ୟ କବ୍‌ଜା କରିଥିବାବେଳେ ତାହାକୁ ମୁକ୍ତ କରାଯାଇଥିବା ୟୁକ୍ରେନ୍ ମଙ୍ଗଳବାର ଦାବି କରିଛି। ସେପଟେ ମାରିଉପୋଲରେ ଅସ୍ତ୍ର ଛାଡ଼ିବାକୁ ୟୁକ୍ରେନ୍ ମନା କରିବା ପରେ ରୁଷିଆ ସେଠାରେ ଧ୍ୱଂସଲୀଳା ଚଳାଇଛି।

ମକାରିଭ୍‌ରୁ ମସ୍କୋ ସୈନ୍ୟଙ୍କୁ ହଟାଯିବା ପରେ ତାହାକୁ କ୍ୱିଭ୍ ସୁରକ୍ଷାବଳ ନିଜ ନିୟନ୍ତ୍ରଣରେ ରଖିଥିବା ୟୁକ୍ରେନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମକାରିଭ୍ ଦେଇ ଯାଇଥିବା ରାଜପଥରେ ୟୁକ୍ରେନ୍ ସୈନ୍ୟ ଜଗି ରହି କ୍ୱିଭ୍‌କୁ ଉତ୍ତର-ପଶ୍ଚିମ ପଟୁ ଘେରିବା ପାଇଁ ରୁଷିଆକୁ ରୋକିପାରିବେ। ତେବେ କ୍ୱିଭ୍‌ର ଉତ୍ତର-ପଶ୍ଚିମରେ ଥିବା ଉପାନ୍ତ ଅଞ୍ଚଳ ବୁଚା, ହୋଷ୍ଟୋମେଲ, ଇରପିନ୍‌ର କେତେକ ଅଂଶକୁ ରୁଷିଆ ମାଡ଼ି ବସିଥିବା ଜଣାପଡ଼ିଛି। ସେଠାରୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଫୋର୍ସ ଏୟାର ପାୱାର ଏବଂ ଆର୍ଟିଲାରୀ ବ୍ୟବହାର କରି ୟୁକ୍ରେନ୍ ସହରଗୁଡ଼ିକୁ ଟାର୍ଗେଟ କରୁଛନ୍ତି। ଆମେରିକାର ଜଣେ ବରିଷ୍ଠ ପ୍ରତିରକ୍ଷା ଅଧିକାରୀଙ୍କ କହିବା ଅନୁସାରେ, ଗତ ୨ ଦିନରେ ରୁଷିଆ ୟୁକ୍ରେନ୍‌ରେ ଏୟାର ଷ୍ଟ୍ରାଇକ୍ ବଢ଼ାଇଛି। କେବଳ ୨୪ ଘଣ୍ଟାରେ ପ୍ରାୟ ୩୦୦ ଥର ଏୟାର ଷ୍ଟ୍ରାଇକ୍ କରିଛି। ଆକ୍ରମଣ ଦିନଠାରୁ ମସ୍କୋ ୧,୧୦୦ରୁ ଅଧିକ କ୍ଷେପଣାସ୍ତ୍ର ଛାଡ଼ି ସାରିଲାଣି। ଆଗକୁ ଆହୁରି ଖରାପ ସ୍ଥିତି ଉପୁଜିବ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି।



ଇଭାନୋ ପ୍ରାଙ୍କିଭିସ୍କଠାରେ ଥିବା ଏକ ଶୁଟିଂ ସେଣ୍ଟରରେ ୟୁକ୍ରେନ୍ ମହିଳାମାନେ ବନ୍ଧୁକ ଚାଳନା ତାଲିମ ନେଉଛନ୍ତି।

## ସଂକ୍ଷେପରେ

### ଘୃଣା ବିସ୍ତାର ପାଇଁ 'କଶ୍ମୀର ଫାଇଲ୍ସ' ଟିକସମୁକ୍ତ



ଫାରୁକ୍ ଅବଦୁଲା

**ନୂଆଦିଲ୍ଲୀ, ୨୨।୩:** କଶ୍ମୀର ପଣ୍ଡିତଙ୍କ ଗଣହତ୍ୟା ଏବଂ ସେମାନଙ୍କ ପଳାୟନକୁ ନେଇ ନିର୍ମିତ ଫିଲ୍ମ 'ଦ କଶ୍ମୀର ଫାଇଲ୍ସ' ଉପରେ ଜମ୍ମୁ-କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲା ପ୍ରତିକ୍ରିୟା ରଖିଛନ୍ତି। ଏହି ଚଳଚ୍ଚିତ୍ରକୁ ଟିକସ ମୁକ୍ତ ଘୋଷଣା କରି ଭାଜପା ସରକାର ଲୋକଙ୍କ ହୃଦୟରେ ଘୃଣା ବଢ଼ାଇବାକୁ ଚାହୁଁଥିବା ସେ ଅଭିଯୋଗ କରିଛନ୍ତି। ଫାରୁକ୍ କହିଛନ୍ତି, କଶ୍ମୀର ଫାଇଲ୍ସକୁ ପ୍ରତ୍ୟେକ ପୋଲିସ, ଯବାନଙ୍କ ସମେତ ଦେଶବାସୀ ଦେଖିବା ଉଚିତ ବୋଲି ଭାଜପା କହୁଛି। ଏହା ଦ୍ୱାରା ସେମାନେ ଆମକୁ ଅଧିକ ଘୃଣା କରିପାରିବେ, ଯେପରି ସ୍ଥିତି ଜର୍ମାନୀରେ ଆଡଲଫ୍ ହିଟ୍‌ଲର ସୃଷ୍ଟି କରିଥିଲେ। ସେତେବେଳେ ୬୦ ଲକ୍ଷ ଇହୁଦୀଙ୍କୁ ଏହାର ପରିଣାମ ଭୋଗିବାକୁ ପଡ଼ିଥିଲା। ହେଲେ ଭାରତରେ କେତେ ନାଗରିକଙ୍କୁ ଏହାର ମୂଲ୍ୟ ଦେବାକୁ ପଡ଼ିବ ତାହା ଜଣାନାହିଁ ବୋଲି କହିଛନ୍ତି। ସେହିପରି ୧୯୯୦ରେ କଶ୍ମୀର ପଣ୍ଡିତଙ୍କ ସହ ହୋଇଥିବା ଅମାନବୀୟ ବ୍ୟବହାର ପାଇଁ ସେ ଦାୟୀ ନୁହନ୍ତି ବୋଲି ମଧ କହିଛନ୍ତି। ଯଦି ସେ ଦୋଷୀ ବୋଲି ପ୍ରମାଣିତ ହୁଏ, ତେବେ ଦେଶର ଯେ କୌଣସି ସ୍ଥାନରେ ସେ ଫାଶୀ ସ୍ୱୀକାର କରିବେ ବୋଲି ଦୃଢ଼ୋକ୍ତି ବାଢ଼ିଛନ୍ତି।

### ଲାଲୁ ଗୁରୁତର, ଏମ୍ସରେ ଭର୍ତ୍ତି

**ନୂଆଦିଲ୍ଲୀ, ୨୨।୩:** ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧକ୍ଷ ଲାଲୁ ପ୍ରସାଦ ଯାଦବଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତାଙ୍କୁ ମଙ୍ଗଳବାର ରାଞ୍ଚିର ରାଜେନ୍ଦ୍ର ମେଡିକାଲରୁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ହୃତ୍‌ପିଣ୍ଡ ଏବଂ ବୃକକ୍‌ରେ ସମସ୍ୟା ରହିଥିବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଏମ୍ସ ପଠାଯାଇଥିବା ରାଜେନ୍ଦ୍ର ହସ୍ପିଟାଲର ନିର୍ଦ୍ଦେଶକ କାମେଶ୍ୱର ପ୍ରସାଦ କହିଛନ୍ତି। ଗୋଖାଦ୍ୟ ଦୁର୍ନୀତି ମାମଲାରେ ଲାଲୁଙ୍କୁ ଝାଡ଼ଖଣ୍ଡର ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ଗତ ଫେବୃୟାରୀରେ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ଜେଲଦଣ୍ଡ ନିର୍ଦ୍ଦେଶ ଦେଇଥିଲେ। ଜାମିନ ପାଇଁ ଲାଲୁ ଝାଡଖଣ୍ଡ ହାଇକୋର୍ଟରେ ଆବେଦନ କରିଥିଲେ। ଗତ ୧୧ ତାରିଖରେ କୋର୍ଟ ଏହି ଆବେଦନର ଶୁଣାଣିକୁ ଏପ୍ରିଲ ୧ ପର୍ଯ୍ୟନ୍ତ ଘୁଞ୍ଚାଇଥିଲେ।

### ୨ ଶିକ୍ଷୟିତ୍ରୀଙ୍କୁ ହତ୍ୟା, ଛାତ୍ର ଗିରଫ

**ଷ୍ଟକ୍‌ହୋମ୍, ୨୨।୩:** ସୁଇଡେନ୍‌ର ମାଲ୍‌ମୋ ସହରରେ ଜଣେ ୧୮ ବର୍ଷୀୟ ହାଇସ୍କୁଲ ଛାତ୍ର ୨ ଶିକ୍ଷୟିତ୍ରୀଙ୍କୁ ହତ୍ୟା କରିଛନ୍ତି। ଘଟଣା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ନାଁରେ କୌଣସି ଆପରାଧିକ ରେକର୍ଡ ନ ଥିବାବେଳେ ସେ କାହିଁକି ଓ କିପରି ଉଭୟଙ୍କୁ ହତ୍ୟା କରିଛନ୍ତି ତାହା ଜଣାପଡ଼ିନାହିଁ। ସ୍କୁଲର ତୃତୀୟ ମହଲାରେ ଛାତ୍ର ଜଣକ ଶିକ୍ଷୟିତ୍ରୀଙ୍କୁ ଆକ୍ରମଣ କରିବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପୋଲିସ ପହଞ୍ଚି ସେଠାରେ ମୃତଦେହ ଉଦ୍ଧାର ସହ ଅଭିଯୁକ୍ତଙ୍କଠାରୁ କିଛି ମାରଣାସ୍ତ୍ର ଜବତ କରିଛି।

### ପାକିସ୍ତାନରେ ହିନ୍ଦୁ ଯୁବତୀଙ୍କୁ ହତ୍ୟା



**ଇସଲାମାବାଦ୍, ୨୨।୩:** ପାକିସ୍ତାନ ସୁକୁର ରୋହିରରେ ଜଣେ ହିନ୍ଦୁ ଯୁବତୀଙ୍କୁ ଗୁଳି କରି ହତ୍ୟା କରାଯାଇଛି। ମୃତ ଯୁବତୀଙ୍କ ନାମ ପୂଜା ଓଏଡ୍ ଓ ଘର ସିନ୍ଧରେ। ୧୮ ବର୍ଷୀୟା ପୂଜାଙ୍କୁ ଦୁର୍ବୃତ୍ତମାନେ ଅପହରଣ ଉଦ୍ୟମବେଳେ ସେ ପ୍ରତିବାଦ କରିବାରୁ ହତ୍ୟାର ଶିକାର ହୋଇଥିଲେ। ଶତାଧିକ ହିନ୍ଦୁ ଓ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଇଥିବା ମାନବାଧିକାର କର୍ମୀମାନେ ଅଭିଯୋଗ ଆଣିଛନ୍ତି । ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କୁ ଧର୍ମ ପରିବର୍ତ୍ତନ ପାଇଁ ବାଧ କରାଯାଉଥିବାବେଳେ ଅଧିକ ମାତ୍ରାରେ ମହିଳା ଏହାର ଶିକାର ହେଉଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ ପାକିସ୍ତାନ ସରକାର ଏ ନେଇ କୌଣସି ପଦକ୍ଷେପ ନେଉ ନ ଥିବା କାରଣରୁ ସଂଖ୍ୟାଲଘୁଙ୍କ ଉପରେ ମୁସଲମାନଙ୍କ ଅତ୍ୟାଚାର ବଢ଼ିଚାଲିଛି। ପାକିସ୍ତାନରେ ମୋଟ ୧.୬୦ ପ୍ରତିଶତ ହିନ୍ଦୁ ବାସ କରୁଥିବାବେଳେ ସିନ୍ଧରେ ୬.୫୧% ବସବାସ କରନ୍ତି।

# ରୁଷିଆକୁ ନାଟୋ ଡରୁଛି

## ସ୍ୱୀକାର କରିବାକୁ କହିଲେ ଜେଲେନ୍‌ସ୍କି

**ୱାଶିଂଟନ୍, ୨୨।୩**

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରଠାରୁ ଆମେରିକା ନେତୃତ୍ୱାଧୀନ ନାଟୋ ସାମରିକ ମେଣ୍ଟକୁ ଏହି ପୂର୍ବ ୟୁରୋପୀୟ ଦେଶର ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ବାରମ୍ବାର ସହାୟତା ମାଗି ଚାଲିଛନ୍ତି। ରୁଷିଆର ଆକ୍ରମଣକୁ ବନ୍ଦ କରିବା ନିମନ୍ତେ ୟୁକ୍ରେନ୍ ଆକାଶକୁ ନୋ-ଫ୍ଲାଏ ଜୋନ୍ କରିବାକୁ ମଧ ଦାବି କରିଛନ୍ତି। ହେଲେ ନାଟୋର ପ୍ରତିକ୍ରିୟା ଓ ପଦକ୍ଷେପକୁ ନେଇ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କି ନିରାଶା ଓ କ୍ରୋଧ ପ୍ରକାଶ କରିଛନ୍ତି। ନାଟୋ ରୁଷିଆକୁ ଭୟ କରୁଥିବା ଖୋଲାଖୋଲି କହୁ ବୋଲି ଜେଲେନ୍‌ସ୍କି କହିଛନ୍ତି। ଏକ ଇଣ୍ଟରଭ୍ୟୁରେ ସେ କହିଛନ୍ତି, ୟୁକ୍ରେନ୍‌କୁ ନାଟୋ ଗ୍ରହଣ କରୁଛି ବୋଲି ଏବେ ଘୋଷଣା କରୁ କିମ୍ବା ନାଟୋ ରୁଷିଆକୁ ଡରୁଥିବା ସ୍ପଷ୍ଟ କରୁ। ନାଟୋ ଦେଶଗୁଡ଼ିକ ଆମକୁ ସୁରକ୍ଷା ଗ୍ୟାରେଣ୍ଟି ଦେଇପାରିବେ ବୋଲି ଜାଣିଲେ ହିଁ ଆମେ ଶାନ୍ତ ଓ ସ୍ଥିର ରହିପାରିବୁ। ଏଠାରେ ହିଁ ବୁଝାମଣା ହୋଇପାରିବ ଏବଂ ଯୁଦ୍ଧ ଶେଷ ହେବ ବୋଲି ଜେଲେନ୍‌ସ୍କି କହିଛନ୍ତି।



# ଭାରତ-ଆମେରିକା ଆଲୋଚନା

**ନୂଆଦିଲ୍ଲୀ, ୨୨।୩**

ରୁଷିଆର ୟୁକ୍ରେନ୍ ଆକ୍ରମଣ ପ୍ରସଙ୍ଗରେ ଭାରତ ଓ ଆମେରିକା ମଧ୍ୟରେ ଆଲୋଚନା ହୋଇଛି। ଆମେରିକା ରାଜନୈତିକ ବ୍ୟାପାର ବିଭାଗ ଅନୁସଚିବ ଭିକ୍ଟୋରିଆ ନୁଲାଣ୍ଡ ସୋମବାର ନୂଆଦିଲ୍ଲୀରେ ଭାରତର ବହିର୍ବ୍ୟାପାର ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲାଙ୍କୁ ଭେଟି ଏ ବାବଦରେ କଥା ହୋଇଛନ୍ତି। ଏହାସହ ଦକ୍ଷିଣ ଏସିଆ, ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର, ପଶ୍ଚିମ ଏସିଆରେ ଶାନ୍ତି ଓ ସ୍ଥିରତା ଉପରେ ମଧ ଉଭୟେ ଆଲୋଚନା କରିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗତ ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠାରୁ ଆମେରିକା ଓ ଭାରତ ମଧ୍ୟରେ ଏହା ପ୍ରଥମ ଉଚ୍ଚସ୍ତରୀୟ ବୈଠକ।



# ରୁଷିଆ ପ୍ରତି ଭାରତର ଆଭିମୁଖ୍ୟ ଅସ୍ଥିର

**ୱାଶିଂଟନ୍, ୨୨।୩**

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପ୍ରସଙ୍ଗରେ ଭାରତର ଆଭିମୁଖ୍ୟ କିଛିମାତ୍ରାରେ ଅସ୍ଥିର ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ରୁଷିଆ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରେ କ୍ୱାଡ୍ ଦେଶଗୁଡ଼ିକ ମଧ୍ୟରେ ଭାରତ ଏକମାତ୍ର ଦେଶ ବୋଲି ସେ ପ୍ରକାଶ କରିଛନ୍ତି। ଉଭୟ ପାଶ୍ଚାତ୍ୟ ଏବଂ ରୁଷିଆ ସହ ନୂଆଦିଲ୍ଲୀ ସନ୍ତୁଳିତ ସମ୍ପର୍କ ରଖିବା ନିମନ୍ତେ ଭାରତ ଆବଶ୍ୟକ କୂଟନୀତି ଆପଣାଇଛି। ୟୁକ୍ରେନ୍‌ରେ ହିଂସା ବନ୍ଦ ପାଇଁ ଭାରତ ନିବେଦନ କରିଥିଲେ ମଧ ରୁଷିଆର ଆକ୍ରମଣକୁ ଏ ପର୍ଯ୍ୟନ୍ତ ନିନ୍ଦା କରିନାହିଁ କିମ୍ବା କୌଣସି କଟକଣା ଲଗାଇନି। ଏକ ବିଜ୍‌ନେସ୍ ଫୋରମକୁ ପ୍ରତିକ୍ରିୟା ଦେଇ ବାଇଡେନ୍ କହିଛନ୍ତି, ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ ବା ନାଟୋ ମେଣ୍ଟକୁ ଭାଙ୍ଗିବା ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଉଦ୍ୟମ କରିଥିଲେ ହେଁ ଏଥିରେ ସେ ସଫଳ ହୋଇପାରିନାହାନ୍ତି। ବରଂ ଏହି ସମୟରେ ନାଟୋ ଅଧିକ ଏକଜୁଟ୍ ଏବଂ ମଜଭୁତ ହୋଇଛି। ନାଟୋ ସମେତ ପ୍ରଶାନ୍ତ ମହାସାଗରୀୟ ମେଣ୍ଟର ଏକଜୁଟତା ପ୍ରଦର୍ଶନ କରିଛନ୍ତି। କ୍ୱାଡ୍ ସଦସ୍ୟଙ୍କ ମଧ୍ୟରୁ କେବଳ ଭାରତର ଆଭିମୁଖ୍ୟ ଅସ୍ଥିର ରହିଛି। ହେଲେ ଜାପାନ ଏବଂ ଅଷ୍ଟ୍ରେଲିଆ ପୁଟିନ୍‌ଙ୍କ ବିରୋଧରେ ନିଜର ସ୍ପଷ୍ଟ ଏବଂ ଦୃଢ଼ ମତ ରଖିଥିବା ବାଇଡେନ୍ ପ୍ରକାଶ କରିଛନ୍ତି।



ଜୋ ବାଇଡେନ୍

# ୟୁକ୍ରେନ୍ ଛାଡ଼ିଲେଣି ୩୫ ଲକ୍ଷ

**ଜେନେଭା, ୨୨।୩:** ରୁଷିଆ ଆକ୍ରମଣ ପରଠାରୁ ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ୟୁକ୍ରେନ ଛାଡ଼ି ଶରଣାର୍ଥୀ ପାଲଟିଥିବା ଜାତିସଂଘ କହିଛି। ଏଥିଯୋଗୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ୟୁରୋପରେ ସବୁଠାରୁ ବଡ଼ ଶରଣାର୍ଥୀ ସଙ୍କଟ ଉପୁଜିଛି। ୟୁଏନ୍ଏଚ୍‌ସିଆର୍ ମଙ୍ଗଳବାର ପ୍ରକାଶ କରିଥିବା ରିପୋର୍ଟ ଅନୁସାରେ, ୩୫ ଲକ୍ଷ ୩୦ ହଜାରରୁ ଊର୍ଦ୍ଧ୍ୱ ୟୁକ୍ରେନୀୟ ଅନ୍ୟ ଦେଶକୁ ପଳାୟନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨୧ ଲକ୍ଷରୁ ଊର୍ଦ୍ଧ୍ୱ ପୋଲାଣ୍ଡରେ ଆଶ୍ରୟ ନେଇଛନ୍ତି। ରୋମାନିଆରେ ୫ ଲକ୍ଷ ୪୦ ହଜାର ଏବଂ ମାଲ୍‌ଡୋଭାରେ ୩ ଲକ୍ଷ ୬୭ ହଜାରରୁ ଅଧିକ ୟୁକ୍ରେନୀୟ ଶରଣ ନେଇଛନ୍ତି। ମାର୍ଚ୍ଚ ଆରମ୍ଭରୁ ଦିନକୁ ଲକ୍ଷାଧିକ ୟୁକ୍ରେନ୍ ନାଗରିକ ଦେଶ ଛାଡୁଛନ୍ତି। ୬୫ ଲକ୍ଷ ଲୋକ ବିସ୍ଥାପିତ ହୋଇଥିବା ଇଣ୍ଟରନ୍ୟାଶନାଲ ଅର୍ଗାନାଇଜେଶନ ଫର୍ ମାଇଗ୍ରେଶନ କହିଛି।

# ସୌରଜଗତ ବାହାରେ ୫ ହଜାର ବିଶ୍ୱ

## ନୂଆ ୬୫ ବାହ୍ୟଗ୍ରହ ଠାବ କଲା ନାସା

**ୱାଶିଂଟନ୍, ୨୨।୩:** ସୌରମଣ୍ଡଳ ବାହାରେ ଆଉ ୬୫ ଗ୍ରହ ଠାବ କରିଛି ଆମେରିକା ମହାକାଶ ସଂସ୍ଥା ନାସା। ଏହାକୁ ମିଶାଇ ଆମ ସୌରଜଗତ ବାହାରେ ଏଭଳି ୫,୦୦୦ରୁ ଊର୍ଦ୍ଧ୍ୱ ବିଶ୍ୱ ରହିଥିବା ନାସା ସ୍ପଷ୍ଟ କରିଛି। ସେଗୁଡ଼ିକ ମଧ୍ୟରୁ କେତେକର ପ୍ରକୃତି ପୃଥିବୀ ଭଳି ମଧ ରହିଛି। ମହାକାଶ ଅନୁସନ୍ଧାନରେ ପାଦେ ଆଗେଇ ନାସା ବାହ୍ୟଗ୍ରହ ଖୋଜିବା ସହ ସେଗୁଡ଼ିକ ବିଷୟରେ ଗବେଷଣା ଜାରି ରଖିଛି। ନୂଆ କରି ଠାବ ହୋଇଥିବା ୬୫ ବାହ୍ୟଗ୍ରହ ମଧ୍ୟରୁ କେତେକରେ ଜଳ, ଅଣୁଜୀବ, ଗ୍ୟାସ୍ ସହ ଜୀବନ ମଧ ଥାଇପାରେ। ଏ ଦିଗରେ ଅଧିକ ଗବେଷଣା ଜାରି ଥିବା ବୋଲି ନାସା ପକ୍ଷରୁ କୁହାଯାଇଛି। ଟ୍ରାଞ୍ଜିଟିଙ୍ଗ ଏକ୍ସୋପ୍ଲାନେଟ୍ ସର୍ଭେ ସାଟେଲାଇଟ୍ ମାଧ୍ୟମରେ ନାସା ବାହ୍ୟଗ୍ରହର ଅନୁସନ୍ଧାନ କରିଛି।

୧୯୯୦ ଦଶକରେ ବୈଜ୍ଞାନିକମାନେ ପ୍ରଥମ ବାହ୍ୟଗ୍ରହ ଠାବ କରିଥିଲେ। ୨୦୧୯ ସୁଦ୍ଧା ନାସା ୪ ହଜାର ନୂତନ ଏକ୍ସୋପ୍ଲାନେଟ୍‌ର ସନ୍ଧାନ ପାଇଥିଲା। ୨୦୨୨ରେ ତାହା ୫ ହଜାରରେ ପହଞ୍ଚିଛି। ସେଗୁଡ଼ିକ ମଧ୍ୟରେ କେତେକର ଆକାର ପୃଥିବୀଠାରୁ ଛୋଟ ଥିବାବେଳେ ଅନେକର ବଡ଼ ଆକାରର ମଧ ବାହ୍ୟଗ୍ରହ ଠାବ ହୋଇଛି। ନୂତନ ବିଶ୍ୱ ବିଷୟରେ ଆହୁରି ଜାଣିବା ନିମନ୍ତେ ଗବେଷଣା ଜାରି ଥିବା ନାସା ଏକ୍ସୋପ୍ଲାନେଟ୍ ସାଇନ୍ସ ଇନ୍‌ଷ୍ଟିଚ୍ୟୁଟ୍‌ର ବୈଜ୍ଞାନିକ ଜେସି କ୍ରିଷ୍ଟିଆନ୍‌ସେନ୍ କହିଛନ୍ତି।



# ନଭାଲନିଙ୍କୁ ୯ ବର୍ଷ ଜେଲ

**ମସ୍କୋ, ୨୨।୩**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ କଡ଼ା ସମାଲୋଚକ ଭାବେ ପରିଚିତ ବିରୋଧୀ ନେତା ଆଲେକ୍ସି ନଭାଲନି ଏକ ଠକେଇ ଏବଂ ଅଦାଲତ ଅବମାନନା ମାମଲାରେ ମଙ୍ଗଳବାର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ ୯ ବର୍ଷ ଜେଲ ଦଣ୍ଡ ସହ ୧.୨ ନିୟୁତ ରୁବଲ (ପ୍ରାୟ ୧୧,୫୦୦ ଡଲାର) ଜରିମାନା ଆଦେଶ ଦିଆଯାଇଛି। ବର୍ତ୍ତମାନ ନଭାଲନି ମସ୍କୋର ଏକ ଜେଲ୍‌ରେ ଅନ୍ୟ ଏକ ଅଢ଼େଇ ବର୍ଷିଆ ଦଣ୍ଡାଦେଶ ଭୋଗୁଛନ୍ତି। ତାଙ୍କ ବିରୋଧରେ ଥିବା ଅଭିଯୋଗଗୁଡ଼ିକୁ ନଭାଲନି ଖଣ୍ଡନ କରିଛନ୍ତି। ନଭାଲନିଙ୍କୁ ଯଥାସମ୍ଭବ ସର୍ବାଧିକ ସମୟ ଜେଲରେ ରଖିବା ପାଇଁ ପୁଟିନ୍ ଚକ୍ରାନ୍ତ କରିଥିବା ତାଙ୍କ ସମର୍ଥକମାନେ କହିଛନ୍ତି।



# ସଂସଦରେ ଇନ୍ଧନ ତାତି

## ତେଲ, ଗ୍ୟାସ୍ ଦର ବୃଦ୍ଧି ପ୍ରତ୍ୟାହାର କର: ବିରୋଧୀ

**ନୂଆଦିଲ୍ଲୀ, ୨୨।୩**

ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜି ଦର ବୃଦ୍ଧିର ତାତି ମଙ୍ଗଳବାର ପାର୍ଲାମେଣ୍ଟର ଉଭୟ ଗୃହରେ ଅନୁଭୂତ ହୋଇଛି। ଏହି ପ୍ରସଙ୍ଗରେ କଂଗ୍ରେସ, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏବଂ ଅନ୍ୟ ବିରୋଧୀ ଦଳର ସଦସ୍ୟମାନେ ହୋହଲ୍ଲା କରିବାରୁ ଲୋକ ସଭା ଓ ରାଜ୍ୟ ସଭାକୁ ବାରମ୍ବାର ମୁଲତବୀ କରିବାକୁ ପଡ଼ିଛି।

ସାଢ଼େ ୪ ମାସ ପରେ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ୮୦ ପଇସା ଏବଂ ଏଲ୍‌ପିଜି ସିଲିଣ୍ଡର ଉପରେ ୫୦ ଟଙ୍କା ବୃଦ୍ଧି ଘଟିଛି। ଏଥିଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀ ଦରଦାମ ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ତେଣୁ ରାଜ୍ୟ ସଭାରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଶୂନ୍ୟକାଳରେ କଂଗ୍ରେସର ଶକ୍ତି ସିଂ ଗୋହିଲ, ଟିଏମ୍‌ସିର ଦୋଲ ସେନ, ସିପିଆଇଏମ୍‌ର ଭି. ଶିବଦାସନ ଏଲାମରାମ ଓ ଅନ୍ୟ ବିରୋଧୀ ସଦସ୍ୟମାନେ ରୁଲ୍ ୨୬୭ ଅନୁସାରେ ଇନ୍ଧନ ମୂଲ୍ୟ ବୃଦ୍ଧି ପ୍ରସଙ୍ଗରେ ଆଲୋଚନା ଦାବି କରିଥିଲେ। ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ଏନେଇ ଅନୁମତି ନ ଦେବାରୁ ସେମାନେ ଗୃହ ମଧ୍ୟଭାଗକୁ ଯାଇ ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ଫଳରେ ଅଧ୍ୟକ୍ଷ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୨ଟା ଯାଏ ବନ୍ଦ ଗୃହକାର୍ଯ୍ୟ କରିବାକୁ ବାଧ ହୋଇଥିଲେ। ପରେ ଗୃହକାର୍ଯ୍ୟ ପୁଣି ଆରମ୍ଭ ହେବା ବେଳକୁ ଟିଏମ୍‌ସି, କଂଗ୍ରେସ, ସମାଜବାଦୀ ପାର୍ଟି ଏବଂ ଶିବସେନା ସଦସ୍ୟମାନେ ସ୍ଲୋଗାନ ଦେଇ ହୋହଲ୍ଲା କରିଥିଲେ। ଶାନ୍ତ ହୋଇ ନିଜ ଆସନରେ ବସିବାକୁ ଅଧକ୍ଷ କହିଥିଲେ ହେଁ ସେମାନେ ଶୁଣି ନ ଥିଲେ। ଫଳରେ ଗୃହକୁ ଦିନକ ପାଇଁ ମୁଲତବୀ କରାଯାଇଥିଲା। ଲୋକ ସଭାରେ ମଧ ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା। ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ବିରୋଧୀ ଦାବି କରିଥିବାବେଳେ ବାଚସ୍ପତି ଓମ୍ ବିର୍ଲା ପ୍ରତ୍ୟାଖ୍ୟାନ କରିଦେଇଥିଲେ। ନିର୍ବାଚନ ଶେଷ ହେବା ପରେ ସରକାର ତେଲ ଓ ଗ୍ୟାସ ଦର ବଢ଼ାଇଦେଇଥିବା ନିମ୍ନ ସଦନରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ସମାଲୋଚନା କରିଥିଲେ। କଂଗ୍ରେସ, ଡିଏମ୍‌କେ, ଏନ୍‌ସିପି, ଟିଏମ୍‌ସି ଏବଂ ବାମଦଳ ସଦସ୍ୟମାନେ ଦର ବୃଦ୍ଧି ପ୍ରତ୍ୟାହାର ଦାବି କରି ସ୍ଲୋଗାନ ଦେଇଥିଲେ। ବାଚସ୍ପତି ଅନୁରୋଧ ନ ଶୁଣିବାରୁ ବିରୋଧୀ କକ୍ଷତ୍ୟାଗ କରିଥିଲେ।



ଅଧୀର ରଞ୍ଜନ ଚୌଧୁରୀ


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

CIVIL ENGINEER REQUIRED
Requirement of CIVIL ENGINEER having experience minimum 3 years in all type of civil structure work.
Contact:
SLK CONSTRUCTION
7381750240 & 9437257161

କୋଏମ୍ବାଟୁର, ତାମିଲନାଡୁ ସ୍ଥିତ ଏକ ଖ୍ୟାତନାମା ଇଞ୍ଜିନିୟରିଂ କମ୍ପାନୀ
ତୁରନ୍ତ ୧୦୦ ଜଣ କର୍ମଚାରୀ
ଆବଶ୍ୟକ କରୁଛି ।
ଅଭିଜ୍ଞତା ଭିତ୍ତିରେ ଦରମା ଦିଆଯିବ ।
ବ୍ରୋକର ସ୍ୱାଗତ ।
ଯୋଗାଯୋଗ ଠିକଣା:
ଆମ୍‌ଟେକ୍ସ ଇଞ୍ଜିନିୟରିଂ,
668/3, କୁଲାଥୁର, ନୀଲାମ୍ବୁର,
କୋଏମ୍ବାଟୁର, ତାମିଲନାଡୁ - 641062
ଫୋନ୍: 97885 79968, 99948 33885

କର୍ମଚାରୀ ଆବଶ୍ୟକ
ପୁରୀ ସହରସ୍ଥିତ ଏକ ପ୍ରତିଷ୍ଠିତ ଗେଷ୍ଟହାଉସ ଏବଂ ଘର ପାଇଁ କର୍ମଚାରୀ ଆବଶ୍ୟକ । କେୟାରଟେକର ଓ ରୋଷେୟାଙ୍କ ନିମନ୍ତେ ରହିବା ଓ ଖାଇବାର ବ୍ୟବସ୍ଥା ଅଛି । କାର୍ଯ୍ୟ ଅନୁଯାୟୀ ଦରମା । ପୁରୀ ଜିଲ୍ଲା ବାସିନ୍ଦାଙ୍କୁ ଅଗ୍ରାଧିକାର ଦିଆଯିବ । ତୁରନ୍ତ ଯୋଗାଯୋଗ କରନ୍ତୁ
ମୋବାଇଲ-୭୯୭୮୧୪୨୬୪୨
ସୁପରଭାଇଜର-୧, କେୟାରଟେକର-୧, ରୋଷେୟା-୧

URGENT REQUIRED
A reputed CNF company required for its Bhubaneswar Branch
1) **Warehouse Manager/Assistant Warehouse Manager:** Experience in warehouse activities and transportation of goods. SAP knowledge will be added advantage. 2) **Computer Operator:** Knowledge in SAP & EXCEL is must, Good English Communication will be added advantage. 3. **Transportation Manager:** Experience in arrangement of vehicle for loading/Negotiation of rate. Follow up for timely POD received from Transporter. **4. Godown In Charge:** Experience in maintaining of stock, Loading & Unloading of goods & handling labours. **5. Godown Supervisor:** Experience in maintaining of stock and Loading & Unloading of goods. **6. Vehicle Maintenance:** Experience in maintenance of heavy vehicles. **7.Accountant/ Accounts Assistant:** Marinating day to day accounts, TDS, GST and Balance Sheet Finalisation.
Walk In Interview : 25.03.22 (From 11.00 A.M. to 5 P.M.)
Venue: Treebo Trend Hotel Oasis, Laxmi Sagar, Cuttack-Puri Road, Bhubaneswar-751006
Contact: 8017139980


## ମନେ ପଡ଼ନ୍ତି

IN LOVING MEMORY OF



Late. R. Jagan Mohan Patnaik
Bomikhal, Bhubaneswar-751010
15.09.1937- 13.03.2012
"The Soul is never born nor dies at any time, the Soul has not come into being, does not come into being and will not come into being.
The Soul is un born eternal, ever- existing and primeval."
- The Bhagvad Gita
Fondly Remembered By:
Patnaik Family
ଧ-୨୩୪୩୫

ଚତୁର୍ଥ ବାର୍ଷିକ ଶ୍ରାଦ୍ଧ ଉପଲକ୍ଷେ



୰ପ୍ରତିଭା ପାଣିଗ୍ରାହୀ
ଆବିର୍ଭାବ: ୦୫।୦୪।୧୯୫୦
ତିରୋଧାନ: ୦୬।୦୩।୨୦୧୮
ତୁମେ ଛାଡ଼ି ଯାଇଥିବା ତୁମର ପରିବାର- ଜ୍ୟେଷ୍ଠପୁତ୍ର: ଜୀତେନ, ଜ୍ୟେଷ୍ଠପୁତ୍ରବଧୂ: ଶୁଭଯାନୀ, କନିଷ୍ଠପୁତ୍ର: ରୋଶନ, କନିଷ୍ଠପୁତ୍ରବଧୂ: ରଶ୍ମିପ୍ରଭା, ଦୁହିତା: ସ୍ମୃତି, ଜାମାତା: ସୀମାଞ୍ଚଳ ଓ ନାତି, ନାତୁଣୀ: ରୀମା, ସିତୁନ, ପପଲି, ପୀୟୁଷ, ନିତୁ, ସମସ୍ତ ପରିବାର ସହ ଅଶ୍ରୁପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ବିନୀତ ପ୍ରାର୍ଥନା, ତୁମ ଆତ୍ମାର ସଦ୍‌ଗତି ହେଉ।
ଧ-୬୮୯୯

# ଭାରତର ବୃହତ୍ ବିଜୟ



ବୋଲିଂ ଅବସରରେ ସ୍ନେହ ରାଣା।

**ହାମିଲ୍ଟନ, ୨୨।୩ (ପି.ଟି.)**

ୟାସ୍ତିକା ଭାଟିଆଙ୍କ ଚମତ୍କାର ଅର୍ଦ୍ଧଶତକ ଏବଂ ସ୍ନେହ ରାଣାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ସହାୟତାରେ ଭାରତ ୧୧୦ ରନରେ ବାଂଲାଦେଶକୁ ପରାସ୍ତ କରି ଆଇସିସି ମହିଳା ବିଶ୍ୱକପ୍‌ରେ ସେମିଫାଇନାଲ ଆଶାକୁ ଉଜ୍ଜୀବିତ ରଖିଛି। ମଙ୍ଗଳବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତିବା ପରେ ଭାରତ ପ୍ରଥମେ ବ୍ୟାଟିଂ କରିବା ଲାଗି ନିଷ୍ପତ୍ତି ନେଇଥିଲା। ଭାରତୀୟ ଇନିଂସର ମଧ୍ୟଭାଗରେ ବିପର୍ଯ୍ୟୟ ଦେଖା ଦେଇଥିଲା। ତେବେ ଭାଟିଆଙ୍କୁ ୮୦ ବଲ୍‌ରୁ ୫୦ରନ ଏବଂ ଲୋୟର ଅର୍ଡରରେ ରାଣା (୨୭) ଓ ପୂଜା ବସ୍ତ୍ରାକାର (୩୦)ଙ୍କ ଦାୟିତ୍ୱପୂର୍ଣ୍ଣ ବ୍ୟାଟିଂ ଯୋଗୁ ଭାରତ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୨୨୯ରନ କରିପାରିଥିଲା। ପରେ ରାଣା (୪/୩୦)ଙ୍କ ନେତୃତ୍ୱରେ ସ୍ପିନରମାନେ ଚମତ୍କାର ବୋଲିଂ କରିବାରୁ ବାଂଲାଦେଶ ୪୦.୩ ଓଭରରେ ୧୧୯ ରନରେ ଅଲଆଉଟ ହୋଇଯାଇଥିଲା। ଲତା ମଣ୍ଡଳ (୨୪) ଓ ସଲ୍‌ମା ଖାତୁନ (୩୨) ଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟର କ୍ରିଜ୍‌ରେ ଅଧିକ ସମୟ ତିଷ୍ଠି ପାରି ନ ଥିଲେ। ଉଭୟଙ୍କ ମଧ୍ୟରେ ୪୦ ରନର ଭାଗୀଦାରି ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ଭାରତର ଏହା ହେଉଛି ତୃତୀୟ ବିଜୟ। ବୃହତ୍ ବିଜୟ ଯୋଗୁ ଭାରତର ରନ ରେଟ୍ (୦.୭୬୮) ପୁଣି ବୃଦ୍ଧି ପାଇଛି। ମିଥାଲି ରାଜଙ୍କ ନେତୃତ୍ୱାଧୀନ ଭାରତ ଏହାର ଅନ୍ତିମ ଲିଗ୍ ମ୍ୟାଚ ରବିବାର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ। ଏହି ମ୍ୟାଚ ପୂର୍ବରୁ ଦକ୍ଷିଣ ଆଫ୍ରିକା ଯଦି ଗୁରୁବାର ୱେଷ୍ଟଇଣ୍ଡିଜକୁ ପରାସ୍ତ କରେ ତେବେ ଭାରତର ସେମିଫାଇନାଲ ସମ୍ଭାବନା ଅଧିକ। ନମ୍ବର ୩ ସ୍ଥାନରେ ପଚ୍ଛକୁ ପଚ୍ଛ ଅର୍ଦ୍ଧଶତକ ହାସଲ କରିଥିବା

**ଆଇସିସି ମହିଳା କ୍ରିକେଟ ବିଶ୍ୱକପ**

ଭାଟିଆ ତାଙ୍କ ପ୍ରଦର୍ଶନ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସେ ଦଳ ପାଇଁ ଆଉକିଛି ରନ କରିଥିଲେ ଭଲ ହୋଇଥାନ୍ତା। ମାତ୍ର ଫଳାଫଳ ନେଇ ସେ ଖୁବ୍ ଆନନ୍ଦିତ ବୋଲି କହିଛନ୍ତି। ଭାଟିଆ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୫୦ ଓଭରରେ ୨୨୯/୭ (ୟାସ୍ତିକା ଭାଟିଆ-୫୦, ଶେଫାଳୀ ବର୍ମା-୪୨, ପୂଜା ବସ୍ତ୍ରାକାର-୩୦*, ସ୍ମୃତି ମନ୍ଧାନା-୩୦, ସ୍ନେହ ରାଣା-୨୭, ରିଚା ଘୋଷ-୨୬; ରୀତୁ ମୋନି-୩/୩୭, ନାହିଦା ଅକ୍ତର-୨/୪୨)। ବାଂଲାଦେଶ: ୪୦.୩ ଓଭରରେ ୧୧୯/ଅଲଆଉଟ (ସଲ୍‌ମା ଖାତୁନ-୩୨, ଲତା ମଣ୍ଡଳ-୨୪, ସ୍ନେହ ରାଣା-୪/୩୦, ପୂଜା ବସ୍ତ୍ରାକାର-୨/୨୬, ଝୁଲଣ ଗୋସ୍ୱାମୀ-୨/୧୯)।

## ଆଇପିଏଲ୍ ପାଇଁ ଟସ୍କିନଙ୍କୁ ଏନ୍‌ଓସି ମିଳିଲାନି



**ନୂଆଦିଲ୍ଲୀ, ୨୨।୩ (ପି.ଟି.):** ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଖେଳିବା ଲାଗି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଦେଶର ପେସ୍ ବୋଲର ଟସ୍କିନ ଅହମଦଙ୍କୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ଦେବାକୁ ମନା କରିଦେଇଛି। ଇଂଲଣ୍ଡ ଦ୍ରୁତ ବୋଲର ମାର୍କ ଉଡ୍‌ଙ୍କ କହୁଣିରେ ଆଘାତ ଲାଗିଥିବାରୁ ଆଇପିଏଲ ଦଳ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ତାଙ୍କ ସ୍ଥାନରେ ୨୬ ବର୍ଷୀୟ ଟସ୍କିନଙ୍କୁ ନେବା ଲାଗି ଇଚ୍ଛା ପ୍ରକାଶ କରିଥିଲା। ଆଇପିଏଲ୍‌ରେ ପ୍ରଥମ ଥର ଭାଗ ନେଉଥିବା ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ଗତ ମାସରେ ଆଇପିଏଲ ନିଲାମି ବେଳେ ୭.୫ କୋଟି ଟଙ୍କା ବିନିମୟରେ ଉଡ୍‌ଙ୍କୁ କ୍ରୟ କରିଥିଲା। ଆଇପିଏଲ ବେଳେ ବାଂଲାଦେଶର ଦକ୍ଷିଣ ଆଫ୍ରିକା ଟୁର୍ ଶେଷ ହୋଇ ନ ଥିବ। ଏହି କାରଣରୁ ବିସିବି ଟସ୍କିନଙ୍କୁ ଏନ୍‌ଓସି ଦେବାକୁ ମନା କରିଦେଇଛି। ଦକ୍ଷିଣ ଆଫ୍ରିକା ଟୁର୍‌ରେ ଥିବା ବାଂଲାଦେଶ ବର୍ତ୍ତମାନ ଦିନିକିଆ ସିରିଜ ଖେଳୁଛି। ଏହାପରେ ଦଳ ଦୁଇଟି ଟେଷ୍ଟ ମ୍ୟାଚ ଖେଳିବ। ଏହା ଏପ୍ରିଲ ୧୧ରେ ଶେଷ ହେବାକୁଥିବା ବେଳେ ଆଇପିଏଲ୍ ମାର୍ଚ୍ଚ ୨୬ରୁ ଆରମ୍ଭ ହେବ।

## ଜୟନ୍ତୀଙ୍କୁ ବ୍ରୋଞ୍ଜ

**ଭୁବନେଶ୍ୱର, ୨୨।୩ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାର ତାରକା ପାରା ଆଥଲେଟ୍ ଜୟନ୍ତୀ ବେହେରା ନିଜ କ୍ୟାରିୟରରେ ଆଉ ଏକ ସଫଳତା ଫର୍ଦ୍ଦ ଯୋଡ଼ିଛନ୍ତି। ୟୁନାଇଟେଡ ଆରବ ଏମିରେଟ୍ସର ଦୁବାଇଠାରେ ଅନୁଷ୍ଠିତ ୧୩ତମ ଫାଜା ଅନ୍ତର୍ଜାତୀୟ ଗ୍ରାଁ ପ୍ରିରେ ସେ ଆକର୍ଷଣୀୟ ପ୍ରଦର୍ଶନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡ଼ିଶାର ଏକମାତ୍ର ପ୍ରତିଯୋଗୀଭାବେ ଅଂଶଗ୍ରହଣ କରିଥିବା ଜୟନ୍ତି ମହିଳା ଟି୪୭ ବର୍ଗ ୪୦୦ ମିଟର ରେସ୍‌ରେ ୧:୦୦.୯୩ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।



ପଦକ ସହ ଜୟନ୍ତୀ ବେହେରା।

## ଟପ୍ ଟେନ୍‌ରେ ଲକ୍ଷ୍ୟ ସେନ୍

**ନୂଆଦିଲ୍ଲୀ, ୨୨।୩ (ପି.ଟି.)**

**ବ୍ୟାଡ୍‌ମିଣ୍ଟନ ର‍୍ୟାଙ୍କିଙ୍ଗ**

ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ତରଫରୁ ମଙ୍ଗଳବାର ବିଶ୍ୱ ର‍୍ୟାଙ୍କିଙ୍ଗ ତାଲିକା ମଙ୍ଗଳବାର ପ୍ରକାଶ ପାଇଛି। ଅଲ୍ ଇଂଲଣ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ରୌପ୍ୟ ଜିତିଥିବା ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଏଥିରେ ଟପ୍ ଟେନ୍ ଅବା ଶ୍ରେଷ୍ଠ



୧୦ ଖେଳାଳିଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଉତ୍ତରାଖଣ୍ଡର ଏହି ୨୦ ବର୍ଷୀୟା ଖେଳାଳି ୫ମ ଭାରତୀୟ ଭାବେ ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଥିଲେ। ଏହି ସଫଳତା ପାଇଁ ର‍୍ୟାଙ୍କିଙ୍ଗ ତାଲିକାରେ ତାଙ୍କର ଦୁଇଟି ସ୍ଥାନ ପଦୋନ୍ନତି ଘଟିଛି। ବର୍ତ୍ତମାନ ସେ ବିଶ୍ୱ ଚାମ୍ପିୟନ ସିଙ୍ଗାପୁରର ଲୋ କିନ୍ ୟେଙ୍କୁ ଅତିକ୍ରମ କରି ୭୪,୭୮୬ ପଏଣ୍ଟ ସହ ୯ମ ସ୍ଥାନରେ ରହିଛନ୍ତି। ରବିବାର ସେ ବିଶ୍ୱର ନମ୍ବର ୱାନ ତଥା ଅଲିମ୍ପିକ ଚାମ୍ପିୟନ ଡେନ୍‌ମାର୍କର ଭିକ୍ଟର ଏକ୍ସେଲସେନ୍‌ଙ୍କଠାରୁ ସିଧାସଳଖ ଗେମ୍‌ରେ ହାରିଯାଇଥିଲେ। ବିଶ୍ୱର ପୂର୍ବତନ ନମ୍ବର ୱାନ ଜୁନିୟର ଖେଳାଳି ବର୍ତ୍ତମାନ ପୁରୁଷ ସିଙ୍ଗଲ୍ସ ର‍୍ୟାଙ୍କିଙ୍ଗ ତାଲିକାରେ ଭାରତୀୟଙ୍କ ମଧ୍ୟରେ ସବୁଠାରୁ ଆଗରେ ରହିଛନ୍ତି। କିଡାମ୍ବି ଶ୍ରୀକାନ୍ତ ଦ୍ୱାଦଶ ସ୍ଥାନକୁ ଖସି ଆସିଛନ୍ତି। ଅନ୍ୟପକ୍ଷରେ ଅଲ୍ ଇଂଲଣ୍ଡ ଚାମ୍ପିୟନଶିପ୍‌ରେ ପ୍ରଥମ ଥର ସେମିଫାଇନାଲରେ ପ୍ରବେଶ କରିଥିବାରୁ ମହିଳା ଡବଲ୍ସ ଯୋଡ଼ି ତ୍ରିଷା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ଯୋଡ଼ି ର‍୍ୟାଙ୍କିଙ୍ଗ ତାଲିକାରେ ୧୨ ସ୍ଥାନ ପଦୋନ୍ନତି ପାଇ ସେମାନଙ୍କ କ୍ୟାରିୟର ଶ୍ରେଷ୍ଠ ୩୪ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।

## ରାଜସ୍ଥାନ ପେସ୍ ଆକ୍ରମଣ ଶାଣିତ: ଲସିଥ ମାଲିଙ୍ଗା

**ମୁମ୍ବାଇ, ୨୨।୩ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଫ୍ରାଞ୍ଚାଇଜ୍ ଦଳ ରାଜସ୍ଥାନ ରୟାଲ୍ସର ପେସ୍ ଆକ୍ରମଣ ବେଶ୍ ଶାଣିତ ବୋଲି କହିଛନ୍ତି ଏହାର ନବ ନିଯୁକ୍ତ ଫାଷ୍ଟ ବୋଲିଂ କୋଚ୍ ଲସିଥ ମାଲିଙ୍ଗା। ଏହି ଦଳରେ ଟ୍ରେଣ୍ଟ ବୋଲ୍ଟ, ନାଥାନ କୁଲ୍ଟର-ନିଲଙ୍କ ପରି ଅନ୍ତର୍ଜାତୀୟ ବିଦେଶୀ ଖେଳାଳି ଅଛନ୍ତି। ଏହା ବ୍ୟତୀତ ପ୍ରସିଦ୍ଧ କ୍ରିଷ୍ଣା ଓ ନବଦୀପ ସଇନୀଙ୍କ ପରି ଭାରତର ଦକ୍ଷ ଫାଷ୍ଟ ବୋଲର ଏବଂ ଅନୁନୟ ସିଂ, କୁଲଦୀପ ସେନ୍ ଓ କୁଲଦୀପ ଯାଦବଙ୍କ ପରି ଯୁବ ଖେଳାଳି ମଧ୍ୟ ଅଛନ୍ତି। ଏମାନଙ୍କ ଗହଣରେ ସେ ନିଜ ନୂଆ ଭୂମିକା ଉପଭୋଗ କରିବାକୁ ପ୍ରସ୍ତୁତ ବୋଲି ମାଲିଙ୍ଗା ପ୍ରକାଶ କରିଛନ୍ତି।

## ନାଡାଲ ୬ ସପ୍ତାହ ଖେଳିପାରିବେ ନାହିଁ

**ଇଣ୍ଡିଆନ ୱେଲ୍ସ, ୨୨।୩ (ଏପି):** ଟେନିସ ଷ୍ଟାର ରାଫାଲ ନାଡାଲ ୬ ସପ୍ତାହ ଖେଳିପାରିବେ ନାହିଁ। ଗତ ରବିବାର ଟେଲର ଫ୍ରିଜ୍‌ଙ୍କ ବିପକ୍ଷ ଇଣ୍ଡିଆନ ୱେଲ୍ସ ଫାଇନାଲ ମ୍ୟାଚ ବେଳେ ତାଙ୍କ ପଞ୍ଜରା ହାଡ଼ ଭାଙ୍ଗି ଯାଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ସ୍ପାନିଶ ଟେନିସ ଷ୍ଟାର କହିଛନ୍ତି ତାଙ୍କର ସିଜନ ଆରମ୍ଭ ଉତ୍ସାହଜନକ ଥିଲା। ଚଳିତ ବର୍ଷ ତାଙ୍କ ପ୍ରଦର୍ଶନ ଭଲ ରହିବ ବୋଲି ସେ ଆଶା କରୁଥିଲେ। ମାତ୍ର ଦୁର୍ଭାଗ୍ୟବଶତଃ ସେ ଆଘାତ ପ୍ରାପ୍ତ ହୋଇଛନ୍ତି। ଧୈର୍ଯ୍ୟ ଓ କଠିନ ପରିଶ୍ରମ ଦ୍ୱାରା ସେ ଯଥା ଶୀଘ୍ର ଟେନିସକୁ ଫେରିବା ଲାଗି ଚେଷ୍ଟା କରିବେ ବୋଲି କହିଛନ୍ତି।

## ବଜରଙ୍ଗଙ୍କୁ ଆର୍ଥିକ ସହାୟତା

**ନୂଆଦିଲ୍ଲୀ, ୨୨।୩ (ପି.ଟି.):** ଇରାନରେ ୧୮ ଦିନିଆ ସ୍ୱତନ୍ତ୍ର ଟ୍ରେନିଂ କ୍ୟାମ୍ପ ପାଇଁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟର ମିଶନ ଅଲିମ୍ପିକ ସେଲ୍ (ଏମ୍‌ଓସି) ଟୋକିଓ ଅଲିମ୍ପିକ ବ୍ରୋଞ୍ଜ ବିଜେତା ବଜରଙ୍ଗ ପୁନିଆଙ୍କୁ ୬.୧୬ ଲକ୍ଷ ଟଙ୍କା ଆର୍ଥିକ ସହାୟତା ମଞ୍ଜୁର କରିଛି। ରେସ୍‌ଲର ବଜରଙ୍ଗଙ୍କ କୋଚ୍ ସୁଜିତ୍ ମାନ୍ ମଧ୍ୟ ତାଙ୍କ ସହିତ ଯିବେ। ସ୍ଥାନୀୟ କେଡି ଯାଦବ ରେସ୍‌ଲିଂ ଇନ୍‌ଡୋର ଷ୍ଟାଡିୟମରେ ମାର୍ଚ୍ଚ ୨୪ରେ ସିଲେକ୍ସନ ଟ୍ରାଏଲ ଅନୁଷ୍ଠିତ ହେବ। ବଜରଙ୍ଗ ସେଥିରେ ୬୫ କେଜି କାଟେଗୋରିରେ ଭାଗ ନେବେ। ସେ ଭାରତୀୟ ସିନିୟର ଫ୍ରିଷ୍ଟାଇଲ ଓ ଗ୍ରିକୋ ରୋମାନ ଷ୍ଟାଇଲ ରେସ୍‌ଲିଂ ଟିମ୍ ପାଇଁ ତାଙ୍କ ନାମ ପଞ୍ଜୀକୃତ କରିବା ଲକ୍ଷ୍ୟରେ ଅଛନ୍ତି। ଏହି ଦଳ ଏପ୍ରିଲ ୨୪ରୁ ମଙ୍ଗୋଲିଆର ଉଲାନବାଟାରଠାରେ ହେବାକୁଥିବା ଚତୁର୍ଥ ସିନିୟର ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବ। ବଜରଙ୍ଗଙ୍କର ଆହୁରି ମଧ୍ୟ ଅଗଷ୍ଟରେ ହେବାକୁଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ପରେ ଏସିଆନ ଗେମ୍ସ ଉପରେ ନଜର ରହିଛି। ଏମ୍‌ଓସି ଆହୁରି ମଧ୍ୟ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ) ଅଧୀନରେ ପାରା ଆଥ୍‌ଲେଟ (କ୍ଲବ ଥ୍ରୋ ଏଫ୍‌୧୫) ଅମିତ ସାରୋହାଙ୍କ ପାଇଁ ୨.୪୫ ଲକ୍ଷ ଟଙ୍କା ମଞ୍ଜୁର କରିଛି। ଚଳିତ ବର୍ଷର ପାରା ଏସିଆନ ଗେମ୍ସ ପାଇଁ ସେ ଚଳିତ ମାସ ଆରମ୍ଭରୁ ଜଣେ ବ୍ୟକ୍ତିଗତ ଫିଜିଓ ଥେରାପିଷ୍ଟ ରଖିଛନ୍ତି। ତାଙ୍କ ଫି ବାବଦରେ ଏହି ଅର୍ଥ ବ୍ୟୟ କରାଯିବ। ଅମିତ୍ ହେଉଛନ୍ତି ଜଣେ ଅର୍ଜୁନ ପୁରସ୍କାର ବିଜେତା। ଉଭୟ ବଜରଙ୍ଗ ଓ ସେ ଟପ୍ସ କୋର୍ ଟିମ୍‌ର ଅଂଶବିଶେଷ ରହିଛନ୍ତି।

## ଅଷ୍ଟ୍ରେଲିଆ ୩୯୧ରେ ଅଲ୍ ଆଉଟ୍

**ଲାହୋର, ୨୨।୩ (ଏପି):** ପାକିସ୍ତାନ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ରିଭର୍ସ ସୁଇଂର ଉଚିତ ମୁକାବିଲା କରି ନ ପାରି ଅଷ୍ଟ୍ରେଲିଆ ୩୯୧ ରନରେ ଅଲଆଉଟ ହୋଇଯାଇଛି। ଜବାବରେ ଘରୋଇ ଦଳ ଏହାର ପ୍ରଥମ ଇନିଂସରେ ମଙ୍ଗଳବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୧ ଉଇକେଟ ବିନିମୟରେ ୯୦ ରନ କରିଛି। ଅବ୍‌ଦୁଲା ସାଫିକ୍ ୪୫ ଓ ଆଝାର ଅଲି ୩୦ ରନ କରି ଅପରାଜିତ ରହିଛନ୍ତି। ଇମାମ୍ ଉଲ୍ ହକ୍ ୧୧ ରନ କରି ପ୍ୟାଟ୍ କୁମିନ୍ସଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଛନ୍ତି। ଅଷ୍ଟ୍ରେଲିଆ ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୩୨/୫ ସ୍କୋରରୁ ଖେଳ ଆରମ୍ଭ କରିଥିଲା। ପାକିସ୍ତାନ ବୋଲରଙ୍କ ରିଭର୍ସ ସୁଇଂ ବୋଲିଂ ଭ୍ରମଣକାରୀ ଦଳର ବ୍ୟାଟରମାନଙ୍କୁ ଅଡୁଆରେ ପକାଇଥିଲେ ମଧ୍ୟ କାମେରନ ଗ୍ରୀନ ଓ ଆଲେକ୍ସ କାରେ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ହାସଲ କରିଥିଲେ। ଅଲରାଉଣ୍ଡର ଗ୍ରୀନ ତାଙ୍କ ୧୨ତମ ଟେଷ୍ଟ ମ୍ୟାଚରେ କ୍ୟାରିୟର ଶ୍ରେଷ୍ଠ ୭୯ରନ (୧୬୩ ବଲ୍) କରିଥିଲେ। କାରେ ୬୭ ରନ (୧୦୫ ବଲ୍) କରିଥିଲେ। ମିଡଲ ସେସନରେ ପାକିସ୍ତାନ ୫୦ ରନରେ ୫ ଉଇକେଟ ଖସାଇ ଦେଇଥିଲା। ଅଷ୍ଟ୍ରେଲିଆ ଚା'ପାନ ବିରତିର କିଛି ସମୟ ପୂର୍ବରୁ ଅଲଆଉଟ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୩୯୧/ଅଲ ଆଉଟ (ଉସ୍‌ମାନ ଖ୍ୱାଜା-୯୧, କାମେରନ ଗ୍ରୀନ୍-୭୯, ଆଲେକ୍ସ କାରେ-୬୭, ଷ୍ଟିଭେନ ସ୍ମିଥ୍-୫୯; ଶାହିନ ଆଫ୍ରିଦୀ-୪/୭୯, ନସିମ ଶାହା-୪/୫୮)। ପାକିସ୍ତାନ ପ୍ରଥମ ଇନିଂସ: ୯୦/୧ (ଅବ୍‌ଦୁଲା ସାଫିକ୍-୪୫*, ଆଝାର ଅଲି-୩୦*; ପ୍ୟାଟ କୁମିନ୍ସ-୧/୨୭)।

## ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଭେନ୍ୟୁ ସଂଖ୍ୟା କମିପାରେ

**ନଭି ମୁମ୍ବାଇ, ୨୨।୩ (ପି.ଟି.):** ଚଳିତ ବର୍ଷ ଶେଷ ଭାଗରେ ଭାରତରେ ହେବାକୁଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପର ଭେନ୍ୟୁ ସଂଖ୍ୟା କମିପାରେ ବୋଲି ମଙ୍ଗଳବାର ସୂଚନା ଦେଇଛନ୍ତି ଫିଫା ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ଜେମି ୟାର୍ଜା। ଭେନ୍ୟୁ ସଂଖ୍ୟା ୫ରୁ ୩କୁ ହ୍ରାସ ପାଇବା ସମ୍ଭାବନା ଅଛି। ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ସେ କହିଲେ ଯେ, ବର୍ତ୍ତମାନ ପରିସ୍ଥିତିରେ ସବୁକିଛି ଓପନ ରହିଛି। ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ। ଭେନ୍ୟୁଗୁଡ଼ିକ ଅନୁଧ୍ୟାନ ପରେ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଓ ଫିଫା ମିଳିତ ଭାବେ ନିଷ୍ପତ୍ତି ନେବେ। ଟୁର୍ଣ୍ଣାମେଣ୍ଟ ସଫଳତାର ସହ ସମ୍ପନ୍ନ ହେବାକୁ ପ୍ରାଥମିକତା ଦିଆଯିବ। ଏହା ବ୍ୟତୀତ ମହିଳା ଫୁଟବଲର ଉନ୍ନତି ସହ ଖେଳାଳିଙ୍କ ସ୍ୱାସ୍ଥ୍ୟକୁ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। ବର୍ତ୍ତମାନ ସ୍ଥିତିରେ ଟୁର୍ଣ୍ଣାମେଣ୍ଟ ପାଇଁ ବାୟୋ-ବବଲ୍ କରାଯିବା କଥା ଚିନ୍ତା କରାଯାଉନାହିଁ। ଆଗାମୀ ଟୁର୍ଣ୍ଣାମେଣ୍ଟ ବେଳକୁ ସ୍ଥିତି ଭଲ ଥିବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ୟାର୍ଜା ଓ ତାଙ୍କ ପ୍ରତିନିଧି ଦଳ ଏଠାରେ ଡିୱାଇ ପାଟିଲ ଷ୍ଟାଡିୟମକୁ ଅନୁଧ୍ୟାନ କରିଛନ୍ତି। ଏହାପରେ ସେମାନେ ଭୁବନେଶ୍ୱର ଓ ଗୋଆ ଯିବେ। ନଭି ମୁମ୍ବାଇ ବ୍ୟତୀତ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ଭୁବନେଶ୍ୱର, କୋଲକାତା, ଅହମଦାବାଦ ଓ ଗୁଆହାଟୀରେ ଖେଳାଯିବା କାର୍ଯ୍ୟକ୍ରମ ରହିଛି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

(ପୃଷ୍ଠା-୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୨୩/୨୦୨୨ (୧୨+୮=୨୦ ପୃଷ୍ଠା) Bhubaneswar, Wednesday, March 23/2022 Page 20 ₹ 7.00 | ପୃଷ୍ଠା-୧



**ମଲାଇକାଙ୍କ ପ୍ରେରଣା ଅର୍ଜୁନ**
ଫିଟ୍‌ନେଶ୍ ପାଇଁ ଜଣାଯାଉଥିବା ବଲିଉଡ୍ ଅଭିନେତ୍ରୀ ମଲାଇକାଙ୍କ ପ୍ରେରଣା ସାଜିଛନ୍ତି ଅର୍ଜୁନ କପୁର। ୦୭

୦୮ **ସ୍ନେହାଙ୍କୁ ବ୍ରୋଞ୍ଜ ପଦକ**
ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପର ୪୯ କେଜି ଆନ୍ତଃ ରାଜ୍ୟ ସିନିୟର ମହିଳା ବର୍ଗରେ ବ୍ରୋଞ୍ଜ ପଦକ ଜିତିଛନ୍ତି ଓଡ଼ିଶାର ସ୍ନେହା ସୋରେନ।



# ଏମ୍‌ସିଏଲ୍ କୋଇଲା ଖଣିରେ ବିସ୍ଫୋରଣ

■ ଘର ଭାଙ୍ଗିଲା, ଜଣେ ଆହତ
■ ପରିବହନ ବନ୍ଦ କଲେ ଗ୍ରାମବାସୀ

**ଝାରସୁଗୁଡ଼ା ଅଫିସ,୨୨।୩**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍) ଲଖନପୁର କ୍ଷେତ୍ରାଧିନ ବେଲପାହାଡ଼ ଖୋଲାମୁହଁ କୋଇଲା ଖଣି ୧ନଂ କ୍ୱାରୀରେ ବିସ୍ଫୋରଣ ହେବା ଫଳରେ ଖଣି ପାର୍ଶ୍ୱ ଯୋରାବଗା ଗ୍ରାମ ପ୍ରଭାବିତ ହେବାରେ ଲାଗିଛି। ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ଖଣି ସମ୍ପ୍ରସାରଣ


ଆହତ ଜିତେନ୍ଦ୍ର

କରାଯାଉ ବୋଲି ଦୀର୍ଘଦିନରୁ ଗ୍ରାମବାସୀ ଦାବି କରିଆସୁଛନ୍ତି। ଏଥିରେ ବିଳମ୍ବ ହେଉଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏଭଳି ସ୍ଥିତିରେ ଗତ ସୋମବାର ଖଣିରେ ବିସ୍ଫୋରଣ ହୋଇଥିଲା। ଏଥିରେ ପଥର ଖଣ୍ଡ ଆସି ଗ୍ରାମର ଆର୍‌ସିପି ପଡାର ଯଦୁ ଗୌଡଙ୍କ ଘର ଉପରେ ପଡିଥିଲା । ଫଳରେ ଘରର ଆଜବେଷ୍ଟସ୍ ଭାଙ୍ଗିଯାଇଥିଲା। ଆଜବେଷ୍ଟସ୍ ତଳେ ଭାଡି ଥିବାରୁ ପରିବାର ଅଳ୍ପକେ ବର୍ତ୍ତିଯାଇଥିଲେ। ଏ ନେଇ ସେମାନେ ଖଣି କର୍ତ୍ତୃପକ୍ଷ ଓ ବେଲପାହାଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ହେଲେ ପୋଲିସ କେବଳ ଷ୍ଟେଶନ ଡାଇରି କରି ଚୁପ ରହିଥିଲା।

ପରେ ଗ୍ରାମର ମହିଳାମାନେ ଖଣିରୁ କୋଇଲା ପରିବହନ ବନ୍ଦ କରିଥିଲେ। ଅସନ୍ତୁଷ୍ଟ ଗ୍ରାମବାସୀ ବ୍ଲାଷ୍ଟିଂ କରୁଥିବା କେତେଜଣ ଏମ୍‌ସିଏଲ୍ କର୍ମଚାରୀଙ୍କୁ ଗ୍ରାମକୁନେଇ ଅଟକ ରଖିଥିଲେ। ମଙ୍ଗଳବାର ଏସ୍‌ପି ବିକାଶ ଚନ୍ଦ୍ର ଦାସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରି କୋଇଲା ପରିବହନ ଚାଲୁ କରାଇଥିଲେ। ହେଲେ ମଧ୍ୟାହ୍ନରେ ପୁଣି ବିସ୍ଫୋରଣ ହେବା ଫଳରେ ଗ୍ରାମର ଜିତେନ୍ଦ୍ର ପୋଢ ନାମକ ଯୁବକ ଆହତ ହୋଇଥିଲେ। ସେ ବାହାରକୁ ଶୌଚପାଇଁ ଯାଇଥିବାବେଳେ ପଥର ଖଣ୍ଡ ବାଜି ତାଙ୍କ ମୁଣ୍ଡ ଫାଟିଯାଇଥିଲା। ତାଙ୍କୁ ତୁରନ୍ତ ବେଲପାହାଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ଏମ୍‌ସିଏଲ୍ ତରଫରୁ ପର୍ସନାଲ୍ ମ୍ୟାନେଜର ☞ପୃଷ୍ଠା-୫


କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ସିନିୟର ମହିଳା ବର୍ଗରେ ବ୍ରୋଞ୍ଜ ପଦକ ହାସଲ ଅବସରରେ ଓଡ଼ିଆ ଭାରୋତ୍ତୋଳନକାରୀ ଝିଲି ଦଳବେହେରା। **(ରିପୋର୍ଟ ଖେଳପୃଷ୍ଠା)**

# ୮ ଜଣଙ୍କୁ ଜାଳିଦେଲେ

■ ଟିଏମ୍‌ସି ନେତାଙ୍କ ହତ୍ୟା ପରେ ଗୃହଦାହ: ୧୧ ଗିରଫ
■ ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଦାବିକଲେ ବିରୋଧୀ

**କୋଲକାତା,୨୨।୩**

ପଶ୍ଚିମବଙ୍ଗର ବୀରଭୂମ ଜିଲାସ୍ଥିତ ରାମପୁରହାଟରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ବୋଗ୍‌ତୁଇ ଗ୍ରାମରେ ମଙ୍ଗଳବାର ଭୋର ସମୟରେ ଏକ ଭସ୍ମୀଭୂତ ଘରୁ ୨ ଶିଶୁଙ୍କ ସମେତ ୭ ଜଣଙ୍କ ମୃତଦେହ ମିଳିଛି। ଅନ୍ୟ ଜଣେ ଆହତ ହସ୍ପିଟାଲରେ ଆଖି ବୁଜିଦେଇଛନ୍ତି। ଶାସକ ତୃଣମୂଳ କଂଗ୍ରେସ(ଟିଏମ୍‌ସି)ର ଜଣେ ନେତାଙ୍କୁ ହତ୍ୟା କରାଯିବା ପରେ ଏପରି ଘଟିଥିବାରୁ ଉଭୟ ଘଟଣାକୁ ଯୋଡ଼ି ଦେଖାଯାଉଛି। ଏନେଇ ୧୧ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ପଶ୍ଚିମବଙ୍ଗ ପୋଲିସ ଡିଜି ମନୋଜ ମାଲବ୍ୟ କହିଛନ୍ତି, ବର୍ଶାଲ ଗ୍ରାମର ଟିଏମ୍‌ସି ପଞ୍ଚାୟତ ଉପମୁଖ୍ୟ ଭାଦୁ ଶେଖ୍‌ଙ୍କୁ ସୋମବାର ରାତି ୮ଟା ୩୦ରେ ହତ୍ୟା କରାଯାଇଥିଲା। ବୋମା ଫିଙ୍ଗି ଘଟାଯାଇଥିବା ହତ୍ୟାକାଣ୍ଡ ପଛରେ ବ୍ୟକ୍ତିଗତ ଶତ୍ରୁତା ଥିବା ଜଣାପଡ଼ିଛି। ଏହା ପରେ ଉକ୍ତ ଘରେ ଅଗ୍ନିକାଣ୍ଡ ଘଟିଥିଲା। ତେଣୁ ଦୁଇ ଘଟଣାର ପାରସ୍ପରିକ ସମ୍ପର୍କକୁ ନେଇ ପୋଲିସ ତନାଘନା ଚଳାଇଛି। ସମ୍ପୃକ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇଦିଆଯାଇଛି। ନିଆଁକୁ ଆୟତ୍ତ କରାଯିବା ପରେ ଜଳିଯାଇଥିବା ଘରୁ ୭ ଜଣଙ୍କ ମୃତଦେହ ମିଳିଥିଲା। ଅନ୍ୟ ୩ ଜଣଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ଡାକ୍ତର ସେଠାରେ ଜଣଙ୍କୁ ମୃତ ଘୋଷଣା କରିଥିଲେ। ଏହାର ତଦନ୍ତ ପାଇଁ ରାଜ୍ୟ ସରକାର ଏଡିଜି (ସିଆଇଡି) ଜ୍ଞାନବନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଗଠନ କରିଛନ୍ତି। ଏହି ଘଟଣା ପରେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଛି। ଶାସକ ଟିଏମ୍‌ସି ଏହାକୁ ଚପାଇଦେବାକୁ ଉଦ୍ୟମ କରୁଥିବା ବିରୋଧୀ ଭାଜପା ଏବଂ ଭାରତୀୟ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍) ଅଭିଯୋଗ ଆଣିଛନ୍ତି। ଟିଏମ୍‌ସି ଗୁଣ୍ଡାଙ୍କ ଦ୍ୱାରା କରାଯାଇଥିବା ଏହି ହତ୍ୟା ଅତ୍ୟନ୍ତ ନିନ୍ଦନୀୟ ବୋଲି ସିପିଆଇଏମ୍ ରାଜ୍ୟ ସମ୍ପାଦକ ମହମ୍ମଦ ସଲିମ୍ ନିନ୍ଦା କରିଛନ୍ତି। ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଏକାଧିକ ଟୁଇଟ୍ କରି 'ଆତଙ୍କବାଦ ଓ ଉତ୍ତେଜନା' ହ୍ରାସ ଦିଗରେ କେନ୍ଦ୍ର ହସ୍ତକ୍ଷେପ କରୁ ବୋଲି କହିଛନ୍ତି। ଭାଜପା ନେତା ମନୋଜ ଟିଗା ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ସହ ରାଷ୍ଟ୍ରପତି ଶାସନ ଜାରି କରିବାକୁ ଦାବି କରିଛନ୍ତି। ଘଟଣା ଉପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିବୃତି ଦାବି କରି ଭାଜପା ବିଧାୟକମାନେ 'ବନ୍ଦେ ମାତରମ୍' ଏବଂ 'ଧିକ୍କାର ଧିକ୍କାର' ସ୍ଲୋଗାନ ଦେବା ସହ ବିଧାନସଭାରୁ କକ୍ଷତ୍ୟାଗ କରିଛନ୍ତି। ପଶ୍ଚିମବଙ୍ଗ ଭାଜପା ଏହାକୁ ନିର୍ବାଚନ ପରବର୍ତ୍ତୀ ହିଂସା ☞ପୃଷ୍ଠା-୫

# ଆରମ୍ଭ ହେଲା ତୈଳ ଝଟକା

■ ସାଢ଼େ ୪ ମାସ ପରେ ବଢ଼ିଲା ପେଟ୍ରୋଲ, ଡିଜେଲ
■ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ବଢ଼ିଲା ୮୫ ପଇସା, ଡିଜେଲ ୮୬ ପଇସା

**ନୂଆଦିଲ୍ଲୀ,୨୨।୩**

ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ପାଉଥିବା ବେଳେ ଭାରତୀୟ ବଜାରରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ୪ ମାସରୁ ଉର୍ଦ୍ଧ୍ୱ ସମୟ ଧରି ସ୍ଥିର ରହିଥିଲା। ଉତ୍ତର ପ୍ରଦେଶ ସମେତ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ଚାଲିଥିବାରୁ ସରକାର ପେଟ୍ରୋଲିୟମ୍ ସାମଗ୍ରୀ ଦରକୁ ନିୟନ୍ତ୍ରଣ ମଧ୍ୟରେ ରଖିଥିଲେ। ନିକଟରେ ଉକ୍ତ ୫ ରାଜ୍ୟର ନିର୍ବାଚନ ଫଳାଫଳ ଘୋଷଣା ହେବାର ୫ଦିନ ପରେ ସରକାର ତୈଳ ଦର ବୃଦ୍ଧି ସଂକ୍ରାନ୍ତ ନିଷ୍ପତ୍ତି ନେଇଥିଲେ। ସେହି ଅନୁଯାୟୀ ମଙ୍ଗଳବାର ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡ଼ିକ ଦର ବୃଦ୍ଧି କରିଛନ୍ତି। ପେଟ୍ରୋଲ ଲିଟର ପିଛା ୮୫ ପଇସା ଓ ଡିଜେଲ ୮୬ ପଇସା ବଢ଼ିଛି। ଏହି ଦର ବୃଦ୍ଧି ଫଳରେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୦୨. ୬୬ ଟଙ୍କାରେ ବିକ୍ରି ହେଉଥିବା ବେଳେ ଡିଜେଲ ଲିଟର ପିଛା ୯୨.୪୮ ଟଙ୍କାରେ କାରବାର ହେଉଛି।

ଅପରପକ୍ଷରେ ନୂଆଦିଲ୍ଲୀରେ ଉଭୟ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ୮୦ ପଇସା ବୃଦ୍ଧି ଘଟିଛି। ଏହି ଦର ବୃଦ୍ଧି ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୯୬.୨୧ ଟଙ୍କା ଏବଂ ଡିଜେଲ ଲିଟର ପିଛା ୮୭.୪୭ ଟଙ୍କାରେ ପହଞ୍ଚିଛି। ସେହିପରି ଦେଶର ଅନ୍ୟ ପ୍ରମୁଖ ମହାନଗର ମୁମ୍ବାଇ, କୋଲକାତା ଓ ଚେନ୍ନାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୧୧୦.୮୨ ଟଙ୍କା, ୧୦୫.୫୧ ଟଙ୍କା ଏବଂ ୧୦୨.୧୬ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଉପରୋକ୍ତ ମହାନଗରରେ ଡିଜେଲ ମୂଲ୍ୟ ୯୫ ଟଙ୍କା, ୯୦.୬୨ ଟଙ୍କା ଏବଂ ୯୨.୧୯ ଟଙ୍କାରେ କାରବାର କରାଯାଉଛି।

ସୂଚନାଯୋଗ୍ୟ, ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଲାଗି ରହିଥିବା ଯୁଦ୍ଧ ଯୋଗୁ ଅନ୍ତର୍ଜାତୀୟ ସ୍ତରରେ ଅଶୋଧିତ ତୈଳ ମୂଲ୍ୟ ଉଚ୍ଚ ରହିଛି। ଏହାର ପ୍ରଭାବ ଦୀର୍ଘଦିନ ହେବ ଭାରତ ବଜାରରେ ପକାଇ ଆସୁଥିଲା। କିନ୍ତୁ କେନ୍ଦ୍ର ସରକାର ନିର୍ବାଚନ ଯୋଗୁ ତୈଳ କମ୍ପାନୀଗୁଡ଼ିକ ଉପରେ ଚାପ ସୃଷ୍ଟିକରି ଦର ସ୍ଥିର ରଖି ଆସିଥିଲେ। ଫଳରେ ତୈଳ ☞ପୃଷ୍ଠା-୫



## ସିଲିଣ୍ଡର ୧୦୦୦ ନିକଟତର

**ଭୁବନେଶ୍ୱର,୨୨।୩**

ଇନ୍ଧନ ସହ ରନ୍ଧନ ଗ୍ୟାସ୍‌ର ଦର ବୃଦ୍ଧି 'ବୋଝ ଉପରେ ନଳିତା ବିଡ଼ା' ପାଲଟିଯାଇଛି। ମଙ୍ଗଳବାର ୧୪.୨ ଲିଟର ଏଲ୍‌ପିଜି ସିଲିଣ୍ଡର ୫୦ ଟଙ୍କା ବଢ଼ିବା ଯୋଗୁ ଖାଉଟିଙ୍କ ଉପରେ ଆହୁରି ଆର୍ଥିକ ଚାପ ପଡ଼ିଛି। ଶେଷ ଥର ପାଇଁ ଏହାର ଦର ୬ ଅକ୍ଟୋବର ୨୦୨୧ରେ ବୃଦ୍ଧି ପାଇଥିଲା। ତେବେ ଏହି ମୂଲ୍ୟ ବଢ଼ିବା ପରେ ଭୁବନେଶ୍ୱରରେ ସିଲିଣ୍ଡର ପିଛା ଦର ୯୭୬ରେ ପହଞ୍ଚିଛି। ଅର୍ଥାତ୍ ସିଲିଣ୍ଡର ୧୦୦୦ ଟଙ୍କା ନିକଟତର ହୋଇଛି। ପୂର୍ବରୁ ଏହା ୯୨୬ ଟଙ୍କା ଥିଲା। ସେହିପରି ନୂଆଦିଲ୍ଲୀରେ ଘରୋଇ ଏଲ୍‌ପିଜି ସିଲିଣ୍ଡରର ମୂଲ୍ୟ ୯୪୯.୫୦ ଟଙ୍କାକୁ ବଢ଼ିଛି। ପୂର୍ବରୁ ଏହାର ଦାମ୍ ୮୯୯.୫୦ ଟଙ୍କା ରହିଥିଲା। ଅନୁରୂପ ଭାବେ କୋଲକାତାରେ ସିଲିଣ୍ଡରର ମୂଲ୍ୟ ୯୨୬ ଟଙ୍କା ଥିଲାବେଳେ ବର୍ତ୍ତମାନ ଏହା ୯୭୬ ଟଙ୍କା ☞ପୃଷ୍ଠା-୫

# ଜେଲ ଗଲେ ବିଧାୟକ ଜଗଦ୍ଦେବ



## ଲୋକଙ୍କ ଉପରକୁ ଗାଡ଼ି ମଡ଼ାଇବା ଘଟଣା

■ ଅସୁସ୍ଥ ଅନୁଭବ କରିବାରୁ ଆମ୍ବୁଲାନ୍ସରେ ଗଲେ ବାଣପୁର

**ଭୁବନେଶ୍ୱର(ବ୍ୟୁରୋ)/ ଖୋର୍ଦ୍ଧା ଅଫିସ,୨୨।୩**

ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ କାର୍ଯ୍ୟାଳୟ ବାହାରେ ଲୋକଙ୍କୁ ଗାଡ଼ି ମଡ଼ାଇବା ମାମଲାରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ମଙ୍ଗଳବାର ଅପରାହ୍ନରେ ବାଣପୁର ପୋଲିସ ଗିରଫ କରିଛି। ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ଜଗଦ୍ଦେବ ସୁସ୍ଥ ହେବା ପରେ ସେ ବାହାରକୁ ବାହାରିଥିଲେ। ଏହି ସମୟରେ ହସ୍ପିଟାଲ ବାହାରେ ଥିବା ପୋଲିସ ତାଙ୍କୁ ଗିରଫ ☞ପୃଷ୍ଠା-୫

# ଅଯୋଧ୍ୟା ଗଲା ସୀତାକୁଣ୍ଡ ଜଳ

## ସଂଗ୍ରହ କରିନେଲେ ରାଜ୍ୟପାଳ

**ମାଲକାନଗିରି/କୋରାପୁଟ,୨୨।୩ (ଡି.ଏନ୍.ଏ./ସ୍ୱ.ପ୍ର.)**

ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମାଲକାନଗିରି ଜିଲା ଖଇରପୁଟ ବ୍ଲକର ବଣ୍ଡାଘାଟି ଗସ୍ତ କରିଛନ୍ତି। ଅଯୋଧ୍ୟାରେ ନିର୍ମାଣ ହେଉଥିବା ରାମମନ୍ଦିର ପାଇଁ ରାଜ୍ୟପାଳ ମୁଦୁଲିପଡ଼ାରେ ଥିବା ସୀତାକୁଣ୍ଡରୁ ଜଳ ସଂଗ୍ରହ କରିଛନ୍ତି। ଉକ୍ତ ଜଳକଳସ ରାମନବମୀ ଦିନ ଅଯୋଧ୍ୟାରେ ପହଞ୍ଚିବ। ସୀତାକୁଣ୍ଡ ସହ ଏପରି ୧୩୦୦ ପବିତ୍ର ସ୍ଥାନରୁ ଜଳ ସଂଗ୍ରହ ଲାଗି ଲକ୍ଷ୍ୟ ରଖାଯାଇଛି। ବିଶେଷକରି ବନବାସ ସମୟରେ ଶ୍ରୀରାମଚନ୍ଦ୍ର ଯେଉଁ ସ୍ଥାନରେ ସମୟ ବିତାଇଥିଲେ ସେହି ପବିତ୍ର ସ୍ଥାନରୁ ଜଳ ସଂଗ୍ରହ କରାଯାଉଛି। ଶ୍ରୀରାମଚନ୍ଦ୍ରଙ୍କ ବନବାସ ସହ ବଣ୍ଡାଘାଟିର ସୀତାକୁଣ୍ଡ ଜଡ଼ିତ ଥିବା କିମ୍ବଦନ୍ତୀ ରହିଛି। ତେଣୁ ଅଯୋଧ୍ୟା ଓ ଅନ୍ୟ ସ୍ଥାନରୁ ଆସିଥିବା ସାଧୁସନ୍ଥଙ୍କ ସହ ରାଜ୍ୟପାଳ ଜଳ ସଂଗ୍ରହ ପାଇଁ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ସୀତାକୁଣ୍ଡରେ ପହଞ୍ଚିଥିଲେ। ଏହି ଅବସରରେ ରାଜ୍ୟପାଳ ଶ୍ରୀରାମ ବନ ଗମନ ପଥ କାବ୍ୟଯାତ୍ରାକୁ ସ୍ୱାଗତ କରିଥିଲେ। ଏହି ଯାତ୍ରା ମାର୍ଚ୍ଚ ୧ ତାରିଖ ଶିବରାତ୍ର ଦିନ ଶ୍ରୀଲଙ୍କାର ଅଶୋକା ବାଟିକାରୁ ଆରମ୍ଭ ହୋଇଥିବାବେଳେ ରାମନବମୀ ଦିନ ଅଯୋଧ୍ୟା ପହଞ୍ଚିବ। ରାଜ୍ୟପାଳଙ୍କୁ ବଣ୍ଡା ଜନଜାତିର ଲୋକେ ପାଖରେ ଦେଖି ପାରମ୍ପରିକ ନାଚ ଓ ବେଶ ପୋଷାକରେ ସ୍ୱାଗତ କରିଥିଲେ। ବଣ୍ଡାଘାଟିର ବିକାଶ ସହ ସେଠାରେ ଥିବା ପର୍ଯ୍ୟଟନସ୍ଥଳୀଗୁଡିକର ଉନ୍ନତି ପାଇଁ ରାଜ୍ୟପାଳଙ୍କୁ ଜଣାଇଥିଲେ। ରାଜ୍ୟପାଳ ତୁରନ୍ତ ପଦକ୍ଷେପ ନେବେ ବୋଲି କହିଥିଲେ। ☞ପୃଷ୍ଠା-୫


ରାଜ୍ୟପାଳ ଗଣେଶୀ ଲାଲ ସୀତାକୁଣ୍ଡରୁ ଜଳ ସଂଗ୍ରହ କରୁଛନ୍ତି।

# ଶହେ ପ୍ରଦୂଷିତ ସହର ମଧ୍ୟରେ ଭାରତର ୬୩

## ଦିଲ୍ଲୀ ସର୍ବାଧିକ ପ୍ରଦୂଷିତ ରାଜଧାନୀ

■ ଉତ୍ତର ଭାରତର ସ୍ଥିତି ସବୁଠାରୁ ଖରାପ
■ ରାଜସ୍ଥାନର ଭିୱାଡି ସର୍ବାଧିକ ପ୍ରଦୂଷିତ ସହର

**ନୂଆଦିଲ୍ଲୀ, ୨୨।୩**

ଦେଶରେ ତିନି ବର୍ଷ ଧରି ବାୟୁ ଗୁଣବତ୍ତା ବୃଦ୍ଧିରେ ବ୍ରେକ୍ ଲାଗିଛି। ଭାରତରେ ପ୍ରଦୂଷଣ ଚିନ୍ତାଜନକ ଭାବେ ବୃଦ୍ଧି ପାଇଛି। ୨୦୨୧ରେ ଦିଲ୍ଲୀ ବିଶ୍ୱର ସର୍ବାଧିକ ପ୍ରଦୂଷିତ ରାଜଧାନୀ ହୋଇଛି। ଏହାବାଦ୍ ଦୁନିଆର ସବୁଠାରୁ ପ୍ରଦୂଷିତ ସହର ମଧ୍ୟରେ କେବଳ ଭାରତର ୬୩ ସହର ରହିଛି ବୋଲି ସ୍ୱିସ୍ ଫାର୍ମ ଆଇକ୍ୟୁଏୟାର ଦ୍ୱାରା ପ୍ରକାଶିତ ବିଶ୍ୱ ବାୟୁ ଗୁଣବତ୍ତା ରିପୋର୍ଟରେ ଦର୍ଶାଯାଇଛି। ରିପୋର୍ଟ ଅନୁସାରେ, ଲେଥାଲ ଏବଂ ମାଇକ୍ରୋସ୍କୋପିକ୍ ପିଏମ୍ ୨.୫ ପ୍ରଦୂଷକରେ ମପା ଯାଉଥିବା ହାରାହାରି ବାୟୁ ପ୍ରଦୂଷଣ କ୍ୟୁବିକ୍ ମିଟର ପିଛା ୫୮.୧ ମାଇକ୍ରୋଗ୍ରାମ୍ ରହିଛି, ଯାହା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ବାୟୁ ଗୁଣବତ୍ତା ଗାଇଡ୍‌ଲାଇନ୍ ତୁଳନାରେ ୧୦ ଗୁଣା ଅଧିକ। ଏଥିସହ ଭାରତର କୌଣସି ସହର ଡବ୍ଲ୍ୟୁଏଚ୍‌ଓର ମାନକ ପୂରଣ କରିପାରିନାହିଁ।

ପ୍ରଦୂଷଣରେ ଉତ୍ତର ଭାରତର ସ୍ଥିତି ସବୁଠାରୁ ଖରାପ ରହିଛି। କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଦିଲ୍ଲୀ ବିଶ୍ୱର ସର୍ବାଧିକ ପ୍ରଦୂଷିତ ରାଜଧାନୀ ହୋଇଛି। ପୂର୍ବବର୍ଷ ତୁଳନାରେ ଦିଲ୍ଲୀରେ ପଲ୍ୟୁସନ୍ ୧୫% ବୃଦ୍ଧି ପାଇଛି। ଡବ୍ଲ୍ୟୁଏଚ୍‌ଓ ସୁରକ୍ଷା ଲିମିଟ୍ ୫ ମାଇକ୍ରୋଗ୍ରାମ୍ ଥିବାବେଳେ ଦିଲ୍ଲୀରେ ପିଏମ୍୨.୫ ପ୍ରାୟ ୨୦ ଗୁଣା ବଢ଼ି କ୍ୟୁବିକ୍ ମିଟର ପିଛା ୯୬.୪ ମାଇକ୍ରୋଗ୍ରାମ୍ ରହିଛି। କେବଳ ବାୟୁ ପ୍ରଦୂଷଣରେ ଦିଲ୍ଲୀର ସ୍ଥାନ ବିଶ୍ୱରେ ୪ ନମ୍ବର ରହିଛି। ରାଜସ୍ଥାନର ଭିୱାଡି ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର ହୋଇଛି। ଏହା ତଳକୁ ଉତ୍ତରପ୍ରଦେଶର ଗାଜିଆବାଦ ରହିଛି। ଶୀର୍ଷ ୧୫ ପ୍ରଦୂଷିତ ସହର ଦିଲ୍ଲୀ ପାଖାପାଖି ରହିଛି। ପ୍ରଦୂଷିତ ସହର ମଧ୍ୟରୁ ଅର୍ଦ୍ଧାଧିକ ଉତ୍ତରପ୍ରଦେଶ ଏବଂ ହରିୟାଣାର। କେବଳ ଚେନ୍ନାଇକୁ ଛାଡ଼ି ଅନ୍ୟ ସମସ୍ତ ୬ ମେଟ୍ରୋରେ ଗତବର୍ଷ ପ୍ରଦୂଷଣ ମାତ୍ରା ବଢ଼ିଛି। ମୁଖ୍ୟତଃ ଯାନବାହନରୁ ନିର୍ଗତ ☞ପୃଷ୍ଠା-୫



# କଂଗ୍ରେସ ପ୍ରାର୍ଥୀଙ୍କ କାନ୍ଧରେ ବିଜେଡି ଉତ୍ତରୀୟ

■ ସୋସିଆଲ୍ ମିଡିଆରେ ଫଟୋ ଭାଇରାଲ୍

■ ମିଶ୍ରଣକୁ ଅସ୍ୱୀକାର କଲେ କଂଗ୍ରେସ ପ୍ରାର୍ଥୀ

ଢେଙ୍କାନାଳ ଅଫିସ, ୨୨।୩

ନିର୍ବାଚନକୁ ନେଇ ପଡୁଛି ଉଠୁଛି ଢେଙ୍କାନାଳ ପୌରାଞ୍ଚଳ। ମତଦାନକୁ ମାତ୍ର ଦିନଟିଏ ଥିବାବେଳେ ସୋସିଆଲ୍ ମଡିଆରେ ଭାଇରାଲ୍ ହୋଇଥିବା କଂଗ୍ରେସ କାଉନ୍ସିଲର ପ୍ରାର୍ଥୀଙ୍କ ଏକ ଫଟୋ ସହରାଞ୍ଚଳ ରାଜନୀତିକୁ ସରଗରମ କରିଛି। ଏହି ଫଟୋରେ ୧୨ନଂ. ୱାର୍ଡର କଂଗ୍ରେସ କାଉନ୍ସିଲର ପ୍ରାର୍ଥିନୀ ତଥା ଟାଉନ ମହିଳା କଂଗ୍ରେସ ସଭାନେତ୍ରୀ ଶିଳ୍ପୀଶ୍ରୀ ଶୁଭଦର୍ଶିନୀ ହରିଚନ୍ଦନ ଥିବାବେଳେ ତାଙ୍କ ବେକରେ ବିଜେଡି ଉତ୍ତରୀୟ ପଡ଼ିଛି। ନିକଟରେ ବିଧାୟକ ସୁଧୀର କୁମାର ସାମଲ, ଟାଉନ ବିଜେଡି ସଭାପତି ଇନ୍ଦ୍ରମଣି ବେହେରା ଉପସ୍ଥିତ ଅଛନ୍ତି। ଭୋଟ ପୂର୍ବରୁ ଶିଳ୍ପୀଶ୍ରୀ ବିଜେଡିରେ ସାମିଲ ହୋଇଥିବା ଖବର ପ୍ରଚାରିତ ହୋଇଥିବାବେଳେ ଅପରାହ୍ନରେ ସେ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଏହାକୁ ଅସ୍ୱୀକାର କରିଛନ୍ତି। ଏଥିସହ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିବା ଫଟୋକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

ଶିଳ୍ପୀଶ୍ରୀ ପ୍ରତିକ୍ରିୟାରେ କହିଛନ୍ତି, କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇ ୫ନଂ. ୱାର୍ଡରୁ ପ୍ରାର୍ଥୀ ହୋଇଥିବା ପ୍ରକାଶ କୁଅଁର ତାଙ୍କୁ କୌଣସି କାର୍ଯ୍ୟରେ ସ୍ଥାନୀୟ ଏକ ହୋଟେଲ୍‌କୁ ଡାକିଥିଲେ। କୌଣସି ଆଲୋଚନା ପୂର୍ବରୁ ସେଠାରେ ଉପସ୍ଥିତ ବିଧାୟକ ସୁଧୀର ସାମଲ ତାଙ୍କ ବେକରେ ବିଜେଡି ଉତ୍ତରୀୟ ପକାଇ ଦେଇଥିଲେ। ଏଥିସହ ଦଳରେ ମିଶିଲ ବୋଲି କହି ଚାଲିଯାଇଥିଲେ। ପରେ ଏହାକୁ ଭୁଲ୍ ଢଙ୍ଗରେ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି। ଏହାଦ୍ୱାରା ତାଙ୍କ ବ୍ୟକ୍ତିଗତ ସମ୍ମାନ ହାନି ହୋଇଛି। ୱାର୍ଡରେ ଏହାର ଖରାପ ପ୍ରଭାବ ମଧ୍ୟ ପଡ଼ିଛି। ବିଜେଡିର ଏଭଳି କାର୍ଯ୍ୟକୁ ଶିଳ୍ପୀଶ୍ରୀ ନିନ୍ଦା କରିଛନ୍ତି। ସେ କଂଗ୍ରେସର ଜଣେ ସକ୍ରିୟ ସଦସ୍ୟା ଭାବେ କାର୍ଯ୍ୟ କରୁଥିବା କହିଛନ୍ତି।

ଏ ନେଇ ପ୍ରକାଶ କୁଅଁର କୁହନ୍ତି, ଶିଳ୍ପୀଶ୍ରୀ ବିଜେଡିରେ ମିଶିବେ ବୋଲି ୩ଦିନ ଧରି ତାଙ୍କ ସହିତ ସମ୍ପର୍କରେ ଥିଲେ। ଏପରି କି ତାଙ୍କ ସ୍ୱାମୀଙ୍କ ସହ ମଧ୍ୟ ଏ ନେଇ ଆଲୋଚନା କରିଥିଲେ। ମଙ୍ଗଳବାର ବିଧାୟକଙ୍କୁ ସାକ୍ଷାତ୍ କରି ସ୍ୱଇଚ୍ଛାରେ ବିଜେଡିରେ ମିଶିଥିଲେ। ଏହି ଖବର ପ୍ରଚାରିତ ହେବା ପରେ କେତେଜଣ କଂଗ୍ରେସ ନେତା ଡରାଇ ଧମକାଇ ତାଙ୍କ ଉପରେ ଚାପ ପ୍ରୟୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ନବୀନଚନ୍ଦ୍ର ନାରାୟଣ ଦାସ କୁହନ୍ତି, ଏଭଳି କାର୍ଯ୍ୟ ଗଣତନ୍ତ୍ରର ହତ୍ୟା ସଦୃଶ। ଜିଲା କଂଗ୍ରେସ ସଭାପତି ସରୋଜ ପଟ୍ଟନାୟକ କୁହନ୍ତି, ପ୍ରକାଶ କୁଅଁର ତାଙ୍କୁ କଥାହେବା ଆଳରେ ଡାକିନେଇ ବିଜେଡି ଉତ୍ତରୀୟ ପକାଇଛନ୍ତି। ଶାସକ ଦଳର ଏହିଭଳି କିଶାବିକା କାର୍ଯ୍ୟର ଜନସାଧାରଣ ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି।



ଭାଇରାଲ୍ ହୋଇଥିବା ଫଟୋରେ ବିଧାୟକ ସୁଧୀର ସାମଲ, ଟାଉନ ବିଜେଡି ସଭାପତି ଇନ୍ଦ୍ରମଣି ବେହେରାଙ୍କ ସହ କଂଗ୍ରେସ ପ୍ରାର୍ଥୀ ଶିଳ୍ପୀଶ୍ରୀ ହରିଚନ୍ଦନ।

# କଂଗ୍ରେସ ଛାଡ଼ିଲେ କରଣ ସିଂଙ୍କ ପୁଅ

ନୂଆଦିଲ୍ଲୀ,୨୨।୩

ଜମ୍ମୁ-କଶ୍ମୀରର ପ୍ରଥମ ରାଜ୍ୟପାଳ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ କରଣ ସିଂଙ୍କ ପୁଅ ବିକ୍ରମାଦିତ୍ୟ ସିଂ ମଙ୍ଗଳବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ବର୍ତ୍ତମାନ କଂଗ୍ରେସ ତୃଣମୂଳ ସ୍ତରରେ ବାସ୍ତବତାରୁ ବହୁ ଦୂରରେ ଥିବା ଦର୍ଶାଇ ସେ ଦଳ ଛାଡ଼ିଥିବା ଟୁଇଟରରେ ଦର୍ଶାଇଛନ୍ତି। ଜମ୍ମୁ-କଶ୍ମୀରର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକରେ କଂଗ୍ରେସ ତାଙ୍କ ମତାମତ ନେଉ ନ ଥିବା ଜାତୀୟ ସ୍ୱାର୍ଥ ପ୍ରତି ଦଳର ଅବହେଳାକୁ ସୂଚାଉଛି ବୋଲି ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିକଟକୁ ପଠାଇଥିବା ଇସ୍ତଫାପତ୍ରରେ ବିକ୍ରମାଦିତ୍ୟ ଉଲ୍ଲେଖ କରିଛନ୍ତି। ବିକ୍ରମାଦିତ୍ୟ ହେଉଛନ୍ତି କଶ୍ମୀର ରାଜପରିବାରର ଦାୟାଦ ତଥା ପୂର୍ବତନ ରାଜା ହରି ସିଂଙ୍କ ନାତି। ସେ ୨୦୧୮ରେ କଂଗ୍ରେସରେ ଯୋଗଦେଇ ୨୦୧୯ରେ ଉଦ୍ଧମପୁର ଲୋକ ସଭା ଆସନରୁ ଲଢ଼ିଥିଲେ। ସଦ୍ୟ ଅନୁଷ୍ଠିତ ୫ ରାଜ୍ୟ ବିଧାନସଭା ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ତାଙ୍କ ଇସ୍ତଫାର ତାତ୍ପର୍ଯ୍ୟ ଥିବା ମନେକରାଯାଉଛି।



ବିକ୍ରମାଦିତ୍ୟ ସିଂ

# ସୋନିଆଙ୍କୁ ଭେଟିଲେ ଜି-୨୩ ନେତା

ନୂଆଦିଲ୍ଲୀ,୨୨।୩

କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ 'ଜି-୨୩' ନେତାମାନେ ସାକ୍ଷାତ୍ କରିଛନ୍ତି। ଜି-୨୩ ହେଉଛି କଂଗ୍ରେସରେ ସାଙ୍ଗଠନିକ ପରିବର୍ତ୍ତନ ଦାବି କରୁଥିବା ଅସନ୍ତୁଷ୍ଟ ଗୋଷ୍ଠୀ। ନିକଟରେ ଏହି ଗୋଷ୍ଠୀର ବରିଷ୍ଠ ନେତା ଗୁଲାମନବୀ ଆଜାଦ ସୋନିଆଙ୍କୁ ଭେଟିଥିବାବେଳେ ମଙ୍ଗଳବାର ରାଜ୍ୟ ସଭାର ବିରୋଧୀ ଦଳ ଉପନେତା ଆନନ୍ଦ ଶର୍ମା ଓ ଲୋକ ସଭା ସଦସ୍ୟ ମନୀଷ ତିୱାରୀ ତାଙ୍କ ୧୦ ଜନପଥ ବାସଭବନରେ ସାକ୍ଷାତ କରିଛନ୍ତି। ଏହି ଗୋଷ୍ଠୀର ଅନ୍ୟ କେତେଜଣ ନେତା ମଧ୍ୟ ସୋନିଆଙ୍କ ସହ ସାକ୍ଷାତ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ୫ ରାଜ୍ୟ ବିଧାନସଭା ନିର୍ବାଚନରେ କଂଗ୍ରେସର ପରାଜୟ ପରେ ଗତ ୧୬ ତାରିଖରେ ଜି-୨୩ର ଏକ ବୈଠକ ବସିଥିଲା। କଂଗ୍ରେସକୁ ଏକ ସାମୂହିକ ଓ ସାମଗ୍ରିକ ନେତୃତ୍ୱ ଆବଶ୍ୟକ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା।

# ବିଧାନ ପରିଷଦରୁ ଯୋଗୀଙ୍କ ଇସ୍ତଫା

## ଲୋକ ସଭା ସଦସ୍ୟତା ଛାଡ଼ିଲେ ଅଖିଳେଶ, ଆଜମ୍ ଖାନ୍



ଯୋଗୀ ଆଦିତ୍ୟନାଥ ଓ ଅଖିଳେଶ ଯାଦବ

ଲକ୍ଷ୍ନୌ/ନୂଆଦିଲ୍ଲୀ,୨୨।୩

ଉତ୍ତର ପ୍ରଦେଶର କାମଚଳା ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗୋରଖପୁର ସଦର ବିଧାୟକ ଭାବେ ନିର୍ବାଚିତ ହୋଇଥିବାରୁ ବିଧାନ ପରିଷଦ ସଦସ୍ୟତା ତ୍ୟାଗ କରିଛନ୍ତି। ସେ ମଙ୍ଗଳବାର ବିଧାନ ପରିଷଦ ଅଧ୍ୟକ୍ଷଙ୍କୁ ନିଜ ଇସ୍ତଫାପତ୍ର ଦେଇଛନ୍ତି। ସେହିପରି ପ୍ରଥମ ଥର ପାଇଁ କର୍‌ହାଲ ଆସନରୁ ବିଧାୟକ ହୋଇଥିବା ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ଆଜମଗଡ଼ ଆସନର ଏମ୍‌ପି ଭାବେ ଇସ୍ତଫା ଦେଇଛନ୍ତି। ଅଖିଳେଶ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଇସ୍ତଫାପତ୍ର ଦେଇଛନ୍ତି। ରାମପୁର ନିର୍ବାଚନମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ଏସ୍‌ପି ନେତା ଆଜମ୍ ଖାନ୍ ମଧ୍ୟ ଏମ୍‌ପି ପଦରୁ ଇସ୍ତଫା ଦେଇଛନ୍ତି। ପ୍ରକାଶ ଯେ, ନିକଟରେ ଅନୁଷ୍ଠିତ ୪୦୩ ସଦସ୍ୟତା ବିଶିଷ୍ଟ ୟୁପି ବିଧାନସଭା ନିର୍ବାଚନରେ ଭାଜପା ଦୁଇତୃତୀୟାଂଶ ଆସନ ଦଖଲ କରି ପୁଣି ଥରେ ସରକାର ଗଠନ କରିବାକୁ ଯାଉଛି। ଅନ୍ୟପକ୍ଷେ ମୁଖ୍ୟ ବିରୋଧୀ ଦଳ ଏସ୍‌ପି ପୂର୍ବରୁ ୪୭ ଆସନ ପାଇଥିବାବେଳେ ଏଥର ୧୨୫ରେ ସଫଳତା ପାଇଛି।

# ରୋଡ୍ ଶୋରେ ସିନେଷ୍ଟାର, ଏମ୍‌ପି

ବାସୁଦେବପୁର, ୨୨।୩ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ପାଇଁ ବିଜେଡିରୁ ପ୍ରାର୍ଥୀ ହୋଇଥିବା ପୌରାଧ୍ୟକ୍ଷ ପ୍ରାର୍ଥିନୀ ନିବେଦିତା ବେହେରାଙ୍କ ପାଇଁ ମଙ୍ଗଳବାର ସିନେଷ୍ଟାର, ଭଦ୍ରକ ଏମ୍‌ପି, ବାସୁଦେବପୁର ବିଧାୟକ, ନବନିର୍ବାଚିତ ବ୍ଲକ ଅଧ୍ୟକ୍ଷ ପ୍ରମୁଖ ରୋଡ୍ ଶୋ କରି ନିର୍ବାଚନ ପ୍ରଚାର କରିଛନ୍ତି। ପ୍ରଚାରର ଶେଷଦିନରେ ଭୋଟରଙ୍କ ମନ କିଣିବା ପାଇଁ ବିଜେଡି ଭରପୁର ପ୍ରଚେଷ୍ଟା କରିଥିବା ଲକ୍ଷ୍ୟ କରାଯାଇଥିଲା। ବାସୁଦେବପୁର ଯାଦବ ପଡ଼ିଆ ରାଧାକୃଷ୍ଣ ମନ୍ଦିର ପରିସରରୁ ଏହି ରୋଡ୍ ଶୋ ଆରମ୍ଭ କରାଯାଇଥିଲା। ଏହି ରୋଡ୍ ଶୋ ରେ ସିନେଷ୍ଟାର ଏଲିନା, ସମ୍ବିତ, ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ତାଙ୍କର ବଡ଼ଭାଇ ଦୁର୍ଗାଦତ୍ତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ପୌରାଧ୍ୟକ୍ଷ ପ୍ରାର୍ଥିନୀ ନିବେଦିତା ବେହେରା, ଯୁବନେତା ଶୁଭେନ୍ଦୁ ଭୂଷଣ ବେହେରା, ବିଧାୟକ ପ୍ରତିନିଧି ଅସିତ ଦାସ, ଦେବସ୍ୱରୂପ ଧନୀ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ଯୁବ ବିଜେଡି ନଗର ସଭାପତି ମାନସ ସାହୁ, ନଗର ସଭାପତି ଶ୍ୟାମସୁନ୍ଦର ମହାନ୍ତିଙ୍କ ସମେତ ବିଜେଡି କର୍ମକର୍ତ୍ତାଙ୍କ ସହ ୩ ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ବାଇକ୍ ରାଲିରେ ୨୩ ନଂ ୱାର୍ଡ ପରିକ୍ରମା କରି ଭୋଟରଙ୍କୁ ଭୋଟ ଭିକ୍ଷା କରିଥିଲେ।



ସିନେଷ୍ଟାର ଏଲିନା ବିଜେଡି ପ୍ରାର୍ଥୀ ନିବେଦିତାଙ୍କ ପାଇଁ ରୋଡ୍ ଶୋ କରୁଛନ୍ତି।

# ୨୮ରେ ଶପଥ ନେବେ ପ୍ରମୋଦ ସାୱନ୍ତ

**ପଣଜୀ,୨୨।୩:** ଭାଜପା ନେତା ପ୍ରମୋଦ ସାୱନ୍ତ ଆସନ୍ତା ୨୮ ତାରିଖ ପୂର୍ବାହ୍ନ ୧୧ଟାରେ ଗୋଆ ମୁଖ୍ୟମନ୍ତ୍ରୀ ଭାବେ ଦ୍ୱିତୀୟ ଥର ପାଇଁ ଦାୟିତ୍ୱ ଗ୍ରହଣ କରିବେ। ପଣଜୀସ୍ଥିତ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ଷ୍ଟାଡିୟମ୍ ନିକଟରେ ସେ ଶପଥ ନେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଦଳର ଅଧ୍ୟକ୍ଷ ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହା ଓ ନୀତିନ୍ ଗଡ଼କରୀଙ୍କ ସମେତ ଭାଜପା ଶାସିତ ରାଜ୍ୟର ୭ ମୁଖ୍ୟମନ୍ତ୍ରୀ ତାଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି।



ନିକଟରେ ଅନୁଷ୍ଠିତ ଗୋଆ ବିଧାନସଭା ନିର୍ବାଚନରେ ଭାଜପାର ସଫଳତା ପରେ ସାୱନ୍ତ ରାଜ୍ୟପାଳ ପି.ଏସ୍. ଶ୍ରୀଧରନ ପିଲାଇଙ୍କୁ ୨୫ ବିଧାୟକଙ୍କ ସମର୍ଥନପତ୍ର ପ୍ରଦାନ କରିଥିଲେ।

# ସୁଲୋଚନାଙ୍କ ନାଁରେ ଚିଟ୍‌ଫଣ୍ଡ ଲିଙ୍କ୍ ଅଭିଯୋଗ ଆଣିଲା କଂଗ୍ରେସ

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ପୌର ନିର୍ବାଚନ ମତଦାନକୁ ଦୁଇଦିନ ବାକି ଥିବାବେଳେ ଭୁବନେଶ୍ୱର ମହାନଗର ନିଗମର ବିଜେଡି ମେୟର ପ୍ରାର୍ଥିନୀ ସୁଲୋଚନା ଦାସଙ୍କ ନାଁରେ ଚିଟଫଣ୍ଡ ଲିଙ୍କ୍ ଅଭିଯୋଗ ଆଣିଛି କଂଗ୍ରେସ। କଂଗ୍ରେସ ଏଭଳି ଅଭିଯୋଗ ଆଣି ସୁଲୋଚନାଙ୍କ ପ୍ରାର୍ଥିତ୍ୱ ଉପରେ ପ୍ରଶ୍ନ ଉଠାଇବା ସହ ବିଜେଡିକୁ ଟାର୍ଗେଟ୍ କରିଛି।

ମଙ୍ଗଳବାର ରାଜ୍ୟ କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ନିର୍ବାଚନ ଗଣମାଧ୍ୟମ ମୁଖ୍ୟ ମନୋଜ ମହାପାତ୍ର କହିଛନ୍ତି, ଭୁବନେଶ୍ୱରରେ ଏବେ ସ୍ପଷ୍ଟ ଦିବାଲୋକରେ ଲୁଟ, ହତ୍ୟା ଆଦି ବିଭିନ୍ନ ଅପରାଧ ଘଟୁଛି। ବଲାଙ୍ଗୀରରେ ଶାସକ ଦଳର ନେତାମାନେ ନ୍ୟାଶନାଲ ସିକ୍ୟୁରିଟି ଆକ୍ଟ (ଏନ୍ଏସ୍ଏ)ରେ ଗିରଫ ବ୍ୟକ୍ତିବିଶେଷଙ୍କୁ ଧରି ନିର୍ବାଚନ ପ୍ରଚାର କରୁଛନ୍ତି। କୋରାପୁଟର ଜୟପୁର ନିର୍ବାଚନମଣ୍ଡଳୀରେ ଶାସକ ଦଳର ପୂର୍ବତନ ମନ୍ତ୍ରୀଙ୍କ ଇଙ୍ଗିତରେ ଗୁଣ୍ଡାରାଜ ଚାଲିଛି। ପିପିଲିରେ କଂଗ୍ରେସର ନିର୍ବାଚନ କାର୍ଯ୍ୟାଳୟକୁ ପୋଡ଼ି ଦିଆଯାଇଛି। ସେହିଭଳି ଆପତ୍ତିଜନକ ଚିପ୍, ପେନ୍‌ଡ୍ରାଇଭ୍ ପାଇଁ କ୍ୟାମେରାମ୍ୟାନ୍ ମାନସ ସ୍ୱାଇଁଙ୍କୁ ହତ୍ୟା କରାଯାଇଛି। ଭୁବନେଶ୍ୱର ମହାନଗର ନିଗମର ବିଜେଡି ମେୟର ପ୍ରାର୍ଥିନୀ ସୁଲୋଚନାଙ୍କ ଚିଟ୍‌ଫଣ୍ଡ ଲିଙ୍କ ରହିଛି। ତେଣୁ ସେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଭୁବନେଶ୍ୱରବାସୀଙ୍କୁ କିଭଳି ନ୍ୟାୟ ଦେଇପାରିବେ ବୋଲି ମହାପାତ୍ର ପ୍ରଶ୍ନ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ରଜନୀ ମହାନ୍ତି ଓ ବିଶ୍ୱଭୂଷଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ଏ ନେଇ ବିଜେଡି ମୁଖପାତ୍ର ଲେଲିନ୍ ମହାନ୍ତି କହିଛନ୍ତି, ଏଭଳି ଅଭିଯୋଗର କିଛି ବାସ୍ତବତା ନାହିଁ। ବିଜେଡି ମେୟର ପ୍ରାର୍ଥିନୀ ସୁଲୋଚନା ଦାସ ଲକ୍ଷାଧିକ ଭୋଟ ବ୍ୟବଧାନରେ ବିଜୟ ଲାଭ କରିବାକୁ ଯାଉଛନ୍ତି। ତେଣୁ ଏଥିରେ ବିଚଳିତ ହୋଇ କଂଗ୍ରେସ କର୍ମୀ କିଛି ବି କହୁଛନ୍ତି।



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।





କଟକର ବିଜେଡି ମେୟର ପ୍ରାର୍ଥୀ ସୁବାସ ସିଂ ସୟଦ ସେମିନାରୀ ଛକ ଅଞ୍ଚଳରେ ମଙ୍ଗଳବାର ପ୍ରଚାର କରୁଛନ୍ତି।

# କଡ଼ା ସୁରକ୍ଷାରେ ଆଜି ବୁଥ୍‌କୁ ଯିବ ଇଭିଏମ୍

ଭୁବନେଶ୍ୱର, ୨୨।୩(ବ୍ୟୁରୋ)

ମହାନଗର ନିଗମ ନିର୍ବାଚନ ପାଇଁ ସମସ୍ତ ପ୍ରଶାସନିକ ପ୍ରସ୍ତୁତି ଶେଷ ହୋଇଛି। ୨୪ ତାରିଖରେ ମତଦାନ ହେବାକୁ ଥିବାବେଳେ ବୁଧବାର ସମସ୍ତ ବୁଥ୍‌ରେ ଇଭିଏମ୍ ମେଶିନ୍‌ଗୁଡିକ ପହଞ୍ଚିବ। ବିଏମ୍‌ସି ଅଞ୍ଚଳରେ ୬୭ଟି ୱାର୍ଡ ପାଇଁ ଏଥର ୭୦୫ ଟି ବୁଥ୍ ଚିହ୍ନଟ ହୋଇଛି। ତେବେ ପ୍ରଥମ କରି ମେୟର ପଦବୀ ପାଇଁ ସିଧାସଳଖ ନିର୍ବାଚନ ହେବାକୁ ଥିବାବେଳେ ୭୦୫ଟି ବୁଥ୍‌ରେ ୨ଟି ଲେଖାଏ ଅର୍ଥାତ୍ ମୋଟ୍ ୧୪୧୦ଟି ଇଭିଏମ୍ ସ୍ଥାପନ କରାଯିବ। ୧୨ ତାରିଖରେ ଭୁବନେଶ୍ୱରକୁ ଇଭିଏମ୍ ଆସିବା ପରେ ସେଗୁଡିକୁ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ହୋଇଥିବା ଷ୍ଟ୍ରଙ୍ଗ୍‌ରୁମ୍‌ରେ କଡ଼ା ସୁରକ୍ଷା ବଳୟରେ ରଖାଯାଇଛି। ବୁଧବାର ସକାଳ ୮ଟାରେ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳଙ୍କ ତତ୍ତ୍ୱାବଧାନରେ ଇଭିଏମ୍ ସ୍ଥାନାନ୍ତର ହେବ। ପ୍ରିଜାଇଡିଂ ଅଫିସର ଏବଂ ୪ଜଣ ପୋଲିଂ କର୍ମଚାରୀଙ୍କୁ ନେଇ ଗଠିତ ୫ଜଣିଆ ଟିମ୍ ଏହି ମେଶିନ୍ ଧରି ନିଜ ନିଜ ବୁଥ୍‌କୁ ବାହାରିଯିବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିବା ସହ ମଙ୍ଗଳବାର ସନ୍ଧ୍ୟାରେ ସବୁ ଗାଡ଼ି ପହଞ୍ଚି ସାରିଛି। ନିୟୋଜିତ ସୁରକ୍ଷା କର୍ମୀଙ୍କ ସୁରକ୍ଷା ବଳୟରେ ନିର୍ଦ୍ଧାରିତ ସମୟରେ ଇଭିଏମ୍‌ଗୁଡ଼ିକ୍ ପହଞ୍ଚିବ। ୭୦୫ ବୁଥ୍ ପାଇଁ ୧୭୬୩ଟି ବାଲଟ ୟୁନିଟ୍ ଓ ୧୭୬୩ଟି କଣ୍ଟ୍ରୋଲ ୟୁନିଟ୍ ପ୍ରସ୍ତୁତ ହୋଇଛି। ବୁଥ୍‌ରେ ୧୪୧୦ ମେଶିନ୍‌ର ଆବଶ୍ୟକତା ରହିଥିବାବେଳେ ଅତିରିକ୍ତ ୧୪୦ଟି ଇଭିଏମ୍ ପରିଚାଳନାଗତ ତ୍ରୁଟିକୁ ଏଡ଼ାଇବା ପାଇଁ ମହଜୁଦ୍ ରହିବ। ୨୪ ତାରିଖ ମତଦାନ ପୂର୍ବରୁ ମକ୍‌ଡ୍ରିଲ୍ କରାଯିବ। ତେବେ ଭୋଟ ଗଣତି ଶେଷ ପର୍ଯ୍ୟନ୍ତ ଏହା ସିସିଟିଭି ନଜରରେ ରହିବ ବୋଲି ସୂଚନା ମିଳିଛି।



# ୨୪ରେ ଭାଗ୍ୟ ପରୀକ୍ଷା

## ଶେଷ ହେଲା ପ୍ରଚାର

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ରାଜ୍ୟର ୧୦୬ ପୌର ସଂସ୍ଥା ଓ ୩ ମହାନଗର ନିଗମରେ ମଙ୍ଗଳବାର ନିର୍ବାଚନ ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ଏହି ନିର୍ବାଚନରେ ମେୟର ଓ ଅଧ୍ୟକ୍ଷ ପଦବୀ ପାଇଁ ୫୬୯, କର୍ପୋରେଟର ଓ କାଉନସିଲର ପଦବୀ ପାଇଁ ୫୮୪୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମ୍ୟୁନିସିପାଲିଟି ଓ ଏନ୍ଏସିର ୧୬୭୨ ୱାର୍ଡ ଓ ୩ କର୍ପୋରେଶନର ୧୬୫ ୱାର୍ଡରେ ନିର୍ବାଚନ ହେବ। ମ୍ୟୁନିସିପାଲିଟି ଓ ଏନ୍ଏସିର ୨,୯୮୯ ବୁଥ୍ ଏବଂ ୩ଟି କର୍ପୋରେଶନର ୧୩୮୪ ବୁଥ୍‌ରେ ୪୦ ଲକ୍ଷ ୫୫ ହଜାର ଭୋଟରଙ୍କ ଲାଗି ମତଦାନ ବ୍ୟବସ୍ଥା କରାଯାଇଛି। ଆସନ୍ତା ୨୪ ତାରିଖରେ ଭୋଟ ଗ୍ରହଣ ହେବ। ସକାଳ ୮ଟାରୁ ଅପରାହ୍ନ ୫ଟା ମଧ୍ୟରେ ମତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

ଭୋଟ ଗ୍ରହଣ ପାଇଁ ମୋଟ ୨୨ ହଜାର ପୋଲିଂ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ନିର୍ବାଚନକୁ ଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ୧୯୫ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଭୁବନେଶ୍ୱର ମହାନଗର ନିଗମ ପାଇଁ ୩୦ ପ୍ଲାଟୁନ ଫୋର୍ସ, କଟକ ମହାନଗର ନିଗମ ପାଇଁ ୨୦ ପ୍ଲାଟୁନ ଫୋର୍ସ ଓ ବ୍ରହ୍ମପୁର ମ୍ୟୁନିସିପାଲ କର୍ପୋରେଶନ ପାଇଁ ୧୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ଏହାଛଡ଼ା ୩୦୦ ମୋବାଇଲ ପାର୍ଟି ରହିବେ। ସେଥିମଧ୍ୟରୁ ୧୦୯ ମୋବାଇଲ ପାର୍ଟି ୩ଟି ମହାନଗର ନିଗମ ପାଇଁ ନିୟୋଜିତ ହେବେ। ପ୍ରତି ବୁଥ୍‌ରେ ଜଣେ ଲେଖାଏ ହାବିଲଦାର କିମ୍ବା କନ୍‌ଷ୍ଟେବଳ କିମ୍ବା ସଶସ୍ତ୍ର ପୋଲିସ ମୁତୟନ ରହିବେ। ଅତି ସମ୍ବେଦନଶୀଳ ବୁଥ୍‌ରେ ଜଣେ ହାବିଲଦାର କିମ୍ବା କନ୍‌ଷ୍ଟେବଳ ସହ ଆଉ ଜଣେ ସଶସ୍ତ୍ର ପୋଲିସ ରହିବେ। ନିର୍ବାଚନ ହେଉଥିବା ପ୍ରତ୍ୟେକ ପୌରାଞ୍ଚଳ ଥାନାରେ ଗୋଟିଏ କିମ୍ବା ଦୁଇଟି ଷ୍ଟ୍ରାଇକିଂ ଫୋର୍ସ ରହିବେ। ଏହାଛଡ଼ା ପ୍ରତି ଜିଲା ସଦର ମହକୁମାରେ ଗୋଟିଏ କିମ୍ବା ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ଜରୁରୀ ପରିସ୍ଥିତି ପାଇଁ ନିୟୋଜିତ ହେବେ।

୨୬ ତାରିଖ ସକାଳ ୮ଟାରୁ ଭୋଟ ଗଣତି ଚାଲିବ। ରାଜ୍ୟର ମୋଟ ୩ଟି ମ୍ୟୁନିସିପାଲ କର୍ପୋରେଶନ, ୪୭ ମ୍ୟୁନିସିପାଲିଟି, ୫୯ଟି ଏନ୍ଏସିରେ ନିର୍ବାଚନ ଅନୁଷ୍ଠିତ ହେବ।

# 'ଟଙ୍କା ବାଣ୍ଟୁଛନ୍ତି ବିଜେଡି ପ୍ରାର୍ଥୀ'

## ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହେଲା ଭାଜପା

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ଚଳିତ ପୌର ନିର୍ବାଚନରେ ଶାସକ ଦଳ ବିଜେଡି ଭୋଟ ହାତେଇବା ପାଇଁ ଟଙ୍କାକୁ ମୁଖ୍ୟ ଅସ୍ତ୍ର କରୁଥିବା ଭାଜପା ଅଭିଯୋଗ କରିଛି। ଏନେଇ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟି ଫେରାଦ ହୋଇଛି। ଏହି ପ୍ରତିନିଧି ଦଳରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୟନ୍ତ ଜେନା, ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ପତି, ମହିଳା ମୋର୍ଚ୍ଚା ଗଣମାଧ୍ୟମ ସଂଯୋଜିକା ସୁଚରିତା ଜେନାମଣି ପ୍ରମୁଖ ସାମିଲ ଥିଲେ।

ଓବିସି ମୋର୍ଚ୍ଚା ସଭାପତି ବିଶ୍ୱାଳ କହିଛନ୍ତି, ପୌର ନିର୍ବାଚନ ପାଇଁ ରାଜ୍ୟବ୍ୟାପୀ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି। ଏହି ସମୟରେ ନିର୍ବାଚନ କିମ୍ବା ଭୋଟରଙ୍କୁ ପ୍ରଭାବିତ କଲା ଭଳି କୌଣସି କାର୍ଯ୍ୟକ୍ରମ ଉପରେ ନିଷେଧାଦେଶ ବଳବତ୍ତର ରହିଛି। କିନ୍ତୁ ଶାସକ ବିଜେଡିର ମନ୍ତ୍ରୀ ଓ ନେତାମାନେ ଏହାର ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି। ଭୁବନେଶ୍ୱର ମହାନଗର ନିଗମ ଅଧୀନ ଜାଗମରାର ୬୩ ନଂ ୱାର୍ଡରେ ବିଜେଡି ପ୍ରାର୍ଥିନୀ ରୁନୁ ଜେନା ଟଙ୍କା ବାଣ୍ଟି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଛନ୍ତି। ତେଣୁ ରାଜ୍ୟ ନିର୍ବାଚନ କମିଶନ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ତରଫରୁ ଦାବି କରାଯାଇଛି।



ନିର୍ବାଚନ କମିଶନଙ୍କୁ ମଙ୍ଗଳବାର ଭେଟୁଛନ୍ତି ଭାଜପା ପ୍ରତିନିଧି ଦଳ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ସହଯୋଗ ପକ୍ଷରୁ ୱାର୍ଲ୍ଡ ଟିବି ଡେ, ମାଳିପଡା, ଖୋର୍ଦ୍ଧା, ସକାଳ ୯ଟା ୩୦।
- ଦ ଓଡ଼ିଶା ଷ୍ଟେଟ୍ ସ୍କାଉଟସ୍ ଆଣ୍ଡ ଗାଇଡସ୍ ପକ୍ଷରୁ 'ପ୍ରତୀକ୍ଷା-୨', ଷ୍ଟେଟ୍ ହେଡ୍‌କ୍ୱାର୍ଟର, ୟୁନିଟ୍-୩, ପୂର୍ବାହ୍ନ୧୦ଟା।
- ସେଣ୍ଟର ଫର ୟୁଥ୍ ଆଣ୍ଡ ସୋସିଆଲ ଡେଭେଲପମେଣ୍ଟର ୪୦ତମ ପ୍ରତିଷ୍ଠା ଦିବସ, ସିୟାଇଏସ୍‌ଡି ଡେଭେଲପମେଣ୍ଟ ରିସୋର୍ସ ଏବଂ ଟ୍ରେନିଂ ସେଣ୍ଟର ଡିଆର୍‌ଟିସି, ସକାଳ ୧୦ଟା ୩୦।
- ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ୨ୟ ରାଜ୍ୟସ୍ତରୀୟ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ, ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟ, ସନ୍ଧ୍ୟା ୬ଟା।
- ୧୮ତମ ଧଉଳି କଳିଙ୍ଗ ମହୋତ୍ସବ, ଶାନ୍ତି ବିହାର, ଧଉଳି ପାଦଦେଶ, ସନ୍ଧ୍ୟା ୬ଟା ୩୦।
- ଶତାବ୍ଦୀର କଳାକାର ପକ୍ଷରୁ ୨୪ତମ କଳିଙ୍ଗ ନାଟ୍ୟ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୪୫।

ବାଲିଅନ୍ତା
- ପଞ୍ଚବଟୀ ଦୋଳ ମେଳଣ, ପଞ୍ଚବଟୀ ମେଳଣ ପଡ଼ିଆ, ଜଗନ୍ନାଥପୁର, ପୂର୍ବାହ୍ନ ୧୦ଟା।

ଜଟଣୀ
- ଜାତୀୟ ସମବାୟ ଶିକ୍ଷା କ୍ଷେତ୍ର ପରିଯୋଜନା ଖୋର୍ଦ୍ଧା ପକ୍ଷରୁ 'ସମବାୟ ସଚେତନତା ଶିବିର', ଜାମୁକୋଳି ପଞ୍ଚାୟତ ହଲ, ଜଟଣୀ, ପୂର୍ବାହ୍ନ ୧୦ଟା ୩୦।

ପୁରୀ
- ଭଗତ ସିଂ ସ୍ମୃତି କମିଟି ଏବଂ ରାମମୋହନ ଲୋହିଆ ଜୟନ୍ତୀ କମିଟି ପକ୍ଷରୁ ଭଗତ ସିଂଙ୍କ ୮୯ତମ ଶହୀଦ ଦିବସ ଏବଂ ରାମମୋହନ ଲୋହିଆଙ୍କ ୧୧୨ ତମ ଜୟନ୍ତୀ ଉପଲକ୍ଷେ କର୍ମଶାଳା, ନାୟକ୍ ପ୍ଲାଜା, ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ବିଧାନସଭା ଅଧିବେଶନ ଲାଗି ଟ୍ରାଫିକ କଟକଣା

ଭୁବନେଶ୍ୱର,୨୨।୩(ବ୍ୟୁରୋ): ଆଉ ଦୁଇ ଦିନ ପରେ ଅର୍ଥାତ ୨୫ ତାରିଖରୁ ବିଧାନସଭା ଅଧିବେଶନ ଆରମ୍ଭ ହେବ। ଏହା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲିବ। ବିଧାନସଭା ଅଧିବେଶ ସମୟରେ ଯେପରି କୌଣସି ବିଶୃଙ୍ଖଳା ନ ଘଟିବ ତାହାକୁ ଦୃଷ୍ଟିରେ ରଖି ମଙ୍ଗଳବାର କମିଶନରେଟ ପୋଲିସ ତରଫରୁ କେତକ କଟକଣା ଜାରି କରାଯାଇଛି। କଟକଣା ଅନୁଯାୟୀ, ହାଉସିଂ ବୋର୍ଡ ଛକ ପଟୁ ଆସୁଥିବା ସମସ୍ତ ଗାଡ଼ି କେଶରୀ ଟକିଜଠାରୁ ଆଗକୁ ନ ଯାଇ ବାମପଟ ରାସ୍ତା ଦେଇ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇପାରିବେ। ସେହିପରି ଏଜି ଛକ ପଟୁ ପିଏମ୍‌ଜି ଛକ ଆଡ଼କୁ ଆସୁଥିବା ସମସ୍ତ ଗାଡ଼ି ଜୟଦେବ ଭବନ ପାଖ ଡାହାଣ ପଟେ ଥିବା ଇନ୍ଦିରା ଗାନ୍ଧୀ ପାର୍କ ରାସ୍ତା ଦେଇ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇପାରିବେ। ମାଷ୍ଟର କ୍ୟାଣ୍ଟିନ ପଟୁ ଅପର ପିଏମ୍‌ଜି ଆଡ଼କୁ ଆସୁଥିବା ଗାଡ଼ିଗୁଡ଼ିକ ଲୋୟର ପିଏମ୍‌ଜି ଛକଠାରୁ ବାମ କିମ୍ବା ଡାହାଣ ପାର୍ଶ୍ୱ ରାସ୍ତା ଦେଇ ଯାଇପାରିବେ, କିନ୍ତୁ ମହାତ୍ମାଗାନ୍ଧୀ ମାର୍ଗରେ ଯିବା ପାଇଁ ଅନୁମତି ଦିଆଯିବ ନାହିଁ। ୧୨୦ ବାଟାଲିୟନ ଛକ ପଟୁ ପିଏମ୍‌ଜି ଛକ ଆଡ଼କୁ ଆସୁଥିବା ସମସ୍ତ ଗାଡ଼ି ପାୱାର ହାଉସ ଛକ ଆଡ଼କୁ ଯିବେ। ରାଜଭବନ ଛକ ପଟୁ ଏମ୍‌ଏଲଏ କଲୋନୀ ଏବଂ ରବିନ୍ଦ୍ର ମଣ୍ଡପ ଆଡ଼କୁ ଯାଉଥିବା ଗାଡ଼ିଗୁଡ଼ିକ ଶାସ୍ତ୍ରୀ ନଗର ଆଡ଼କୁ ଯିବେ। ଏହି କଟକଣା ବିଧାନସଭା, ରାଜ୍ୟ ସଚିବାଳୟ ଏବଂ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟକୁ ଯାଉଥିବା ଅଧିକୃତ ଗାଡ଼ିଗୁଡ଼ିକ ପାଇଁ ଲାଗୁ ହେବ ନାହିଁ। ଓଡ଼ିଶା ସହରାଞ୍ଚଳ ଆଇନ-୨୦୦୩ର ଧାରା ଅନୁସାରେ ବିଧାନସଭା ଅଧିବେଶନ ବେଳେ ମୋଟରଯାନ ଚଳାଚଳ ନିମନ୍ତେ ନିମ୍ନଲିଖିତ କଟକଣା ବଳବତ୍ତର ରହିବ ବୋଲି କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି।

# ବ୍ରାହ୍ମଣୀ କୂଳରେ ୭୦୦ ବର୍ଷର ଭଗ୍ନ ମନ୍ଦିର

- ଚିହ୍ନଟ କଲା ଇନ୍‌ଟାକ୍ ଟିମ୍
- ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ସ୍ଥାନ ଖନନ କରାଯିବାକୁ ଦାବି

ଭୁବନେଶ୍ୱର,୨୨।୩(ବ୍ୟୁରୋ)


ଚିହ୍ନଟ ହୋଇଥିବା ମନ୍ଦିରର ଭଗ୍ନାବଶେଷ।

ରାଜ୍ୟର ଏବେ ବି କେତେକ ସ୍ଥାନରେ ପୂର୍ବରୁ ଲୋପ ପାଇଯାଇଥିବା ଐତିହ୍ୟ କୀର୍ତ୍ତିରାଜି ଓ ମନ୍ଦିରଗୁଡ଼ିକ ଭଗ୍ନାବସ୍ଥାରେ ଲୁଚି ରହିଛି। ତେବେ ଏଭଳି ଐତିହ୍ୟ ଓ କୀର୍ତ୍ତିରାଜି ଲୁଚି ରହିଥିବା ବେଳେ ମଙ୍ଗଳବାର ଢେଙ୍କାନାଳ ଜିଲା ତୁମୁସିଂଘା ତହସିଲ ଅନ୍ତର୍ଗତ ରାୟନରସିଂହପୁର ଗ୍ରାମ ବ୍ରାହ୍ମଣୀ ନଦୀକୂଳରୁ ଏକ ପ୍ରାଚୀନତମ ମନ୍ଦିରର ଧ୍ୱଂସାବଶେଷର ସନ୍ଧାନ ମିଳିଛି। ଏହି ପୁରାତନ ମନ୍ଦିରକୁ ଗବେଷଣା କରୁଥିବା ଇନ୍‌ଟାକ୍ (ଇଣ୍ଡିଆନ ନ୍ୟାଶନାଲ ଟ୍ରଷ୍ଟ ଫର ଆର୍ଟ ଆଣ୍ଡ କଲଚରାଲ ହେରିଟେଜ୍)ଟିମ୍ ସନ୍ଧାନ କରିବା ସହ ଏହାର ଐତିହ୍ୟ ବିଷୟରେ ଅନୁସନ୍ଧାନ ଚଳାଇଛି। ସନ୍ଧାନ ମିଳିଥିବା ଏହି ଭଗ୍ନ ମନ୍ଦିରଟି ପ୍ରାୟ ୭୦୦ବର୍ଷରୁ ଅଧିକ ପୁରାତନ ହୋଇଥିବା ଇନଟାକ୍‌ର ପ୍ରକଳ୍ପ ସଂଯୋଜକ ଅନିଲ ଧୀର କହିଛନ୍ତି।

ରାୟନରସିଂହପୁର ଅଞ୍ଚଳର କେତେଜଣ ଲୋକ ଉକ୍ତ ନଦୀକୂଳ ବାଟେ ଯିବାବେଳେ ଏକ ମନ୍ଦିରର ଧ୍ୱଂସାବଶେଷ ପଡ଼ିଥିବା ଦେଖି ଇନଟାକ୍‌ର ପ୍ରକଳ୍ପ ସଂଯୋଜକ ଅନୀଲ ଧୀରଙ୍କୁ ଜଣାଇଥିଲେ। ଇନଟାକ୍‌ର ପ୍ରକଳ୍ପ ସହାୟକ ଦୀପକ କୁମାର ନାୟକ ରାୟନରସିଂହପୁର ଗସ୍ତ କରି ଏହି ଐତିହାସିକ ସ୍ଥାନଟିର ପ୍ରାରମ୍ଭିକ ସର୍ବେକ୍ଷଣ କରିଛନ୍ତି। ଏ ନେଇ ଇନ୍‌ଟାକ ପ୍ରକଳ୍ପ ସହାୟକ ନାୟକ କହିଛନ୍ତି, ଏହି ପ୍ରାଚୀନ ମନ୍ଦିରଟି ବ୍ରାହ୍ମଣୀ ନଦୀକୂଳରେ ଅବସ୍ଥିତ ଥିଲା। ହୁଏତ ବ୍ରାହ୍ମଣୀ ନଦୀରେ ଆସୁଥିବା ବନ୍ୟା ଯୋଗୁ ଅଥବା ନଦୀ ଏହାର ଗତିପଥରେ ପରିବର୍ତ୍ତନ ଆଣିଥିବାରୁ ଏହା ଭାଙ୍ଗିଯାଇଥିଲା। ଏବେ ପୁରୁଣା ମନ୍ଦିରର ବିଶାଳ ଅମଳକ ଶିଳା ନଦୀକୂଳରେ ପଡିରହିଛି। ଯେଉଁ ସ୍ଥାନରେ ଏହା ପଡିରହିଛି ତାହା ଏକ ଛୋଟ ଡିପ ସ୍ଥାନ। ହୁଏତ ପୁରାତନ ମନ୍ଦିରର ମୂଳ ଅଂଶ ମଧ୍ୟ ସେହି ସ୍ଥାନରେ ଥିଲା। ଅମଳକ ଶିଳାର ବିଶାଳତା ସୂଚନା ଦେଉଛି ଯେ, ଏଠାରେ ଏକ ବୃହତ ମନ୍ଦିର ଥିଲା। ସ୍ଥାନଟିର ଆଖପାଖରେ ଅନେକ କାରୁକାର୍ଯ୍ୟଯୁକ୍ତ ପ୍ରସ୍ତର ଖଣ୍ଡ ଦେଖିବାକୁ ମିଳୁଛି। ସେଥିମଧ୍ୟରୁ ନାଗନାଗୀ, ନାୟିକା, ଅଳସକନ୍ୟା, ରାଜକୀୟ ମୂର୍ତ୍ତି ଉଲ୍ଲେଖଯୋଗ୍ୟ। ଏ ସବୁର ଗଠନଶୈଳୀକୁ ବିଚାର କଲେ ମନ୍ଦିରର ନିର୍ମାଣ ଅବଧି ଓଡ଼ିଶାରେ ଗଙ୍ଗବଂଶୀ ଶାସନ ସମୟ କିମ୍ବା ତା'ର ପୂର୍ବବର୍ତ୍ତୀ ସମୟର ବୋଲି ହୋଇପାରେ ବୋଲି ଦୀପକ ନାୟକ କହିଛନ୍ତି। ସ୍ଥାନୀୟ ଅଧିବାସୀଙ୍କ ମତରେ ଏଠାରେ ଏକ ପ୍ରାଚୀନ ଶିବ ମନ୍ଦିର ଥିଲା ଏବଂ ପ୍ରାୟ ୬୦ ବର୍ଷ ତଳେ ଏଠାରୁ ଉଦ୍ଧାର ହୋଇଥିବା ଅନେକ ପ୍ରାଚୀନ ପ୍ରତିମା ଗ୍ରାମର ସିଦ୍ଧେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ରଖାଯାଇଛି।

ଇନ୍‌ଟାକ୍‌ର ପ୍ରକଳ୍ପ ସଂଯୋଜକ ଅନିଲ ଧୀର ତୁରନ୍ତ ସ୍ଥାନଟିର ପ୍ରତ୍ନତାତ୍ତ୍ୱିକ ଖନନ କରିବାକୁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଦାବି କରିଛନ୍ତି। ଖନନ କରାଗଲେ ସ୍ଥାନଟି ସମ୍ପର୍କରେ ଅଧିକ ଐତିହାସିକ ତଥ୍ୟ ଉନ୍ମୋଚନ ହୋଇପାରିବ। ଇନ୍‌ଟାକ୍ ତରଫରୁ ଶେଷ କିଛିବର୍ଷ ଧରି ହେଉଥିବା ଐତିହ୍ୟ ଅନ୍ୱେଷଣରେ ପ୍ରାୟ ୯୦ରୁ ଅଧିକ ଜଳମଗ୍ନ/ଅର୍ଦ୍ଧଜଳମଗ୍ନ ମନ୍ଦିରର ସୂଚନା ରହିଛି। ଏ ସମ୍ପର୍କରେ ଖୁବ୍‌ଶୀଘ୍ର ଇନ୍‌ଟାକ୍ ତରଫରୁ ସରକାରଙ୍କୁ ଅବଗତ କରାଯିବ ବୋଲି ଧୀର ପ୍ରକାଶ କରିଛନ୍ତି।


ଧଉଳି ପାଦଦେଶରେ ମଙ୍ଗଳବାର ସନ୍ଧ୍ୟାରେ ଧଉଳି କଳିଙ୍ଗ ମହୋତ୍ସବ ଉଦ୍‌ଘାଟନ ଅବସରରେ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

# ମନ୍ତ୍ରମୁଗ୍ଧ କଲା ମଣିପୁରୀ, ଓଡ଼ିଶୀ ଓ ସମରକଳା ନୃତ୍ୟ

## ଧଉଳି କଳିଙ୍ଗ ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ଧଉଳି ପାଦଦେଶ କମ୍ପି ଉଠିଲା ନୃତ୍ୟର ଛନ୍ଦ ଓ ମୂର୍ଚ୍ଛନାରେ। ଦର୍ଶକ ଝୁମି ଉଠିଲେ ମଣିପୁରୀ, ଓଡ଼ିଶୀ ଓ ସାମରିକ ନୃତ୍ୟରେ। ଏକ ଅପୂର୍ବ ଆଲୋଡ଼ନ ସୃଷ୍ଟି କରିଥିଲା ୧୮ତମ ଧଉଳି କଳିଙ୍ଗ ମହୋତ୍ସବର ପ୍ରଥମ ସନ୍ଧ୍ୟା। ରାଜ୍ୟ ପର୍ଯ୍ୟଟନ ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ ଏବଂ ଆର୍ଟ ଭିଜନ୍‌ର ମିଳିତ ଆୟୋଜନରେ ମଙ୍ଗଳବାର ୧୮ତମ ଧଉଳି କଳିଙ୍ଗ ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଏହା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀରେ ଯେଉଁ ସ୍ଥାନରୁ ସମ୍ରାଟ ଅଶୋକ ଶାନ୍ତିର ବାର୍ତ୍ତା ପ୍ରଚାର କରିଥିଲେ, ସେହି ସ୍ଥାନରୁ ଆଜି ଝଙ୍କୃତ ହେଉଥିଲା ଆକର୍ଷଣୀୟ ନୃତ୍ୟର ଝଲକ। ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟକୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରଚାର ଓ ଲୋକପ୍ରିୟ କରିବା ଏହି ଉତ୍ସବର ମୂଳ ଉଦ୍ଦେଶ୍ୟ । ଏଥିରେ ଭାରତୀୟ ନୃତ୍ୟ ପରମ୍ପରାର ବିଭିନ୍ନ କଳାରେ ସମ୍ପୃକ୍ତ ୫୦୦ରୁ ଅଧିକ କଳାକାରଙ୍କ ସମାଗମ ହୋଇଛି। ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା ବିମ୍ବାବତୀ ଦେବୀ ଓ ସାଥୀଙ୍କ ଦ୍ୱାରା ମଣିପୁରୀ ନୃତ୍ୟ। ସେମାନଙ୍କର ପ୍ରଥମ ଉପସ୍ଥାପନା ଥିଲା 'ଭୂମି ଯାହା ଭୂମି ସୁକଟମ'। ଅଥର୍ବ ବେଦର ଦ୍ୱାଦଶ ଅଧ୍ୟାୟରେ ୬୩ମନ୍ତ୍ରର ଭୂମିମାତା ଉପରେ ଏହା ପର୍ଯ୍ୟବସିତ ଥିଲା। ଏହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ବିମ୍ବାମତୀ ଦେବୀ। ପରେ ପୂର୍ଣ୍ଣପୁରୁଷୋତ୍ତମ ପରିବେଷିତ ହୋଇଥିଲା। ପୁରାଣରେ ନରସିଂହଙ୍କ ରୂପରେ ବିଷ୍ଣୁଙ୍କ ଏକ ଅବତାର ହେଉଛନ୍ତି ପୁରୁଷୋତ୍ତମ। ପରେ ଗୁରୁ ପ୍ରଭାତ ସ୍ୱାଇଁଙ୍କ ନେତୃତ୍ୱରେ ଭୁବନେଶ୍ୱରର ନୃତ୍ୟ ନୈବେଦ୍ୟ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ସନ୍ତୋଷ ନାୟାର ଓ ସାଥୀଙ୍କ ଦ୍ୱାରା ସମସାମୟିକ ସମରକଳା ନୃତ୍ୟ ପରିବେଷଣ ହୋଇଥିଲା। ସେମାନଙ୍କର ଉପସ୍ଥାପନା ରହସ୍ୟମୟ ଜଙ୍ଗଲ ମଧ୍ୟରେ ଜୀବନ ଅନୁସନ୍ଧାନ ଉପରେ ଆଧାରିତ ଥିଲା। ଏହି ନୃତ୍ୟରେ ମୟୂରଭଞ୍ଜ ଛଉ ନୃତ୍ୟର ସ୍ୱାଦ ବାରି ହେଉଥିଲା। ଉକ୍ତ ଉତ୍ସବରେ ଅତିଥି ଭାବେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ରୀନା ମହାପାତ୍ର, ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସଚିବ ଗୁରୁ ଅରୁଣା ମହାନ୍ତି ଏବଂ ଆର୍ଟ ଭିଜନର ସଚିବ ଇଲିୟାନା ଚିତାରିଷ୍ଟି ଉପସ୍ଥିତ ଥିଲେ।

# ଆଜି ମହାପ୍ରଭୁଙ୍କ ବନକ ଲାଗି

## ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ ଅଫିସ,୨୨।୩

ଚୈତ୍ର ମାସ କୃଷ୍ଣପକ୍ଷ ଷଷ୍ଠୀ ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ଅନୁଷ୍ଠିତ ହେବ। ଦଇତାପତି ସେବକମାନେ ଏହି ଗୁପ୍ତ ବନକ ଲାଗି ନୀତିକୁ ସମ୍ପାଦନ କରନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡିବା ପରେ ଏହି ନୀତି ହୁଏ। ସେବକମାନେ ରତ୍ନ ସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିଥାନ୍ତି। ବନକ ଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗ କସ୍ତୁରୀ, ହରିତାଳ, ଶଙ୍ଖତାଳ, ହେଙ୍ଗୁଳ, କେଶର, ବାହାଡା ଆଦି ରଙ୍ଗ ବ୍ୟବହାର ହୁଏ। ଏହା ଗୁପ୍ତନୀତି ହୋଇଥିବାରୁ ଅପରାହ୍ନ ୪.୩୦ରୁ ୮ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଅନ୍ୟ ସେବାୟତଙ୍କ ସହ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଦଇତାପତି ସେବକମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହଙ୍କ ମହାସ୍ନାନ ନୀତି ସମ୍ପନ୍ନ ହୋଇ ଦର୍ଶନ ପୁନର୍ବାର ଆରମ୍ଭ ହେବ।

# ୪ ଲକ୍ଷ ଲୁଟ୍ ଘଟଣା: ୨ ଗିରଫ, ୧.୬୦ ଲକ୍ଷ ଟଙ୍କା ଜବତ

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ବ୍ୟାଙ୍କରୁ ଟଙ୍କା ନେଇ ଫେରିବାବେଳେ ୪ଲକ୍ଷ ଟଙ୍କା ଝାମ୍ପିନେବା ଘଟଣାରେ ଶହୀଦ ନଗର ଥାନା ପୋଲିସ ଦୁଇ ଦୁର୍ବୃତ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ଝାଞ୍ଜିପଡ଼ାର ବାଦଲ ଗୋୟଲ (୩୪) ଏବଂ ଅନିକେତ ଦାସ(୨୨)। ତାଙ୍କଠାରୁ ୧.୬୦ ଲକ୍ଷ ଟଙ୍କା ଜବତ କରାଯାଇଛି। ସୂଚନାନୁଯାୟୀ ଗତ ମାର୍ଚ୍ଚ ୫ତାରିଖରେ ଅଭିଯୋଗକାରିଣୀ ସ୍ମିତାରାଣୀଙ୍କ ବାପା ବ୍ୟାଙ୍କରୁ ୪ ଲକ୍ଷ ଟଙ୍କା ଉଠାଇ ଘରକୁ ଫେରୁଥିବାବେଳେ ୨ଦୁର୍ବୃତ୍ତ ତାଙ୍କୁ ପିଛା କରି ମହର୍ଷି କଲେଜ ନିକଟରୁ ତାଙ୍କ ଟଙ୍କା ଭର୍ତ୍ତି ବ୍ୟାଗକୁ ଛଡ଼ାଇ ନେଇ ଚମ୍ପଟ ମାରିଥିଲେ। ଏନେଇ ଲୁଟର ଶିକାର ହୋଇଥିବା ବ୍ୟକ୍ତିଙ୍କ ଝିଅ ଶହୀଦ ନଗର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା(ନଂ.୯୦।୨୦୨୨) ରୁଜୁ କରି ୨ ଦୁର୍ବୃତ୍ତଙ୍କୁ ଭୁବନେଶ୍ୱରରୁ କାବୁ କରିଥିଲା।

# ପୁରୀ ଜିଲାପାଳଙ୍କୁ ଏନ୍‌ଏଚ୍‌ଆର୍‌ସି ନୋଟିସ୍

ପୁରୀ ଅଫିସ,୨୨।୩

ମୁଖ୍ୟ ଶାସନ ସଚିବ ଓ ପୁରୀ ଜିଲାପାଳଙ୍କୁ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି) ନୋଟିସ କରିଛନ୍ତି। ୮ ସପ୍ତାହ ମଧ୍ୟରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ଆସୁଥିବା ଭକ୍ତଙ୍କ ଦୁର୍ଦ୍ଦଶା ଓ ପ୍ରଶାସନିକ ଅବହେଳା ସମ୍ପର୍କରେ ପୁରୀ ବିକାଶ ପରିଷଦର ସଭାପତି ଜଗନ୍ନାଥ ବସ୍ତିଆ ମଙ୍ଗଳବାର ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଏତଲା ଦେଇଥିଲେ। ସମ୍ପୃକ୍ତ ଏତଲାକୁ ଭିତ୍ତି କରି ପ୍ରଶାସନକୁ କମିଶନ ନୋଟିସ୍ କରି ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ କହିଛି। ଜଗନ୍ନାଥ ବସ୍ତିଆ ଅଭିଯୋଗରେ ଜଣାଇଥିଲେ, ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା, ଲମ୍ବାଲାଇନରେ ଘଣ୍ଟା ଘଣ୍ଟା ଠିଆ ହେଉଥିବା ଶ୍ରଦ୍ଧାଳୁଙ୍କ ପାଇଁ ଛାମୁଣ୍ଡିଆ, ଶୌଚାଳୟ ଓ ପାନୀୟ ଜଳ ଭଳି ମୌଳିକ ସୁବିଧା, ନାଟମଣ୍ଡପ ଓ ଭୋଗମଣ୍ଡପର ଦର୍ଶନ ଅବ୍ୟବସ୍ଥାର ସ୍ଥାୟୀ ସମାଧାନ ସମେତ ମହିଳା ଶ୍ରଦ୍ଧାଳୁଙ୍କର ଅଳଙ୍କାର ଚୋରି ଓ ଦୁର୍ବ୍ୟବହାର ରୋକିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ତତ୍ପରତା ଦେଖାଇବାର ଆବଶ୍ୟକତା ରହିଛି। ସେହିଭଳି ଭକ୍ତମାନେ କିଭଳି ଶୃଙ୍ଖଳିତ ଦର୍ଶନ ପାଇବେ ସେନେଇ ପ୍ରଶାସନ କାର୍ଯ୍ୟକରୁ ବୋଲି ଦାବି ରଖାଯାଇଥିଲା।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ନୀଲେଶ


@ ପ୍ରଭାତ


@ ଚନ୍ଦ୍ରକାନ୍ତ


@ ସର୍ବେଶ୍ୱର


@ ଶୁଭାଂଶୁ


@ ସୁଶାନ୍ତ

# ଗାଡ଼ି ଧକ୍କାରେ ବାପା ମୃତ, ପୁଅ ଗୁରୁତର

ଭୁବନେଶ୍ୱର,୨୨।୩(ବ୍ୟୁରୋ)

ରାସ୍ତା ପାର ହେବା ବେଳେ ଏକ ଗାଡ଼ି ଧକ୍କାରେ ବାପା ପ୍ରାଣ ହରାଇଥିବାବେଳେ ପୁଅ ଗୁରୁତର ଆହତ ହୋଇଛନ୍ତି। ମଙ୍ଗଳବାର ନୟାପଲ୍ଲୀ ଥାନା ଅଧୀନ ନାବାର୍ଡ କାର୍ଯ୍ୟାଳୟ ସମ୍ମୁଖରେ ଏହି ଦୁର୍ଘଟଣା ଘଟିଛି। ମୃତକ ହେଲେ ସମ୍ ହସ୍ପିଟାଲ ଅଞ୍ଚଳରେ ରହୁଥିବା କେନ୍ଦୁଝର ଜିଲାର ରବି ମୁଣ୍ଡା (୫୨)। ଆହତ ପୁଅ ରଇବ ମୁଣ୍ଡାଙ୍କୁ ଚିକିତ୍ସା ପାଇଁ ଏମ୍ସ ହସ୍ପିଟାଲ ପଠାଯାଇଛି।

ସୂଚନାନୁଯାୟୀ, ରବି ଭୁବନେଶ୍ୱରରେ ରହି ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ମଙ୍ଗଳବାର ସେ ସ୍ତ୍ରୀ ଓ ପୁଅଙ୍କ ସହ ଇନ୍ଦ୍ରଧନୁ ମାର୍କେଟକୁ ଯାଇଥିଲେ। ହେଲେ ଘରକୁ ଫେରିବା ବେଳେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଆହତ ରଇବଙ୍କୁ ଚିକିତ୍ସା ଲାଗି ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ପଠାଇଥିଲା।


ଚୈତ୍ର ମାସ ମଙ୍ଗଳବାର ପ୍ରଥମ ପାଳି ଅବସରରେ ପୁରୀ ଝାଡ଼େଶ୍ୱରୀ ପୀଠ ନିକଟରେ ଅନୁଷ୍ଠିତ ଝାମୁଯାତ୍ରାରେ ମାନସିକଧାରୀ ପାଟୁଆ ନିଆଁରେ ଚାଲୁଛନ୍ତି।



ପେଟ୍ରୋଲ, ଡିଜେଲ, ରନ୍ଧନଗ୍ୟାସ୍ ଓ ଖାଇବା ତେଲ ପ୍ରଭୃତି ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ପ୍ରତିବାଦରେ ମଙ୍ଗଳବାର ଭୁବନେଶ୍ୱର ରାଜମହଲ ଛକରେ ସିପିଆଇ ଏବଂ ବିକେଏମ୍‌ୟୁ ପକ୍ଷରୁ ମିଳିତ ବିକ୍ଷୋଭ।


ଚୈତ୍ର ମଙ୍ଗଳବାର ପ୍ରଥମ ପାଳିରେ ଭୁବନେଶ୍ୱର ୟୁନିଟ-୩ ଅଞ୍ଚଳର ଏକ ରାସ୍ତା ପାର୍ଶ୍ୱରେ ମହିଳାମାନେ ମା' ମଙ୍ଗଳାଙ୍କ ପୂଜାର୍ଚ୍ଚନା କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୩ ମାର୍ଚ୍ଚ, ୨୦୨୨



## ସଂକ୍ଷେପରେ

### ଟ୍ରକ୍-ଟାଟା ଏସିଇ ମୁହାଁମୁହିଁ ଧକ୍କା, ୨ ଗୁରୁତର

**ନିରାକାରପୁର,୨୨।୩(ଡି.ଏନ୍.ଏ.):** ୧୬ନମ୍ବର ଜାତୀୟ ରାଜପଥର ନିରାକାରପୁର ଥାନା ବଡ଼ପୋଖରିଆ ଓ ରତାମାଟି ମଧବର୍ତ୍ତୀ ଅଞ୍ଚଳରେ ମଙ୍ଗଳବାର ରାତିରେ ଏକ ଟ୍ରକ୍ ସହ ଟାଟା ଏସିଇ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଟାଟା ଏସିଇ ଚାଳକଙ୍କ ସମେତ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଟାଟା ଏସିଇ ଚାଳକ ହେଲେ ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ଗ୍ରାମର ଅନିଲ ମଙ୍ଗରାଜ। ତେବେ ଆଉ ଜଣଙ୍କ ପରିଚୟ ମିଳିପାରିନାହିଁ। ଖବରପାଇ ପୋଲିସ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ପଠାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

### ଆଜିଠୁ ହରିରାଜପୁର ମେଳଣ

**ଜଟଣୀ,୨୨।୩(ଡି.ଏନ୍.ଏ.):** ପୁରୀ ଜିଲା ଡେଲାଙ୍ଗ ବ୍ଲକ ହରିରାଜପୁର ମେଳଣ ଉତ୍ସବ ବୁଧବାରଠାରୁ ଆରମ୍ଭ ହୋଇ ଆସନ୍ତା ୨୭ତାରିଖ ପର୍ଯ୍ୟନ୍ତ ପାଳନ ହେବ। ଏଥିନିମନ୍ତେ ସମସ୍ତ ପ୍ରସ୍ତୁତି ସରିଛି। ପ୍ରଭୁ ପଶ୍ଚିମାଶମ୍ଭୁ ସୋମନାଥ ଦେବ ମନ୍ଦିରରୁ ଘଣ୍ଟ, ମୃଦଙ୍ଗର ତାଳେ ତାଳେ ମେଳଣ ପଡିଆ ପର୍ଯ୍ୟନ୍ତ ଭକ୍ତଙ୍କ ସହ ଯିବେ। ଦୋଳବେଦିଠାରୁ ଦୋଳ ଖୁଣ୍ଟି ପର୍ଯ୍ୟନ୍ତ ସଫା କରାଯାଇଛି। ସେପଟେ ବ୍ୟବସାୟୀମାନେ ମଧ ଦୋକାନ ଖୋଲିବା ପାଇଁ ପ୍ରସ୍ତୁତିରେ ଲାଗିପଡିଛନ୍ତି। ପୂର୍ବରୁ ମେଳଣକୁ ୭୭ଟି ଦୋଳ ଆସୁଥିବା ବେଳେ ଚଳିତ ବର୍ଷ ୮୦ଟି ଦୋଳ ବିମାନ ଆସିବ ବୋଲି କହିଛନ୍ତି କର୍ମକର୍ତ୍ତା। ଗତ ଦୁଇ ବର୍ଷ ହେବ କେବଳ ବିଧି ଓ ପରମ୍ପରା ରକ୍ଷା ପାଇଁ ମେଳଣ ଅନୁଷ୍ଠିତ ହୋଇଥିବା ବେଳେ ଚଳିତ ବର୍ଷ କରୋନା କଟକଣାରେ କୋହଳ ହେବାରୁ ପୂର୍ବପରି ମେଳଣ ଉତ୍ସବ ପାଳନ ହେବ। ଏନେଇ କମିଟି କର୍ମକର୍ତ୍ତା ଓ ଭକ୍ତମାନେ ଖୁସି ପ୍ରକଟ କରିଛନ୍ତି।

### ଜାଗୃତି ଧର୍ମ ସଭାଗୃହ ଲୋକାର୍ପିତ

**ଭୁବନେଶ୍ୱର,୨୨।୩(ବ୍ୟୁରୋ):** ପ୍ରଜ୍ଞା ଫାଉଣ୍ଡେଶନର ବଡ଼ ଝରିଲୋ 'ଧାନ କେନ୍ଦ୍ର'ରେ ନବ ନିର୍ମିତ ଧାନ ଗୃହ ଶ୍ରୀ ସଚ୍ଚିଦାନନ୍ଦ ଏବଂ ଅନ୍ୟ ସାଧିକାସାଧିକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉପାସିକା, ଉପାସକମାନେ ସାଧନା କରିବା ଉଦ୍ଦେଶ୍ୟରେ ଏହା ସହାୟକ ହେବ। ଶହେରୁ ଅଧିକ ଲୋକ ଏକା ସାଙ୍ଗରେ ବସି ଏଠାରେ ଧାନ କରିପାରିବେ। ଏହି କେନ୍ଦ୍ର ନ ଥିବାରୁ ଧାନ ଓ ପ୍ରାର୍ଥନା ଲାଗି ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଶ୍ରୀ ସଚ୍ଚିଦାନନ୍ଦଙ୍କ ଉଦ୍ୟମ ଫଳରେ ଏହା ସମ୍ଭବ ହୋଇପାରିଛି।

### ବିଦ୍ୟାଳୟରେ ଶିଶୁ ମେଳା

**ବାଲିଅନ୍ତା,୨୨।୩(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ଅଧୀନ ଭୁବନପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଋତୁକାଳୀନ ଅଣ ଆବାସିକ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଶିଶୁ ସମ୍ବନ୍ଧୀୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ଓଝା ଓ ସମ୍ମାନିତ ଅତିଥି ସରପଞ୍ଚ କୃଷ୍ଣକେଶବ ଆପଟ, ୱାର୍ଡସଭ୍ୟା ଶାନ୍ତିଲତା ଜେନା ଓ ଜଲି ଦାସ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷଣ ସମ୍ବନ୍ଧୀୟ ସାମଗ୍ରୀ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ଉମାକାନ୍ତ ଦାସଙ୍କ ଅଧକ୍ଷତାରେ ପରିଚାଳିତ ହୋଇଥିଲା।

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**କଟକ ଅଫିସ,୨୨।୩:** କଟକ ଶିଖରପୁର ଛକଠାରେ ମଙ୍ଗଳବାର ରାତି ପ୍ରାୟ ୮ଟା ୪୫ରେ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ସେ ସ୍ଥାନୀୟ ତେଲେଙ୍ଗା ବଜାର ଅଞ୍ଚଳର ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଏକ ଟ୍ରକ (ଓଆର୦୫ଏଏଚ୍-୧୧୧୫) ସମ୍ରାଟ ହଲ ଆଡୁ ଓଏମ୍‌ପି ଆଡକୁ ଯାଉଥିବା ସମୟରେ ସମ୍ମୁଖରେ ଏକ ବାଇକ୍(ଓଡ଼ି୦୫ଏଏଚ-୯୩୦୪)କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀ ଜଣଙ୍କ ତଳେ ପଡିଯାଇଥିଲେ। ଫଳରେ ଟ୍ରକର ପଛ ଚକ ତାଙ୍କ ଉପରେ ମାଡିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ସେଠାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଚାଉଳିଆଗଞ୍ଜ ପୋଲିସ ଓ ପିସିଆର ଭ୍ୟାନ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରିଥିଲା। ଏହାପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ତେବେ ଦୁର୍ଘଟଣା ଘଟାଇଥିବା ଟ୍ରକ ଚାଳକଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି।

# ୧୨ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

- ପୌର ନିର୍ବାଚନ ଲାଗି ସ୍ୱେଶାଲ ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ
- ବେଆଇନ ମଦ କାରବାର ଅଭିଯୋଗରେ ୭୨ ଗିରଫ

**ଭୁବନେଶ୍ୱର,୨୨।୩(ବ୍ୟୁରୋ)**

ରାଜଧାନୀରେ ଶାନ୍ତିଶୃଙ୍ଖଳାର ସହ ପୌର ନିର୍ବାଚନ ସମ୍ପନ୍ନ ନିମନ୍ତେ ମଡେଲ କୋଡ୍ ଅଫ କଣ୍ଡକ୍ଟ ଲାଗୁ ହେବା ପରେ ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା ତରଫରୁ ସ୍ୱେଶାଲ ଏନଫୋର୍ସମେଣ୍ଟ ଡ୍ରାଇଭ ଆରମ୍ଭ ହୋଇଛି। ଫେବୃୟାରୀ ୫ରୁ ଏହି ଡ୍ରାଇଭ ଆରମ୍ଭ ହୋଇଥିବାବେଳେ ପୌର ନିର୍ବାଚନ ଶେଷ ପର୍ଯ୍ୟନ୍ତ ଚାଲିବ। ଫେବୃୟାରୀ ୨୫ରୁ ମାର୍ଚ୍ଚ ୧୦ ତାରିଖ ମଧରେ ନିର୍ବାଚନୀ ହିଂସାକୁ ନେଇ ୭ଟି ମାମଲା ରୁଜୁ କରାଯାଇଛି। ସେଥିମଧରୁ ଲକ୍ଷ୍ମୀସାଗର ଥାନାରେ ୪ଟି ମାମଲା ରହିଛି। ମାର୍ଚ୍ଚ ୧୫ରେ ଗୋଟିଏ ମାମଲା ରୁଜୁ ହୋଇଛି। ମାର୍ଚ୍ଚ ୧୪ ଓ ୧୮ରେ ବଡ଼ଗଡ଼ ଥାନା ଓ ନୟାପଲ୍ଲୀ ଥାନାରେ ୨ଟି ମାମଲା ରୁଜୁ କରାଯାଇଛି। ମାର୍ଚ୍ଚ ୧୧ରୁ ୨୧ତାରିଖ ମଧରେ ୨୫ଟି ୱାରେଣ୍ଟ କାର୍ଯ୍ୟକାରୀ କରାଯିବା ସହ ୩୬ଟି ୱାରେଣ୍ଟକୁ କୋର୍ଟଙ୍କୁ ହସ୍ତାନ୍ତର କରାଯାଇଛି। ୩୬ଟି ମାମଲାରେ ଶାନ୍ତି ଭଙ୍ଗକାରୀ ବ୍ୟକ୍ତିଙ୍କ ବିରୋଧରେ ୧୦୭ ସିଆର୍‌ପିସି ଏବଂ ୧୨ ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ ୧୧୦ ସିଆର୍‌ପିସି ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ୧୧୧ଟି ବେଆଇନ ମଦ କାରବାର ବିରୋଧରେ ମାମଲା ରୁଜୁ ସହ ୭୨ଜଣଙ୍କୁ ଗିରଫ କରାଯାଇଛି। ମାର୍ଚ୍ଚ ୧୧ରୁ ଏଯାବତ ୨୯୯. ୬୭ ଲିଟର ନକଲି ଦେଶୀ ମଦ ଏବଂ ୧ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରାଯାଇଛି।

ସୂଚନାନୁଯାୟୀ, ଫେବୃୟାରୀ ୨୫ରୁ ମାର୍ଚ୍ଚ ୯ ତାରିଖ ମଧରେ ୩ଟି ନିର୍ବାଚନୀ ହିଂସାଜନିତ ମାମଲା ରୁଜୁ କରାଯାଇଛି। ୧୫ଟି ୱାରେଣ୍ଟ କାର୍ଯ୍ୟକାରୀ କରାଯିବା ସହ ୨୫ଟି ୱାରେଣ୍ଟକୁ କୋର୍ଟଙ୍କୁ ହସ୍ତାନ୍ତର କରାଯାଇଛି। ସେହିଭଳି ୫ଟି ମାମଲାରେ ଶାନ୍ତି ଭଙ୍ଗକାରୀ ବ୍ୟକ୍ତିଙ୍କ ବିରୋଧରେ ୧୦୭ ସିଆର୍‌ପିସି ଏବଂ ୫ ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ ୧୧୦ ସିଆର୍‌ପିସି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହୋଇଛି। ଏଥିସହ ୯୨ଟି ବେଆଇନ ମଦ କାରବାର ବିରୋଧରେ ମାମଲା ରୁଜୁ କରାଯାଇ ୭୪ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୧୧ ଜଣଙ୍କୁ ୪୧ ସିଆରପିସି ଅନୁଯାୟୀ ନୋଟିସ କରାଯାଇଛି। ଫେବୃୟାରୀ ୨୫ରୁ ମାର୍ଚ୍ଚ ୧୦ ମଧରେ ୧୪୪୬.୨୨ ଲିଟର ଦେଶୀମଦ, ୪୦୮.୨୦୫ ଲିଟର ବିଦେଶୀ ମଦ ଏବଂ ୬୦୯. ୩୫ ଲିଟର ନକଲି ଦେଶୀ ମଦ ଜବତ ହୋଇଛି। ଲକ୍ଷ୍ମୀସାଗର ଥାନା ଓ ତମାଣ୍ଡୋ ଥାନା ଦ୍ୱାରା ୧୬ ଗ୍ରାମ ବ୍ରାଉନସୁଗାର ଓ ୯୪ କେଜି ଗଞ୍ଜେଇ ଜବତ କରାଯାଇଛି।

## ରାଜୀବ ଗାନ୍ଧୀ ସେବାକେନ୍ଦ୍ରକୁ ବୋମାମାଡ଼

**କଣ୍ଟାପଡା,୨୨।୩(ଡି.ଏନ୍.ଏ.)**

ଓଲଟପୁର ଥାନା ଅନ୍ତର୍ଗତ ଅଡଶପୁର ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଉପରକୁ ମଙ୍ଗଳବାର ବୋମାମାଡ଼ ହୋଇଛି। ଏହି ସମୟରେ ଉକ୍ତ ସେବାକେନ୍ଦ୍ର ଭିତରେ ବସି କାର୍ଯ୍ୟ କରୁଥିବା ସରପଞ୍ଚ ତପନ ଦାସ ଓ ତାଙ୍କ କର୍ମୀମାନେ ଅଳ୍ପକେ ରକ୍ଷା ପାଇଯାଇଥିବା ଜଣାପଡିଛି। ଓଲଟପୁର ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ରାତି ପ୍ରାୟ ସାଢେ ୮ଟାରେ ତପନ କେତେଜଣ କର୍ମୀଙ୍କ ସହ ଆଲୋଚନା କରୁଥିବାବେଳେ ହଠାତ୍ ବିସ୍ଫୋରଣ ଘଟିଥିଲା। ତପନ ଓ ତାଙ୍କ ସହଯୋଗୀମାନେ ବାହାରକୁ ଆସିବାରୁ ୨ଜଣ ଯୁବକ ଅନ୍ଧାରରେ ସେଠାରୁ ଦୌଡି ପଳାଇଥିଲେ। ପରେ ଏ ସମ୍ପର୍କରେ ତପନ ପୋଲିସକୁ ଖବର ଦେଇଥିଲେ। ସୂଚନାଯୋଗ୍ୟ, ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରୁ ମାତ୍ର ୫୦ ମିଟର ଦୂରରେ କଟକ ସଦର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ହୋଇଥିବାବେଳେ ଅଭିଯୁକ୍ତମାନେ ଏଭଳି କାଣ୍ଡ ଘଟାଇ ଫେରାର ହୋଇଯିବା ପୋଲିସର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## ଦୁଃଖ ଭିତରେ ବଞ୍ଚିବାର ଆଶା ଆଣିଲା 'ଫୁଲନୋଳ'



୨୪ତମ କଳିଙ୍ଗ ନାଟ୍ୟ ମହୋତ୍ସବରେ ମଙ୍ଗଳବାର ଶତାବ୍ଦୀର କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ଫୁଲନୋଳ'ର ଏକ ଦୃଶ୍ୟ।

**ଭୁବନେଶ୍ୱର,୨୨।୩(ବ୍ୟୁରୋ)**

୧୯୯୯ ମହାବାତ୍ୟା ଉଜୁଡ଼ାଇ ଦେଇଥିଲା କେତେ ଧନ, ଜୀବନ। ପଶୁପକ୍ଷୀ, ଘରଦ୍ୱାର ସବୁକିଛି ନିଶ୍ଚିହ୍ନ କରିଦେଇଥିଲା। ଅନେକଙ୍କଠାରୁ ସେମାନଙ୍କ ପ୍ରିୟଜନଙ୍କୁ ମଧ ଛଡ଼ାଇ ନେଇଥିଲା। ମହାବାତ୍ୟା ପରେ ଅନ୍ୟକୁ ଆଶ୍ରା କରିବା ଛଡ଼ା କିଛି ଉପାୟ ନ ଥିଲା କାହା ପାଖରେ। ଏହି ଦୁଃସମୟରେ ଦୁଃଖ ଯନ୍ତ୍ରଣା ଭିତରେ ମଣିଷ ବଞ୍ଚି ରହିବାର ଆଶା ଓ ସଂଘର୍ଷର କାହାଣୀ କହିଛି ନାଟକ 'ଫୁଲନୋଳ'। ନାଟକର ମୁଖ୍ୟ ଚରିତ୍ର ମଧବୟସ୍କା ସୁକାନ୍ତି ମହାବାତ୍ୟାରେ ନିଜ ପରିବାରର ସମସ୍ତଙ୍କୁ ହରାଇଥାନ୍ତି। ପ୍ରିୟଜନଙ୍କୁ ମନେପକାଇ ତାଙ୍କ ଭଙ୍ଗା ଘର ଭିତରେ ଭୋକ ଉପାସରେ ପଡ଼ିରହିଥାନ୍ତି। ଏଭଳି ସ୍ଥିତିରେ ସାନ୍ତ୍ୱନା ଦେବା ତଥା ତାଙ୍କ ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ଆଗେଇ ଆସନ୍ତି ସେଇ ଗାଁର ମଧବୟସ୍କ ବାନାମ୍ବର। ସେ ମଧ ମହାବାତ୍ୟାରେ ନିଜ ସ୍ତ୍ରୀ, ପିଲାଙ୍କୁ ହରାଇଥିଲେ। ସମୟ କ୍ରମେ ନିରାଶ୍ରୟା ସୁକାନ୍ତିଙ୍କୁ ବିବାହ କରିବାକୁ ମନସ୍ଥ କରି ବାନାମ୍ବର ପ୍ରସ୍ତାବ ରଖନ୍ତି। ସୁକାନ୍ତି ବହୁତ ଚିନ୍ତା କଲା ପରେ ତାଙ୍କୁ ଆର୍ଥିକ ସୁରକ୍ଷା ଦେଇପାରୁଥିବା ବ୍ୟକ୍ତିଙ୍କୁ ବିବାହ କରିବାକୁ ନିଷ୍ପତ୍ତି ନିଅନ୍ତି। ଶେଷରେ ପଡ଼ିଶା ଘରର ୮୦ ବର୍ଷୀୟ ଧନୀ ବୃଦ୍ଧଙ୍କୁ ବିବାହ କରିବା ପାଇଁ ପ୍ରସ୍ତାବ ଦିଅନ୍ତି। ଏଭଳି ପ୍ରସ୍ତାବରେ ଆଶ୍ଚର୍ଯ୍ୟ ଚକିତ ହୋଇପଡ଼ନ୍ତି ୮୦ ବର୍ଷୀୟ ବୁଢ଼ା ମହାପାତ୍ର ଏବଂ ଆନନ୍ଦର ସହ ଏହି ପ୍ରସ୍ତାବରେ ରାଜି ହୋଇଯାନ୍ତି। ଫଳରେ ଭାଙ୍ଗିଯାଏ ବାନାମ୍ବରଙ୍କ ସ୍ୱପ୍ନ। ଶତାବ୍ଦୀର କଳାକାର ଅନୁଷ୍ଠାନ ପକ୍ଷରୁ ୨୪ତମ କଳିଙ୍ଗ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ମଙ୍ଗଳବାର ରବୀନ୍ଦ୍ରମଣ୍ଡପରେ ଏହି ନାଟକ ପରିବେଷିତ ହୋଇଯାଇଛି। ଡ. ଗୌରହରି ଦାସଙ୍କ ଦ୍ୱାରା ରଚିତ ଏହି ନାଟକକୁ ନାଟ୍ୟରୂପ ଓ ନିର୍ଦ୍ଦେଶନା ଦେଇଥିଲେ ଡ. ଗୌରାଙ୍ଗ ଚନ୍ଦ୍ର ଦାସ। ଏହି ଅବସରରେ ଅତିଥି ଭାବେ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଓ ସୁବୋଧ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଧୀର ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ।

## ଗାଡ଼ି ନମ୍ବର ପରିବର୍ତ୍ତନ ନେଇ ଚର୍ଚ୍ଚା

### ଲୋକଙ୍କ ଉପରକୁ ବିଧାୟକ କାର୍ ମଡ଼ାଇଦେବା ପ୍ରସଙ୍ଗ

**ଖୋର୍ଦ୍ଧା ଅଫିସ,୨୨।୩**

ବାଣପୁର ପଞ୍ଚାୟତ ସମିତି ଅଧକ୍ଷ ପଦ ପାଇଁ ଗତ ୧୨ ତାରିଖରେ ନିର୍ବାଚନ ଚାଲୁଥିବାବେଳେ ବ୍ଲକ କାର୍ଯ୍ୟାଳୟ ଆଗରେ ଲୋକଙ୍କ ଉପରକୁ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଗାଡ଼ି ମଡ଼ାଇ ଦେଇଥିଲେ। ତେବେ ବିଧାୟକ ଜଗଦ୍ଦେବ ଲୋକଙ୍କ ଉପରକୁ ମଡ଼ାଇଥିବା ଗାଡି (ରେଞ୍ଜ ରୋଭର ଡିସ୍‌କଭରି) ନମ୍ବର ରହିଥିଲା ଓଡି୨୫କେ ୫୭୭୫। ବାଣପୁର ଥାନା ଏସ୍‌ଆଇ ଦେବସ୍ମିତା ବେହେରା ଦେଇଥିବା ଏତଲାରେ ଗାଡି ନମ୍ବର ରହିଛି ଓଡି୦୨ଏୱାଇ-୫୭୭୫। ତେବେ ଗାଡ଼ି ନମ୍ବର ପ୍ଲେଟ ପରିବର୍ତ୍ତନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି, ଯାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

ପ୍ରକାଶ ଯେ, ବିଧାୟକ ଜଗଦ୍ଦେବ ରେଞ୍ଜ ରୋଭର କାର ଡ୍ରାଇଭିଂ କରି ଆସି ଲୋକଙ୍କ ଉପରେ ଗାଡ଼ି ମଡ଼ାଇ ଦେଇଥିବା ଦୃଶ୍ୟ ଭାଇରାଲ ହୋଇଥିବା ଭିଡିଓରେ କଏଦ ରହିଛି। ଘଟଣା ସମୟରେ ପୋଲିସ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ। ଉତ୍ତ୍ୟକ୍ତ ଲୋକେ କାରକୁ ଭଙ୍ଗାରୁଜା କରୁଥିବା ବେଳେ ନମ୍ବର ଓଡି୨୫କେ ୫୭୭୫ ରହିଥିବା ବେଳେ ଅଭିଯୋଗରେ କିପରି ପରିବର୍ତ୍ତନ ହୋଇଗଲା, ତାହାକୁ ନେଇ ଏବେ ଚର୍ଚ୍ଚା ବଢ଼ିବାରେ ଲାଗିଛି। ବିଧାୟକଙ୍କୁ ସୁରକ୍ଷା ଦେବା ପାଇଁ ଏଭଳି ଷଡ଼ଯନ୍ତ୍ର କରାଯାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଏନେଇ ଜିଲା ଆରକ୍ଷୀ ଅଧୀକ୍ଷକ ଅଲେଖ ଚନ୍ଦ୍ର ପହି କାର୍ ନମ୍ବର ପରିବର୍ତ୍ତନକୁ ଅସ୍ୱୀକାର କରିଛନ୍ତି। ଏଥିରେ ପୋଲିସର କୌଣସି ସମ୍ପୃକ୍ତି ନାହିଁ। ଘଟଣା ଦିନ ଜବତ କାର ଏବେ ପୋଲିସ କବ୍‌ଜାରେ ରହିଛି। ଗାଡି ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିଲା। ଜବତ କାର୍ ନମ୍ବର ଏବଂ ଚେସିସ ନମ୍ବର ଅଭିଯୋଗରେ ଦର୍ଶାଯାଇଛି। ବିଧାୟକଙ୍କୁ ସୁରକ୍ଷା ଦେବା ପ୍ରଶ୍ନ ଉଠୁନି। ଆବଶ୍ୟକ ପଡିଲେ ଖୋର୍ଦ୍ଧା ଆରଟିଓଙ୍କ ଜରିଆରେ ଉଭୟ ନମ୍ବର ସମ୍ପର୍କରେ ରିପୋର୍ଟ ମଗାଯିବ ବୋଲି ପହି କହିଛନ୍ତି।

## ବିଦ୍ୟୁତ୍ ତାର ଲାଗି ଯୁବକ ମୃତ

**ବ୍ରହ୍ମଗିରି,୨୨।୩(ଡି.ଏନ୍.ଏ.)**

ବ୍ରହ୍ମଗିରି ଥାନା ଅନ୍ତର୍ଗତ ଧ୍ୱଜାପାଟଣା ଗ୍ରାମରେ ମଙ୍ଗଳବାର ବିଦ୍ୟୁତ୍ ତାର ଲାଗି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସୁଶାନ୍ତ ପ୍ରଧାନ(୨୪)। ସୂଚନା ଅନୁଯାୟୀ, ସୁଶାନ୍ତ ରାତିରେ ଜମିରେ ପମ୍ପସେଟ ଲଗାଇ ଜମିକୁ ପାଣି ମଡାଇ ଦେଇ ଘରକୁ ଆସିଥିଲେ। ସକାଳୁ ଜମିକୁ ଦେଖିବାକୁ ଯିବାବେଳେ ପଡିଥିବା ତାର ଲାଗିଯିବାରୁ ଅଚେତ ହୋଇଯାଇଥିଲେ। ପୁଅ ଘରକୁ ଆସିବା ବିଳମ୍ବ ହେବାରୁ ପରିବାର ଲୋକ ଜମିକୁ ଯିବାବେଳକୁ ପୁଅ ବନ୍ଧ ଉପରେ ପଡିଥିବା ଦେଖିଥିଲେ। ସୁଶାନ୍ତଙ୍କୁ ମେଡିକାଲକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।




ବିଶ୍ୱ ଜଳଦିବସ ଅବସରରେ ମଙ୍ଗଳବାର ଜନମଙ୍ଗଳ ପରିଷଦ ପକ୍ଷରୁ ଭୁବନେଶ୍ୱରର ପିଏମ୍‌ଜିରେ ଜଳଦାନ କେନ୍ଦ୍ରର ଶୁଭାରମ୍ଭ କରାଯାଉଛି।

## ଫାର୍ମହାଉସ୍‌ରୁ ମିଳିଲା ୫ ବୋମା

### ବାପପୁଅ ଅଟକ

**ଖୋର୍ଦ୍ଧା ଅଫିସ,୨୨।୩**

ପୌର ନିର୍ବାଚନ ପୂର୍ବରୁ ଖୋର୍ଦ୍ଧା ଟାଉନ ପୋଲିସ ମଙ୍ଗଳବାର ଏକ ଘରୋଇ ସ୍କୁଲ ପଛପଟ ସୁନ୍ଦରାସାହିର ଏକ ଫାର୍ମ ହାଉସରେ ଚଢ଼ାଉ କରି ୫ଟି ବୋମା ଜବତ କରିଛି। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଫାର୍ମହାଉସ ମାଲିକ ଏବଂ ତାଙ୍କ ପୁଅଙ୍କୁ ଥାନାରେ ଅଟକ ରଖିଛି। ପରେ ଜବତ ବୋମାକୁ ପାଣିରେ ନିଷ୍କ୍ରିୟ କରାଯାଇଛି। ଏହି ବୋମା କେଉଁ ଉଦ୍ଦେଶ୍ୟରେ ରଖାଯାଇଥିଲା, କୌଣସି ଅପରାଧ ଘଟାଇବା ପାଇଁ ରଖିଥିଲେ କି, ତାଙ୍କ ବିରୋଧରେ ପୂର୍ବରୁ କୌଣସି ଆପରାଧିକ ମାମଲା ରହିଛି କି ନାହିଁ ସେନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ଅଟକ ଫାର୍ମହାଉସ ମାଲିକ ଏକ ରାଜନୈତିକ ଦଳର କର୍ମୀ ବୋଲି ଜଣାପଡିଛି।



ଫାର୍ମହାଉସରୁ ବୋମା ଜବତ କରାଯାଉଛି।

ସୂଚନା ମୁତାବକ, ସୁନ୍ଦରା ସାହିରେ ଏକ ଫାର୍ମହାଉସ ରହିଛି। ଫାର୍ମହାଉସ ମାଲିକ ସେଠାରେ ବୋମା ଲୁଚାଇ ରଖିଥିବା ଖବରପାଇ ସ୍ୱେଶାଲ ସ୍କ୍ୱାଡ୍ ଓ ଟାଉନ ପୋଲିସ ମିଳିତଭାବେ ସକାଳ ୮ଟାରେ ଚଢ଼ାଉ କରିଥିଲେ। ସମ୍ପୃକ୍ତ ଫାର୍ମ ହାଉସ ମାଲିକ ବୋମା ରଖାଯାଇଥିବା ଘଟଣାକୁ ଖଣ୍ଡନ କରିଥିଲେ। ତେବେ ପୋଲିସ ଚାରିଆଡେ ଖୋଜାଖୋଜି କରିଥିଲା। ଫାର୍ମ ହାଉସରେ ଥିବା ଆର୍ଥିଙ୍ଗ କୁଣ୍ଡ ସିମେଣ୍ଟ ପ୍ଲେଟ ଉଠାଇବା ବେଳେ ଭିତରେ ପୃଥକ ଭାବେ ୨ଟି ପଲିଥିନରେ ରହିଥିବା ବୋମାକୁ ପୋଲିସ ଜବତ କରିଥିଲା। ଗୋଟିଏ ପଲିଥିନରେ ୨ଟି ବଡ଼ ଏବଂ ଅନ୍ୟଟିରେ ୩ଟି ମଧମ ଧରଣର ବୋମା ରହିଥିଲା। ଏନେଇ ଫାର୍ମ ହାଉସ ମାଲିକ କହିଛନ୍ତି, ପୂର୍ବରୁ ଜଣେ ବ୍ୟକ୍ତିଙ୍କ ସହିତ ତାଙ୍କର ଗଣ୍ଡଗୋଳ ହୋଇଥିଲା। ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ସମ୍ପୃକ୍ତ ବ୍ୟକ୍ତି ଏଠାରେ ବୋମା ରଖିଥିଲେ। ଅନ୍ୟପକ୍ଷରେ ପୋଲିସ ଏହି ଘଟଣାକୁ ଗୁରୁତ୍ୱର ଭାବେ ନେଇ ତଦନ୍ତ ଚଳାଇଛି।

## ୩ ଦିନରେ ୧୦ ବାଇକ୍ ଚୋରି

**ଯାଁଳା,୨୨।୩(ଡି.ଏନ୍.ଏ.)**

ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଯାଁଳା ଅଞ୍ଚଳରେ ଲୁଟେରାଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତ ୧୬ତାରିଖ ଦିନ ଦ୍ୱିପ୍ରହରରେ ଯାଁଳା ବଜାରର ଏକ ଗହଣା ଦୋକାନରୁ ଦୁର୍ବୃତ୍ତମାନେ ୨୦ଲକ୍ଷ ଟଙ୍କାର ସୁନାଗହଣା ଲୁଟିନେଇଥିଲେ। ଏହି ଲୁଟ୍ ଘଟଣା ମନରୁ ନ ଲିଭୁଣୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନରୁ ଗତ ୩ଦିନ ମଧରେ ୧୦ଟି ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଗଙ୍ଗପଡ଼ା ଗଙ୍ଗେଶ୍ୱର ମନ୍ଦିର ରାସ୍ତାରେ ଥିବା ଅଜୟ ରାଉତଙ୍କ ବାରିରୁ ସୋମବାର ରାତିରେ ୩ଟି ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ଅଜୟଙ୍କ ପୁଅର ଜନ୍ମଦିନ ଥିବାରୁ ଘରକୁ ଆସିଥିବା ସମ୍ପର୍କୀୟମାନେ ବାରିରେ ଗାଡ଼ି ରଖିଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ବାରିରେ ଥିବା ୩ଟି ବାଇକ୍ ଚୋରି କରିଥିବା ନେଇ ଇନ୍‌ଫୋଭ୍ୟାଲି ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି। ସେହିପରି ସୋମବାର ଯାଁଳା ବଜାରରେ ଜଣେ ବ୍ୟକ୍ତି ଗାଡି ରଖି ରାସ୍ତା ପାର୍ ହୋଇ ଦୋକାନରୁ ସାମଗ୍ରୀ କିଣି ଫେରିବା ବେଳକୁ ତାଙ୍କ ବାଇକ୍ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଯାଁଳା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଗତ ୧୮ତାରିଖ ବିଳମ୍ବିତ ରାତିରେ ଓଗାଳପଡ଼ାର ଏକ ଡୁପ୍ଲେସ୍ ପରିସରରୁ ୫ଟି ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସେହିପରି ଯାଁଳା ଫାଣ୍ଡିଅନ୍ତର୍ଗତ ଓଗାଳପଡା ଅଞ୍ଚଳରୁ ମଧ ଜନ୍ମଦିନ ପାର୍ଟିରୁ ଗୋଟିଏ ବାଇକ୍ ଚୋରି ହୋଇଛି। ଲୁଟେରା ବିବାହ ଓ ଜନ୍ମଦିନ ପାର୍ଟିକୁ ଟାର୍ଗେଟ କରି ଚୋରି କରୁଥିବା ଜଣାପଡ଼ିଛି। ଏଥିପ୍ରତି ପୋଲିସ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଭୁଲ୍ ଅର୍ଥନୀତି ଯୋଗୁ ଦରଦାମ ବୋଝ'

**ଭୁବନେଶ୍ୱର,୨୨।୩(ବ୍ୟୁରୋ)**

ସରକାରଙ୍କ ତ୍ରୁଟିପୂର୍ଣ୍ଣ ଅର୍ଥନୀତି ଯୋଗୁ ଖାଉଟିଙ୍କ ଉପରେ ଦରଦାମ ବୋଝ ଦିନକୁ ଦିନ ବଢିଚାଲିଛି ବୋଲି ସମାଜବାଦୀ ପାର୍ଟି ପକ୍ଷରୁ ଅଭିଯୋଗ କରାଯାଇଛି। ବଜାରରେ ଅଟା, ଡାଲି, ଚାଉଳ, ଖାଇବା ତେଲ, ଚିନି ଓ ମଇଦା ପ୍ରଭୃତି ଖାଦ୍ୟ ସାମଗ୍ରୀର ଦର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ରନ୍ଧନ ଗ୍ୟାସ୍ ଦର ଗତବର୍ଷ ଅକ୍ଟୋବର ୬ ତାରିଖ ପରଠୁ ବୃଦ୍ଧି ପାଇ ମଙ୍ଗଳବାର ଭୁବନେଶ୍ୱରରେ ୯୬୬ ଟଙ୍କା ୫୦ ପଇସାରେ ପହଞ୍ଚିଛି। ଏହି ଦରଦାମ୍ ବୃଦ୍ଧିକୁ ସମାଜବାଦୀ ପାର୍ଟି ତୀବ୍ର ସମାଲୋଚନା କରିଛି। ପାର୍ଟିର ରାଜ୍ୟ କମିଟି ସଭାପତି ରବି ବେହେରା କହିଛନ୍ତି, ପେଟ୍ରୋଲ, ଡିଜେଲ ଓ ରନ୍ଧନଗ୍ୟାସ୍ ଦର ବୃଦ୍ଧି ବୋଝ ଉପରେ ନଳିତା ବିଡ଼ା ସଦୃଶ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପୂର୍ବରୁ ଦେଶବାସୀଙ୍କୁ ଆଚ୍ଛାଦିନର ସ୍ୱପ୍ନ ଦେଖାଇଥିଲେ। ତେବେ ଖାଉଟି ସାମଗ୍ରୀ ସମେତ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଦର ବୃଦ୍ଧି କ'ଣ ସେହି 'ନୂଆ ଭାରତ'ର 'ଆଚ୍ଛାଦିନ'କି ବୋଲି ବେହେରା ପ୍ରଶ୍ନ କରିବା ସହିତ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଆମେ ଡ. ରାମ ମନୋହର ଲୋହିଆଙ୍କ ୧୧୨ତମ ଜୟନ୍ତୀ ପାଳନ କରିବାକୁ ଯାଉଛେ। 'ଦାମ୍ ବାନ୍ଧୋ' ନୀତି ଥିଲା ଡ. ଲୋହିଆଙ୍କର ଖାଉଟିଙ୍କ ପାଇଁ ଜନ ଆନ୍ଦୋଳନର ଏକ ପ୍ରମୁଖ ଅଂଶ। ତେଣୁ ଦରଦାମ୍ ଆନ୍ଦୋଳନକୁ ସାଧାରଣ ଖାଉଟିଙ୍କ ସୁରକ୍ଷାକୁ ସକ୍ରିୟ କରିବା ହିଁ ଲୋହିଆଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ବେହେରା ପ୍ରକାଶ କରିଛନ୍ତି। ସମସ୍ତ ବିରୋଧୀ ଦଳ ଦରଦାମ ଓ ବେକାରୀ ସମସ୍ୟାକୁ ନେଇ ରାଜରାସ୍ତାକୁ ଓହ୍ଲାଇବା ପାଇଁ ସେ ଆହ୍ୱାନ ଦେଇଛନ୍ତି।

## ସାଂସ୍କୃତିକ ବିଭବ ହିଁ ସାମାଜିକ ଉନ୍ନତିର ଭିତ୍ତିଭୂମି

### 'ସଂସ୍କୃତି ଓ ପ୍ରଗତି' ଶୀର୍ଷକ ଆଲୋଚନାଚକ୍ର

**ଭୁବନେଶ୍ୱର,୨୨।୩(ବ୍ୟୁରୋ)**

ଆଜାଦି କି ଅମୃତ ମହୋତ୍ସବ ଆନୁକୂଲ୍ୟରେ ମଙ୍ଗଳବାର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ 'ସଂସ୍କୃତି ଓ ପ୍ରଗତି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରକୁ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ଉଦ୍‌ଘାଟନ କରି ଭାରତୀୟ ସାଂସ୍କୃତିକ ବିଭବର ସଂରକ୍ଷଣ ଓ ଜାତୀୟତାବାଦୀ ଚେତନା ହିଁ ଭାରତୀୟ ସାମାଜିକ ଉନ୍ନତିର ଭିତ୍ତିଭୂମି ବୋଲି ମତ ଦେଇଛନ୍ତି। ଏହାକୁ ପାଥେୟ କରି ବିକାଶ ପଥରେ ଆଗେଇ ହେବ ବୋଲି ସେ କହିଛନ୍ତି। ମୁଖ୍ୟବକ୍ତା ଭାବେ ବିବେକାନନ୍ଦ କେନ୍ଦ୍ର, କନ୍ୟାକୁମାରୀର ସର୍ବଭାରତୀୟ ଉପସଭାପତି ପଦ୍ମଶ୍ରୀ ନିବେଦିତା ଭିଡ଼େ ଯୋଗଦେଇଥିଲେ। ସଂସ୍କୃତିର ବିଶେଷତ୍ୱ ସମୂହ, ଦର୍ଶନ, ସାଂସ୍କୃତିକ ମୂଲ୍ୟବୋଧ, ଭାରତୀୟ ଅଧାତ୍ମବାଦ, ଜାତୀୟ ଚେତନା, ପରିବେଶ ଓ ପ୍ରକୃତି ଉପାସନା ଇତ୍ୟାଦି ଭାରତୀୟ ସମାଜର ସର୍ବାଙ୍ଗୀନ ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ସମ୍ପର୍କରେ ବିଭିନ୍ନ ଉଦାହରଣ ଦେଇ ସେ ଆଲୋଚନା କରିଥିଲେ। ସାମ୍ପ୍ରତିକ ଯୁବପିଢ଼ି ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜସ୍ୱ ସାଂସ୍କୃତିକ ପ୍ରୀତିଦ୍ୱାରା ଦେଶର ବିକାଶ ଧାରାରେ ସାମିଲ ହେବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିବେଦିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ଜଗନ୍ନାଥ କୁଅଁର ଧନ୍ୟବାଦ ଦେଇଥିବାବେଳେ ଅଧାପକ ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ଅଧାପକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୩ ମାର୍ଚ୍ଚ, ୨୦୨୨

## ବିମାନ ଯାତ୍ରା ଉପରୁ କଟକଣା ହଟିଲା

ଦେଶରେ କରୋନା ନିୟନ୍ତ୍ରଣକୁ ଆସିବା ପରେ ଅନ୍ତର୍ଜାତୀୟ ବିମାନ ଯାତ୍ରା ଉପରୁ କେନ୍ଦ୍ର ସରକାର କଟକଣା ହଟାଇଛନ୍ତି। ବିମାନ ଯାତ୍ରା ସମୟରେ ଏଣିକି କ୍ୟାବିନ୍ କ୍ରିୟୁ ମେମ୍ବର ପିପିଇ କିଟ୍ ପରିଧାନ କରିବେ ନାହିଁ, ଅନ୍ତର୍ଜାତୀୟ ବିମାନଗୁଡ଼ିକରେ ଜରୁରିକାଳୀନ ପରିସ୍ଥିତି ପାଇଁ ତିନିଟି ସିଟ୍ ଖାଲି ରଖାଯାଉଥିଲାବେଳେ ସିଟ୍ ଆଉ ଖାଲି ରଖାଯିବ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।






ଏଲ୍‌ପିଜି ଦର ବୃଦ୍ଧି ପ୍ରତିବାଦରେ ପାର୍ଲାମେଣ୍ଟ ବାହାରେ କଂଗ୍ରେସ ପକ୍ଷରୁ ବିକ୍ଷୋଭବେଳେ ଜଣେ ମହିଳା କର୍ମୀ ସିଲିଣ୍ଡର ଉଠାଇ କେନ୍ଦ୍ର ବିରୋଧରେ ସ୍ଲୋଗାନ ଦେଉଛନ୍ତି। (ଫଟୋ: ଚମନ ଗୌତମ)

## ବିଜେଡି ଉଠାଇଲା ପୁରୀ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରସଙ୍ଗ

**ନୂଆଦିଲ୍ଲୀ, ୨୨।୩:** ପୁରୀରେ ପ୍ରତିଷ୍ଠା ହେବାକୁ ଥିବା ଶ୍ରୀ ଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରସଙ୍ଗ ମଙ୍ଗଳବାର ଲୋକ ସଭାରେ ବିଜେଡି ପକ୍ଷରୁ ଉଠାଯାଇଛି। ଏଥିସହ ପ୍ରସ୍ତାବିତ ବିମାନବନ୍ଦର ନିର୍ମାଣ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ କେନ୍ଦ୍ର ସରକାରଙ୍କ ଆଗରେ ଦଳ ଦାବି କରିଛି। ବର୍ତ୍ତମାନ ପୁରୀରେ ନୂଆ ବିମାନବନ୍ଦର ପ୍ରତିଷ୍ଠା ଜରୁରୀ ହୋଇପଡ଼ିଛି ବୋଲି ଯାଜପୁରର ବିଜେଡି ଏମ୍‌ପି ଶର୍ମିଷ୍ଠା ସେଠୀ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ନିୟନ୍ତ୍ରଣାଧୀନ ଅନୁଦାନ (୨୦୨୨-୨୩) ସମ୍ପର୍କିତ ବିତର୍କରେ ଭାଗ ନେଇ କହିଥିଲେ, ୨୦୨୧ ଜୁନ୍‌ରେ ଭାରତର ବିମାନବନ୍ଦର କର୍ତ୍ତୃପକ୍ଷ ପୁରୀ ଗସ୍ତ କରି ପ୍ରସ୍ତାବିତ ପ୍ରକଳ୍ପ ଉପରେ ଅନୁଧ୍ୟାନ କରିଥିଲେ। କୋଲକାତାରେ ଥିବା ବିଜୁ ବାବୁଙ୍କ ଡାକୋଟା ବିମାନ ଭୁବନେଶ୍ୱରକୁ ଆଣିବା ଲାଗି ମଧ୍ୟ ସେ ମନ୍ତ୍ରଣାଳୟର ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଇମ୍ରାନ୍‌ଙ୍କ ଖେଳ ଶେଷ: ମରିୟମ

ଇସ୍‌ଲାମାବାଦ, ୨୨।୩

ଇମ୍ରାନ ଖାନ୍ ତୁମ ଖେଳ ଶେଷ ହୋଇଯାଇଛି। ବିରୋଧୀ ପାକିସ୍ତାନ ମୁସ୍‌ଲିମ୍ ଲିଗ୍-ନୱାଜ୍ (ପିଏମ୍‌ଏଲ୍‌ଏନ୍) ପକ୍ଷରୁ ଶେହବାଜ୍ ଶରିଫ୍‌ଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ କରାଯିବ ବୋଲି ଗାଦିଚ୍ୟୁତ ପ୍ରଧାନମନ୍ତ୍ରୀ ନୱାଜ୍ ଶରିଫ୍‌ଙ୍କ ଝିଅ ମରିୟମ୍

### ଶରିଫ୍‌ଙ୍କ ଭାଇ ଶେହବାଜ୍ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ

ନୱାଜ୍ ଚେତାବନୀ ଦେଇଛନ୍ତି।

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ମୁଣ୍ଡ ଉପରେ ଅନାସ୍ଥାର ଖଣ୍ଡା ଝୁଲୁଛି। ଏଭଳି ସମୟରେ ନୱାଜ ଶରିଫ୍‌ଙ୍କ ପିଏମ୍‌ଏଲ୍‌ଏନ୍ ନେତ୍ରୀ ମରିୟମ ଇମ୍ରାନ୍‌ଙ୍କୁ ଚ୍ୟାଲେଞ୍ଜ ଦେଇ କହିଛନ୍ତି, ଶାସକ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ଆନୁଷ୍ଠାନିକ ଭାବେ ଭାଙ୍ଗିଯାଇଛି। ତେଣୁ ଇମ୍ରାନ୍‌ଙ୍କ ଖେଳ ସରିବାବେଳେ ତାଙ୍କୁ ରକ୍ଷା କରିବା ପାଇଁ କେହି ଆସିବେ ନାହିଁ। ଇମ୍ରାନ୍ ତାଙ୍କ ବିରୋଧରେ ଏକ ଅନ୍ତର୍ଜାତୀୟ ଷଡ଼ଯନ୍ତ୍ର ଚାଲିଥିବା ମନେକରନ୍ତି। କିନ୍ତୁ ସେ ନିଜ ବିରୋଧରେ ନିଜେ ଷଡ଼ଯନ୍ତ୍ର ରଚୁଛନ୍ତି। ସେ ନିଜ ଦାୟିତ୍ୱ ସମ୍ପାଦନ କରିଥିଲେ ୧୦ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରିବା ପଡ଼ି ନ ଥାନ୍ତା। ଇମ୍ରାନ୍ ଆସ୍ଥା ଭୋଟରେ ପରାଜିତ ହେଲେ ପିଏମ୍‌ଏଲ୍‌ଏନ୍ ପକ୍ଷରୁ ବିରୋଧୀ ଦଳ ନେତା ତଥା ପଞ୍ଜାବ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶେହବାଜ୍ ଶରିଫ୍‌ଙ୍କୁ ପ୍ରଧାନମନ୍ତ୍ରୀ କରାଯିବ। ପ୍ରକାଶ ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ୍ ଶରିଫ୍ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ କ୍ଷମତାରୁ ବିଦା ହୋଇଥିଲେ। ଶେହବାଜ ହେଉଛନ୍ତି ନୱାଜ୍ ଶରିଫ୍‌ଙ୍କ ଭାଇ।



ମରିୟମ୍ ନୱାଜ୍



ଶେହବାଜ୍ ଶରିଫ

## ତାଲିବାନ୍‌କୁ ଆଇସିସିକୁ ଟାଣିଲେ ସିଦ୍ଦିକିଙ୍କ ପରିବାର

**ନୂଆଦିଲ୍ଲୀ, ୨୨।୩:** ଗତ ବର୍ଷ ଆଫଗାନିସ୍ତାନରେ ତାଲିବାନ୍ ଆକ୍ରମଣରେ ପ୍ରାଣ ହରାଇଥିବା ରଏଟର୍ସ ଫଟୋ ଜର୍ନାଲିଷ୍ଟ ପ୍ରାପ୍ତ ଡାନିଶ୍ ସିଦ୍ଦିକିଙ୍କ ପରିବାର ଇଣ୍ଟରନ୍ୟାଶନାଲ କ୍ରିମିନାଲ କୋର୍ଟ (ଆଇସିସି)ର ଦ୍ୱାରସ୍ଥ ହୋଇଛନ୍ତି। ଏ ନେଇ ସିଦ୍ଦିକିଙ୍କ ପରିବାରର ଜଣେ ଓକିଲ ଅଭି ସିଂ ସୂଚନା ଦେଇଛନ୍ତି। ତାଲିବାନ୍‌ର ୬ ଲିଡର ଏବଂ କମାଣ୍ଡରଙ୍କ ବିରୋଧରେ ସେମାନେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ଟୋଲ ପ୍ଲାଜା ପାଖ ଲୋକଙ୍କୁ ମିଳିବ ସ୍ୱତନ୍ତ୍ର ପାସ୍

**ନୂଆଦିଲ୍ଲୀ, ୨୨।୩:** ଟୋଲ ପ୍ଲାଜା ନିକଟରେ ବସବାସ କରୁଥିବା ଲୋକ ଚାରିଚକିଆ ଯାନରେ ଯାତାୟାତ ସମୟରେ ଟିକସ ଦେଇ ହଇରାଣ ହେଉଥିଲେ। ଏହାକୁ ନେଇ ବହୁ ସମୟରେ ଟୋଲ ପ୍ଲାଜା କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା। ଏ ନେଇ ସଂସଦରେ ମଙ୍ଗଳବାର କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ କହିଛନ୍ତି, ଟୋଲ ପ୍ଲାଜା ନିକଟରେ ବସବାସ କରୁଥିବା ବ୍ୟକ୍ତି ଆଧାରକାର୍ଡ ଦେଖାଇଲେ ତାଙ୍କୁ ସ୍ୱତନ୍ତ୍ର ପାସ୍ ଦିଆଯିବ। ଏଥିସହ ଜାତୀୟ ରାଜପଥରେ ୬୦ କିମି ମଧ୍ୟରେ ଯଦି ଦୁଇଟି ଟୋଲ ପ୍ଲାଜା ଥିବ ସେଥିମଧ୍ୟରୁ ଗୋଟିଏକୁ ୩ ମାସ ମଧ୍ୟରେ ଉଚ୍ଛେଦ କରାଯିବ। ଆମେରିକା ଭଳି ଭାରତରେ ସଡ଼କକୁ ୨୦୨୪ ସୁଦ୍ଧା କରାଯିବ। ଯାହା ଫଳରେ ସଡ଼କ ଦୁର୍ଘଟଣାକୁ ରୋକାଯାଇପାରିବ। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଯେଉଁ ଚାରିଚକିଆ ଯାନରେ ୮ ସିଟ୍ ଥିବ, ସେଥିରୁ ୬ଟିରେ ଏୟାର ବ୍ୟାଗର ବ୍ୟବସ୍ଥା କରିବାକୁ ଯାନ ନିର୍ମାତାମାନଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି ଗଡ଼କରୀ କହିଛନ୍ତି।

## ଉଦ୍ଧବଙ୍କ ଶାଳକ ଘରେ ଇଡି ଚଢ଼ାଉ

**ମୁମ୍ବାଇ, ୨୨।୩:** ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକର ଦୁରୁପଯୋଗ କରୁଥିବା ନେଇ ବିରୋଧୀ ଅଭିଯୋଗ ଆଣୁଥିବାବେଳେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଶାଳକ ଶ୍ରୀଧର ପାଟନକରଙ୍କ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନଜର ପକାଇଛି। ଇଡି ଅଧିକାରୀମାନେ ଏକ ମନି ଲଣ୍ଡରିଂ ମାମଲାରେ ମଙ୍ଗଳବାର ଶ୍ରୀଧରଙ୍କ ୬.୪୫ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଜବତ କରିଛି। ବାଜ୍ୟାପ୍ତ ହୋଇଥିବା ୧୧ଟି ଫ୍ଲାଟ୍ ପୁଷ୍ପକ ଗ୍ରୁପ୍ ଅଧୀନ ପୁଷ୍ପକ ବୁଲିଅନ କମ୍ପାନୀର। ଏହ ପୂର୍ବରୁ ୨୦୧୭ ମାର୍ଚ୍ଚ ୬ରେ ଇଡି ପୁଷ୍ପକ ବୁଲିଅନ ଏବଂ ଅନ୍ୟ କେତେକ କମ୍ପାନୀ ବିରୋଧରେ ପିଏମ୍‌ଏଲ୍‌ଏ ବଳରେ ମାମଲା ରୁଜୁ କରିଥିଲା। ଏ ନେଇ ଶିବସେନା ଏମ୍‌ପି ସଞ୍ଜୟ ରାଉତ କହିଛନ୍ତି, ମହାରାଷ୍ଟ୍ରରେ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ମହାବିକାଶ ଅଘାଡ଼ି ସରକାରର ପତନ ପାଇଁ ବିରୋଧୀ ନେତାଙ୍କ ପଛରେ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ଲଗାଯାଉଛି। କେବଳ ଅଣଭାଜପା ଶାସିତ ରାଜ୍ୟଗୁଡ଼ିକରେ ଇଡି ସକ୍ରିୟ ରହିଛି। ଇତିମଧ୍ୟରେ ଉଦ୍ଧବ ଠାକ୍‌ରେ ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦିଅନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ନାରାୟଣ ରାଣେଙ୍କ ପୁଅ ତଥା ଭାଜପା ବିଧାୟକ ନିତେଶ ରାଣେ ଦାବି କରିଛନ୍ତି।



ଶ୍ରୀଧର ପାଟନକର

# ମୋଦି-ଜନ୍‌ସନ୍ ଆଲୋଚନା

**ନୂଆଦିଲ୍ଲୀ, ୨୨।୩:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ତାଙ୍କ ବ୍ରିଟେନ୍ ପ୍ରତିପକ୍ଷ ବୋରିସ୍ ଜନସନ୍‌ଙ୍କୁ ଫୋନ୍ କରି କଥା ହୋଇଛନ୍ତି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପ୍ରସଙ୍ଗରେ ଦୁଇ ନେତା ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ଶତ୍ରୁ ଭାବ ଛାଡ଼ି ଆଲୋଚନା ଏବଂ କୂଟନୈତିକ ମାର୍ଗ ଆପଣାଇବା ପାଇଁ ମୋଦି ଭାରତର ଆଭିମୁଖ୍ୟ ଦୋହରାଇଥିଲେ। ଅନ୍ତର୍ଜାତୀୟ ଆଇନ ଏବଂ ସବୁ ରାଷ୍ଟ୍ରର କ୍ଷେତ୍ରୀୟ ଅଖଣ୍ଡତା ତଥା ସାର୍ବଭୌମତ୍ୱ ବଜାୟ ରଖିବା ସାମ୍ପ୍ରତିକ ବିଶ୍ୱ ପାଇଁ ଜରୁରୀ ହୋଇପଡ଼ିଛି ବୋଲି ମୋଦି ବ୍ରିଟେନ୍ ପ୍ରଧାନମନ୍ତ୍ରୀଙ୍କୁ କହିଥିଲେ। ଏହା ବ୍ୟତୀତ ଦୁଇ ନେତା ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରୀ ମଜଭୁତ କରିବା ପାଇଁ କାରିଗରୀ, ପୁଞ୍ଜିନିବେଶ, ପ୍ରତିରକ୍ଷା ଏବଂ ନିରାପତ୍ତା କ୍ଷେତ୍ରରେ ପାରସ୍ପରିକ ସହଭାଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଇଣ୍ଡିଆ-ୟୁକେ ରୋଡ୍ ମ୍ୟାପ୍-୨୦୩୦ର କାର୍ଯ୍ୟକାରିତାରେ ଅଗ୍ରଗତିକୁ ମୋଦି ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ବୋରିସ୍ ଜନ୍‌ସନ୍‌ଙ୍କୁ ଭାରତ ଗସ୍ତ ପାଇଁ ଆମନ୍ତ୍ରଣ କରିଥିବା ପିଏମ୍‌ଓ ପକ୍ଷରୁ ସୂଚନା ଦିଆଯାଇଛି।





## ଭୁବନେଶ୍ୱରରେ ୧୮ ଇଭି ଚାର୍ଜିଂ ପଏଣ୍ଟ ହେବ

ନୂଆଦିଲ୍ଲୀ, ୨୨।୩: ଭୁବନେଶ୍ୱରରେ ୧୮ଟି ଇଲେକ୍ଟ୍ରିକ୍ ଭେହିକିଲ୍ (ଇଭି) ଚାର୍ଜିଂ ଷ୍ଟେଶନ ପ୍ରତିଷ୍ଠା ନିମନ୍ତେ କେନ୍ଦ୍ର ସରକାରଙ୍କ ଭାରୀଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ମଞ୍ଜୁରୀ ମିଳିଛି। ଲୋକ ସଭାରେ ମଙ୍ଗଳବାର ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଭାରୀଶିଳ୍ପ ରାଷ୍ଟ୍ରମନ୍ତ୍ରୀ କ୍ରିଷନ୍ ପଲ୍ ଗୁଜ୍ଜର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ୨୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୬୮ ସହରରେ ମନ୍ତ୍ରଣାଳୟ ପକ୍ଷରୁ ଏଫ୍‌ଏଏମ୍‌ଇ ଯୋଜନାରେ ଦ୍ୱିତୀୟ ପର୍ଯ୍ୟାୟରେ ୨,୮୭୭ ଇଭି ଚାର୍ଜିଂ ଷ୍ଟେଶନ ପ୍ରତିଷ୍ଠା କରାଯିବ। ୧୬ଟି ରାଜପଥ ଓ ୯ ଏକ୍ସପ୍ରେସ୍ ୱେରେ ଏହି ପର୍ଯ୍ୟାୟରେ ୧,୫୭୬ ଇଭି ଚାର୍ଜିଂ ଷ୍ଟେଶନ କରାଯିବାକୁ ଯୋଜନା ରହିଛି। ସେଥିରୁ କୋଲକାତା-ଭୁବନେଶ୍ୱର ହାଇୱେରେ ୪୪ ଏବଂ ଚେନ୍ନାଇ-ଭୁବନେଶ୍ୱର ହାଇୱେ ପାଇଁ ୧୨୦ ଇଭି ଚାର୍ଜିଂ ଷ୍ଟେଶନ ରହିବ। ହାଇୱେର ଉଭୟ ପାର୍ଶ୍ୱରେ ପ୍ରତି ୨୫ କିଲୋମିଟର ଦୂରତାରୁ ଗୋଟିଏ ଲେଖାଏ ଚାର୍ଜିଂ ଷ୍ଟେଶନ କରାଯିବାକୁ ଯୋଜନା ରହିଛି।


**Government of Odisha "e" Procurement Notice**
**WORKS DEPARTMENT**
Bid Identification No. C.C.E.K.C.. Keonjhar No. 22/2021-22
e-mail:ccekeonjharpwdcircle@gmail.com /
sekcpwd_keonjhar@yahoo.com
No.B-1063: Letter No. 1008 dt.15.03.2022

1. No. of the work: :- 2 Nos. Road Work
2. Estimated cost :- Rs. 467.77 Lakhs to 798.59 Lakhs
3. Period of completion :- 7 (Seven) Calendar Months to 11 (Eleven) Calendar Months
4. Date and Time of availability of Bid document in the portal :- From 11.30 Hours of 23.03.2022 to 16.00 Hours of 07.04.2022
5. Last date/Time for receipt of bids in the portal :- 16.00 Hours of 07.04.2022
6. Date of opening of Bid from Portal :- 11.30 Hours on 08.04.2022
7. Name and address of the officer Inviting Bid :- Chief Construction Engineer, Keonjhar (R&B) Circle, Keonjhar-758001

Further details can be seen from the e-procurement portal "http://tendersodisha.gov.in"
**Sd/-Chief Construction Engineer, Keonjhar (R&B) Circle,Keonjhar**
OIPR-34033/11/0028/2122



**OFFICE OF THE DISTRICT MANAGER**
**ODISHA STATE CIVIL SUPPLIES CORPORATION LTD. (OSCSC), NAYAGARH**
Phone: 06753-253942
District Website: www.nayagarh.nic.in
Corrigendum No. 1622 Dt.21.03.2022
**Corrigendum to Tender Call Notice No. 1397/Dt.10.03.2022**

No. CAD-3243: In pursuance to Letter No. 4716 Dt.21.03.2022 of the Managing Director, O.S.C.S.C. Ltd., Odisha, Bhubaneswar, the Tender No. 1397 Dt.10.03.2022 for selection and appointment of Level-II Trnasport Contractor for Transportation of Food Grains from RRCs to Retail Centres (FPS) in the district Nayagarh of the State of Odisha is hereby postponed until further order.
All the terms and condition as prescribed in the Tender Notice No. 1397 Dt.10.03.2022 shall remain unchanged.

**Sd./- Collector-cum-Chairman of the Tender Committee, Nayagarh**
OIPR-07057/11/0003/2122



GOVERNMENT OF ODISHA No.B-1062
**OFFICE OF THE CHIEF CONSTRUCTION ENGINEER SOUTHERN (R&B) CIRCLE, BERHAMPUR**
Phone: 0680-2281582, e-mail: ccescbam@gmail.com
**INVITATIONS FOR BIDS (IFB) [e-Procurement]**
Bid Identification No. CCE, S.C. (R&B)-BAM-14/2021-22
No. 745 Dated: 15.03.2022

1. The **Chief Construction Engineer, Southern (R&B) Circle, Berhampur** on behalf of Governor of Odisha invites **percentage rate bid** in double cover system in **ONLINE MODE** from eligible contractors for construction of **Road/Building Works** as detailed in the table.
2. Nature of Work : Road/Building works
3. No. of Work : 07 Nos.
4. Tender Cost : Rs.10,000/- (Online)
5. Class of Contractor : "B" Class, "A" Class, Special Class & Super Class
6. Availability of Bid document in the website : From 30.03.2022 10.00 A.M. to 16.04.2022 4.00 P.M.
7. Date of Opning of Bid : 18.04.2022 at 11.30 A.M.
8. The bidders have to participate in ONLINE bidding only. Further details can be seen from the website **https://tendersodisha.gov.in**.
9. Any addendum/corrigendum/cancellation of tender can also be seen in the said website only.

Sd./- (D.C. Behera)
Chief Construction Engineer
OIPR-34103/11/0013/2122 Southern (R&B) Circle, Berhampur



**ODISHA MINING CORPORATION LIMITED**
OMC House,Bhubaneswar-751001,Odisha
CIN:U13100OR1956SGC000313, www.omcltd.in

**NOTICE**
No.4614/OMC/2022
Date: 21/03/2022

**No.CAD-3252:**Pursuant to the Advertisement No. 65/OMC dated 04.01.2022, the Online Computer Based Test (CBT) was held for the posts of Jr. Accountant & Electrician- III on 17.03.2022.
As per clause 21 and clause 19 under "Important Instructions to Candidates" of the e-Admit Card for the posts of Jr. Accountant and Electrician- III respectively, the Question/ Answer Keys to the questions of CBT for the above posts will be available in the online portal from 11:00 A.M. of 22.03.2022 till 11.59 P.M. of 24.03.2022.
The Candidates, who appeared the CBT can view their individual answers /online response (own answers and answer keys) by logging into online portal through OMC website (https://omcltd. in) with their registered credentials (User ID & Password).
Communication regarding the above is also being sent to the registered e-mail id & mobile number of the candidates.

**Sd./-General Manager (P&A)**

***NB: Candidates are advised to check the OMC website (https://omcltd. in ) regularly for important instructions / notifications relating to the online Computer Based Test.***
OIPR-30005/11/0274/2122



**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
SANTARAPUR, BHUBANESWAR - 751002. Tel - MD 0674 - 2340573, PBX - 2340170, Fax - 2340096
**TENDER CALL NOTICE**
**No- OSSC/ Engg- 73/2022**

**No.CAD-3245:**The Managing Director, Odisha State Seeds Corporation Ltd invites Percentage Rate Tenders through ONLINE MODE only from eligible contractors through e-tender site of Govt of Odisha (www.tenderodisha.gov.in) for the works
Values in Rs.

| Sl. No. | Construction of Seed Storage Godowns at | Capacity in MT | Value of Work without GST & Labour Cess | EMD | Cost of tender document with GST | Completion time in days | Class of Contractor |
|---|---|---|---|---|---|---|---|
| 1 | ANGUL | 500 | 37,83,397/- | Excempted | 6720/- | 210 | C or above |

The details of location of work, estimated amount, cost of Tender Document, EMD and other criteria along with critical dates can be seen in the Detailed Tender Call Notice posted in Website of Govt of Odisha www. tenderodisha.gov.in. The last date for uploading of tender to tender portal is dt. 06.04.2022.

**Sd./- Managing Director**
OIPR-01045/11/0042/2122



**OFFICE OF THE**
**PANCHAYAT SAMITI, KHAPRAKHOL, DISTRICT - BOLANGIR**
No. 489 Date: 16.03.2022
**TENDER CALL NOTICE NO. 04/KKRL/2021-22**

No. i-348: Sealed tenders are invited from eligible class of contractors registered with the State Government and contractors of equivalent grade class registered with the Central Government on production of definite proof from the appropriate authority.

| Sl. No. | Name of the Work | Approximate Value of the Work | Earnest Money to be Deposited (Rs.) | Cost of Bid Document in Rs. | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Installation of 10 Nos. of Street Light at New PS Building, Lathor | Rs.12,70,000.00 | Rs.12,700.00 | Rs.6,000.00 | 'C' & 'B' | 1 (One) Month |

A) Sale of Tender Paper : Dated 16.03.22 to 30.03.22 from 10.00 A.M. to 5.00 P.M. at Panchayat Samiti, Khaprakhol and can also be download from **http://bolangir.nic.in** website Dist.- Bolangir except holiday.
B) Date of receipt of tender paper : Dated 16.03.22 to 30.03.22 upto 5.00 P.M. at Panchayat Samiti, Khaprakhol except holiday.
C) Date of opening of tender paper : Dated 31.03.22 at 12.00 A.M. at Block Office, Khaprakhol, Dist.-Bolangir.

The EMD is to be deposited duly pledged in favour of Block Development Officer, Khaprakhol in shape of N.S.C./P.O.T.D./Kishan Vikas Patra. The tender paper with out required amount of EMD will not be considered and transferred of adjustment of EMD is also not permissible.
The tender paper shall accompany attested copies of valid Electric Contract licence of I.T.C.C./GST Clearance and labour licence. The tender shall be opened by the undersigned before the tenderers or their authorized agents. Other particular can be held from the above office during the office hours on any working day. If the office happens to be closed due to subsequent declaration as holidays in local authority in Govt. office on the last day of receipt of application/last date of sale and receipt of tender papers as specified above, then application will be received/tenders will be sold/tenders will be received and opened on immediate next working day at same specified time and venue respectively. The contractor had to furnished and affidavit about the authentication of tender document. Submission of more than one tender paper by a bidder for a particular tender will liable for rejection of all such tender papers.
**Condition-1:** The contractors seeking exemption of EMD have to produce their original licnece (s) at the time of opening of tender for entering the EMD exemption since they can participate maximum in three works in financial year with such exemption.
**Condition-2:** Tender quoting less rate from the estimated cost will have to deposit the differential cost in shape case before drawl of agreement of the project.
The authority reserves the right to reject any or all tenders without assigning any reason thereof.
OIPR-19161/11/0009/2122 Sd./- Block Development Officer, Khaprakhol



See Career Appointment on every Wednesday & Saturday



**SHRI JAGANNATH SANSKRIT UNIVERSITY, SHRI VIHAR, PURI**
No. Exam. 437/2022, S.J.S.U., Puri Date: 21.03.2022
**NOTIFICATION**
**PROGRAMME FOR ANNUAL SHASTRI-III (REG/BACK/IMPROVEMENT) EXAMINATION-2022**

| Date | Day | Time | Subject | Paper |
|---|---|---|---|---|
| 12.04.2022 | Tuesday | 10.00 A.M. - 1.00 P.M. | Environmental Studies | Compulsory |
| 13.04.2022 | Wednesday | 10.00 A.M. - 1.00 P.M. | Samanya Darshana | Compulsory |
| 16.04.2022 | Saturday | 10.00 A.M. - 1.00 P.M. | Elective | I |
| 18.04.2022 | Monday | 10.00 A.M. - 1.00 P.M. | Elective (For Elective Yoga 10.00 A.M. - 12.00 Noon) | II |
| 19.04.2022 | Tuesday | 10.00 A.M. - 1.00 P.M. | Shastriya Optional | 5th (Pass)/ 7th (Hons.) |
| 20.04.2022 | Wednesday | 10.00 A.M. - 1.00 P.M. | Shastriya Optional | 6th (Pass)/ 8th (Hons) |
| 21.04.2022 | Thursday | 10.00 A.M. - 1.00 P.M. | Shastriya Optional | 9th (Hons) |
| 22.04.2022 | Friday | 10.00 A.M. onwards | Practical | |

N.B.:
1. Examination will be conducted on conventional mode following the COVID guidelines.
2. Any discrepancy in the programme detected afterwards may be brought to the notice of the Controller of Examinations.
3. Details of Centres as well as Colleges tagged to them will be displayed in the University website: **www.sjsv.nic.in** w.e.f. 06.04.2022 and College authorities are requested to go through it meticulously and act accordingly. No further correspondence in this regard will be made either with examination centres or colleges tagged to them.
4. The college authorities is requested to be in constant touch with the University website.

By order of the Vice-Chancellor
**Sd./- Controller of Examinations**



**STATE POLLUTION CONTROL BOARD, ODISHA**
PARIBESH BHAWAN, A/118, NILAKANTHANAGAR,
UNIT-VIII, NAYAPALLI, BHUBANESWAR - 751 012
Website :www.ospcboard.org, EPABX: 0674-2562847
Email: paribesh1@ospcboard.org
No.4302 VI/SC(LEM)Project-232/2015-16 Date:22.03.22
**E-TENDER CALL NOTICE**

**No.CAD-3247:**Notice Inviting E-Tender for Operation & Maintenance Contract of Two (2) Continuous Ambient Air Quality Monitoring Station(CAAQMS) at Dera-Talcher & IB-Valley-Jharsuguda in Odisha. Online Bids through e-Tender portal (https://tendersodisha.gov.in) are invited from eligible bidders for Operation & Maintenance Contract Equipments as per the particulars mentioned below:

| Sl.No. | Bid Reference No. | Item Name | Bid Document Cost |
|---|---|---|---|
| 01 | TCN No.4259, Dt.21.03.22 | Operation & Maintenance Contract of Two CAAQM Stations at Dera-Talcher & IB-Valley-Jharsuguda | Free of Cost |

| Sl.No. | Particulars | Date & Time |
|---|---|---|
| 01 | Date of publishing of tender | 23.03.2022 |
| 02 | Bid document download start date | 23.03.2022 (4.00 P.M.) |
| 03 | Pre- Bid Meeting | 04.04.2022 (3.00PM) At- Plot ' No- 59 B 2& 3 Central Laboratory ,Patia,KIIT,Bhubhaneswar-751024(Conference Hall) |
| 04 | Duration of downloading of bid document | 27 days |
| 05 | Last date of download of Bid document | 18.04.2022 (12.00 P.M.) |
| 06 | All other information | All other information will be updated in https://tendersodisha.gov.in and www.ospcboard.org. |

The bid document with all information relating to the bidding process including cost of bid document, EMDs, Prequalification criteria and terms & condition are available in the website: https://tendersodisha.gov.in and www.ospcboard.org.The Authority reserves the right to accept/reject any part thereof or all the bids without assigning any reason thereof.

**Sd/- Member Secretary**
OIPR-08012/11/0309/2122

**ମସ୍କୋରେ ପୁଣି ନିର୍ମାଣ କାର୍ଯ୍ୟ ଆରମ୍ଭ କଲା 'ରେନଲ୍ଟ'**

ନୂଆଦିଲ୍ଲୀ: ଫ୍ରାନ୍ସ ଅଟୋମୋବାଇଲ୍ ନିର୍ମାତା 'ରେନଲ୍ଟ' ପୁଣିଥରେ ମଙ୍ଗଳବାରଠାରୁ ରୁଷିଆ ରାଜଧାନୀ ମସ୍କୋରେ ନିଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି। ଲାଡା ବ୍ରାଣ୍ଡ ପାଇଁ ରୁଷିଆର ବୃହତ୍ କାର୍ ନିର୍ମାତା କମ୍ପାନୀ 'ଏଭ୍ଟୋଭାଜ୍'ରେ ରେନଲ୍ଟର ବହୁମାତ୍ରାରେ ମାଲିକାନା ରହିଛି। ୨୪ ଫେବୃଆରୀରେ ରୁଷିଆ ପକ୍ଷରୁ ୟୁକ୍ରେନ୍ ଉପରେ ହୋଇଥିବା ସ୍ୱତନ୍ତ୍ର ଅପରେଶନ ପରେ ଜାଗୁଆର ଲ୍ୟାଣ୍ଡ୍ ରୋଭର, ଫୋର୍ଡ ଏବଂ ଭାଲ୍‌ଭୋ ଭଳି କାର୍ ନିର୍ମାତା କମ୍ପାନୀ ରୁଷିଆକୁ ରପ୍ତାନି ବନ୍ଦ କରିଦେଇଥିଲେ।

## ସଂକ୍ଷେପରେ

### ମହଙ୍ଗା ହେଲା ଟାଟା ମୋଟର୍ସ ଗାଡ଼ି

**ନୂଆଦିଲ୍ଲୀ,୨୨।୩:** ଦେଶର ପ୍ରମୁଖ ବାଣିଜ୍ୟକ ସଂସ୍ଥା ଟାଟା ଗ୍ରୁପ୍‌ର ଅଟୋମୋବାଇଲ ୟୁନିଟ୍ ଟାଟା ମୋଟର୍ସ ତାର ନବନିର୍ମିତ ଗାଡ଼ିଗୁଡ଼ିକର ଦାମ୍ ବୃଦ୍ଧି ସମ୍ପର୍କରେ ଘୋଷଣା କରିଛି। ବିଶେଷକରି କମ୍ପାନୀର କମର୍ସିଆଲ୍ ଗାଡ଼ିଗୁଡ଼ିକର ଦର ୨.୫% ବୃଦ୍ଧି କରିବ ବୋଲି ଜଣାପଡିଛି। କମ୍ପାନୀର ଏହି ବର୍ଦ୍ଧିତ ଦର ଚଳିତବର୍ଷ ଏପ୍ରିଲ ପହିଲାରୁ ଲାଗୁ ହେବ ବୋଲି ସୂଚନା ମିଳିଛି। ଏନେଇ ଟାଟା ମୋଟର୍ସ ପକ୍ଷରୁ କୁହାଯାଇଛି ଯେ, ବର୍ତ୍ତମାନ ପରିସ୍ଥିତିରେ ଅନେକ ଗୁଡିଏ ଆବଶ୍ୟକ ଯନ୍ତ୍ରପାତି ଓ ଆବଶ୍ୟକ ସାମଗ୍ରୀ ଗୁଡିକର ଉପଲବ୍ଧ ଠିକ୍ ଭାବରେ ହୋଇପାରୁ ନ ଥିବାରୁ କମ୍ପାନୀ ତାର ଗାଡ଼ିଗୁଡିକର ନିର୍ମାଣ ଖର୍ଚ୍ଚ ବୃଦ୍ଧି ପାଉଥିବାରୁ କମ୍ପାନୀ ଦର ବଢ଼ାଇବା ସମ୍ପର୍କରେ ନିଷ୍ପତ୍ତି ନେଇଛି। ଷ୍ଟିଲ୍ ସମେତ ଗାଡ଼ି ତିଆରି ପାଇଁ ବ୍ୟବହୃତ ଅନ୍ୟ ମ୍ୟାଟେରିଆଲର ଦରଦାମ ବୃଦ୍ଧି ଯୋଗୁ କମ୍ପାନୀ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଇଛି। ଆଗାମୀ ଦିନରେ ଅନ୍ୟ ଅଟୋମୋବାଇଲ କମ୍ପାନୀଗୁଡ଼ିକ ମଧ ନିଜ ଗାଡ଼ି ଦର ବୃଦ୍ଧି କରିବା ସମ୍ଭାବନା ରହିଛି।

### ଗ୍ରୀନ୍‌କୋ ସହ ଯୋଡ଼ିହେଲା ଆର୍ସେଲର ମିତ୍ତଲ

**ନୂଆଦିଲ୍ଲୀ,୨୨।୩:** ୯୭୫ ମେଗାୱାଟ୍‌ର ନବୀକରଣଯୋଗ୍ୟ ଉର୍ଜା ପରିଯୋଜନାର ବିକାଶ କରିବା ପାଇଁ ବିଶ୍ୱସ୍ତରୀୟ ଇସ୍ପାତ ଏବଂ ମାଇନିଂ କମ୍ପାନୀ ଆର୍ସେଲର ମିତ୍ତଲ ମଙ୍ଗଳବାର ଗ୍ରୀନ୍‌କୋ ଗ୍ରୁପ୍ ସହ ଭାଗୀଦାରିତା ସ୍ଥାପନ କରିଛି। ଆର୍ସେଲର ମିତ୍ତଲ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ୬୦କୋଟି ଡଲାରର ପ୍ରକଳ୍ପ ସୌର ଏବଂ ପବନ ଉର୍ଜାକୁ ଯୋଡ଼ିବ। ଏହି ପ୍ରକଳ୍ପ ଗ୍ରୀନ୍‌କୋର ହାଇଡ୍ରୋ ପମ୍ପ ଷ୍ଟୋରେଜ ଦ୍ୱାରା ସମର୍ଥିତ ହେବ। ତେବେ ଏହି ପ୍ରକଳ୍ପର ମାଲିକାନା ଏବଂ ବିତ୍ତପୋଷଣ ଦାୟିତ୍ୱ ଆର୍ସେଲର ମିତ୍ତଲ ପାଖରେ ରହିବ। ଗ୍ରୀନ୍‌କୋ ଆନ୍ଧ୍ରପ୍ରଦେଶରେ ନବୀକରଣଯୋଗ୍ୟ ଉର୍ଜାର ଡିଜାଇନ, ନିର୍ମାଣ ଏବଂ ସଞ୍ଚାଳନ କରିବ। ଏହି ପ୍ରକଳ୍ପ ୨୦୨୪ ମଧଭାଗ ସୁଦ୍ଧା ଆରମ୍ଭ ହେବା ସମ୍ଭାବନା ରହିଛି।

# ୧୯,୧୧୧ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କଲେ ସରକାର

**ନୂଆଦିଲ୍ଲୀ,୨୨।୩**

ଭାରତର ବହୁଚର୍ଚ୍ଚିତ ତଥା ପଳାତକ ଘୋଷିତ ବିଜୟ ମାଲ୍ୟା, ନୀରବ ମୋଦି ଏବଂ ମେହୁଲ ଚୋକ୍‌ସିଙ୍କ ୧୯,୧୧୧ କୋଟି ଟଙ୍କାର ସମ୍ପତ୍ତିକୁ ସରକାର ପର୍ଯ୍ୟାୟକ୍ରମେ ବାଜ୍ୟାପ୍ତ କରିବା ସହ ଆଇନଗତ ଲଢ଼େଇ ମଧ୍ୟ ଜାରି ରହିଛି ବୋଲି ମଙ୍ଗଳବାର କେନ୍ଦ୍ର ସରକାର ରାଜ୍ୟ ସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ବିଶେଷକରି ବ୍ୟାଙ୍କ ଠକେଇ ଓ ପ୍ରିଭେନ୍‌ସନ ଅଫ୍ ମନି ଲଣ୍ଡରିଂ ଆକ୍ଟ ଆଧାରରେ ଏହି ୩ ପଳାତକଙ୍କ ୧୯,୧୧୧.୨୦ କୋଟି ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ସରକାରଙ୍କ ପକ୍ଷରୁ ବାଜ୍ୟାପ୍ତ କରାଯାଇଛି। ଏପରିକି ୧୫,୧୧୩.୯୧ କୋଟି ଟଙ୍କାର ସମ୍ପତ୍ତି ସାର୍ବଜନୀନ କ୍ଷେତ୍ରର ବ୍ୟାଙ୍କଗୁଡିକୁ ପ୍ରଦାନ କରାଯାଇଥିବା ବେଳେ ବଳକା ୩୩୫.୦୬ କୋଟି ଟଙ୍କାର ସମ୍ପତ୍ତି ଭାରତ ସରକାରଙ୍କ ବିଭିନ୍ନ ବିଭାଗ ଜବତ କରିଛନ୍ତି। ନିକଟରେ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି ଯେ, ବିଜୟ ମାଲ୍ୟା, ନୀରବ ମୋଦି ଏବଂ ମେହୁଲ ଚୋକ୍‌ସିଙ୍କଠାରୁ ମୋଟ ୧୮ ହଜାର କୋଟି ଟଙ୍କାର ସମ୍ପତ୍ତି ବ୍ୟାଙ୍କକୁ ଫେରି ଆସିଛି। ସେହିଭଳି ଭାରତ ସରକାର ବିଜୟ ମାଲ୍ୟାଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ସହ ପ୍ରଚେଷ୍ଟା ମଧ ଚଳାଇଛନ୍ତି। ଅପରପକ୍ଷରେ ମାଲ୍ୟା ଲଣ୍ଡନରେ ରହିଥିଲା ବେଳେ ଭାରତ ସରକାର କେତେକ ଆଇନଗତ କାରଣରୁ ମାଲ୍ୟାକୁ ଭାରତ ଆଣିପାରୁ ନାହିଁ । ଫଳରେ ମାଲ୍ୟା ମଧ ଲଣ୍ଡନ କୋର୍ଟରୁ ଜାମିନରେ ଆସି ଆରାମରେ ଜୀବନ ଅତିବାହିତ କରୁଛନ୍ତି। ୨୦୧୯ଫେବୃଆରୀରେ ବ୍ରିଟିଶ ସରକାର ମାଲ୍ୟାଙ୍କ ଭାରତ ପ୍ରତ୍ୟର୍ପଣକୁ ଅନୁମତି ପ୍ରଦାନ କରିଥିଲେ। ତେବେ ଏହାର ବିରୋଧକରି ମାଲ୍ୟା କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏଥିରେ ମାଲ୍ୟାଙ୍କୁ ବିଶେଷ ସଫଳତା ମିଳିନାହିଁ। ମାଲ୍ୟା ଏବେ ବ୍ରିଟେନରେ ରାଜନୈତିକ ଶରଣ ପାଇଁ ଆବେଦନ କରିପାରନ୍ତି। ମାଲ୍ୟା ବିଭିନ୍ନ ବ୍ୟାଙ୍କରୁ ୯୦୦୦ କୋଟି ଟଙ୍କାର ଋଣ ନେଇ ଏହାକୁ ପରିଶୋଧ ନ କରି ଦେଶରୁ ଫେରାର ହୋଇ ସୁଦୂର ଲଣ୍ଡନ ଚାଲିଯାଇଥିଲେ। ସେହିପରି ଦେଶର ପ୍ରମୁଖ ହୀରା ବ୍ୟବସାୟୀ ନୀରବ ମୋଦି ଏବଂ ମେହୁଲ ଚୋକ୍‌ସି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ରୁ ପ୍ରାୟ ୧୩ ହଜାର କୋଟି ଟଙ୍କାର ଋଣ ନେଇ ଫେରାର ହୋଇଯାଇଛନ୍ତି।

**ବିଜୟ୍ ମାଲ୍ୟା, ନୀରବ ମୋଦି ,ମେହୁଲ ଚୋକ୍‌ସିଙ୍କ ଉପରେ ଆର୍ଥିକ କାର୍ଯ୍ୟାନୁଷ୍ଠାନ**



# ସାଧାରଣ ଗାଡ଼ି ସହ ସମାନ ହେବ ଇଭି ଦର: ଗଡ଼କରୀ

**ନୂଆଦିଲ୍ଲୀ,୨୨।୩**



ଉଚ୍ଚ ଦର ଯୋଗୁ ଇଲେକ୍ଟ୍ରିକ୍ ଯାନ(ଇଭି) କ୍ରୟ କରିପାରୁ ନ ଥିବା ଲୋକଙ୍କ ପାଇଁ ଖୁସି ଖବର ରହିଛି। ଆଗାମୀ ଦୁଇବର୍ଷ ମଧ୍ୟରେ ପେଟ୍ରୋଲଚାଳିତ ଯାନବାହନ ଦର ସହିତ ସମାନ ମୂଲ୍ୟରେ ଇଭି ମିଳିବ ବୋଲି ମଙ୍ଗଳବାର କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ସୂଚନା ଦେଇଛନ୍ତି। ଉତ୍ତମ ପ୍ରଯୁକ୍ତିବିଦ୍ୟା ଏବଂ ଗ୍ରୀନ୍ ଇନ୍ଧନର ପ୍ରଗତି ଯୋଗୁ ଇଭିର ଦରରେ ହ୍ରାସ ଘଟିବ। ଏହା ଦେଶର ଇଲେକ୍ଟ୍ରିକ୍ ଯାନ ବ୍ୟବହାର କ୍ଷେତ୍ରରେ ଏକ ଆଖିଦୃଶିଆ ପରିବର୍ତ୍ତନ ଆଣିବ। ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ୨୦୨୨-୨୩ ପାଇଁ ଅନୁଦାନ ସମ୍ପର୍କରେ ଜବାବ ଦେବା ସମୟରେ ଗଡ଼କରୀ ଇଭିର ମାର୍କେଟ ପ୍ରବେଶ ଏବଂ ବ୍ୟବହାର ଉପରେ ଜୋର୍ ଦେଇଥିଲେ ଏବଂ ଏହାଦ୍ୱାରା ପରିବେଶରେ ଏକ ସୁସ୍ଥ ବାତାବରଣ ସୃଷ୍ଟି ହୋଇପାରିବ ବୋଲି ସେ କହିଥିଲେ। ଏହାଛଡ଼ା ସେ ଏମ୍‌ପିମାନଙ୍କ ନିଜ ଅଞ୍ଚଳରେ ସିୱେଜ୍ ପାଣିରୁ ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରସ୍ତୁତି ଦିଗରେ ପ୍ରୟାସ କରିବାକୁ ପରାମର୍ଶ ଦେବା ସହ ହାଇଡ୍ରୋଜେନ୍ ଖୁବ୍ ଶୀଘ୍ର ସ୍ୱଳ୍ପ ମୂଲ୍ୟରେ ମିଳିପାରୁଥିବା ଏକ ବିକଳ୍ପ ଇନ୍ଧନରେ ପରିଗଣିତ ହୋଇପାରିବ ବୋଲି ଗଡ଼କରୀ ସୂଚନା ଦେଇଛନ୍ତି। ଏହାଛଡ଼ା ଲିଥିୟମ୍-ଆୟନ୍ ବ୍ୟାଟେରି ଦର ହ୍ରାସ ଘଟୁଥିବା ବେଳେ ଆମେ ଜିଙ୍କ୍, ଆଲୁମିନିୟମ୍, ସୋଡିୟମ୍ ଆୟନ ବ୍ୟାଟେରି ବିକଶିତ କରୁଛୁ। ତେଣୁ ସର୍ବାଧିକ ୨ବର୍ଷ ମଧ୍ୟରେ ଇଲେକ୍ଟ୍ରିକ୍ ସ୍କୁଟର, କାର୍, ସ୍କୁଟରଗୁଡ଼ିକର ଦାମ୍ ପେଟ୍ରୋଲଚାଳିତ ଯାନ ଦର ସହ ସମାନ ହୋଇପାରିବ। ବର୍ତ୍ତମାନ ଆମେ ଶତାଧିକ ଟଙ୍କା ବ୍ୟୟରେ ପେଟ୍ରୋଲ କ୍ରୟ କରି ଗାଡ଼ି ଚଳାଉଥିବା ସ୍ଥାନରେ ଇଭି ଚାଳନା ପାଇଁ ମାତ୍ର ୧୦ଟଙ୍କା ବ୍ୟୟ କରିବା ବୋଲି ଗଡ଼କରୀ ସୂଚନା ଦେଇଛନ୍ତି।

# ୧୪ ବିଲିୟନ ଲିଟର ଜଳ ରିସାଇକଲ କରିଛି ବେଦାନ୍ତ

**ନୂଆଦିଲ୍ଲୀ,୨୨।୩**



ବେଦାନ୍ତ ଆଲୁମିନିୟମ ପକ୍ଷରୁ ଜଳ ଉପଯୋଗିତା ଉପରେ ଧ୍ୟାନଭିତ୍ତିକ ନିୟନ୍ତ୍ରଣ ସହ ପରିଚାଳନା ପାଇଁ ଉନ୍ନତ ପ୍ରଯୁକ୍ତିର ବ୍ୟବହାର କରାଯାଉଛି। ଫଳରେ କମ୍ପାନୀ ୨୦୨୧-୨୨ ଆର୍ଥିକ ବର୍ଷରେ (୨୦୨୨ ଜାନୁଆରୀ ଶେଷ ସୁଦ୍ଧା) ୧୪ ବିଲିୟନ ଲିଟର ଜଳର ରିସାଇକଲ କରିପାରିଛି। ବେଦାନ୍ତ ଆଲୁମିନିୟମର ଜଳ ନିରନ୍ତରତା ଉଦ୍ୟମ ଏହାର ଦୃଢ଼ ଜଳ ପରିଚାଳନା ନୀତି ଦ୍ୱାରା ପରିଚାଳିତ। ନିକଟରେ ୬ଷ୍ଠ ତମ ଜାତିସଂଘ ନିରନ୍ତରତା ବିକାଶ ଲକ୍ଷ୍ୟ 'ସ୍ୱଚ୍ଛ ଜଳ ଓ ପରିମଳ' ପ୍ରତି କମ୍ପାନୀର ରହିଥିବା ପ୍ରତିବଦ୍ଧତା ଅନୁଯାୟୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ୩ଟି ଉପାୟ ଅବଲମ୍ବନ କରି ଜଳର ପୁନଃ ବ୍ୟବହାର ବଢ଼ାଇବା, ସତେଜ ଜଳ ଉପଯୋଗିତା ହ୍ରାସ ଏବଂ କାର୍ଯ୍ୟକ୍ଷେତ୍ରରୁ ଶୂନ ତରଳ ପଦାର୍ଥ ନିର୍ଗମନକୁ ନିଶ୍ଚିତ କରି ଏହାର ଜଳ ନିରନ୍ତରତା ଲକ୍ଷ୍ୟ ପୂରଣ କରିବାକୁ ଉଦ୍ୟମ କରାଯାଉଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ ବିଜ୍‌ନେସ୍‌ର ସିଇଓ ରାହୁଲ ଶର୍ମା କହିଛନ୍ତି, ଇଏସ୍‌ଜି (ପରିବେଶ, ସାମାଜିକ ଓ ପ୍ରଶାସନିକ)ରେ ଉତ୍କର୍ଷ ହେଉଛି ଭିତ୍ତିପ୍ରସ୍ତର ଯାହା ଉପରେ ଆମ ବ୍ୟବସାୟ ଯୋଜନାର ଆବିର୍ଭାବ ହୋଇଛି। ବିଶ୍ୱ ଜଳ ଦିବସରେ ଆମେ କାର୍ଯ୍ୟ କରୁଥିବା ଅଞ୍ଚଳରେ ନିରନ୍ତର ଜଳ ଉପସ୍ଥିତିକୁ ନିଶ୍ଚିତ କରିବା ଲାଗି ଆମର ରହିଥିବା ଲକ୍ଷ୍ୟ ପ୍ରତି ଆମେ ଆମର ପ୍ରତିବଦ୍ଧତାକୁ ଦୋହରାଉଛୁ। ଆମର ଲକ୍ଷ୍ୟ ଏହି ଭାବନାରେ ଅନ୍ତର୍ନିହିତ ରହିଛି ଯେ ଜଳ ହେଉଛି ଏକ ଭାଗବଣ୍ଟା ହେଉଥିବା ସମ୍ବଳ ଯାହା ପରିବେଶ ଓ ଆମ ଆଖପାଖ ଗୋଷ୍ଠୀର ନିରବଚ୍ଛିନ୍ନତା ପାଇଁ ଗୁରୁତ୍ୱପୂର୍ଣ୍ଣ। ଆମ ପରିଚାଳନାକୁ ଜଳ ସକାରାତ୍ମକ କରିବା ଦିଗରେ ଆମର ଯାତ୍ରା ଆମ ବ୍ୟବସାୟ ନିରନ୍ତରତାକୁ ନିଶ୍ଚିତ କରିବ ଏବଂ ସ୍ଥାନୀୟ ଗୋଷ୍ଠୀ ଓ ଜୈବ ବିବିଧତା ପାଇଁ ଅଧିକ ଜଳ ଉପଲବ୍ଧ କରାଇବ।

# ନାବାର୍ଡ ପକ୍ଷରୁ ୪୦୦୦ କୋଟି ଟଙ୍କା ମଞ୍ଜୁର

**ଭୁବନେଶ୍ୱର,୨୨।୩**

ଦେଶର ପ୍ରମୁଖ ତଥା ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ପକ୍ଷରୁ ଓଡ଼ିଶାର ବିକାଶ ପାଇଁ ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି (ଆର୍‌ଆଇଡିଏଫ୍) ଜରିଆରେ ୨୦୨୧-୨୨ ଆର୍ଥିକ ବର୍ଷରେ ୪,୦୧୩ କୋଟି ଟଙ୍କା ମଞ୍ଜୁର କରାଯାଇଥିବା କୁହାଯାଇଛି। ଏପରିକି ଏହାର ୬୫% ଅର୍ଥ ବା ପ୍ରାୟ ୨,୫୬୮ କୋଟି ଟଙ୍କା ରାଜ୍ୟର ଗ୍ରାମୀଣ ସଡ଼କ ଓ ପୋଲ ନିର୍ମାଣ ପାଇଁ ଦିଆଯାଇଛି। ଏହା ଜରିଆରେ ଓଡ଼ିଶାରେ ପ୍ରାୟ ୨୦୦୦ କିଲୋମିଟର ସଡ଼କ ଏବଂ ୧୭.୧୩ କିଲୋମିଟର ପୋଲ ମଧ ନିର୍ମାଣ କରାଯାଉଛି। ଉକ୍ତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶେଷ ହେବା ପରେ ରାଜ୍ୟର ୧୦ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଉପକୃତ ହେବେ ବୋଲି ଜଣାପଡ଼ିଛି।

# ଜିଡିପି ପୂର୍ବାନୁମାନରେ ହ୍ରାସ ଆଣିଲା ଫିଚ୍

**ନୂଆଦିଲ୍ଲୀ,୨୨।୩**

ରୁଷିଆ-ୟୁକ୍ରେନ୍ ଯୁଦ୍ଧ କାରଣରୁ ଉର୍ଜା ମୂଲ୍ୟରେ ବୃଦ୍ଧି ଘଟିବ ବୋଲି ରେଟିଂ ଏଜେନ୍ସି ଫିଚ୍ ପକ୍ଷରୁ ମଙ୍ଗଳବାର କୁହାଯାଇଥିବା ସହ ୨୦୨୨-୨୩ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ହାର ୧୦.୩%ରୁ ହ୍ରାସ ପାଇ ୮.୫% ହୋଇଯିବ ବୋଲି ଅନୁମାନ କରାଯାଇଛି। ଓମିକ୍ରମ୍ ଲହର ଶୀଘ୍ର ଶେଷ ହୋଇଯିବା ପରେ ବିଭିନ୍ନ ପ୍ରଭାବ ନିରୋଧ ନୀତିକୁ ଆଲୋଚନା କରିବା ପରେ ଆଗାମୀ ଆର୍ଥିକ ବର୍ଷର ଏପ୍ରିଲ-ଜୁନ୍ ତ୍ରୈମାସିକ ସମ୍ପୂର୍ଣ୍ଣ ଘରୋଇ ଉତ୍ପାଦ(ଜିଡିପି)ରେ ୦.୬% ଅଙ୍କ ବୃଦ୍ଧି ଘଟି ୮.୭%ରେ ପହଞ୍ଚିବ ବୋଲି ମଧ ଏଜେନ୍ସି ଅନୁମାନ କରିଛି। ତେବେ ଉଚ୍ଚ ଉର୍ଜା ଦର ବୃଦ୍ଧି କାରଣରୁ ୨୦୨୨-୨୩ରେ ଦେଶର ଅଭିବୃଦ୍ଧି ଅନୁମାନରେ ୧.୮% ହ୍ରାସ ଘଟିଥିବା ଫିଚ୍ ନିଜ ମୁଦ୍ରାସ୍ଫୀତି ପୂର୍ବାନୁମାନ ସଂଶୋଧନ କରି କହିଛି । ଫିଚ୍ ଦ୍ୱାରା ପ୍ରକାଶିତ ବୈଶ୍ୱିକ ଆର୍ଥିକ ଆଉଟ୍‌ଲୁକ୍-ମାର୍ଚ୍ଚ ୨୦୨୦ରେ ଫିଚ୍ ପକ୍ଷରୁ କୁହାଯାଇଛି ଯେ, କୋଭିଡ୍ ପରବର୍ତ୍ତୀ ପରିସ୍ଥିତି ଦେଶର ବିକାଶ ହ୍ରାସ କରି ମୁଦ୍ରାସ୍ଫୀତି ବଢ଼ାଇବ। ତେବେ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଏବଂ ରୁଷିଆ ଉପରେ ଲଗାଯାଇଥିବା ବିଭିନ୍ନ ପ୍ରତିବନ୍ଧକ ଉର୍ଜା ଯୋଗାଣରେ ସଙ୍କଟ ସୃଷ୍ଟି କରିଛି। ଏହାଛଡ଼ା ତୈଳ ଏବଂ ଗ୍ୟାସ୍ ଦର ବୃଦ୍ଧି ଯୋଗୁ ଗ୍ରାହକଙ୍କ ଆୟରେ ହ୍ରାସ ଦେଖାଦେବ। ତେଣୁ ବିଶ୍ୱ ଜିଡିପି ଅନୁମାନରେ ୦.୭% ହ୍ରାସ କରି ୩.୫% କରିଦେଇଛି ବୋଲି ଏଜେନ୍ସି କହିଛି।

## ଫୁରସତ୍

# ଆଜି ବିଶ୍ୱ ପାଣିପାଗ ଦିବସ



**ବି**ଶ୍ୱ ପାଣିପାଗ ଦିବସ ସମଗ୍ର ବିଶ୍ୱରେ ମାର୍ଚ୍ଚ ୨୩ରେ ପାଳନ କରାଯାଏ। ପାଣିପାଗ ବିଜ୍ଞାନରେ ଘଟୁଥିବା ପରିବର୍ତ୍ତନଗୁଡ଼ିକ ବିଷୟରେ ଲୋକଙ୍କୁ ସଚେତନ କରିବା ହେଉଛି ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ । ପ୍ରତିବର୍ଷ ବିଶ୍ୱ ପାଣିପାଗ ଦିବସ ପାଇଁ ଏକ ଥିମ ସ୍ଥିର କରାଯାଇଥାଏ, ଯାହା ଉପରେ ବର୍ଷସାରା କାର୍ଯ୍ୟ କରାଯାଏ। ଚଳିତବର୍ଷ ଏହାର ଥିମ୍ ରହିଛି ପ୍ରାରମ୍ଭିକ ସତର୍କ ଏବଂ ପ୍ରାରମ୍ଭିକ କାର୍ଯ୍ୟ (Early Warning and Early Action)। ବିଶ୍ୱ ପାଣିପାଗ ବିଭାଗ(ଡବ୍ଲ୍ୟୁଏମ୍‌ଓ)ର ସର୍ବାଧିକ ନଜର ଜଳବାୟୁ ପରିବର୍ତ୍ତନ ଉପରେ ରହିଥାଏ। ଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଡ଼ ସମସ୍ୟାକୁ ରୋକିବାର ଏକ ଉତ୍ତମ ଉପାୟ ହୋଇପାରେ ବୋଲି ଚଳିତବର୍ଷ ଥିମ୍‌ରୁ ବୁଝାପଡ଼େ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଡବ୍ଲ୍ୟୁଏମ୍‌ଓର ଲକ୍ଷ୍ୟ। ୧୯୫୦ ମସିହାରେ ବିଶ୍ୱ ପାଣିପାଗ ବିଭାଗ ପ୍ରତିଷ୍ଠା କରାଯାଇଥିଲା। ଏହାର ମୁଖ୍ୟାଳୟ ସୁଇଜରଲାଣ୍ଡର ଜେନେଭାରେ ଅଛି। ବିଶ୍ୱ ପାଣିପାଗ ସଂଗଠନରେ ମୋଟ ୧୯୩ ସଦସ୍ୟ ଦେଶ ଅଛନ୍ତି। ବନ୍ୟା, ମରୁଡ଼ି ଏବଂ ଭୂକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟର ପୂର୍ବାନୁମାନ କରିବାକୁ ଏହି ସଂଗଠନ କାର୍ଯ୍ୟ କରେ। ବିଶ୍ୱ ପାଣିପାଗ ଦିବସରେ ସାରା ବିଶ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଲୋକଙ୍କୁ ପାଣିପାଗ ସମ୍ପର୍କିତ ବିଷୟରେ ଅବଗତ କରାଇବା ପାଇଁ ପ୍ରୟାସ କରାଯାଏ। ବିଶ୍ୱ ପାଣିପାଗ ଦିବସ ଦିନ ବିଦ୍ୟାଳୟ, କଲେଜ, କାର୍ଯ୍ୟାଳୟରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥାଏ।

# ବିରଳ ଦସ୍ତଖତ




**ଗୁଆହାଟୀ:** ଏକ ଦସ୍ତଖତର ଫଟୋ ଏବେ ସୋସିଆଲ ମିଡିଆରେ ଶେୟାର ହେବାରେ ଲାଗିଛି ଯାହା ଦସ୍ତଖତ କି ଚିତ୍ର ତାହା ବୁଝିବା କଷ୍ଟକର ହୋଇପଡ଼ିଛି। ଆଉ ଏବେ ଏହି ଦସ୍ତଖତକୁ ନେଇ ଟୁଇଟରରେ ମିମ୍ ମଧ ତିଆରି ହେବାରେ ଲାଗିଛି। ରମେଶ ନାମରେ ଜଣେ ସୋସିଆଲ ମିଡିଆ ୟୁଜର ଏହି ଫଟୋକୁ ଶେୟାର କରିଥିଲେ। ଭାଇରାଲ ହେଉଥିବା ଏହି ସିଗ୍‌ନେଚର୍ ଫଟୋ ଗୁଆହାଟୀ ମେଡିକାଲ କଲେଜର ଅର୍ଥୋପେଡିକ୍ ଡିପାର୍ଟମେଣ୍ଟ ରେଜିଷ୍ଟରରୁ ଉତ୍ତୋଳନ କରାଯାଇଛି।

# ମଲାଇକାଙ୍କ ପ୍ରେରଣା ଅର୍ଜୁନ



**ମୁମ୍ବାଇ:** ବି' ଟାଉନ୍‌ରେ ଫିଟ୍‌ନେଶ୍ କଥା ଉଠିଲେ ଆଖି ଆଗକୁ ଚାଲିଆସନ୍ତି ମଲାଇକା ଅରୋରା। ୪୮ ବର୍ଷୀୟା ମଲାଇକା ନିଜ ଫିଟ୍‌ନେଶ୍ ଓ ଜିରୋ ଫିଗର୍ ପାଇଁ ଜଣାଯାଉଥିବାବେଳେ ଏଥିଲାଗି ସେ ତାଙ୍କର ସବୁ ଶ୍ରେୟ ବୟଫ୍ରେଣ୍ଡ ଅର୍ଜୁନଙ୍କୁ ଦେଇଛନ୍ତି। ମଲାଇକା ଇନଷ୍ଟାଗ୍ରାମରେ ଅର୍ଜୁନଙ୍କ ଏକ ଫଟୋ ଶେୟାର କରି 'ୟୁ ଆର୍ ମାଇଁ ଇନ୍‌ସ୍ପିରେଶନ୍' କ୍ୟାପ୍ସନ ଲେଖିଛନ୍ତି। ପ୍ରକୃତ କଥାଟି ହେଲା, ଜିମ୍‌ରେ ୱାର୍କଆଉଟ୍ କରୁଥିବାର ଏକ ଫଟୋ ଅର୍ଜୁନ କପୁର ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ। ଫଟୋ ଶେୟାର ହେବାର କିଛି ସମୟ ପରେ ମଲାଇକା 'ତୁମେ ମୋ ପ୍ରେରଣା' ଲେଖି ସେହି ଫଟୋକୁ ସୋସିଆଲ ମିଡିଆରେ ରିଶେୟାର କରିଥିଲେ। ଅର୍ଜୁନ କପୁର ଓ ମଲାଇକା ଅରୋରା ଏବେ ରିଲେଶନ୍‌ଶିପ୍‌ରେ ଅଛନ୍ତି। କିନ୍ତୁ ଏହି କଥାକୁ ସେମାନେ କେବେ ସର୍ବସମ୍ମୁଖରେ ସ୍ୱୀକାର କରି ନାହାନ୍ତି। ଦୁହେଁ ପରସ୍ପରକୁ ଡେଟ୍ କରିବା ସହ ଅନେକ ସମୟରେ ଏକାଠି ହଲିଡେ ପାଳିବା ପାଇଁ ବିଦେଶ ଯାଉଥିବାର ମଧ ଦେଖିବାକୁ ମିଳିଛି। ଖାଲି ସେତିକି ନୁହେଁ ସୋସିଆଲ ମିଡିଆରେ ଦୁହେଁ ପରସ୍ପରର ଫଟୋକୁ ଶେୟାର ସାଙ୍ଗକୁ ଦୁହେଁ ଦୁହିଁଙ୍କୁ ପ୍ରଶଂସା କରିବାର କୌଣସି ମଉକା ହାତଛଡ଼ା କରୁ ନାହାନ୍ତି। ମଲାଇକାଙ୍କ ସହ ସମ୍ପର୍କକୁ ନେଇ ଅର୍ଜୁନଙ୍କ ବାପା ବୋନି କପୁର ଅସୁଖି ଥିବାବେଳେ ଏ ନେଇ କପୁର ପରିବାରରେ କଳିଗୋଳ ଚାଲିଥିବା ଚର୍ଚ୍ଚା ମଧ ହେଉଛି।

# ଆଥ୍‌ଲେଟ ସାଜିଛନ୍ତି ଡେଲିଭରି ବୟ

**ପାଟନା:** ବିହାର ବୈଶାଲୀ ଜିଲାର ମୁକେଶ କୁମାର ତାଙ୍କ ସ୍ୱପ୍ନ ପୂରଣ କରିବା ପାଇଁ ଡେଲିଭରି ବୟ ପାଲଟିଛନ୍ତି। ମୁକେଶ କହିଛନ୍ତି, ସେ ସ୍କୁଲ ସମୟରେ ହିଁ ଆଥଲେଟିକ୍ସରେ ଷ୍ଟେଟ୍ ଲେଭଲ ଖେଳି ୪ଟି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆଥଲେଟିକ୍ସ କ୍ଷେତ୍ରରେ କ୍ୟାରିୟର ଗଢିବା ପାଇଁ ଅଣ୍ଟା ଭିଡିଛନ୍ତି ମୁକେଶ। ଏଥିରେ ମୁକେଶଙ୍କୁ ତାଙ୍କର ଜଣେ ଶିକ୍ଷକ ସାହାଯ୍ୟ କରୁଥିବା ସେ କହିଛନ୍ତି। କରୋନା ସମୟରେ ଷ୍ଟାଡିୟମ୍ ବନ୍ଦ ଥିବାବେଳେ ସେ ଗଙ୍ଗାକୂଳରେ ଅଭ୍ୟାସ ଜାରି ରଖିଥିଲେ। ମୁକେଶଙ୍କ ବାପା ଜଣେ ଚାଷୀ ହୋଇଥିବାବେଳେ ଘରେ ସବୁବେଳେ ଅଭାବ ଲାଗିରହିଛି। ତେଣୁ ସେ ପରିବାରକୁ ସାହାଯ୍ୟ କରିବା ପାଇଁ ଜୋମାଟୋର ଡେଲିଭରି ବୟ ସାଜି ଟଙ୍କା ରୋଜଗାର କରୁଛନ୍ତି। ମୁକେଶଙ୍କ ଭଳି ତାଙ୍କ ଭଉଣୀ ଜଣେ ଷ୍ଟେଟ୍ ଲେଭଲ ଚାମ୍ପିୟନ, ସେ ଚାହାଁନ୍ତି କି ତାଙ୍କ ଭଉଣୀ ଆହୁରି ଖେଳି ସ୍ୱର୍ଣ୍ଣ ପଦକ ଜିତୁ।




# ବାଜା ବାଜିଲା, ସ୍କୁଲ ଗଲେ ନେତାଙ୍କ ଝିଅ

**ହାଇଦ୍ରାବାଦ:** ମହାମାରୀ କରୋନା ସଂକ୍ରମଣ ନିୟନ୍ତ୍ରଣକୁ ଆସିବା ପରେ ବିଭିନ୍ନ ଅଞ୍ଚଳରେ ଏବେ ସ୍କୁଲଗୁଡ଼ିକ ଖୋଲିବାରେ ଲାଗିଛି। ଦୀର୍ଘ ତିନି ବର୍ଷ ପରେ ସ୍କୁଲ ଖୋଲାଯିବାକୁ ନେଇ ଉଭୟ ଛାତ୍ରୀଛାତ୍ର ଓ ଅଭିଭାବକ ଉତ୍ସାହିତ। କିନ୍ତୁ ସ୍କୁଲ ଖୋଲିବାକୁ ନେଇ ହାଇଦ୍ରାବାଦର ଜୁବୁଲି ହିଲ୍‌ସର ପୂର୍ବତନ ବିଧାୟକ ବିଷ୍ଣୁ ବର୍ଦ୍ଧନ ରେଡ୍ଡୀ ଅଧିକ ଖୁସି ଥିବା ଜଣାପଡ଼ିଛି। ଏହି କଂଗ୍ରେସ ନେତାଙ୍କ ଝିଅ ଜନଶ୍ରୀ ରେଡ୍ଡୀ ସୋମବାରଠାରୁ ସ୍କୁଲ ଯିବାକୁ ବାହାରିଥିବାବେଳେ ବିଷ୍ଣୁ ବର୍ଦ୍ଧନ ବ୍ୟାଣ୍ଡ ବାଜା ବଜାଇ ନୂଆ କାର୍‌ରେ ଝିଅକୁ ସ୍କୁଲ ପଠାଇଛନ୍ତି। ତେବେ ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଘୁରିବୁଲୁଛି। ଭିଡିଓଟି ବହୁଳମାତ୍ରାରେ ସୋସିଆଲ ମିଡିଆ ୟୁଜରମାନଙ୍କ ଦୃଷ୍ଟି ଆକର୍ଷଣ କରୁଛି। ୩ ବର୍ଷ ପରେ ଝିଅ ସ୍କୁଲ ଯିବାକୁ ସ୍ମରଣୀୟ କରିବା ପାଇଁ ପୂର୍ବତନ ବିଧାୟକ ଏ ପ୍ରକାର ଅଭିନବ ପ୍ରୟାସ କରିଥିବା ଗଣମାଧ୍ୟମକୁ କହିଛନ୍ତି। ହାଇଦ୍ରାବାଦର ଚିରେକ୍ ଇଣ୍ଟରନାଶନାଲ ସ୍କୁଲରେ ଜନଶ୍ରୀ ଅଷ୍ଟମ ଶ୍ରେଣୀରେ ପଢନ୍ତି। କରୋନା କାରଣରୁ ୫ମ, ୬ଷ୍ଠ ଏବଂ ୭ମ ଶ୍ରେଣୀ ତାଙ୍କୁ ଘରେ ରହି ପଢ଼ିବାକୁ ପଡ଼ିଥିଲା। ସଂକ୍ରମଣ କମିବା ପରେ ରାଜ୍ୟ ସରକାର ଅଫ୍ ଲାଇନ୍ ପଠପଢା ପାଇଁ ଅନୁମତି ଦେବା ପରେ ଏବେ ସ୍କୁଲଗୁଡ଼ିକ ଖୋଲାଯାଉଛି।



# ସଦ୍‌ଗୁରୁଙ୍କ ୩୦ ହଜାର କି.ମି. ବାଇକ୍ ଯାତ୍ରା

**ଲଣ୍ଡନ:** ମୃତ୍ତିକା ସଂରକ୍ଷଣ ବାର୍ତ୍ତା ପ୍ରଚାର କରିବା ପାଇଁ ୬୪ ବର୍ଷୀୟ ଯୋଗ ଗୁରୁ ସଦ୍‌ଗୁରୁ ଅଭିଯାନ ଆରମ୍ଭ କରିଛନ୍ତି। ଲଣ୍ଡନରୁ ଭାରତ ପର୍ଯ୍ୟନ୍ତ ପାଖାପାଖି ୩୦ ହଜାର କିଲୋମିଟର ବାଇକ୍ ଜରିଆରେ ସଦ୍‌ଗୁରୁ ମୃତ୍ତିକା ସଂରକ୍ଷଣ ବାର୍ତ୍ତା ପ୍ରଚାର କରିବେ। ଲଣ୍ଡନର ପାର୍ଲାମେଣ୍ଟ ସ୍କୋୟାରରୁ ସୋମବାର ଏହି ଅଭିଯାନ ଆରମ୍ଭ କରାଯାଇଥିବାବେଳେ ୧୦୦ ଦିନ ମଧ୍ୟରେ ଏହାକୁ ପୂରା କରିବାର ଆଶା ରଖାଯାଇଛି। ଅଭିଯାନରେ ସେ ବିଏମ୍‌ଡବ୍ଲ୍ୟୁ କେ୧୬୦୦ ଜିଟି ମୋଟରସାଇକେଲ ବ୍ୟବହାର କରିଛନ୍ତି। ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଦିବସ ପାଳନ କରୁଥିବାବେଳେ ସଦ୍‌ଗୁରୁ ମୃତ୍ତିକା ସଂରକ୍ଷଣ ଅଭିଯାନକୁ ୧୦୦ ବଦଳରେ ୭୫ ଦିନରେ ସମ୍ପୂର୍ଣ୍ଣ କରିବାକୁ ଆଶା ରଖିଥିବା ସେ କହିଛନ୍ତି। ଖାଦ୍ୟ ପାଇଁ ଆମେ କୃଷି ଉପରେ ନିର୍ଭର କରୁ । ବିଗତ ଦିନଗୁଡ଼ିକରେ ମୃତ୍ତିକା କ୍ଷୟ ବୃଦ୍ଧି ପାଇଥିବାବେଳେ ୨୦ ବର୍ଷ ଭିତରେ ବିଶ୍ୱବ୍ୟାପୀ ୩ ଲକ୍ଷ କୃଷକ ପ୍ରାଣ ହରାଇଛନ୍ତି। ତେବେ ଏ ପ୍ରକାର ସ୍ଥିତିର ମୁକାବିଲା ପାଇଁ ଆମକୁ ଏବେଠାରୁ ସତର୍କ ହେବାକୁ ପଡ଼ିବ ବୋଲି ସଦ୍‌ଗୁରୁ କହିଛନ୍ତି।



**ମୃତ୍ତିକା ସଂରକ୍ଷଣ ବାର୍ତ୍ତା**

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୨୩/୨୦୨୨ Bhubaneswar, Wednesday, March 23/ 2022



ଜାତୀୟ ସିନିୟର ଭାରୋତ୍ତୋଳନରେ ବ୍ରୋଞ୍ଜ ପଦକ ବିଜୟିନୀ ଓଡ଼ିଶାର ଝିଲି ଦଳବେହେରା (ଡାହାଣରୁ ତୃତୀୟ)।

# ଝିଲି, ସ୍ନେହାଙ୍କୁ ବ୍ରୋଞ୍ଜ ପଦକ

**ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୨୨।୩
(କ୍ରୀଡ଼ା ପ୍ରତିନିଧି)

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଭାରତୀୟ ଭାରୋତ୍ତୋଳନ ମହାସଂଘର ମିଳିତ ଆନୁକୂଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଦୁଇ ମହିଳା ଖେଳାଳି ଝିଲି ଦଳବେହେରା ଓ ସ୍ନେହା ସୋରେନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଆରଏସ୍‌ପିବି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଆ ଝିଅ ଝିଲି ସିନିୟର ମହିଳା ବର୍ଗର ସ୍ନାଚରେ ୭୬ ଏବଂ କ୍ଲିନ ଆଣ୍ଡ ଜର୍କରେ ୯୩କେଜି ସହ ମୋଟ ୧୬୯କେଜି ଉତ୍ତୋଳନ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ବର୍ଗରେ ମଣିପୁରର ଜୀନାରାଣୀ ଦେବୀ ମୋଟ ୧୭୫ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ଏବଂ ଆରଏସ୍‌ପିବିର ସଞ୍ଜିତା ଚାନୁ ମୋଟ ୧୭୪ କେଜି ଭାର ଉଠାଇ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ୪୯ କେଜି ଆନ୍ତଃ ରାଜ୍ୟ ସିନିୟର ମହିଳା ବର୍ଗରେ ସ୍ନେହା ସ୍ନାଚରେ ୭୫ ଏବଂ କ୍ଲିନ ଆଣ୍ଡ ଜର୍କରେ ୯୧କେଜି ସହ ମୋଟ ୧୬୬ କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ବର୍ଗରେ ମଣିପୁରର ଜୀନାରାଣୀ ଦେବୀ ସ୍ୱର୍ଣ୍ଣ ଓ ମହାରାଷ୍ଟ୍ରର ସାକ୍ଷୀ ମହାସ୍କେ ରୌପ୍ୟ ପଦକ ପାଇଛନ୍ତି। ୪୯ କେଜି ଯୁଥ ମହିଳା ବର୍ଗରେ ପଣ୍ଡିଚେରୀର ଭି. ମଧୁମିତା ମୋଟ ୧୫୫କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଉତ୍ତରପ୍ରଦେଶର ନିଲମ ପଟେଲ ୧୫୨ କେଜି ସହ ରୌପ୍ୟ ପଦକ ହାସଲ କରିଛନ୍ତି। ନୀଲମ ଏହି ବର୍ଗର ସ୍ନାଚରେ ସର୍ବାଧିକ ୬୭କେଜି ଉତ୍ତୋଳନ କରି ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ତାମିଲନାଡୁର ଭି. ରିଥିକା ମୋଟ ୧୫୦ କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୪୯କେଜି ଜୁନିୟର ମହିଳା ବର୍ଗରେ ମହାରାଷ୍ଟ୍ରର ସାକ୍ଷୀ ମହାସ୍କେ ମୋଟ ୧୬୮ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ, ଛତିଶଗଡର ଜ୍ଞାନେଶ୍ୱରୀ ଯାଦବ ୧୬୧ କେଜି ସହ ରୌପ୍ୟ ଏବଂ ପଣ୍ଡିଚେରୀର ଭି. ମଧୁମିତା ୧୫୫କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରକାଶଯୋଗ୍ୟ ଯେ, ପ୍ରଥମ ଓଡ଼ିଆ ଭାରୋତ୍ତୋଳକ ଭାବେ ମୁନା ନାୟକ ୬୧ କେଜି ଆନ୍ତଃରାଜ୍ୟ ସିନିୟର ପୁରୁଷ ବର୍ଗରେ ସୋମବାର ରୌପ୍ୟ ପଦକ ହାସଲ କରିଥିଲେ।



ପୁରସ୍କାର ଗ୍ରହଣ ଅବସରରେ ସ୍ନେହା ସୋରେନ।

# ଜାତୀୟ ସବ୍‌ଜୁନିୟର ଉଶୁରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୨୨।୩
(କ୍ରୀଡ଼ା ପ୍ରତିନିଧି)

ତାମିଲନାଡୁର ନାଗରକୋଲିସ୍ଥିତ ନୁର୍ ଇସଲାମ ବିଶ୍ୱବିଦ୍ୟାଳୟ ପରିସରରେ ୨୧ତମ ଜାତୀୟ ସବ୍‌ଜୁନିୟର ଉଶୁ ଚାମ୍ପିୟନଶିପ୍ ଚଳିତ ମାସ ୨୫ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ୨୫ ଜଣିଆ ଓଡ଼ିଶା ଦଳ ମଙ୍ଗଳବାର ତାମିଲନାଡୁ ଯାତ୍ରା କରିଛି। ଓଡ଼ିଶା ଦଳରେ ୨୧ ଖେଳାଳି ଓ ୪ ଅଫିସିଆଲ ସାମିଲ ଅଛନ୍ତି। ଉଶୁ ଆସୋସିଏଶନ ଅଫ୍ ଓଡ଼ିଶାର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା ଓଡ଼ିଶା ଦଳର ନେତୃତ୍ୱ ନେଉଛନ୍ତି। ସୁଷମା ମହନ୍ତ ଦଳର ମ୍ୟାନେଜର ଏବଂ ପଙ୍କଜ ମହନ୍ତ ଓ ଉଦୟନାଥ ରାଉତ କୋଚ୍‌ଭାବେ ଦଳ ସହ ଯାଇଛନ୍ତି। ଉଶୁ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି ଏସ.ଏସ. ହରିଚନ୍ଦନ ଓ ଅଲ୍ ଓଡ଼ିଶା କିକ୍‌ବକ୍ସିଂ ଆସୋସିଏଶନ ସମ୍ପାଦକ ବିଭୂତି ଭୂଷଣ ବେହେରା ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

**ଓଡ଼ିଶା ଦଳ** (ସାଣ୍ଡା-ବାଳକ): ସେୟାନ ମହନ୍ତ, ଗାର୍ଡି ମୁଣ୍ଡା, ଅକିଲ ମୁଣ୍ଡା, ମଦନ ମୁଣ୍ଡା, ରମେଶ ମୁଣ୍ଡା, ବିଷ୍ଣୁ ମୁଣ୍ଡା, ପର୍ବିଲ ମୁଣ୍ଡା। ସାଣ୍ଡା-ବାଳିକା: ଶିବାନୀ ମୁଣ୍ଡା, ଦ୍ରୁପତି ମୁଣ୍ଡା, ମାଳିନୀ ମୁଣ୍ଡା, ଲକ୍ଷ୍ମୀ ମୁଣ୍ଡା, ଶ୍ୱେତାରାଣୀ ମହନ୍ତ, ସବିତା ମୁଣ୍ଡା, ବାସନ୍ତି ମହାକୁଡ଼। ତାଓଲୁ-ବାଳକ: ଆର୍ଯ୍ୟନ ମହାନ୍ତି, ଆକାଶ ନନ୍ଦ। ତାଓଲୁ-ବାଳିକା: ଶୁଭଶ୍ରୀ ପାତ୍ର, ବଂଶିକା ପତି, ଦିବ୍ୟାଂଶୀ ମହାନ୍ତି, ପ୍ରତିଜ୍ଞା ବେହେରା, ଲାବଣ୍ୟ ପତି।




ଜାତୀୟ ସବ୍‌ଜୁନିୟର ଉଶୁରେ ଭାଗନେବାକୁ ମନୋନୀତ ଓଡ଼ିଶା ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ସହ।

**ସି.କେ. ନାଇଡୁ ଟ୍ରଫି**

## ଓଡ଼ିଶା-ଝାଡ଼ଖଣ୍ଡ ମ୍ୟାଚ ଆରମ୍ଭ

**ଭୁବନେଶ୍ୱର, ୨୨।୩ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା ଓ ଝାଡ଼ଖଣ୍ଡ ମଧ୍ୟରେ ୨୫ ବର୍ଷରୁ କମ୍ ବିସିସିଆଇ ସି.କେ. ନାଇଡୁ ଟ୍ରଫି କ୍ରିକେଟ (ଏଲିଟ ଗ୍ରୁପ୍-ସି) ମ୍ୟାଚ ମଙ୍ଗଳବାର ତ୍ରିଭେନ୍ଦ୍ରମ୍‌ର ଗ୍ରୀନ୍‌ଫିଲ୍ଡ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଓଡ଼ିଶା ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମ ଦିନ ଖେଳ ଶେଷ ବେଳକୁ ଝାଡ଼ଖଣ୍ଡ ୫ ଉଇକେଟ ହରାଇ ୩୯୭ ରନ ସଂଗ୍ରହ କରିଛି। ଦଳ ପକ୍ଷରୁ ସାହିଲ ରାଜ ୨୧୦ ବଲ୍‌ରୁ ସର୍ବାଧିକ ୧୮୪ ରନ କରିଥିବାବେଳେ ଆଦିତ୍ୟ ସିଂ ୧୮୮ ବଲ୍‌ରୁ ୯୭ ଓ ସୁରଓ୍ୱାର ୩୯ ରନକରି ଅପରାଜିତ ରହିଛନ୍ତି। ଓଡ଼ିଶା ବୋଲରଙ୍କ ମଧ୍ୟରେ ସତ୍ୟକାମ ଭରଦ୍ୱାଜ ୧୧୩ ରନରେ ୪ଟି ଓ ରାଜେଶ ମହାନ୍ତି ଗୋଟିଏ ଉଇକେଟ ନେଇଛନ୍ତି।

## ମିଜୋରାମ ୧୯୪ରେ ଅଲ୍‌ଆଉଟ

**ଭୁବନେଶ୍ୱର, ୨୨।୩ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ବିସିସିଆଇ ୨୫ ବର୍ଷରୁ କମ୍ ସିକେ ନାୟୁଡୁ ଟ୍ରଫିର ପ୍ଲେଟ୍‌ଗ୍ରୁପ୍ କ୍ରିକେଟ ମ୍ୟାଚ କଟକର ଡ୍ରିମ୍ସ ଓ ଭୁବନେଶ୍ୱରର କିଟ୍ କ୍ରିକେଟ ଗ୍ରାଉଣ୍ଡରେ ମଙ୍ଗଳବାର ଆରମ୍ଭ ହୋଇଛି। ଡ୍ରିମ୍ସରେ ଅନୁଷ୍ଠିତ ନାଗାଲାଣ୍ଡ ବିପକ୍ଷ ମ୍ୟାଚରେ ମିଜୋରାମ ୧୯୪ ରନରେ ଅଲ୍‌ଆଉଟ ହୋଇ ଯାଇଛି। ଦଳ ପକ୍ଷରୁ ଜେହୁ ଆଣ୍ଡରସନ ୬୬ ଓ ସାହିଲ ରେଜା ୪୦ ରନ ସ୍କୋର କରିଥିଲେ। ନାଗାଲାଣ୍ଡ ପକ୍ଷରୁ ଜୋଶୁଆ, ମେରେନ ଓ ଓଡିଲେମ୍ବା ୨ଟି ଲେଖାଏ ଉଇକେଟ ନେଇଥିଲେ। ପ୍ରଥମ ଦିବସ ଖେଳ ଶେଷ ବେଳକୁ ନାଗାଲାଣ୍ଡ ୧୭ ରନରେ ୩ଟି ଉଇକେଟ ହରାଇଛି। କିଟ୍ ପଡ଼ିଆରେ ଆରମ୍ଭ ହୋଇଥିବା ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ମେଘାଳୟ ୧୮୯ ରନରେ ସମସ୍ତ ଉଇକେଟ ହରାଇଥିଲା। ମହମ୍ମଦ ଅସିଫ ଖାଁ ସର୍ବାଧିକ ୮୩ ରନ କରିଥିଲେ। ସିକିମ୍‌ର ଅଙ୍କୁର ୫ ଉଇକେଟ ସଫଳତା ପାଇଥିବାବେଳେ ରାହୁଲ କୁମାରଙ୍କୁ ୨ଟି ଉଇକେଟ ମିଳିଥିଲା। ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ସିକିମ ୪ ଉଇକେଟ ହରାଇ ୪୮ ରନ କରିଛି। ମେଘାଳୟର ଅଭିଷେକ ୩ଟି ଉଇକେଟ ନେଇଛନ୍ତି।

# ଜାତୀୟ ପାରା ସନ୍ତରଣରେ ଓଡ଼ିଶାର ୩

ଭୁବନେଶ୍ୱର, ୨୨।୩
(କ୍ରୀଡ଼ା ପ୍ରତିନିଧି)

ରାଜସ୍ଥାନର ଉଦୟପୁରଠାରେ ଜାତୀୟ ପାରା ସନ୍ତରଣ ପ୍ରତିଯୋଗିତା ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି। ୨୮ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡ଼ିଶାର ୩ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ସେମାନେ ହେଲେ ଲିପୁ ରାଉତ, ସୁମିତ ପଣ୍ଡା ଓ ପୂର୍ଣ୍ଣ ସେଠୀ। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସନ୍ତରଣ ପ୍ରଶିକ୍ଷକ ଅର୍ପିତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ପ୍ରତିଯୋଗୀମାନେ ସୋମବାର ଉଦୟପୁର ଯାତ୍ରା କରିଛନ୍ତି। ଭୁବନେଶ୍ୱର ରେଲୱେ ଷ୍ଟେଶନରେ ଅନ୍ତର୍ଜାତୀୟ ପାରା କ୍ରୀଡାବିତ୍ ରାଖାଲ ସେଠୀ ଏବଂ ସୁନୀଲ ପ୍ରଧାନ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆଗାମୀ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ ପାଇଁ ସ୍ପେଶାଲ ଅଲିମ୍ପିକ୍ସ ଭାରତ (ଏସ୍‌ଓବି) ଓଡ଼ିଶାର ନିର୍ଦ୍ଦେଶକ ପ୍ରକାଶ ରଥ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।



ରାଜ୍ୟ ପାରାସ୍ପୋର୍ଟ୍ସ କର୍ମକର୍ତ୍ତାଙ୍କ ସହ ଓଡ଼ିଶା ପ୍ରତିଯୋଗୀ।




BUY NOW

Helpline: 8196822222

ନିଜ ଆଖିକୁ ଦିଅନ୍ତୁ ପ୍ରାକୃତିକ ଆଇ ମନ୍ତ୍ରା




Dr. Juneja's
ଆଇ ମନ୍ତ୍ରା

12 ଗୁଣକାରୀ ଆୟୁର୍ବେଦିକ ଔଷଧି ଯେପରି ଗୋଲାପ, ତୁଳସୀ, ଅଁଳା, ନିମ, ପୋଦିନା, ମହୁ ଇତ୍ୟାଦିର ଯୋଗରେ ପ୍ରସ୍ତୁତ 'ଆଇ ମନ୍ତ୍ରା' ଆୟୁର୍ବେଦିକ ଆଇ ଡ୍ରପ୍ ଆଖିରେ ଦେଖାଦେଉଥିବା ସମସ୍ୟା ଯେପରି ଆଖିର କ୍ଳାନ୍ତି, ଆଖିର ଶୁଷ୍କତା, ଆଖି ଉପରୁ ଚାପ ହ୍ରାସକରି ତାହାକୁ ସୁସ୍ଥ ଓ ଶୀତଳ କରିବାରେ ସହାୟକ ଅଟେ। ଆୟୁର୍ବେଦିକ ହୋଇଥିବା କାରଣରୁ ଏହା ସୁରକ୍ଷିତ ହୋଇଥାଏ ଏବଂ ଆଖି ଉପରେ ଏହାର କୌଣସି କୁପ୍ରଭାବ ମଧ୍ୟ ପଡ଼ି ନ ଥାଏ।

ସମ୍ପୂର୍ଣ୍ଣ ସ୍ୱଦେଶୀ
ସମ୍ପୂର୍ଣ୍ଣ ଆୟୁର୍ବେଦିକ
#VocalforLocal

Orissa S.S. : Orissa Drug Distributor (Cuttack) : 2308926, 2308090, Mahendra Pharma : 06712308204, Angul : 9861121114, 9439138737, Aska : 9437424001, 272476, Balasore : 9040605196, 266871, 9437754792, 9437296785, 260025, 263459, Bamra : 229249, 229266, Barbil : 277283, 9437141103, Bargarh : 9437344300, 9777189794, 233089, Baripada : 9861138256, 9437188717, 9437320602, Begunia (Khurda) : 9437429268, Berhampur : 9437438256, 9438430070, 2250508, 2250732, 2250789, 9437114236, 2250815, 2250741, Bhadrak : 9437215761, Bhawanipatna : 233203, Bhubaneswar : 2530442, 9437353502, 9437359374, 9040057896, 9437307031, 2507586, Bolangir : 9437093264, 235303, Boudh : 9437154867, Cuttack : 9437247237, 6548643, 2530531, 9438480599, Dhenkanal : 223261, 224856, Jagatsingpur : 9437541060, Jajpur Town : 224690, Jaraka : 273230, 9437073032, Jatni : 9437162097, Jeypore : 9437215425, 231405, 232864, 241824, Jharsuguda : 9040747137, 8763776324, 9438641888, 9437050322, 9437250042, Kendrapada : 9668286960, Keonjhar : 256465, 9437136317, 253202, Keshinga : 222059, 9583251313, 9437327273, Khandapada : 7873439046, Khelar : 9437884540, Khurda : 9437230385, Malkangiri : 9437435213, 230906, Nayagarh : 9853101011, Padampur : 9938550551, Panikoili : 9437086941, Paralakhemundi : 222746, Phulbani : 9853525181, Puri : 9937071720, 225819, Rayagada : 9437643418, 222791, 9937060531, Rourkela : 2522187, 9438143234, 2511093, 2501092, 6532369, 2510913, 2509104, Sambalpur : 2540227, 2522075, 2521445, 9937065848, 9437256336, Talcher : 9937060364, Tirtol : 9776355057, Titlagarh : 9437151725, 222385



କଠିନ ସମସ୍ୟା ଏବେ ହେବ ନାହିଁ

ସଚ୍ଚୀ ସହେଲୀ ହେଉଛି ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସବୁଠାରୁ ଭରସାଯୋଗ୍ୟ ଔଷଧ ଓ ଟନିକ

INDIA'S MOST TRUSTED BRAND
WORLD'S GREATEST BRANDS 2015-16 IUA

ସମ୍ପୂର୍ଣ୍ଣ ସ୍ୱଦେଶୀ, ସମ୍ପୂର୍ଣ୍ଣ ଆୟୁର୍ବେଦିକ

ଟନିକ ସହ ପାଆନ୍ତୁ 20 ଟାବଲେଟ୍ Free

୬୭ ଦୁର୍ଲଭ ଜଡ଼ି-ବୁଟିରେ ପ୍ରସ୍ତୁତ 'ସଚ୍ଚୀ ସହେଲୀ' ଆୟୁର୍ବେଦିକ ଟନିକ ନିମ୍ନ ସମସ୍ୟାଗୁଡ଼ିକରେ ବିଶେଷ ସହାୟକ ଅଟେ।

Helps in:
- କଠିନ ଯନ୍ତ୍ରଣା
- କ୍ଳାନ୍ତି
- ଅଣ୍ଟା ଯନ୍ତ୍ରଣା
- ଚିଡ଼ିଚିଡ଼ାପଣ
- ଦୁର୍ବଳତା
- ଇମ୍ୟୁନିଟି




ସଚ୍ଚୀ ସହେଲୀ ®

24x7 Helpline : 77106 44444 | www.facebook.com/sachisaheli | Available at all medical & general stores

Orissa S.S. : Orissa Drug Distributor (Cuttack) : 2308926, 2308090, Mahendra Pharma : 06712308204, Angul : 9861121114, 9439138737, Aska : 9437424001, 272476, Balasore : 9040605196, 266871, 9437754792, 9437296785, 260025, 263459, Bamra : 229249, 229266, Barbil : 277283, 9437141103, Bargarh : 9437344300, 9777189794, 233089, Baripada : 9861138256, 9437188717, 9437320602, Begunia (Khurda) : 9437429268, Berhampur : 9437438256, 9438430070, 2250508, 2250732, 2250789, 9437114236, 2250815, 2250741, Bhadrak : 9437215761, Bhawanipatna : 233203, Bhubaneswar : 2530442, 9437353502, 9437359374, 9040057896, 9437307031, 2507586, Bolangir : 9437093264, 235303, Boudh : 9437154867, Cuttack : 9437247237, 6548643, 2530531, 9438480599, Dhenkanal : 223261, 224856, Jagatsingpur : 9437541060, Jajpur Town : 224690, Jaraka : 273230, 9437073032, Jatni : 9437162097, Jeypore : 9437215425, 231405, 232864, 241824, Jharsuguda : 9040747137, 8763776324, 9438641888, 9437050322, 9437250042, Kendrapada : 9668286960, Keonjhar : 256465, 9437136317, 253202, Keshinga : 222059, 9583251313, 9437327273, Khandapada : 7873439046, Khelar : 9437884540, Khurda : 9437230385, Malkangiri : 9437435213, 230906, Nayagarh : 9853101011, Padampur : 9938550551, Panikoili : 9437086941, Paralakhemundi : 222746, Phulbani : 9853525181, Puri : 9937071720, 225819, Rayagada : 9437643418, 222791, 9937060531, Rourkela : 2522187, 9438143234, 2511093, 2501092, 6532369, 2510913, 2509104, Sambalpur : 2540227, 2522075, 2521445, 9937065848, 9437256336, Talcher : 9937060364, Tirtol : 9776355057, Titlagarh : 9437151725, 222385

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଟ୍ରକ୍-ଟାଟା ଏସିଇ ମୁହାଁମୁହିଁ ଧକ୍କା, ୨ ଗୁରୁତର

ନିରାକାରପୁର,୨୨।୩(ଡି.ଏନ୍.ଏ.): ୧୬ନମ୍ବର ଜାତୀୟ ରାଜପଥର ନିରାକାରପୁର ଥାନା ବଡ଼ପୋଖରିଆ ଓ ରତାମାଟି ମଧ୍ୟବର୍ତ୍ତୀ ଅଞ୍ଚଳରେ ମଙ୍ଗଳବାର ରାତିରେ ଏକ ଟ୍ରକ୍ ସହ ଟାଟା ଏସିଇ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଟାଟା ଏସିଇ ଚାଳକଙ୍କ ସମେତ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଟାଟା ଏସିଇ ଚାଳକ ହେଲେ ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ଗ୍ରାମର ଅନିଲ ମଙ୍ଗରାଜ। ତେବେ ଆଉ ଜଣଙ୍କ ପରିଚୟ ମିଳିପାରିନାହିଁ। ଖବରପାଇ ପୋଲିସ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ପଠାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଉଭୟଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

### ବିଶ୍ୱ ଜଳ ଦିବସ



ବୋଲଗଡ଼,୨୨।୩(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବୋଲଗଡ଼ର ମିଶନ କର୍ମ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ବିଶ୍ୱ ଜଳ ଦିବସ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ପାଳିତ ହୋଇଯାଇଛି। ଏହି ଦିବସ ଅବସରରେ ରାସ୍ତାରେ ଯାତାୟାତ କରୁଥିବା ପଥିକ ଓ ଯାତ୍ରୀମାନଙ୍କୁ ମିଶନ କର୍ମ ସଙ୍ଗଠନର ସଦସ୍ୟମାନେ ଦହିପଣା ବଣ୍ଟନ କରିଥିଲେ। ଅନୁଷ୍ଠାନର ଏଭଳି ଜନକଲ୍ୟାଣ କାର୍ଯ୍ୟକ୍ରମକୁ ସମସ୍ତ ଜନସାଧାରଣ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ମିଶନ କର୍ମ ସଙ୍ଗଠନର ସଦସ୍ୟମାନେ ସହଯୋଗ କରିଥିଲେ।

### ଆଜିଠୁ ହରିରାଜପୁର ମେଳଣ

ଜଟଣୀ,୨୨।୩(ଡି.ଏନ୍.ଏ.): ପୁରୀ ଜିଲା ଡେଲାଙ୍ଗ ବ୍ଲକ ହରିରାଜପୁର ମେଳଣ ଉତ୍ସବ ବୁଧବାରଠାରୁ ଆରମ୍ଭ ହୋଇ ଆସନ୍ତା ୨୭ତାରିଖ ପର୍ଯ୍ୟନ୍ତ ପାଳନ ହେବ। ଏଥିନିମନ୍ତେ ସମସ୍ତ ପ୍ରସ୍ତୁତି ସରିଛି। ପ୍ରଭୁ ପଶ୍ଚିମାଶମ୍ଭୁ ସୋମନାଥ ଦେବ ମନ୍ଦିରରୁ ଘଣ୍ଟ, ମୃଦଙ୍ଗର ତାଳେ ତାଳେ ମେଳଣ ପଡିଆ ପର୍ଯ୍ୟନ୍ତ ଭକ୍ତଙ୍କ ସହ ଯିବେ। ଦୋଳବେଦିଠାରୁ ଦୋଳ ଖୁଣ୍ଟି ପର୍ଯ୍ୟନ୍ତ ସଫା କରାଯାଇଛି। ସେପଟେ ବ୍ୟବସାୟୀମାନେ ମଧ ଦୋକାନ ଖୋଲିବା ପାଇଁ ପ୍ରସ୍ତୁତିରେ ଲାଗିପଡିଛନ୍ତି। ପୂର୍ବରୁ ମେଳଣକୁ ୭୭ଟି ଦୋଳ ଆସୁଥିବା ବେଳେ ଚଳିତ ବର୍ଷ ୮୦ଟି ଦୋଳ ବିମାନ ଆସିବ ବୋଲି କହିଛନ୍ତି କର୍ମକର୍ତ୍ତା। ଗତ ଦୁଇ ବର୍ଷ ହେବ କେବଳ ବିଧି ଓ ପରମ୍ପରା ରକ୍ଷା ପାଇଁ ମେଳଣ ଅନୁଷ୍ଠିତ ହୋଇଥିବା ବେଳେ ଚଳିତ ବର୍ଷ କରୋନା କଟକଣାରେ କୋହଳ ହେବାରୁ ପୂର୍ବପରି ମେଳଣ ଉତ୍ସବ ପାଳନ ହେବ। ଏନେଇ କମିଟି କର୍ମକର୍ତ୍ତା ଓ ଭକ୍ତମାନେ ଖୁସି ପ୍ରକଟ କରିଛନ୍ତି।

### ସମାଜ ଗଠନରେ ଶିକ୍ଷକଙ୍କ ପ୍ରମୁଖ ଭୂମିକା ରହିଛି

ଖୋର୍ଦ୍ଧା ଅଫିସ,୨୨।୩: ଖୋର୍ଦ୍ଧା ବ୍ଲକ କୁରାଡମଲ୍ଲ ନିକଟସ୍ଥ ମା' ବାଉତୀ ଠାକୁରାଣୀଙ୍କ ପୀଠରେ ଦଧିମାଛଗାଡିଆ ଉଚ୍ଚ ବିଦ୍ୟାଳୟ ୧୯୭୬ ମସିହା ବ୍ୟାଚ୍‌ର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ବହୁ ଶିକ୍ଷକ , ଛାତ୍ରୀଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଶିକ୍ଷକ ଜଗନ୍ନାଥ କର, ବିଶ୍ୱନାଥ ରଥ, ବ୍ରଜବନ୍ଧୁ ପଟ୍ଟଯୋଶୀ, ପ୍ରଫୁଲ୍ଲ ସାମନ୍ତରାୟ ଉପସ୍ଥିତ ଥିଲେ। ଛାତ୍ରଙ୍କ ପକ୍ଷରୁ ରବି ମହାପାତ୍ର, ସୁରେନ୍ଦ୍ର ସାହୁ, ଲାଲା ପଟ୍ଟନାୟକ, ହୃଷୀ ମିଶ୍ର, ସୁବୋଧ ଦାସ, ସୋମନାଥ ବେହେରା, ବୈକୁଣ୍ଠ ପ୍ରଧାନ, ପ୍ରକାଶ ମିଶ୍ର, ମଧୁ ସାହୁ, ସାଧୁ ମିଶ୍ର, ହଟ ମିଶ୍ର, ଭାସ୍କର ମଙ୍ଗରାଜ, ବାମଦେବ ବାରିକ, ଧ୍ରୁବ ସାହୁ, ଉମାକାନ୍ତ ମହାନ୍ତି, ସୁଶାନ୍ତ ଦାସ, ଦେବ ପଟ୍ଟନାୟକ, ଭୁବନ ମହାନ୍ତି, ସୁରେଶ ପଟ୍ଟନାୟକ, ପର୍ଶୁରାନ ଖାଡେଙ୍ଗା, କେଲୁ ସାମନ୍ତସିଂହାର, ଚକ୍ରଧର ରଣା, ଲକ୍ଷ୍ମଣ ସାହୁ, ଦିପ୍ତି ରଞ୍ଜନ ସାମନ୍ତରାୟ, ମଧୁ ପାଇକରାୟ, ବୀଣାପାଣି ମିଶ୍ର, ବାସନ୍ତି ପଟ୍ଟନାୟକ ପ୍ରମୁଖ ଏହି ବନ୍ଧୁମିଳନରେ ଉପସ୍ଥିତ ରହି ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ଆସନ୍ତା ବର୍ଷରେ ଏହାକୁ ବିପୁଳ ସଂଖ୍ୟାରେ ଆୟୋଜନ କରିବା ପାଇଁ ସ୍ଥିର କରାଯାଇଛି । ଶିକ୍ଷକ ଏବଂ ଛାତ୍ରଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିବା ଆବଶ୍ୟକ। ଶିକ୍ଷକ ସମାଜ ଦେଶରେ ମାର୍ଗଦର୍ଶକ। ପିଲାଠାରୁ କଲେଜ ସ୍ତର ପର୍ଯ୍ୟନ୍ତ ଜଣେ ଛାତ୍ରୀ କିମ୍ବା ଛାତ୍ର ଶିକ୍ଷକଙ୍କ ମାର୍ଗଦର୍ଶନରେ ନିଜ କ୍ୟାରିୟର ଗଠନ କରିଥାଏ । ଏଣୁ ଏକ ସୁସ୍ଥ ସମାଜ ଗଠନ ଦିଗରେ ଶିକ୍ଷକଙ୍କ ଭୂମିକା ରହିଛି। ଉତ୍ତମ ଚରିତ୍ର ସମ୍ପନ୍ନ ଛାତ୍ର ଗଠନରେ ଶିକ୍ଷକଙ୍କ ପ୍ରମୁଖ ଭୂମିକା ରହିଛି ବୋଲି ମତ ପ୍ରକାଶ ପାଇଥିଲା।

# ଫାର୍ମହାଉସରୁ ମିଳିଲା ୫ ବୋମା

## ବାପପୁଅ ଅଟକ, ପୋଲିସର ତଦନ୍ତ ଜାରି

ଖୋର୍ଦ୍ଧା ଅଫିସ,୨୨।୩

ପୌର ନିର୍ବାଚନ ପୂର୍ବରୁ ଖୋର୍ଦ୍ଧା ଟାଉନ ପୋଲିସ ମଙ୍ଗଳବାର ଏକ ଘରୋଇ ସ୍କୁଲ ପଛପଟ ସୁନ୍ଦରାସାହିର ଏକ ଫାର୍ମ ହାଉସରେ ଚଢ଼ାଉ କରି ୫ଟି ବୋମା ଜବତ କରିଛି। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଫାର୍ମହାଉସ ମାଲିକ ଏବଂ ତାଙ୍କ ପୁଅଙ୍କୁ ଥାନାରେ ଅଟକ ରଖିଛି। ପରେ ଜବତ ବୋମାକୁ ପାଣିରେ ନିଷ୍କ୍ରିୟ କରାଯାଇଛି। ଏହି ବୋମା କେଉଁ ଉଦ୍ଦେଶ୍ୟରେ ରଖାଯାଇଥିଲା। କୌଣସି ଅପରାଧ ଘଟାଇବା ପାଇଁ ବୋମା ରଖିଥିଲେ କି, ତାଙ୍କ ବିରୋଧରେ ପୂର୍ବରୁ କୌଣସି ଆପରାଧିକ ମାମଲା ରହିଛି, ପୋଲିସ ଏହାର ଖୋଳତାଡ଼ ଆରମ୍ଭ କରିଛି। ଅଟକ ଫାର୍ମହାଉସ ମାଲିକ ଏକ ରାଜନୈତିକ ଦଳର କର୍ମୀ ବୋଲି ଜଣାପଡିଛି। ସୂଚନା ମୁତାବକ, ସୁନ୍ଦରା ସାହିରେ ଏକ ଫାର୍ମହାଉସ ରହିଛି। ଫାର୍ମହାଉସ ମାଲିକ ସେଠାରେ ବୋମା ଲୁଚାଇ ରଖିଥିବା ଖବରପାଇ ସ୍ପେଶାଲ ସ୍କ୍ୱାଡ୍ ଓ ଟାଉନ ପୋଲିସ ମିଳିତଭାବେ ମଙ୍ଗଳବାର ସକାଳ ୮ଟାରେ ଚଢ଼ାଉ କରିଥିଲେ। ସମ୍ପୃକ୍ତ ଫାର୍ମ ହାଉସ ମାଲିକ ବୋମା ରଖାଯାଇଥିବା ଘଟଣାକୁ ଖଣ୍ଡନ କରିଥିଲେ। ତେବେ ପୋଲିସ ଚାରିଆଡେ ଖୋଜାଖୋଜି କରିଥିଲା। ଫାର୍ମ ହାଉସରେ ଥିବା ଆର୍ଥିଙ୍ଗ କୁଣ୍ଡ ସିମେଣ୍ଟ ପ୍ଲେଟ ଉଠାଇବା ବେଳେ ଭିତରେ ପୃଥକ ଭାବେ ୨ଟି ପଲିଥିନରେ ରହିଥିବା ବୋମାକୁ ପୋଲିସ ଜବତ କରିଥିଲା। ଗୋଟିଏ ପଲିଥିନରେ ୨ଟି ବଡ଼ ଏବଂ ଅନ୍ୟଟିରେ ୩ଟି ମଧ୍ୟମ ଧରଣର ବୋମା ରହିଥିଲା। ସମ୍ପୃକ୍ତ ଫାର୍ମ ମାଲିକ ବୋମା ଲୁଚାଇ ରଖିବା ଘଟଣାକୁ ଅସ୍ୱୀକାର କରିଥିଲେ। ଏନେଇ ସମ୍ପୃକ୍ତ ଫାର୍ମ ହାଉସ ମାଲିକ କୁହନ୍ତି, ପୂର୍ବରୁ ଜଣେ ବ୍ୟକ୍ତିଙ୍କ ସହିତ ତାଙ୍କର ଗଣ୍ଡଗୋଳ ରହିଥିଲା। ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ବ୍ୟକ୍ତି ଜଣଙ୍କ ଏଠାରେ ବୋମା ରଖିଥିବା ସେ କହିଛନ୍ତି। ତେବେ ପୌର ନିର୍ବାଚନ ଭୋଟ ଗ୍ରହଣର ଦୁଇ ଦିନ ପୂର୍ବରୁ ବୋମା ଜବତ ହେବା ଘଟଣାକୁ ପୋଲିସ ଗୁରୁତର ଭାବେ ନେଇ ତଦନ୍ତ ଚଳାଇଛି।



ଜବତ ହୋଇଥିବା ବୋମା।

# ଗାଡ଼ି ନମ୍ବର ପରିବର୍ତ୍ତନ ନେଇ ଚର୍ଚ୍ଚା

## ବିଧାୟକ ଲୋକଙ୍କ ଉପରକୁ କାର୍ ମଡ଼ାଇଦେବା ପ୍ରସଙ୍ଗ

ଖୋର୍ଦ୍ଧା ଅଫିସ,୨୨।୩

ବାଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ପାଇଁ ଗତ ୧୨ ତାରିଖରେ ନିର୍ବାଚନ ଚାଲୁଥିବାବେଳେ ବ୍ଲକ କାର୍ଯ୍ୟାଳୟ ଆଗରେ ଲୋକଙ୍କ ଉପରକୁ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଗାଡ଼ି ମଡ଼ାଇ ଦେଇଥିଲେ। ତେବେ ବିଧାୟକ ଜଗଦ୍ଦେବ ଲୋକଙ୍କ ଉପରକୁ ମଡ଼ାଇଥିବା ଗାଡି (ରେଞ୍ଜ ରୋଭର ଡିସ୍‌କଭରି) ନମ୍ବର ରହିଥିଲା ଓଡି୨୫କେ ୫୭୭୫। ବାଣପୁର ଥାନା ଏସ୍‌ଆଇ ଦେବସ୍ମିତା ବେହେରା ଦେଇଥିବା ଏତଲାରେ ଗାଡି ନମ୍ବର ରହିଛି ଓଡି୦୨ଏଓ୍ୱାଇ-୫୭୭୫। ତେବେ ଗାଡ଼ି ନମ୍ବର ପ୍ଲେଟ ପରିବର୍ତ୍ତନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି, ଯାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

ପ୍ରକାଶ ଯେ, ବିଧାୟକ ଜଗଦ୍ଦେବ ରେଞ୍ଜ ରୋଭର କାର ଡ୍ରାଇଭିଂ କରି ଆସି ଲୋକଙ୍କ ଉପରେ ଗାଡ଼ି ମଡ଼ାଇ ଦେଇଥିବା ଦୃଶ୍ୟ ଭାଇରାଲ ହୋଇଥିବା ଭିଡିଓରେ କଏଦ ରହିଛି। ଘଟଣା ସମୟରେ ପୋଲିସ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଉତ୍ତ୍ୟକ୍ତ ଲୋକେ କାରକୁ ଭଙ୍ଗାରୁଜା କରୁଥିବା ବେଳେ ନମ୍ବର ଓଡି୨୫କେ ୫୭୭୫ ରହିଥିବା ବେଳେ ଅଭିଯୋଗରେ କିପରି ପରିବର୍ତ୍ତନ ହୋଇଗଲା, ତାହାକୁ ନେଇ ଏବେ ଚର୍ଚ୍ଚା ବଢ଼ିବାରେ ଲାଗିଛି। ବିଧାୟକଙ୍କୁ ସୁରକ୍ଷା ଦେବା ପାଇଁ ଏଭଳି ଷଡ଼ଯନ୍ତ୍ର କରାଯାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଏନେଇ ଜିଲା ଆରକ୍ଷୀ ଅଧୀକ୍ଷକ ଅଲେଖ ଚନ୍ଦ୍ର ପହି କାର୍ ନମ୍ବର ପରିବର୍ତ୍ତନକୁ ଅସ୍ୱୀକାର କରିଛନ୍ତି। ଏଥିରେ ପୋଲିସର କୌଣସି ସମ୍ପୃକ୍ତି ନାହିଁ। ଘଟଣା ଦିନ ଜବତ କାର ଏବେ ପୋଲିସ କବ୍‌ଜାରେ ରହିଛି। ଗାଡି ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିଲା। ଜବତ କାର୍ ନମ୍ବର ଏବଂ ଚେସିସ ନମ୍ବର ଅଭିଯୋଗରେ ଦର୍ଶାଯାଇଛି। ବିଧାୟକଙ୍କୁ ସୁରକ୍ଷା ଦେବା ପ୍ରଶ୍ନ ଉଠୁନି। ଆବଶ୍ୟକ ପଡିଲେ ଖୋର୍ଦ୍ଧା ଆରଟିଓଙ୍କ ଜରିଆରେ ଉଭୟ ନମ୍ବର ସମ୍ପର୍କରେ ରିପୋର୍ଟ ମଗାଯିବ ବୋଲି ପହି କହିଛନ୍ତି।

# ଓଡ଼ିଆ ସାହିତ୍ୟ ସମାଜର ବାର୍ଷିକୋତ୍ସବ

ବୋଲଗଡ଼,୨୨।୩(ଡି.ଏନ୍.ଏ.)

ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଓଡ଼ିଆ ସାହିତ୍ୟ ସମାଜର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଲେଜ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଉତ୍ସବରେ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ। ଅଧ୍ୟାପିକା ଛବିରାଣୀ ସାହୁଙ୍କ ଦ୍ୱାରା ସଂଯୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ଆବାହନୀ ସଙ୍ଗୀତ ପରିବେଷଣ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଗାୟତ୍ରୀ ପଟ୍ଟନାୟକ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ସ୍ତମ୍ଭକାର ପ୍ରଫେସର ଡ.ନିରଞ୍ଜନ ପାଢୀ ମୁଖ୍ୟ ଅତିଥି ଓ ସାହିତ୍ୟିକ ଡ.ବନଜ କୁମାର ବିଶ୍ୱାଳ ସମ୍ମାନିତ ଅତିଥିଭାବେ ଯୋଗଦେଇ ସାହିତ୍ୟ କେବଳ ଶବ୍ଦଖେଳର କସରତ ନୁହେଁ, ଏହା ମସ୍ତିଷ୍କ ଓ ହୃଦୟକୁ ଯୋଡ଼ିବାର ପ୍ରକ୍ରିୟା ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅଧ୍ୟାପକ ଗଣେଶ ପଣ୍ଡାଙ୍କ ସଞ୍ଚାଳନରେ ପୂର୍ବରୁ ବିଭାଗ ଦ୍ୱାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ଆମନ୍ତ୍ରିତ ଅତିଥିଦ୍ୱୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାଧ୍ୟାପକ ଜୟନ୍ତ କୁମାର ବିଶ୍ୱାଳ, କର୍ମୋଦୟ ଛୋଟରାୟ, ରଞ୍ଜନ କୁମାର ଦାଶ, ଡ.ଗୀତାଞ୍ଜଳି ତ୍ରିପାଠୀ, ଡ.ଏଲିଜାବେଥ୍ ଭଞ୍ଜ, ରମାରାଣୀ ସିକ୍କାର, ଅଧ୍ୟାପକ ରଙ୍କନାଥ ମହାରଣା, ଦୀପକ କୁମାର ଜେନା, ଅଧ୍ୟାପିକା ଜୟପ୍ରଦା ମହାପାତ୍ର, କ୍ରୀଡ଼ା ଶିକ୍ଷକ ଭଞ୍ଜ କିଶୋର ଯତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ଅମର ଓଝା ଧନ୍ୟବାଦ ଦେଇଥିଲେ।



ଓଡ଼ିଆ ସାହିତ୍ୟ ସମାଜର ବାର୍ଷିକ ଉତ୍ସବରେ ସମ୍ବର୍ଦ୍ଧିତ ଅତିଥି ଓ ଅନ୍ୟମାନେ।

# ବିଦ୍ୟୁତ୍ ତାର ଆଘାତରେ ଯୁବକଙ୍କ ଜୀବନ ଗଲା

ବ୍ରହ୍ମଗିରି,୨୨।୩(ଡି.ଏନ୍.ଏ.)

ପୁରୀ ଜିଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ଧ୍ୱଜାପାଟଣା ଗ୍ରାମରେ ମଙ୍ଗଳବାର ସକାଳେ ସକାଳେ ଏକ ଦୁଃଖଦ ଘଟଣା ଘଟିଛି। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଉକ୍ତ ଗ୍ରାମର ସୁଶାନ୍ତ ପ୍ରଧାନ(୨୪)। ମିଳିଥିବା ସୂଚନା ଅନୁଯାୟୀ, ସୁଶାନ୍ତ ରାତିରେ ଜମିରେ ପମ୍ପସେଟ ଲଗାଇ ଜମିକୁ ପାଣି ମଡାଇ ଦେଇ ଘରକୁ ଆସିଥିଲେ। ସକାଳେ ଜମିକୁ ଦେଖିବାକୁ ଯିବା ସମୟରେ ପଡିଥିବା ତାର ଲାଗିଯିବାରୁ ସୁଶାନ୍ତ ତଳେ ପଡ଼ି ଅଚେତ ହୋଇଯାଇଥିଲେ। ପୁଅ ଘରକୁ ଆସିବା ବିଳମ୍ବ ହେବାରୁ ପରିବାର ଲୋକ ଜମିକୁ ଯିବାବେଳକୁ ପୁଅ ବନ୍ଧ ଉପରେ ପଡିଥିବା ଦେଖିବାକୁ ପାଇଥିଲେ। ପରେ ସୁଶାନ୍ତଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ

## କପିଳେଶ୍ୱରଙ୍କ ଅଶୋକାଷ୍ଟମୀ ବିଜୟା ରଥଯାତ୍ରା



ବିଶ୍ୱ ମହାରଣାଙ୍କ ଦ୍ୱାରା ରଥ ନିର୍ମାଣ ଚାଲିଛି।

ନିରାକାରପୁର,୨୨।୩(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ଅନ୍ତର୍ଗତ ବିଜେ ଡିଆ ସ୍ଥିତ କପିଳେଶ୍ୱର ଦେବଙ୍କ ଅଶୋକାଷ୍ଟମୀ ବିଜୟା ରଥଯାତ୍ରା ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବ। ଏଥିନିମନ୍ତେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ରାମେଶ୍ୱର ପଞ୍ଚାୟତ ମଧୁବନ ଅଞ୍ଚଳର ୧୫ରୁ ଊର୍ଦ୍ଧ୍ୱ ବିଶ୍ୱକର୍ମାଙ୍କ ଦ୍ୱାରା ଏହି ରଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ରଥକୁ ବିଭିନ୍ନ ରଙ୍ଗରେ ସଜ୍ଜିତ କରାଯିବ। ଶ୍ରୀମନ୍ଦିରରୁ ଆଜ୍ଞାମାଳ ଚନ୍ଦନ କାଠ,ପତନୀ ଓ ପାଉଣା ଆସିବା ପରେ ରଥ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହେବ ବୋଲି କପିଳେଶ୍ୱର ଦେବଙ୍କ ପରିଚାଳନା କମିଟି ସଦସ୍ୟ ମାନସ ଚନ୍ଦ୍ର ପଟ୍ଟନାୟକ, କିଶୋର କୁମାର ଦାସ, ସାରଙ୍ଗଧର ମହାପାତ୍ର, ଅଭିମନ୍ୟୁ ଭଟ୍ଟମିଶ୍ର ପ୍ରମୁଖ ସୂଚନା ଦେଇଛନ୍ତି।

# ୩ ଦିନରେ ୧୦ ବାଇକ୍ ଚୋରି

ଯାଁଳା,୨୨।୩(ଡି.ଏନ୍.ଏ.)

ଇନ୍‌ଫୋସିଭ୍ୟାଲି ଥାନା ଅନ୍ତର୍ଗତ ଯାଁଳା ଅଞ୍ଚଳରେ ଲୁଟେରାଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତ ୧୬ତାରିଖ ଦିନ ଦ୍ୱିପ୍ରହରରେ ଯାଁଳା ବଜାରର ଏକ ଗହଣା ଦୋକାନରୁ ଦୁର୍ବୃତ୍ତମାନେ ୨୦ଲକ୍ଷ ଟଙ୍କାର ସୁନାଗହଣା ଲୁଟିନେଇଥିଲେ। ଏହି ଲୁଟ୍ ଘଟଣା ମନରୁ ନ ଲିଭୁଣୁ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସ୍ଥାନରୁ ଗତ ୩ଦିନ ମଧ୍ୟରେ ୧୦ଟି ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଗଙ୍ଗପଡ଼ା ଗଙ୍ଗେଶ୍ୱର ମନ୍ଦିର ରାସ୍ତାରେ ଥିବା ଅଜୟ ରାଉତଙ୍କ ବାଡିରୁ ସୋମବାର ରାତିରେ ୩ଟି ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ଅଜୟଙ୍କ ପୁଅର ଜନ୍ମଦିନ ଥିବାରୁ ଘରକୁ ଆସିଥିବା ସମ୍ପର୍କୀୟମାନେ ବାରିରେ ଗାଡ଼ି ରଖିଥିଲେ। ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ବାରିରେ ଥିବା ୩ଟି ବାଇକ୍ ଚୋରି କରିଥିବା ନେଇ ଇନ୍‌ଫୋସିଭ୍ୟାଲି ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି। ସେହିପରି ସୋମବାର ଯାଁଳା ବଜାରରେ ଜଣେ ବ୍ୟକ୍ତି ଗାଡି ରଖି ରାସ୍ତା ପାର୍ ହୋଇ ଦୋକାନରୁ ସାମଗ୍ରୀ କିଣି ଫେରିବା ବେଳକୁ ତାଙ୍କ ବାଇକ୍ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଯାଁଳା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଗତ ୧୮ତାରିଖ ବିଳମ୍ବିତ ରାତିରେ ଓଗାଳପଡ଼ାର ଏକ ଡୁପ୍ଲେକ୍ସ ପରିସରରୁ ୫ଟି ବାଇକ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସେହିପରି ଯାଁଳା ଫାଣ୍ଡି ଅନ୍ତର୍ଗତ ଓଗାଳପଡା ଅଞ୍ଚଳରୁ ମଧ୍ୟ ଜନ୍ମଦିନ ପାର୍ଟିରୁ ଗୋଟିଏ ବାଇକ୍ ଚୋରି ହୋଇଛି। ଲୁଟେରା ବିବାହ ଓ ଜନ୍ମଦିନ ପାର୍ଟିକୁ ଟାର୍ଗେଟ କରି ଚୋରି କରୁଥିବା ଜଣାପଡ଼ିଛି। ଏଥିପ୍ରତି ପୋଲିସ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ବିଦ୍ୟାଳୟରେ ଶିଶୁମେଳା

ବାଲିଅନ୍ତା,୨୨।୩(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଅଧୀନ ଭୁବନପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଋତୁକାଳୀନ ଅଣ ଆବାସିକ ଛାତ୍ରୀଛାତ୍ରଙ୍କ ପାଇଁ ଏକ ଶିଶୁ ସମ୍ବନ୍ଧୀୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ଓଝା ଓ ସମ୍ମାନିତ ଅତିଥି ସରପଞ୍ଚ କୃଷ୍ଣକେଶବ ଆପଟ, ୱାର୍ଡସଭ୍ୟା ଶାନ୍ତିଲତା ଜେନା ଓ ଜଲି ଦାସ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷଣ ସମ୍ବନ୍ଧୀୟ ସାମଗ୍ରୀ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ଉମାକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ପରିଚାଳିତ ହୋଇଥିଲା।

# ସ୍ମାର୍ଟ ସ୍କୁଲ କାର୍ଯ୍ୟ ତ୍ୱରାନ୍ୱିତ ନେଇ ସମୀକ୍ଷା

ଟାଙ୍ଗୀ(ଖୋର୍ଦ୍ଧା),୨୨।୩(ଡି.ଏନ୍.ଏ.)

ଦ୍ୱିତୀୟ ପର୍ଯ୍ୟାୟରେ ଘୋଷଣା ହୋଇଥିବା ସ୍ମାର୍ଟ ସ୍କୁଲ ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠ ପରିସରରେ ମଙ୍ଗଳବାର ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁନୀଲ ମହାନ୍ତି, ସଂସଦ ସମ୍ପାଦକ ବିଜୟ ରାଉତ, ଉପସଭାପତି ଡା. ମଧୁସୂଦନ ସେନାପତି, ଖୋର୍ଦ୍ଧା ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା, ବରିଷ୍ଠ ଖବରଦାତା ରଘୁନାଥ ସାହୁ, ପୂର୍ବତନ ସରପଞ୍ଚ ଭରତ ଚରଣ ବେହେରା ପ୍ରମୁଖ କାର୍ଯ୍ୟର ସମୀକ୍ଷା କରିଥିଲେ। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମତପ୍ରକାଶ ପାଇଥିଲା। ବିଦ୍ୟାଳୟର ଉନ୍ନତି ପାଇଁ ସମସ୍ତ ପୁରାତନ ଛାତ୍ର ଓ ପରିଚାଳନା କମିଟି ସଭ୍ୟମାନେ ଉଦ୍ୟମ କରିବା ପାଇଁ ପ୍ରଧାନ ଶିକ୍ଷକ ନିବେଦନ କରିଥିଲେ। ଗଙ୍ଗାଧର ବେହେରା, ରାମଚନ୍ଦ୍ର ପରିଡ଼ା, ଅଶୋକ ମହାପାତ୍ର, ପ୍ରଦୀପ ମହାପାତ୍ର, ବ୍ରଜବନ୍ଧୁ ଦାସ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ।

# ଶେଷ ଦିନରେ ଜମିଲା ପ୍ରଚାର

ଖୋର୍ଦ୍ଧା ଅଫିସ,୨୨।୩

ଖୋର୍ଦ୍ଧା ପୌର ନିର୍ବାଚନ ପାଇଁ ମଙ୍ଗଳବାର ପ୍ରଚାର ଶେଷ ହୋଇଛି। ପ୍ରଚାରର ଶେଷ ଦିବସରେ ୩ ପ୍ରମୁଖ ଦଳ ଜୋରଦାର ପ୍ରଚାର କରିଛନ୍ତି। ପ୍ରାର୍ଥୀମାନେ ରୋଡ୍ ଶୋ', ଶୋଭାଯାତ୍ରାରେ ବାହାରି ବିଭିନ୍ନ ୱାର୍ଡ ପରିକ୍ରମା ସହ ଘରକୁ ଘର ବୁଲି ଭୋଟ ପାଇଁ ନିବେଦନ କରିଥିବା ଦେଖିବାକୁ ମିଳିଛି।

ଶାସକ ଦଳ ବିଜେଡି ପକ୍ଷରୁ ରାଜ୍ୟ ସଭା ସଦସ୍ୟ ମୁନା ଖାନ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଓ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ କାଉନ୍‌ସିଲର ଏବଂ ପୌରାଧ୍ୟକ୍ଷା ପ୍ରାର୍ଥୀ କନକଲକ୍ଷ୍ମୀ ମହାନ୍ତିଙ୍କ ପାଇଁ ପ୍ରଚାର କରିଥିଲେ। ପୂର୍ବାହ୍ନରେ ରୋଡ୍ ଶୋ, ଶୋଭାଯାତ୍ରାରେ ଶକ୍ତି ପ୍ରଦର୍ଶନ ସହ ଘରକୁ ଘର ବୁଲି ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଦୁଇ ବିଧାୟକ ନିର୍ବାଚନ ମଇଦାନରେ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଥିବା ଦେଖି କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ରାଜ୍ୟ ସଭା ସଦସ୍ୟ ମୁନା ଖାନ କହିଛନ୍ତି, ବିଜେଡି ପ୍ରତି ଲୋକଙ୍କ ଭଲପାଇବା ରହିଛି। ସହରାଞ୍ଚଳ ଲୋକେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭଲ ପାଆନ୍ତି। ବିଜେଡି ପୌର ଦଖଲ କରିବ। ପ୍ରାର୍ଥୀ କନକଲକ୍ଷ୍ମୀ କହିଛନ୍ତି, ଖୋର୍ଦ୍ଧା ହେଉଛି ମୋ ସ୍ୱପ୍ନର ସହର। ଏକ ବିକଶିତ, ସବୁଜ,ସ୍ୱଚ୍ଛ ସହର ଗଠନ ଲକ୍ଷ୍ୟ ରହିଛି। ଲୋକଙ୍କ ସହଯୋଗ ରହିଲେ ଖୋର୍ଦ୍ଧାର ପ୍ରଗତି ପଥରେ ଏକ ସୈନିକ ଭାବେ କାର୍ଯ୍ୟ କରିବି। ସେହିପରି ଭାଜପା ପକ୍ଷରୁ ଅପରାହ୍ନରେ ଗଡ଼ଖୋର୍ଦ୍ଧାରୁ ଏକ ବିଶାଳ ମହିଳା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଭାଜପା ପୌରାଧ୍ୟକ୍ଷା ପ୍ରାର୍ଥୀ କୁନିଲତା ସ୍ୱାଇଁ ସୁସ୍ଥ ଓ ସୁନ୍ଦର ଖୋର୍ଦ୍ଧା ସହରର ବିକାଶ ଲାଗି ଭାଜପାକୁ ଥରେ ସୁଯୋଗ ଦେବା ଲାଗି ଭୋଟରଙ୍କୁ ନିବେଦନ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ, ନିକୁଞ୍ଜ ପଟ୍ଟନାୟକ, ଲୋତକବିନ୍ଦୁ ପଟ୍ଟନାୟକ, ରଶ୍ମି ମହାପାତ୍ର, ସତ୍ୟ ବିଶୋଇଙ୍କ ସମେତ ଏକାଧିକ ଭାଜପା କର୍ମୀ ସାମିଲ ହୋଇଥିଲେ। ଅନ୍ୟପକ୍ଷରେ କଂଗ୍ରେସ ପୌରାଧ୍ୟକ୍ଷା ପ୍ରାର୍ଥୀ ବିନୋଦିନୀ ମହାପାତ୍ର ପ୍ରତି ୱାର୍ଡରେ ମାରାଥନ ପ୍ରଚାର କରିବା ସହ ଦୁର୍ନୀତିମୁକ୍ତ ଏବଂ ଲୋକଙ୍କ ହିତ ଦୃଷ୍ଟିରୁ କଂଗ୍ରେସକୁ ସୁଯୋଗ ଦେବା ଲାଗି ଭୋଟରଙ୍କୁ ଆହ୍ୱାନ କରିଥିଲେ। ନଗର କଂଗ୍ରେସ ସଭାପତି ରଣଜିତ ମହାପାତ୍ର, ପ୍ଲାବନ ପଟ୍ଟନାୟକ, ଶିଳାଦିତ୍ୟ ପଟ୍ଟନାୟକ, ଅମିତ ମହାନ୍ତି ପ୍ରମୁଖ ପ୍ରଚାରରେ ସାମିଲ ହୋଇଥିଲେ।



ବିଜେଡି ପ୍ରାର୍ଥୀଙ୍କ ପାଇଁ ରାଜ୍ୟ ସଭା ସଦସ୍ୟ ମୁନା ଖାଁ ଓ ଦୁଇ ବିଧାୟକ ପ୍ରଚାର କରୁଛନ୍ତି।



ଭାଜପା ପକ୍ଷରୁ ବାହାରିଥିବା ନିର୍ବାଚନୀ ଶୋଭାଯାତ୍ରା।

# ଉପୁଡ଼ିଲା ବଟବୃକ୍ଷ, ଜଣେ ଗୁରୁତର

ଡେଲାଙ୍ଗ,୨୨।୩(ଡି.ଏନ୍.ଏ.)

ଡେଲାଙ୍ଗ ଷ୍ଟେଶନ ବଜାର ନିକଟ ବେରବୋଇ ମେଳଣ ପଡ଼ିଆରେ ମେଳଣ ଚାଲୁଥିବା ବେଳେ ବହୁପୁରାତନ ଏକ ବଟବୃକ୍ଷ ହଠାତ୍ ଉପୁଡ଼ିପଡିଛି। ଫଳରେ ଗଛ ପଡ଼ି ଏକ ଦୋଳବେଦୀ ଭାଙ୍ଗିଯିବା ସହ ଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟା ୬ଟାବେଳେ ମେଳଣ ଚାଲୁଥିବା ବେଳେ ବରବଛ ଉପୁଡି ଦୋଳବେଦୀ ଉପରକୁ ଓଲଟି ପଡିଥିଲା। କେତେଜଣ ଉଠି ଦୌଡି ପଳାଇଥିବା ବେଳେ ବ୍ରହ୍ମେଶ୍ୱରପୁର ଗ୍ରାମର ବାବୁଲି ରଥ ଯାଇପାରି ନ ଥିଲେ। ଫଳରେ ଗଛଟି ତାଙ୍କ ଉପରେ ପଡ଼ିଯିବାରୁ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ପୁରୀ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଖବର ପାଇ ଡେଲାଙ୍ଗ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛ କଟା ଜାରି ରଖିଛନ୍ତି। ଗଛଟି ବହୁପୁରାତନ ହୋଇଥିବାରୁ ମୂଳ ଦୁର୍ବଳ ହୋଇ ଓଲଟି ପଡିଥିବା ସ୍ଥାନୀୟ ଲୋକେ କହିଛନ୍ତି।

**ଆଜି ପଞ୍ଚୁପାଣ୍ଡବ ମେଳଣ ଆରମ୍ଭ**

ବ୍ରହ୍ମଗିରି,(ଡି.ଏନ୍.ଏ.): ପ୍ରସିଦ୍ଧ ଐତିହାସିକ ୩ ଦିନିଆ ପଞ୍ଚୁପାଣ୍ଡବ ମେଳଣ ବୁଧବାରଠାରୁ ଆରମ୍ଭ ହେବ। ମଙ୍ଗଳବାର ମଧ୍ୟରାତ୍ରିରୁ ଥାନପତି ଗୋପୀନାଥ ଦେବଙ୍କ ସହିତ ପଞ୍ଚୁପାଣ୍ଡବ ମେଳଣ କୁଞ୍ଜକୁ ଗମନ କରିବେ। ପରେ ୧୦୮ ଦୋଳ ଖୁଣ୍ଟ ଲାଗି କରାଯିବ। ମେଳଣ କୋଭିଡ କଟକଣା ମଧ୍ୟରେ ଅନୁଷ୍ଠିତ ହେବା ସହିତ ସମସ୍ତ ପ୍ରସ୍ତୁତି ସରିଥିବା ଜଣାପଡିଛି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୩।୨୦୨୨

| | |
|---|---|
| ୩,୫୪,୮୪୮ ଟଙ୍କା | |
| ସୁନା | ୨୬ ଗ୍ରାମ |
| ରୁପା | ୪୫.୯୫୦ ଗ୍ରାମ |

# ଡିଜେ ଉପରେ ଲଗାମ୍ ନାହିଁ

ପୁରୀ ଅଫିସ,୨୨।୩:



ପୁରୀ ସହରକୁ ନାକେଦମ୍ କଲାଣି ଡିଜେ। ୬୫ ଡେସିବଲ୍‌ରୁ ଊର୍ଦ୍ଧ୍ୱ ଶବ୍ଦ ସୃଷ୍ଟି କରୁଥିବା ଡିଜେକୁ ସହରରେ ଅନୁମତି ନାହିଁ। ହେଲେ ୬୫ଡେସିବଲ୍‌ରୁ ଉଚ୍ଚ ଶବ୍ଦରେ ଡିଜେ ବାଜୁଛି। ବିବାହ ଋତୁରେ ଡିଜେ ପୁରୀ ସହରବାସୀଙ୍କ ପାଇଁ ସମସ୍ୟା ପାଲଟୁଛି। ପୋଲିସ ସବୁ ଜାଣି ବି ଚୁପ୍ ରହୁଛି। ମାତ୍ରାଧିକ ଅଭିଯୋଗ ହେଲେ ଲୋକଦେଖାଣିଆ ଭାବେ ଚଢ଼ାଉ କରି ଗୋଟିଏ ଦୁଇଟି ଡିଜେକୁ ଜବତ କରୁଛି। କିଛିଦିନ ପରେ ପୁଣି ଯଥା ପୂର୍ବଂ ତଥା ପରଂ ସ୍ଥିତି। ପୋଲିସ କେବଳ ବଡ଼ଦାଣ୍ଡରେ ଡିଜେ ଉପରେ କଟକଣା ପ୍ରତି ଧ୍ୟାନ ଦେଉଛି, ଅନ୍ୟ କୌଣସି ସ୍ଥାନରେ ଚଢ଼ାଉ କରୁନି। ଶବ୍ଦ ପ୍ରଦୂଷଣକୁ ନେଇ ପର୍ଯ୍ୟଟକ ଓ ଭକ୍ତ ମଧ୍ୟ ଅଭିଯୋଗ କରୁଛନ୍ତି। ମାତ୍ର ପ୍ରଶାସନ ଶୁଣୁନାହିଁ। ଆଇନଜୀବୀ ତଥା ପୁରୀ ବାସିନ୍ଦା ଶରତ କୁମାର ରାୟଗୁରୁ କହିଛନ୍ତି, ଡିଜେ କଟକଣା କେବଳ କାଗଜପତ୍ରରେ ସୀମିତ। ବାସ୍ତବରେ ପୁରୀ ସହରରେ ଡିଜେ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇନାହିଁ। କମ୍ ଶବ୍ଦ ସୃଷ୍ଟି କରୁଥିବା ସାଉଣ୍ଡ ସିଷ୍ଟମ ଲଗାଯିବ ବୋଲି କହି ପୋଲିସଠାରୁ ଅନୁମତି ଅଣାଯାଉଛି। ଥରେ ଅନୁମତି ମିଳିଗଲେ, ଶବ୍ଦ ପ୍ରଦୂଷଣର ସୀମାକୁ ନେଇ କାହାରି ଧ୍ୟାନ ରହୁନି। ପୋଲିସ ମଧ୍ୟ ଅଭିଯୋଗ ଅପେକ୍ଷାରେ ରହୁଛି। କେହି ଉଚ୍ଚ ସ୍ୱରରେ ଡିଜେ ବାଜୁଥିବା ନେଇ ଅଭିଯୋଗ ନ କରିବା ପର୍ଯ୍ୟନ୍ତ ନିଜ ଆଡୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଅନ୍ୟପକ୍ଷରେ ସହରରେ ଶବ୍ଦ ପ୍ରଦୂଷଣର ମାତ୍ରା କମାଇବା ପାଇଁ ଡିଜେ ମାଲିକ ଓ ଲାଇଟ ସାଉଣ୍ଡ ସିଷ୍ଟମ ମାଲିକଙ୍କ ସହ ପୁରୀ ପୋଲିସର ଆଲୋଚନା ବାରମ୍ବାର ହେଉଛି। ଶବ୍ଦ ପ୍ରଦୂଷଣକୁ ରୋକିବା ପାଇଁ ଡିଜେ ମାଲିକମାନଙ୍କୁ ପୋଲିସ ଅପିଲ୍ କରୁଥିଲେ ମଧ୍ୟ ବାସ୍ତବରେ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ। ଅଠରନଳା, ଗୋପାଳପୁର, ଚାରିନଳା ପ୍ରଭୃତି ସହରତଳି ଅଞ୍ଚଳରେ ଶବ୍ଦ ପ୍ରଦୂଷଣର ମାତ୍ରା ଅଧିକ। ଶହେ ଡେସିବଲ୍‌ରୁ ଊର୍ଦ୍ଧ୍ୱ ଶବ୍ଦର ସିଧାସଳଖ ପ୍ରଭାବ ମଣିଷର ସ୍ନାୟୁ ଓ ମସ୍ତିଷ୍କ ଉପରେ ପଡ଼ିଥାଏ। ବେଳେ ବେଳେ ବୃଦ୍ଧାବୃଦ୍ଧଙ୍କ ଶରୀରରେ କମ୍ପନ ସୃଷ୍ଟି ହୋଇଥାଏ। ଡିଜେ ବାଜୁ ଥିବା ସ୍ଥାନର ୫୦ ମିଟର ଦୂରତାରେ ମଧ୍ୟ ଠିଆ ହେବା କଷ୍ଟକର ହୋଇପଡୁଛି ବୋଲି ପୁରୀ ମଧୁବନ ଲେନ୍‌ର ବାସିନ୍ଦା କସ୍ତୁରୀ ଚରଣ ସୁବୁଦ୍ଧି କହିଛନ୍ତି। ଅନ୍ୟପକ୍ଷରେ ପୁରୀ ସିଟି ଡିଏସପି ଜନାର୍ଦ୍ଦନ ପାଢ଼ୀ କହିଛନ୍ତି, ଡିଜେ ଅନୁମତି ନାହିଁ। ୬୫ ଡେସିବଲରୁ କମ୍ ଧ୍ୱନି ସୃଷ୍ଟି କରାଯାଉଥିବା ସାଉଣ୍ଡ ସିଷ୍ଟମକୁ ଅନୁମତି ରହିଛି। କେହି ଡିଜେ ବଜାଉଥିବା କିମ୍ବା ୬୫ ଡେସିବଲରୁ ଅଧିକ ଧ୍ୱନୀ ସୃଷ୍ଟି କରୁଥିଲେ ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

## ମେଳଣ ପଡ଼ିଆରେ ଉପୁଡ଼ିଲା ବଟବୃକ୍ଷ

**ଦୋଳବେଦି ଭାଙ୍ଗିଲା, ଜଣେ ଗୁରୁତର**

ଡେଲାଙ୍ଗ,୨୨।୩(ଡି.ଏନ୍.ଏ.)

ଡେଲାଙ୍ଗ ଷ୍ଟେଶନ ବଜାର ସନ୍ନିକଟ ବେରବୋଇ ମେଳଣ ପଡ଼ିଆରେ ମେଳଣ ଚାଲୁଥିବା ବେଳେ ବହୁପୁରାତନ ଏକ ବଟବୃକ୍ଷ ହଠାତ୍ ଉପୁଡି ପଡିଥିଲା। ଫଳରେ ଗଛଟି ନିକଟରେ ଥିବା ଦୋଳବେଦି ଉପରେ ପଡି ଭାଙ୍ଗିଯିବାରୁ ଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟା ୬ଟାବେଳେ ବେରବୋଇ ମେଳଣ ପଡିଆରେ ମେଳଣ ଚାଲୁଥିବା ବେଳେ ହଠାତ୍ ଏକ ବଡ଼ ବରବଛ ଉପୁଡି ସନ୍ନିକଟ ଦୋଳବେଦି ଉପରକୁ ଓଲଟି ପଡିଥିଲା। ଦୋଳବେଦୀ ଉପରେ ସ୍ଥାନୀୟ ଗ୍ରାମର ୧୦ରୁ ୧୨ ଜଣ ବସିଥିଲେ। କେତେକ ଲୋକେ ଭୟରେ ଉଠି ଦୌଡି ପଳାଇଥିବା ବେଳେ ବ୍ରହ୍ମେଶ୍ୱରପୁର ଗ୍ରାମର ବାବୁଲି ରଥ (୫୨) ଯାଇପାରି ନ ଥିଲେ। ଫଳରେ ଗଛଟି ତାଙ୍କ ଉପରେ ପଡ଼ିଯିବାରୁ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ପୁରୀ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଖବର ପାଇ ଡେଲାଙ୍ଗ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛ କଟା ଜାରି ରଖିଛନ୍ତି। ସୂଚନା ଥାଉକି, ସୋମବାର ବେରବୋଇ ମେଳଣ ଜମିଲା ଉତ୍ସବ ହୋଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ଅନେକ ଶ୍ରଦ୍ଧାଳୁ ବିଭିନ୍ନ ଠାକୁରଙ୍କ ଦର୍ଶନ କରୁଥିଲେ। ଗଛଟି ବହୁପୁରାତନ ହୋଇଥିବାରୁ ମୂଳ ଦୁର୍ବଳ ହୋଇ ଓଲଟି ପଡିଥିବା ସ୍ଥାନୀୟ ଲୋକମାନେ କହିଛନ୍ତି।



ଚୈତ୍ର ମାସର ପ୍ରଥମ ମଙ୍ଗଳବାର ଅବସରରେ ପୁରୀର ଏକ ସାହିରେ ମହିଳାମାନେ ମାଟିରେ କୋଠି ନିର୍ମାଣ କରି ମା' ମଙ୍ଗଳାଙ୍କ ଫଟୋ ରଖି ପୂଜା କରୁଛନ୍ତି ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ନିମାପଡ଼ା,୨୨।୩(ଡି.ଏନ୍.ଏ.)- ନିମାପଡ଼ା ଥାନା ଅନ୍ତର୍ଗତ ଆଲିପିଙ୍ଗଳ ଗ୍ରାମରୁ ମଙ୍ଗଳବାର ସକାଳେ ଏକ ବନ୍ଦ ଘରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ଦେବୀପ୍ରସାଦ ନାୟକ(୨୧)। ଏ ନେଇ ମୃତ ଯୁବକଙ୍କ ଦାଦା ସୁଧୀର କୁମାର କୁଣ୍ଡ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୭/୨୨) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ଲାଗି ଚାରିଛକ ମେଡିକାଲକୁ ପଠାଇଛି। ସୂଚନା ଅନୁଯାୟୀ, ସବୁଦିନ ଭଳି ସୋମବାର ରାତିରେ ଦେବୀପ୍ରସାଦ ପରିବାର ଲୋକଙ୍କ ସହ ଖାଇ ନିଜ ରୁମକୁ ଶୋଇବାକୁ ଯାଇଥିଲେ। ହେଲେ ପରଦିନ ସକାଳେ ଦୀର୍ଘ ସମୟ ପର୍ଯ୍ୟନ୍ତ ରୁମ୍‌ରୁ ନ ବାହାରିବାରୁ ପରିବାର ଲୋକ ସନ୍ଦେହ କରିଥିଲେ। ଝରକାପଟେ ଦେଖିବାବେଳେ ଦେବୀପ୍ରସାଦ ଏକ ଲୁଗା ଫ୍ୟାନରେ ବାନ୍ଧି ବେକରେ ଲଗାଇ ଝୁଲୁଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ଆଲିପିଙ୍ଗଳ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ବିଦ୍ୟୁତ୍ ତାର ଲାଗି ଯୁବକ ମୃତ

ବ୍ରହ୍ମଗିରି,୨୨।୩(ଡି.ଏନ୍.ଏ.)- ବ୍ରହ୍ମଗିରି ଥାନା ଅନ୍ତର୍ଗତ ଧ୍ୱଜାପାଟଣା ଗ୍ରାମରେ ମଙ୍ଗଳବାର ସକାଳେ ବିଦ୍ୟୁତ୍ ତାର ଲାଗି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସୁଶାନ୍ତ ପ୍ରଧାନ(୨୪)। ସୂଚନା ଅନୁଯାୟୀ, ସୁଶାନ୍ତ ରାତିରେ ଜମିରେ ପମ୍ପସେଟ ଲଗାଇ ଜମିକୁ ପାଣି ମଡାଇ ଦେଇ ଘରକୁ ଆସିଥିଲେ। ସକାଳୁ ଜମିକୁ ଦେଖିବାକୁ ଯିବା ସମୟରେ ପଡିଥିବା ତାର ଲାଗିଯିବାରୁ ତଳେ ପଡ଼ି ଅଚେତ ହୋଇଯାଇଥିଲେ। ପୁଅ ଘରକୁ ଆସିବା ବିଳମ୍ବ ହେବାରୁ ପରିବାର ଲୋକ ଜମିକୁ ଯିବାବେଳକୁ ପୁଅ ବନ୍ଧ ଉପରେ ପଡିଥିବା ଦେଖିଥିଲେ। ତୁରନ୍ତ ସୁଶାନ୍ତଙ୍କୁ ସ୍ଥାନୀୟ ମେଡିକାଲକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

### ପ୍ରାକ୍ ଗର୍ଭଧାରଣ, ପ୍ରାକ ପ୍ରସବ ପରୀକ୍ଷଣ ପଦ୍ଧତି ବୈଠକ

ପୁରୀ ଅଫିସ,୨୨।୩- ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତାରେ ପ୍ରାକ୍ ଗର୍ଭଧାରଣ ଏବଂ ପ୍ରାକ ପ୍ରସବ ପରୀକ୍ଷଣ ପଦ୍ଧତି ସଂକ୍ରାନ୍ତୀୟ ଉପଦେଷ୍ଟା କମିଟି ବୈଠକ ମଙ୍ଗଳବାର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ବର୍ତ୍ତମାନ ଜିଲାରେ ଭ୍ରୂଣ ନିରୂପଣ ନିମନ୍ତେ ୨୬ଟି ସଂସ୍ଥାକୁ ଅନୁମତି ଦିଆଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫ଟି ସରକାରୀ ଓ ୨୧ ଟି ବେସରକାରୀ ସଂସ୍ଥା ରହିଛନ୍ତି। ୨୧ରୁ ୧୨ଟି ବର୍ତ୍ତମାନ କାର୍ଯ୍ୟକ୍ଷମ। ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ନିମନ୍ତେ ଯୋଗ୍ୟତାପ୍ରାପ୍ତ ଡାକ୍ତର ନିଯୁକ୍ତ, ଅଲଟ୍ରାସାଉଣ୍ଡ ସହ ଇକୋ କାର୍ଡିଓଗ୍ରାଫି ନିମନ୍ତେ ଇ-୨୪ ହସ୍ପିଟାଲ ଏବଂ ପୁରୀସ୍ଥିତ ମା' ସାରଳା ଡାଏଗ୍ନୋଷ୍ଟିକରେ ଅତିରିକ୍ତ ଡାକ୍ତର ନିୟୋଜନକୁ ଅନୁମତି ଦେବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏପରିକି ଅଲଟ୍ରାସାଉଣ୍ଡ ନିମନ୍ତେ ୬ଟି ସଂସ୍ଥା କରିଥିବା ଆବେଦନକୁ ତର୍ଜମା କରିବାକୁ ମଧ୍ୟ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଭ୍ରୂଣ ନିରୂପଣ ସଂକ୍ରାନ୍ତୀୟ ଅଭିଯୋଗ ଆସିବା ପରେ ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଭ୍ରୂଣ ନିରୂପଣ ସଂକ୍ରାନ୍ତୀୟ ଅଭିଯୋଗ ପାଇଁ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଦେଷ୍ଟା କମିଟି ସଦସ୍ୟଙ୍କ ନାମ ଉଲ୍ଲେଖ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଡିପିଏଚଓ ଡ. ବିରଜା ଶଙ୍କର ରଥ, ଡ. ବାସୁଦେବ ମହାପାତ୍ର, ବିଜୟ ନାୟକ, ଏପିଏମ ସନ୍ତୋଷ ମିଶ୍ର, ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରଶାନ୍ତ କୁମାର ଏବଂ ଆଇନଜୀବୀ ରମାଶଙ୍କର ପାତ୍ର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ପୌର ନିର୍ବାଚନ ଭୋଟ ଗଣତି ନିମନ୍ତେ ତାଲିମ

**ସକାଳ ୮ଟାରେ ଗଣତି ପ୍ରକ୍ରିୟା ଆରମ୍ଭ**

ପୁରୀ ଅଫିସ,୨୨।୩

ପୌର ନିର୍ବାଚନ ଭୋଟ ଗଣତି ନିମନ୍ତେ ତାଲିମ କାର୍ଯ୍ୟକ୍ରମ ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତାରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୪ ତାରିଖରେ ନିମାପଡ଼ାର ୧୧ଟି ୱାର୍ଡର ୧୯ଟି ବୁଥ, ପିପିଲିର ୧୬ଟି ୱାର୍ଡର ୨୦ଟି ବୁଥ ଏବଂ କୋଣାର୍କର ୧୩ଟି ୱାର୍ଡର ୧୫ଟି ବୁଥ୍‌ରେ କାଉଲସିଲର ଏବଂ ଅଧକ୍ଷ ନିମନ୍ତେ ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମତଦାନ ହେବ। ପିପିଲି ନିମନ୍ତେ ଜବାହର ବିଦ୍ୟାପୀଠ, ନିମାପଡା ପାଇଁ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, କୋଣାର୍କ ନିମନ୍ତେ ଆଶ୍ରମ ସ୍କୁଲରେ ଷ୍ଟ୍ରଙ୍ଗରୁମ କରାଯାଇଛି। ଉକ୍ତ ସ୍ଥାନରେ ଆସନ୍ତା ୨୬ ତାରିଖରେ ଭୋଟ ଗଣନା କରାଯିବ। ସକାଳ ୮ଟାରେ ଗଣତି ପ୍ରକ୍ରିୟା ଆରମ୍ଭ ହେବ। ପ୍ରତ୍ୟେକ କେନ୍ଦ୍ରରେ କେନ୍ଦ୍ରୀୟ ଟେବୁଲର ବାମ ପାର୍ଶ୍ୱରେ କାଉନସିଲର ଏବଂ ଦକ୍ଷିଣ ପାର୍ଶ୍ୱରେ ଅଧକ୍ଷ ନିମନ୍ତେ ଭୋଟ ଗଣନା କରାଯିବ। ପ୍ରତ୍ୟେକଙ୍କ ପାଇଁ ଦୁଇଟି ଟେବୁଲ ରହିବ। ପ୍ରତ୍ୟେକ ଟେବୁଲରେ ଜଣେ ଲେଖାଏ କାଉଣ୍ଟିଂ ସୁପରଭାଇଜର, କାଉଣ୍ଟିଂ ଆସିଷ୍ଟାଣ୍ଟ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ ରହିବେ। ଷ୍ଟ୍ରଙ୍ଗରୁମରୁ କାଉଣ୍ଟିଂ ହଲ୍‌କୁ ଇଭିଏମ ଆଣିବା ପାଇଁ ନୋଡାଲ ଅଫିସର ଏବଂ ଏସ୍କର୍ଟ ଅଧିକାରୀ ନିଯୁକ୍ତ ହେବେ। ସାଧାରଣ ପର୍ଯ୍ୟବେକ୍ଷକ ଜ୍ୟୋତିରଞ୍ଜନ ପ୍ରଧାନ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କୈଳାସ ଚନ୍ଦ୍ର ନାୟକ, ପୁରୀ ସଦର ତହସିଲଦାର ରବୀନ୍ଦ୍ର ପ୍ରଧାନ, କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା, ଜିଲା ନିର୍ବାଚନ ଅଧିକାରୀ ଜିତେନ୍ଦ୍ର ପାତ୍ର, ପ୍ରତ୍ୟେକ ବିଜ୍ଞାପିତ ଅଞ୍ଚଳର ନିର୍ବାଚନ ଅଧିକାରୀ, ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ସର୍କିଟହାଉସ ପରିସରରେ ଭୋଟ ଗଣତି ସମ୍ପର୍କିତ ତାଲିମ ଶିବିରରେ ଉପସ୍ଥିତ ଅଧିକାରୀ।

## କବିତା ପୁସ୍ତକ ପଦ୍ମତୋଳା ଲୋକାର୍ପିତ

ପୁରୀ ଅଫିସ,୨୨।୩

କବିତାର ଅନ୍ତଃସ୍ୱର କବିଙ୍କୁ ମହାନ କରିଥାଏ। କବିତା ମାଧ୍ୟମରେ ସମାଜର ବହୁବିଧ ଉନ୍ନତି ସାଧନ ହୋଇଥାଏ ବୋଲି ଡ.ପଙ୍କଜ ନଳିନୀ ପଟ୍ଟନାୟକଙ୍କ ପୁସ୍ତକ 'ପଦ୍ମତୋଳା'ର ଲୋକାର୍ପଣ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସ୍ଥାନୀୟ ଯୁଥ ହଷ୍ଟେଲ ସଭାକକ୍ଷରେ ଆୟୋଜିତ ଏହି ପୁସ୍ତକ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଭିଡିଓ କନଫରେନ୍ସରେ ଯୋଗଦେଇ ପଦ୍ମତୋଳା ପୁସ୍ତକକୁ ଲୋକାର୍ପଣ କରିଥିଲେ। ପୂର୍ବାଞ୍ଚଳ ସଂସ୍କୃତି କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ କବି ମାନସ ମହାପାତ୍ର , କବି ମଧୁସୂଦନ ଦାଶ, ସଙ୍ଗୀତା ଦାଶ, ଚନ୍ଦ୍ରଶେଖର ମହାରଣା, ହେମନ୍ତ ଛୋଟରାୟ ଏବଂ କବି ବିପିନ ବିହାରୀ ଦଳାଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ କବିତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସୌଭାଗ୍ୟଲକ୍ଷ୍ମୀ ଆଚାର୍ଯ୍ୟ, ପୌର୍ଣ୍ଣମାସି ଦେବୀ, ପ୍ରଭାସିନୀ ମିଶ୍ର, ସୁଚୀସ୍ମିତା ମହାନ୍ତି, ଶୈଳବାଳା ମହାପାତ୍ର, ଜ୍ୟୋତିରେଖା ମିଶ୍ର ଏବଂ ସୁଚିତ୍ର ଦାସ ପ୍ରମୁଖ ପଦ୍ମତୋଳା ପୁସ୍ତକର କବିତା ଆବୃତ୍ତି କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା ଏବଂ ସଂଯୋଜନା କରିଥିଲେ କବି କ୍ରିଷ୍ଣା ମହାପାତ୍ର। କବି ପଙ୍କଜ ନଳିନୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ସତ୍ୟସାଇ ବାବାଙ୍କ ଅଷ୍ଟମ ବାର୍ଷିକୋତ୍ସବ

ଗୋପ,୨୨।୩(ଡି.ଏନ୍.ଏ.)

ଆଧ୍ୟାତ୍ମିକ ଚିନ୍ତାଧାରା ହିଁ ମଣିଷକୁ ଭଗବାନଙ୍କ ନିକଟତର କରାଇଥାଏ। ଭକ୍ତ ଓ ଭଗବାନ ଗୋଟିଏ ସରଳ ରେଖା ହେବାର ମାଧ୍ୟମ ହେଉଛି କେବଳ ଭକ୍ତିଭାବ ବୋଲି ଗୋପ ବ୍ଲକ ଅଧୀନ କୁଆଁପଡା ପଞ୍ଚାୟତର ଆଳିଶି ଗ୍ରାମର ବାବା ସତ୍ୟସାଇ ମନ୍ଦିରର ଅଷ୍ଟମ ବାର୍ଷିକ ଉତ୍ସବ ଯୋଗଦେଇ ଚିତ୍ରସେନ ବେହେରା କହିଥିଲେ। ପ୍ରାତଃରୁ ଶ୍ରଦ୍ଧାଳୁମାନେ ନଗର ସଙ୍କୀର୍ତ୍ତନ କରିବା ପରେ ବାବାଙ୍କ ଭଜନ ହୋଇଥିଲା। ପରେ ନାରାୟଣ ସେବା ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରାଯାଇଥିଲା। ସନ୍ଧ୍ୟାରେ ଗ୍ରାମବାସୀ ଏକତ୍ରିତ ହୋଇ ଶାନ୍ତି ସ୍ଥାପନା କରିଥିଲେ। ଏଥିରେ ସମ୍ପାଦକ ରାଜେନ୍ଦ୍ର ପ୍ରଧାନ, ଜ୍ଞାନରଞ୍ଜନ ବେହେରାଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜଳ ଶକ୍ତି ଅଭିଯାନ ଜରିଆରେ ପୋଖରୀର ପୁନରୁଦ୍ଧାର ହେଉ





ବିଶ୍ୱ ଜଳଦିବସ ଅବସରରେ ଅନୁଷ୍ଠିତ କର୍ମଶାଳାରେ ପାଣି କଥାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

ପୁରୀ ଅଫିସ, ୨୨।୩:

ଭୂତଳ ଜଳର ସଂରକ୍ଷଣ କରିବା ସହିତ ସଂରକ୍ଷଣ ପାଇଁ ସଚେତନତା ସୃଷ୍ଟି କରିବା ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଶ୍ୱ ଜଳ ଦିବସ ଅବସରରେ ସ୍ଥାନୀୟ ଯୁଥ୍ ହଷ୍ଟେଲ ପରିସରରେ ମଙ୍ଗଳବାର ଭୂତଳ ଜଳ ସଂରକ୍ଷଣ ଓ ପରିଚାଳନା ସଂପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପରିବେଶବିତ୍ ଜଗନ୍ନାଥ ବସ୍ତିଆ ଯୋଗଦେଇ ଜିଲାରେ ବର୍ତ୍ତମାନ ପାଣିର ସ୍ଥିତି ସମ୍ପର୍କରେ କହିଥିଲେ। ମୁଖ୍ୟ ବକ୍ତା ଭାବେ ନେହେରୁ ଯୁବ କେନ୍ଦ୍ରର ଜିଲା ସଂଯୋଜକ ଜୟଶଙ୍କର ଯୋଶୀ ଯୋଗଦେଇ ସାରା ଜିଲାରେ ଜଳ ଶକ୍ତି ଅଭିଯାନ ଆରମ୍ଭ କରି ପୋଖରୀର ପୁନରୁଦ୍ଧାର କରିବାକୁ ପରାମର୍ଶ ଦେଇଥିଲେ। ଏକତା ପରିଷଦର ଜାତୀୟ ପରାମର୍ଶଦାତ୍ତା ବିଜୟ ପ୍ରଧାନ ଯୋଗଦେଇ ଲୋକ ସଂଗଠନ ମାଧ୍ୟମରେ ପାଣି ସମସ୍ୟାର ସମାଧାନ କରିବାକୁ କହିଥିଲେ। ପରେ ଅତିଥିମାନେ 'ପାଣିକଥା' ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ପାଣି ସଂଗଠନର ଆବାହକ ଉମାକାନ୍ତ ମହାନ୍ତି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ହୃଦାନନ୍ଦ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର, ଭ୍ରମରବର ରାଉତ, ବିଷ୍ଣୁପ୍ରିୟା ସ୍ୱାଇଁ, ସସ୍ମିତା ମିଶ୍ର, ରବୀନ୍ଦ୍ର ବାରିକ, ଅଶ୍ୱିନୀ ନାୟକ ଏବଂ ପବିତ୍ର କାଣ୍ଡି ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ରାଜକିଶୋର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଳପତି ଶ୍ରୀନିବାସ ବରଖେଡେଙ୍କୁ ନାଗରିକ ସମ୍ବର୍ଦ୍ଧନା

ପୁରୀ ଅଫିସ,୨୨।୩:

ଶ୍ରୀକ୍ଷେତ୍ରର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀ କୁଳପତି ଶ୍ରୀନିବାସ ବରଖେଡେଙ୍କୁ ସ୍ଥାନୀୟ ହୋଟେଲ ହଲିଡେ ରିସର୍ଟ ସମ୍ମିଳନୀ କକ୍ଷରେ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ପୂର୍ବତନ କୁଳପତି ପ୍ର. ହରେକୃଷ୍ଣ ଶତପଥୀ, ସଦାଶିବ ପରିସରର ନିର୍ଦ୍ଦେଶକ ପ୍ର. ଖଗେଶ୍ୱର ମିଶ୍ର ଏବଂ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ଦୁର୍ଗାପ୍ରସାଦ ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବରଖେଡେଙ୍କୁ ପ୍ରଜ୍ଞା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଡ. ସନ୍ତୋଷ ମିଶ୍ର ଏବଂ ଡ. ଅନ୍ନବ ପଟ୍ଟନାୟକଙ୍କୁ କରୋନା ଯୋଦ୍ଧା ଭାବେ ସମ୍ମାନିତ କରାଯାଇଥିବାବେଳେ ସଂସ୍କୃତ ଭାଷା ପ୍ରଚାର କ୍ଷେତ୍ରରେ ପଣ୍ଡିତ ସୂର୍ଯ୍ୟମଣି ରଥ ଏବଂ ପ୍ର. ଲଳିତ କୁମାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଏଥିସହ ଗ୍ଲୋରିଫେଷ୍ଟ, ଉତ୍କଳ ବିଦ୍ୱତ୍ ପରିଷଦ, ଅଭିନନ୍ଦନିକା, ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଆପଣଙ୍କ ସେବାରେ, ଭଏସ୍ ଅଫ କମନ ମ୍ୟାନ, ଶ୍ରୀକ୍ଷେତ୍ର ପୁସ୍ତକ ମେଳା କମିଟି, ଟୁଇଟର ଆକ୍ଟିଭିଷ୍ଟ ଆସୋସିଏଶନ୍ ପ୍ରଭୃତି ଅନୁଷ୍ଠାନଗୁଡିକ ପକ୍ଷରୁ କୁଳପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ୟୁକ୍ରେନ ଏବଂ ଋଷ ଯୁଦ୍ଧରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଶାନ୍ତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା ହୋଇଥିଲା। ସଭାରେ ସତ୍ୟବ୍ରତ ଦାସ, ନାରାୟଣ ପାତ୍ର, ସଂଗ୍ରାମ କାନୁନଗୋ, ଶିବ ସୁନ୍ଦର ମିଶ୍ର, ପୁଷ୍କର ସାହୁ , ପ୍ରଶାନ୍ତ କୁମାର ସାହୁ, ସୌମ୍ୟରଞ୍ଜନ ମିଶ୍ର ଏବଂ ଦାମୋଦର ଶତପଥୀଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଶ୍ୟାମ ପ୍ରକାଶ ସେନାପତି , ବିଶ୍ୱନାଥ ମିଶ୍ର ଏବଂ ହେଷ୍ଟର ମିଶ୍ର ପ୍ରମୁଖ ମଞ୍ଚ ପରିଚାଳନା କରିଥିବାବେଳେ ମନୋଜ ରଥ ଧନ୍ୟବାଦ ଦେଇଥିଲେ।

## ହନୁମାନ ଜୟନ୍ତୀ କମିଟିର କର୍ମକର୍ତ୍ତା ନିର୍ବାଚନ

ପୁରୀ ଅଫିସ, ୨୨।୩

ଶ୍ରୀକ୍ଷେତ୍ର ହନୁମାନ ଜୟନ୍ତୀ କମିଟିର ୫୨ତମ ବାର୍ଷିକ ସାଧାରଣ ଅଧିବେଶନ ଦୋଳମଣ୍ଡପ ସାହିସ୍ଥିତ ଭୋଗଜାଗା ପରିସରରେ ଅନୁଷ୍ଠିତ ହୋଇଛି। ଏପ୍ରିଲ ୧୪, ୧୫ ଏବଂ ୧୬ ତାରିଖ ତିନିଦିନ ଧରି ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟପାଳ, ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ନିମନ୍ତ୍ରଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏଥିସହ ୭ଜଣ ସନ୍ଥଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା କରାଯିବ। ଏହି ଅବସରରେ କମିଟିର କର୍ମକର୍ତ୍ତା ନିର୍ବାଚିତ କରାଯାଇଥିଲା। ସଭାପତି ଭାବେ ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ମହାରାଜ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ଦାସ, ଉପ ସଭାପତି ଡ. ସୁରେନ୍ଦ୍ର କୁମାର ମିଶ୍ର, ପ୍ରସନ୍ନ ମିଶ୍ର, ସାଧାରଣ ସମ୍ପାଦକ ଚନ୍ଦ୍ର ମାଧବ ପୂଜାପଣ୍ଡା, ସଂଗଠନ ସମ୍ପାଦକ ଅନାମ ଚନ୍ଦ୍ର ସାହୁ, ପତ୍ରିକା ସମ୍ପାଦକ ଶୁଭେନ୍ଦୁ ସ୍ୱାଇଁ, ଅର୍ଥ ସମ୍ପାଦକ ସନ୍ତୋଷ କୁମାର ପାତ୍ର, ରବି ନାରାୟଣ ପ୍ରହରାଜ, ପରିଚାଳନା ସମ୍ପାଦକ ସୁଦର୍ଶନ ପୂଜାପଣ୍ଡା ସାମନ୍ତ, କୋଷାଧକ୍ଷ ରାମଚନ୍ଦ୍ର ଦାସ ମହାପାତ୍ର, ସ୍ମରଣିକା ଆବାହକ ଡ. ପ୍ରଭୁଚରଣ ମହାନ୍ତିଙ୍କୁ ନିର୍ବାଚିତ କରାଯାଇଥିବା ବେଳେ କାର୍ଯ୍ୟକାରୀ ସଦସ୍ୟ ନରସିଂହ ପରିଡା, ସତ୍ୟ ନାରାୟଣ ଗୁରୁ, କୃଷ୍ଣଚନ୍ଦ୍ର ସାମନ୍ତରା, କୃଷ୍ଣଚନ୍ଦ୍ର ସାହୁ, ସୁରେନ୍ଦ୍ର ନାୟକ, ଅଶୋକ ଦାସ ଏବଂ ଶାଶ୍ୱତ ତ୍ରିପାଠୀ ପ୍ରମୁଖଙ୍କୁ ନିର୍ବାଚିତ କରାଯାଇଛି।

## ମା' ମଙ୍ଗଳାଙ୍କ ପ୍ରଥମ ପାଲିଯାତ୍ରା ନେତ୍ରୋତ୍ସବ

କାକଟପୁର,୨୨।୩(ଡି.ଏନ୍.ଏ.)

ଚୈତ୍ରମାସ ପ୍ରଥମ ମଙ୍ଗଳବାର ପରିପ୍ରେକ୍ଷୀରେ କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପ୍ରଥମ ପାଲିଯାତ୍ରା ନେତ୍ରୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଭୋରୁ ମନ୍ଦିର ଦ୍ୱାରଫିଟା ହୋଇ ମା'ଙ୍କ ମଙ୍ଗଳ ଆଳତି, ଭିତର ଶୋଧ, ସ୍ନାନ, ବେଶ, ଚନ୍ଦନ ଲାଗି ହେବା ପରେ ସୂର୍ଯ୍ୟପୂଜା, ବଲ୍ଲଭ ନୀତି କରାଯାଏ। ଏହାପରେ ସକାଳ ଧୂପ ଏବଂ ବନ୍ଦାପନା ଆଳତି ହୋଇ ସର୍ବସାଧାରଣ ଦର୍ଶନ ପାଇଁ ସାହାଣମେଲା କରାଯାଏ ଏବଂ ମା'ଙ୍କ ଦିବ୍ୟ ବେଶ ଦର୍ଶନ କରିବା ସହ ମନ୍ଦିର ବେଢାରେ ପଙ୍କ୍ତେଇ ପୂଜା ହୁଏ। ମଧ୍ୟାହ୍ନରେ ମା' ମଙ୍ଗଳାଙ୍କ ନେତ୍ରୋତ୍ସବ ଅନୁଷ୍ଠିତ ହୁଏ।



### ପାଣିତୋଳା ଓ ପାଟୁଆନୃତ୍ୟ

ଚୈତ୍ରମାସର ପ୍ରଥମ ପାଳି ମଙ୍ଗଳବାରରୁ ଆରମ୍ଭ କରି ପଞ୍ଚମ ପାଳି ପର୍ଯ୍ୟନ୍ତ ପରମ୍ପରାଗତ ଭାବେ ଘଟତୋଳା ତୁଠରେ ପାଣିତୋଳା ଓ ପାଟୁକାନୃତ୍ୟ ଅନୁଷ୍ଠିତ ହୁଏ। ପ୍ରତି ପାଲିଯାତ୍ରାରେ ମା'ଙ୍କର ସକାଳ ଧୂପ ପରେ ପ୍ରାୟତଃ ମଧ୍ୟାହ୍ନରେ ଝଙ୍କଡ ଶାରଳା ପୀଠରୁ ଆସିଥିବା ରାଉଳ(ମାଳି) ସେବକମାନେ ନିଜକୁ ପାଟୁକା ବେଶରେ ସଜାଇଥାନ୍ତି। ଦେହରେ ଶାଢି, ମଥାରେ ଓଢଣି ଓ ମା'ଙ୍କ ସିନ୍ଦୂର, ବାହୁରେ ବାଜୁବନ୍ଧ, ହାତରେ ମୁଠାଚୁଡି ଏବଂ ଗଳାରେ ମନ୍ଦାର ମାଳ ପରିଧାନ କରନ୍ତି। ପରେ ଏକ କାଷ୍ଠ ଦଣ୍ଡ ସହ ମନ୍ଦାର, କନିଅର ଓ ଅରଖ ଫୁଲରେ ସଜା ହୋଇଥିବା ଏକ ପଞ୍ଚମୁଖୀ କଳସ ଧରି ଘଣ୍ଟଘଣ୍ଟା ବାଦ୍ୟ ମାଧ୍ୟମରେ ପ୍ରାଚୀନଦୀର ଘଣ୍ଟତୋଳା ତୁଠକୁ ବିଜେ କରନ୍ତି। ଏହି ପାଞ୍ଚଜଣ ମାଳି ପାଟୁଆଙ୍କ ସହ ଥାନ୍ତି ପାଞ୍ଚ ଜଣ ଭୋଇ ପାଟୁଆ। ଘଣ୍ଟତୋଳା ତୁଠରେ ପାଟୁଆମାନେ ନିଜ ଘଣ୍ଟରେ ପାଣି ତୋଳି ସୂର୍ଯ୍ୟ ଦେବତାଙ୍କୁ ସାକ୍ଷୀ ରଖି ପାଣି ଅଭିମନ୍ତ୍ରିତ କରି ଘଟ ସ୍ଥାପନ କରନ୍ତି। ପରେ ଘଟକୁ ମୁଣ୍ଡାଇ ଘଣ୍ଟ ବଜାଇ ମନ୍ଦିରକୁ ଫେରନ୍ତି। ବାଟରେ ଗ୍ରାମଦେବତୀ କାକଟେଇଙ୍କୁ ଘଟରୁ ପୁଷ୍ପାଞ୍ଜଳି ପ୍ରଦାନ କରନ୍ତି। ମାଳି ପାଟୁଆମାନେ ପୂର୍ବଦ୍ୱାର ଦେଇ ଗର୍ଭଗୃହକୁ ପ୍ରବେଶ କରନ୍ତି। ସେଠାରେ ପୂଜାପଣ୍ଡା ସେମାନଙ୍କୁ ଆଜ୍ଞାମାଳ ପ୍ରଦାନ କରନ୍ତି। ଏହାପରେ ମାଳି ପାଟୁଆ ମନ୍ଦିର ବେଢ଼ାରେ ଓ ଭୋଇ ପାଟୁଆ ବେଢା ବାହାରେ ପାଟୁଆ ନୃତ୍ୟ କରନ୍ତି।

## ସଂକ୍ଷେପରେ

### ବିଶ୍ୱ ଜଳ ଦିବସ ପାଳିତ

**ଫୁଲନଖରା,୨୨।୩(ଡି.ଏନ୍.ଏ.):** କଟକ ସଦର ଥାନା ଅନ୍ତର୍ଗତ ନଛିପୁର ଗ୍ରାମରେ ଥିବା ସୁଦ୍ଧାନନ୍ଦ ବୈଷୟିକ ଶିକ୍ଷା ପ୍ରତିଷ୍ଠାନରେ ବିଶ୍ୱ ଜଳ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସୁଦ୍ଧାନନ୍ଦ ଇଞ୍ଜିନିୟରିଂ ଆଣ୍ଡ୍ ରିସର୍ଚ୍ଚ ସେଣ୍ଟରର ଅଧକ୍ଷ ଚିତ୍ତରଞ୍ଜନ ପଣ୍ଡା, ସୁଦ୍ଧାନନ୍ଦ ରେସିଡେନ୍ସିଆଲ ପଲିଟେକ୍ନିକ୍‌ର ଅଧକ୍ଷ ଯଶୋବନ୍ତ ଲାହାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ୪୦୦ରୁ ଉର୍ଦ୍ଧ ଛାତ୍ରୀଛାତ୍ର ଓ ଅଧାପିକାଅଧାପକ ଯୋଗଦେଇଥିଲେ। ସୁଦ୍ଧାନନ୍ଦ ବୈଷୟିକ ପ୍ରତିଷ୍ଠାନର ଡିନ୍ ରଞ୍ଜନ କୁମାର ସାହୁ ଉପସ୍ଥିତ ରହି ଉକ୍ତ ଦିବସର ତାତ୍ପର୍ଯ୍ୟ ଉପରେ କହିଥିଲେ। ସେହିପରି ନିର୍ଦ୍ଦେଶିକା ଅନୀତା ପଟ୍ଟନାୟକ, ସୁଦୀପ୍ତା ପଟ୍ଟନାୟକ, ଅଧାପିକା ଶୁଭସ୍ମିତା ଦଳାଇ, ଅଧାପକ ଅଭିନନ୍ଦନ ପତି, ନବଘନ ଦାସ ପ୍ରମୁଖ ଯୋଗଦେଇ ସ୍ୱଚ୍ଛଜଳର ସୁରକ୍ଷା ଦିଗରେ ଗୁରୁତ୍ୱାରୋପ କରିଥିଲେ। ଅଧାପିକା ଲିଙ୍କି ବେହେରା କାର୍ଯ୍ୟକ୍ରମ ପରିଚାଳନା ଓ ଅଧାପକ ସଂଗ୍ରାମ ସାହୁ ଧନ୍ୟବାଦ ଦେଇଥିଲେ।

### କସର୍ଦ୍ଦାରେ ଦିପୋଟି ମେଳଣ

**ନିଆଳି,୨୨।୩(ଡି.ଏନ୍.ଏ.):** ନିଆଳି ଥାନା ଅନ୍ତର୍ଗତ କସର୍ଦ୍ଦା ମେଳଣ ପଡିଆରେ ଐତିହାସିକ ଦିପୋଟି ମେଳଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଗ୍ରାମର ୬୪ଟି ଦୋଳବିମାନ ସାମିଲ ହୋଇଥିଲେ। ସେଠାରେ ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୧ଟା ୩୦ରୁ ଅପରାହ୍ନ ୩ଟା ୩୦ ପର୍ଯ୍ୟନ୍ତ ଦୋଳମଣ୍ଡପରେ ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ କରାଯାଇଥିବାବେଳେ ଯାଦବ ଭାଇମାନଙ୍କ ପକ୍ଷରୁ ଓଗାଳ ପ୍ରତିଯୋଗିତା ଓ ବାଡିଖେଳ ହୋଇଥିଲା।

### କବି ଦିଗ୍‌ବିଜୟ ସ୍ୱାଇଁଙ୍କୁ ପଲ୍ଲୀକବି ସମ୍ମାନ

**ବାଙ୍କୀ,୨୨।୩(ସ୍ୱ.ପ୍ର.):** ଡମପଡ଼ା ବ୍ଲକ ଢଁସର ଗ୍ରାମର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମହାପର୍ବତ ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ ମା'ବେଲାବଳୀ ପୀଠରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବାଙ୍କୀ କଲେଜର ଉପାଧକ୍ଷ ପ୍ରାଧାପକ ମନୋଜ କୁମାର ମହାପାତ୍ର ଏବଂ ଅତିଥିଭାବେ ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, କବି ପବନୀ ଜେନା ଯୋଗଦେଇଥିଲେ। ଉତ୍ସବରେ ବହୁ କବି ଓ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁବକବି ଦିଗ୍‌ବିଜୟ ସ୍ୱାଇଁଙ୍କୁ ସ୍ୱତନ୍ତ୍ର ଭାବେ ପଲ୍ଲୀକବି ସମ୍ମାନରେ ସମ୍ମାନିତ କରାଯାଇ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା।

### ରାଜପ୍ରତିଷ୍ଠିତ ମନ୍ଦିରରେ ନୂତନ ପଞ୍ଜିକା ପାଠ

**ବାଙ୍କୀ,୨୨।୩(ସ୍ୱ:ପ୍ର.):** ବାଙ୍କୀର ପ୍ରତ୍ୟେକ ରାଜପ୍ରତିଷ୍ଠିତ ମନ୍ଦିରଗୁଡ଼ିକରେ ଦୈବଜ୍ଞ ବ୍ରାହ୍ମଣମାନଙ୍କ ଦ୍ୱାରା ମଙ୍ଗଳବାର ନୂତନ ପାଞ୍ଜି ପାଠ କରାଯାଇଛି। ପାଟପୁରର ଶ୍ରୀଶ୍ରୀ ସିଂହନାଥ ଦେବ, ସାହାଡାପଦା ଗ୍ରାମର ସାହାଡ଼େଶ୍ୱରୀଙ୍କ ପୀଠ, ମା'ଚର୍ଚ୍ଚିକାଙ୍କ ପୀଠ, ରଗଡ଼ି ଗ୍ରାମର ମହିମାମଣିଙ୍କ ନିକଟରେ ଏହି ପଞ୍ଜିକା ପାଠ ହୋଇଥିଲା। ଜ୍ୟୋତିର୍ବିଦ୍ ପଣ୍ଡିତ ସନ୍ତୋଷ କୁମାର ମିଶ୍ର ଏସବୁ ମନ୍ଦିରରେ ପଞ୍ଜିକା ପଢ଼ି ଶୁଣାଇଥିଲେ। ଏହାକୁ ଶୁଣିବା ପାଇଁ ମନ୍ଦିରରେ ଭକ୍ତଙ୍କ ଭିଡ଼ ହୋଇଥିଲା। ଗ୍ରହବିପ୍ରଙ୍କ ମୁଖରୁ ନୂତନ ପାଞ୍ଜି ଶ୍ରବଣ କଲେ ଶରୀର ଓ ମନ ସୁସ୍ଥ ରହେ ବୋଲି କିମ୍ବଦନ୍ତୀ ରହିଛି।

### ପାଣିମୋଟର ଚୋରି, ୪ ଗିରଫ

**କଟକ ସଦର,୨୨।୩(ଡି.ଏନ୍.ଏ.):** କନ୍ଦରପୁର ଥାନା ଅଞ୍ଚଳର ଦୁଇଟି ସ୍ଥାନରୁ ପାଣିମୋଟର ଚୋରି କରିବା ଅଭିଯୋଗରେ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କନ୍ଦରପୁର ଥାନା ଅଧୀନ ନୂଆକୋରୁଆ ଗ୍ରାମର ସତ୍ୟ ଭୋଇ, ଦୀଘି ଗ୍ରାମର ଜଗନ୍ନାଥ ଦାସ, ନିମେଇଶାପୁର ଗ୍ରାମର ବାବୁଲି ଭୋଇ ଓ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ କହ୍ନେଇପୁର ଅଞ୍ଚଳର ଅନନ୍ତ ଭୋଇ। ଏ ନେଇ ଥାନାରେ ମାମଲା(ନଂ. ୨୮୬/୨୧) ରୁଜୁ ହୋଇଥିଲା। ପୋଲିସ ସୂତ୍ରରୁ ପ୍ରକାଶ, ଅଭିଯୁକ୍ତମାନେ ଆୟତ୍ତପୁର ଶାସନ ପ୍ରାଥମିକ ବିଦ୍ୟାଳୟରୁ ଗୋଟିଏ ଓ ଗତିରାଉତପାଟଣା ପ୍ରତାପେଶ୍ୱର ମନ୍ଦିରରୁ ଗୋଟିଏ ପାଣିମୋଟର ଚୋରି କରିଥିବା ଅଭିଯୋଗ ହୋଇଥିଲା।

# 'ଭୋଟରଙ୍କୁ ପ୍ରଭାବିତ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ'

**କଟକ ଅଫିସ,୨୨।୩**

ଚଳିତ ନିର୍ବାଚନକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ମଙ୍ଗଳବାର କଟକ ଇନ୍‌ଡୋର ଷ୍ଟାଡିୟମରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିସିପି ପ୍ରତୀକ୍ ସିଂ ସୂଚନା ଦେଇ କହିଥିଲେ, କଟକ ମହାନଗର ନିଗମ(ସିଏମ୍‌ସି) ଓ ଚୌଦ୍ୱାର ପୌରାଞ୍ଚଳର ବୁଥ୍‌ଗୁଡିକ ଉପରେ ନଜର ରଖିବା ପାଇଁ ପ୍ରତି ଥାନାକୁ ଗୋଟିଏ ଗୋଟିଏ ସେକ୍ଟରରେ ବିଭକ୍ତ କରାଯାଇଛି। ବୁଥ୍ ବାହାରେ ଭୋଟରଙ୍କୁ ପ୍ରଭାବିତ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ନିର୍ବାଚନ ପାଇଁ ମୋଟ୍ ୨୫ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ସେହିପରି କଟକ କମିଶନରେଟ୍ ବାହାରୁ ଡିଏସ୍‌ପି, ଇନ୍ସପେକ୍ଟର ଓ ସବ୍‌ଇନ୍ସପେକ୍ଟର ପାହ୍ୟାର ୧୦୦ ଅଫିସର ନିଯୁକ୍ତ ହେବେ। ଏହାଛଡା କଟକ ୟୁପିଡିର ସମସ୍ତ ଜୋନ୍‌ରେ ୨ଟି ଲେଖାଏଁ ସ୍ୱତନ୍ତ୍ର ଟିମ୍ ମୁତୟନ କରାଯିବ। ଏହି ଟିମ୍ ନିୟମିତ ବ୍ୟବଧାନରେ ପ୍ରତି ମତଦାନ କେନ୍ଦ୍ରକୁ ଯାଇ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିବ।



ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ବୈଠକରେ ଡିସିପି ପ୍ରତୀକ୍ ସିଂ ଉଦ୍‌ବୋଧନ ଦେଉଛନ୍ତି।

**ପୋଲିସର ନିର୍ବାଚନୀ ବୈଠକ**

■ମୁତୟନ ହେବେ ୨୫ ପ୍ଲାଟୁନ୍ ଫୋର୍ସ, ୧୦୦ ଅଫିସର

ଜଣେ ଇନ୍ସପେକ୍ଟର ପାହ୍ୟାର ଅଫିସର ଏହାର ନେତୃତ୍ୱ ନେବେ। ସମସ୍ତ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ଲାଗି ସ୍ୱତନ୍ତ୍ର ଭାବେ ୨ ଜଣ ମୋବାଇଲ ଅଫିସରଙ୍କୁ ନିୟୋଜିତ କରାଯାଇଛି। ଜିଲ୍ଲା ବାହାରୁ ଆସିଥିବା ଏହି ଅଫିସରଦ୍ୱୟ ପାଟ୍ରୋଲିଂ ଏବଂ ବୁଥ ସୁରକ୍ଷା ଉପରେ ଗୁରୁତ୍ୱ ଦେବେ। ସେହିପରି ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ପିଙ୍କ୍ ବୁଥ୍‌ରେ ମହିଳା ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ନିର୍ବାଚନ ପୂର୍ବରୁ ପ୍ରତି ମତଦାନ କେନ୍ଦ୍ରର ୧୦୦ ମିଟର ପରିଧି ଭିତରେ କୌଣସି ପ୍ରାର୍ଥୀଙ୍କ ପୋଷ୍ଟର, ବ୍ୟାନର ହଟାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ମତଦାନ କେନ୍ଦ୍ର କିମ୍ବା ଏହାର ଆଖପାଖ ଅଞ୍ଚଳରେ ଭିଡ ନ କରିବାକୁ ପରାମର୍ଶ ଦିଆଯାଇଛି। ମଙ୍ଗଳବାର ରାତିରୁ ଭୋଟ ଗଣତି ଯାଏ ରାତ୍ରିକାଳୀନ ପାଟ୍ରୋଲିଂ ଅଧିକ କଡ଼ାକଡ଼ି କରିବାକୁ ସବୁ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି। ନିର୍ବାଚନୀ କଟକଣା ଉଲ୍ଲଂଘନ କରି ମଦ ବିକ୍ରି କରୁଥିବା ଲୋକଙ୍କୁ ଧରିବାକୁ କୁହାଯାଇଛି। ତେବେ ଭୋଟରମାନେ ନିର୍ଭୟରେ ଆସି ମତଦାନ କରିବାକୁ ଡିସିପି ନିବେଦନ କରିଛନ୍ତି। ମତଦାନ ସମୟରେ ଯଦି ସମସ୍ୟା ହୁଏ ତା'ହେଲେ ତୁରନ୍ତ ଡାଏଲ-୧୧୨ରେ ଯୋଗାଯୋଗ କରିବାକୁ ଡିସିପି କହିଛନ୍ତି।

# ୪୪୯ ବୁଥ୍‌ରେ ମତଦାନ ହେବ

**କଟକ ଅଫିସ,୨୨।୩**

କଟକ ମହାନଗର ନିଗମ(ସିଏମ୍‌ସି) ନିର୍ବାଚନ ପାଇଁ ମଙ୍ଗଳବାର ପ୍ରଚାର ଶେଷ ହୋଇଛି। ଆଉ ଗୋଟିଏ ଦିନ ପରେ ନିର୍ବାଚନ ହେବ। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଭୋଟରମାନେ କିଭଳି ଭାବେ ସୁରୁଖୁରୁରେ ମତଦାନ କରିବେ ସେଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମୋଟ୍ ୪୪୯ ବୁଥ୍‌ରେ ଭୋଟ ଗ୍ରହଣ ହେବ। ଏଥିପାଇଁ ୫୨୧ ପୋଲିଂ ପାର୍ଟି ନିୟୋଜିତ ହୋଇଛନ୍ତି। ପ୍ରତି ପୋଲିଂ ପାର୍ଟିରେ ଜଣେ ପ୍ରିଜାଇଡିଂ ଅଫିସର, ୪ଜଣ ପୋଲିଂ ଅଧିକାରୀ ଓ ଜଣେ ପୋଲିସ ଅଫିସର ରହିଛନ୍ତି। ବୁଧବାର ସେମାନେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ(ଇଭିଏମ୍) ନେଇ ବିଭିନ୍ନ ବୁଥ୍‌କୁ ଯିବେ। ସେହିପରି ମଙ୍ଗଳବାର ବାଲିଯାତ୍ରା ଉପର ପଡିଆ ଏବଂ ଭୁବନାନନ୍ଦ ଓଡ଼ିଶା ସ୍କୁଲ ଅଫ ଇଞ୍ଜିନିୟରିଂ(ବୋସ୍) ପଡିଆ ନିକଟରେ ନିର୍ବାଚନ ପାଇଁ ନିୟୋଜିତ ଯାନବାହନଗୁଡିକ ରଖାଯାଇଛି। ପ୍ରତି ବୁଥ୍‌ରେ ସୁବ୍ୟବସ୍ଥା ସମ୍ପର୍କରେ ମଙ୍ଗଳବାର ଶେଷଥର ପାଇଁ ଯାଞ୍ଚ କରାଯାଇଛି। ସିଏମ୍‌ସି ନିର୍ବାଚନ

**ସରିଲା ପ୍ରଚାର**

ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟଙ୍କ ନିର୍ଦ୍ଦେଶକ୍ରମେ ନିୟୋଜିତ ହୋଇଥିବା ସେକ୍ଟର ଅଫିସରମାନେ ବୁଥ୍‌ଗୁଡିକ ଯାଞ୍ଚ କରିଛନ୍ତି। ପ୍ରତି ବୁଥ୍‌ରେ ବିଦ୍ୟୁତ ବ୍ୟବସ୍ଥା ସହ ଚେୟାର ଟେବୁଲର ସୁବିଧା କରାଯାଇଛି।

### ଆଜିଠୁ ଖୋଲିବ କଣ୍ଟ୍ରୋଲ ରୁମ୍

ସିଏମ୍‌ସିନିର୍ବାଚନପାଇଁବୁଧବାରଠାରୁ ଭୁବନାନନ୍ଦ ଓଡ଼ିଶା ସ୍କୁଲ ଅଫ ଇଞ୍ଜିନିୟରିଂ(ବୋସ୍)ରେ କଣ୍ଟ୍ରୋଲ ରୁମ୍ ଖୋଲାଯିବ। ଏହି କଣ୍ଟ୍ରୋଲ ରୁମ୍ ନିର୍ବାଚନ ଫଳ ଘୋଷଣା ହେବା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ। ଯଦି କୌଣସି ବୁଥ୍‌ରେ ସୁରକ୍ଷା ବ୍ୟବସ୍ଥାଠାରୁ ଆରମ୍ଭ କରି ଅନ୍ୟ ଆନୁସଙ୍ଗିକ ବ୍ୟବସ୍ଥାରେ ଅସୁବିଧା ସୃଷ୍ଟି ହୁଏ, ତେବେ ପ୍ରିଜାଇଡିଂ ଅଫିସରମାନେ ଏହି କଣ୍ଟ୍ରୋଲ ରୁମ୍‌କୁ ଜଣାଇବାକୁ କୁହାଯାଇଛି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ୨୪ତମ କଳିଙ୍ଗ ନାଟ୍ୟ ମହୋତ୍ସବରେ ମଙ୍ଗଳବାର ଶତାବ୍ଦୀର କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ଫୁଲନୋଳ'ର ଏକ ଦୃଶ୍ୟ।

# ୩ ବର୍ଷ ପରେ ପଞ୍ଚାୟତ ଆକାଉଣ୍ଟକୁ ଫେରିବ ପିଠା ଅର୍ଥ

**କଟକ ସଦର,୨୨।୩(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଧୀନ ୨୩ଟି ପଞ୍ଚାୟତରେ ୨୦୧୮ ଡିସେମ୍ବର, ୨୦୧୯ ଜାନୁୟାରୀ ଓ ଫେବୃୟାରୀରେ ପିପୁଲ୍ସ ଏମ୍‌ପାୱାରମେଣ୍ଟ ଏନାବିଲିଂ ଟ୍ରାନ୍ସପରେନ୍ସି ଆଣ୍ଡ୍ ଏକାଉଣ୍ଟେବିଲିଟି (ପିଠା) କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିପାଇଁ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପଞ୍ଚାୟତ ପିଛା ୧ ଲକ୍ଷ ୭୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ହେଲେ କଟକ ସଦର ବ୍ଲକ ପ୍ରଶାସନ ମାତ୍ର ୭୫ ହଜାର ଟଙ୍କା ଲେଖାଏଁ ପଞ୍ଚାୟତ ଆକାଉଣ୍ଟରେ ଜମା କରିଥିଲେ। ବାକି ୨୩ ଲକ୍ଷ ଟଙ୍କା ଆଜିପର୍ଯ୍ୟନ୍ତ ବ୍ଲକ ଆକାଉଣ୍ଟରେ ଜମା ହୋଇ ରହିଥିଲା। ନୂଆ ସରପଞ୍ଚମାନେ ଦାୟିତ୍ୱ ଗ୍ରହଣ କରିବା ପରେ ଏହି ୨୩ ଲକ୍ଷ ଟଙ୍କାକୁ ପଞ୍ଚାୟତ ଆକାଉଣ୍ଟରେ ଶୀଘ୍ର ଜମା କରିବା ପାଇଁ ବିଡିଓ ରାଜୀବ ଲୋଚନ ପରିଡା ନିର୍ଦ୍ଦେଶ ଦେଇଛନ୍ତି। ୩ ବର୍ଷ ପରେ ଏହି ଅର୍ଥ ପଞ୍ଚାୟତ ଆକାଉଣ୍ଟକୁ ଆସୁଥିବାରୁ ସୁଧ ବାବଦକୁ ମିଳିବାକୁ ଥିବା ଅର୍ଥ ବ୍ଲକ ଆକାଉଣ୍ଟରେ ଜମା ରହିଛି। ଏହି ଅର୍ଥ ୨୩ଟି ପଞ୍ଚାୟତ ମଧ୍ୟରେ ସମାନ ଭାବରେ ବାଣ୍ଟି ଦେବା ପାଇଁ ସରପଞ୍ଚମାନେ ଦାବି କରିଛନ୍ତି। ୨୦୨୧ ମେ'ରେ ଲୋକାଲ ଫଣ୍ଡ୍ ଅଡିଟ୍ ଏଭଳି ଅନିୟମିତତା ସମ୍ପର୍କରେ ବିଡିଓଙ୍କୁ ଜଣାଇ ହାଫ୍ ମାର୍ଜିନ ମେମୋ କରିଥିଲେ। ଖୁବ୍‌ଶୀଘ୍ର ଉକ୍ତ ଅର୍ଥ ପଞ୍ଚାୟତ ଆକାଉଣ୍ଟକୁ ପଠାଇ ଦିଆଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ଉତ୍ତର ଦିଆଯାଇଥିଲା। ପ୍ରଥମେ ଦିଆଯାଇଥିବା ୭୫ ହଜାର ଟଙ୍କାର ବିନିଯୋଗ ପ୍ରମାଣପତ୍ର ପଞ୍ଚାୟତକୁ ମଗାଯାଇଥିବାରୁ ଦ୍ୱିତୀୟ କିସ୍ତି ଦିଆଯାଇପାରିନାହିଁ ବୋଲି ବିଡିଓ ଉକ୍ତ ରିପୋର୍ଟରେ ଦର୍ଶାଇଥିଲେ। ଏ ସମ୍ପର୍କିତ ଖବର ୯।୬।୨୦୨୧ରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ସୂଚନାଯୋଗ୍ୟ, ୨୦୧୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ପିଠା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଚତୁର୍ଥ ରାଜ୍ୟ ଅର୍ଥ କମିଶନଙ୍କ ଅନୁଦାନରୁ ଟଙ୍କା ଖର୍ଚ୍ଚ କରି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ।

# ଆଡ୍‌ମିଟ୍ କାର୍ଡ ଦେବାକୁ ବାରଣ, ଛାତ୍ରୀଛାତ୍ର ଅସନ୍ତୁଷ୍ଟ

**କଟକ ଅଫିସ,୨୨।୩**

କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ (ଏମ୍‌ଏଲ୍‌ୟୁ)ରେ ମଙ୍ଗଳବାର ଅସନ୍ତୋଷ ଦେଖାଦେଇଥିଲା। ଉପସ୍ଥାନ କମ୍ ଥିବାରୁ ଆସନ୍ତା ୨୫ ତାରିଖରେ ହେବାକୁ ଥିବା ସେମିଷ୍ଟର ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କୁ ଆଡ୍‌ମିଟ କାର୍ଡ ଦେବାକୁ ବାରଣ କରାଯାଇଥିଲା। ଏହାକୁ ନେଇ ଛାତ୍ରୀଛାତ୍ରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତୁରନ୍ତ ବିଶ୍ୱବିଦ୍ୟାଳୟ କୁଳପତି ଏଥିରେ ହସ୍ତକ୍ଷେପ କରି ଯଥାସମ୍ଭବ ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି। ତେବେ ହଷ୍ଟେଲ କାମ ଚାଲୁ ରହିଥିବାବେଳେ ପିଲାମାନେ ବାହାରେ ରହି ପାଠ ପଢୁଛନ୍ତି। ଯାହାଦ୍ୱାରା ପ୍ରତ୍ୟେକ କ୍ଲାସ କରିବା ପାଇଁ ସେମାନେ ଅସମର୍ଥ ହେଉଛନ୍ତି। ଏହାଛଡା ଅନ୍‌ଲାଇନ କ୍ଲାସ ମଧ୍ୟ ଠିକ୍ ଭାବେ ହୋଇ ନ ଥିବାରୁ ପାଠପଢ଼ାରେ ସମସ୍ୟା ହୋଇଛି। ତେଣୁ ପ୍ରଥମେ ହଷ୍ଟେଲ ମରାମତି କରାଗଲେ ହିଁ ଠିକ୍ ଭାବେ କ୍ଲାସ କରିପାରିବୁ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି।

# ଆଇପିୟୁ ସମ୍ମିଳନୀ ଉଦ୍‌ଘାଟିତ

**କଟକ ଅଫିସ,୨୨।୩**

ଇଣ୍ଟର ପାର୍ଲାମେଣ୍ଟାରୀ ୟୁନିୟନ (ଆଇପିୟୁ)ର ୧୪୪ତମ ସମ୍ମିଳନୀ ଇଣ୍ଡୋନେସିଆର ବାଲିଠାରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଭାରତ ପ୍ରତିନିଧି ଦଳ ପାଇଁ ଏମ୍‌ପି ଭର୍ତ୍ତୃହରି ମହତାବ ନେତୃତ୍ୱ ନେଇଥିଲେ। ଅନ୍ୟ ଏମ୍‌ପିମାନଙ୍କ ମଧ୍ୟରେ ବିଷ୍ଣୁ ଦୟାଲ ରାମ, ସୟଦ ଜାଫର ଇସ୍‌ଲାମ, ପୁନମ ବେନ ମାଡାମ, ରକ୍ଷା ଖଡସେ ଓ ଡା. ହୀନା ଗାଭିଟ୍ ଯୋଗଦେଇଥିଲେ। ଏହି ସମ୍ମିଳନୀ ପରେ ମହତାବଙ୍କ ଅଧକ୍ଷତାରେ ସେଠାରେ ଏକ ବୈଠକ ହୋଇଥିଲା। ଏଥିରେ ଉପରୋକ୍ତ ଏମ୍‌ପିମାନେ ଉପସ୍ଥିତ ଥିଲେ। ଏହି ବୈଠକରେ ଇଣ୍ଡୋନେସିଆର ରାଷ୍ଟ୍ରଦୂତ ମଧ୍ୟ ଯୋଗଦେଇଥିଲେ। ଏହି ସମ୍ମିଳନୀ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୟୁକ୍ରେନ-ରୁଷ ମଧ୍ୟରେ ଯୁଦ୍ଧ ବିଭୀଷିକା ନେଇ ବିଭିନ୍ନ ଦଳ ପକ୍ଷରୁ ମତ ଉପସ୍ଥାପନ କରାଯିବାର ସମ୍ଭାବନା ରହିଛି।

# ଫାର୍ମହାଉସରୁ ମିଳିଲା ୫ ବୋମା

**ଖୋର୍ଦ୍ଧା ଅଫିସ,୨୨।୩**

ପୌର ନିର୍ବାଚନ ପୂର୍ବରୁ ଖୋର୍ଦ୍ଧା ଟାଉନ ପୋଲିସ ମଙ୍ଗଳବାର ଏକ ଘରୋଇ ସ୍କୁଲ ପଛପଟ ସୁନ୍ଦରାସାହିର ଏକ ଫାର୍ମ ହାଉସରେ ଚଢ଼ାଉ କରି ୫ଟି ବୋମା ଜବତ କରିଛି। ପରେ ଏହାକୁ ପାଣିରେ ପକାଇ ନିଷ୍କ୍ରିୟ କରାଯାଇଛି। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଫାର୍ମହାଉସ ମାଲିକ ଏବଂ ତାଙ୍କ ପୁଅଙ୍କୁ ଥାନାରେ ଅଟକ ରଖିଛି। ଏହି ବୋମା କେଉଁ ଉଦ୍ଦେଶ୍ୟରେ ରଖାଯାଇଥିଲା। କୌଣସି ଅପରାଧ ଘଟାଇବା ପାଇଁ ବୋମା ରଖିଥିଲେ କି, ତାଙ୍କ ବିରୋଧରେ ପୂର୍ବରୁ କୌଣସି ଆପରାଧିକ ମାମଲା ରହିଛି, ପୋଲିସ ଏହାର ଖୋଲାତାଡ଼ ଆରମ୍ଭ କରିଛି। ଅଟକ ଫାର୍ମହାଉସ ମାଲିକ ଏକ ରାଜନୈତିକ ଦଳର କର୍ମୀ ବୋଲି ଜଣାପଡିଛି।

# ରାଜୀବ ଗାନ୍ଧୀ ସେବାକେନ୍ଦ୍ରକୁ ବୋମାମାଡ଼

**କଣ୍ଟାପଡା,୨୨।୩(ଡି.ଏନ୍.ଏ.)**

ଓଲଟପୁର ଥାନା ଅନ୍ତର୍ଗତ ଅଡଶପୁର ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଉପରକୁ ମଙ୍ଗଳବାର ବୋମାମାଡ଼ ହୋଇଛି। ଏହି ସମୟରେ ଉକ୍ତ ସେବାକେନ୍ଦ୍ର ଭିତରେ ବସି କାର୍ଯ୍ୟ କରୁଥିବା ସରପଞ୍ଚ ତପନ ଦାସ ଓ ତାଙ୍କ କର୍ମୀମାନେ ଅଳ୍ପକେ ରକ୍ଷା ପାଇଯାଇଥିବା ଜଣାପଡିଛି। ଓଲଟପୁର ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ରାତି ପ୍ରାୟ ସାଢେ ୮ଟାରେ ତପନ କେତେଜଣ କର୍ମୀଙ୍କ ସହ ଆଲୋଚନା କରୁଥିବାବେଳେ ହଠାତ୍ ବିସ୍ଫୋରଣ ଘଟିଥିଲା। ତପନ ଓ ତାଙ୍କ ସହଯୋଗୀମାନେ ବାହାରକୁ ଆସିବାରୁ ୨ଜଣ ଯୁବକ ଅନ୍ଧାରରେ ସେଠାରୁ ଦୌଡି ପଳାଇଥିଲେ। ପରେ ଏ ସମ୍ପର୍କରେ ତପନ ପୋଲିସକୁ ଖବର ଦେଇଥିଲେ। ସୂଚନାଯୋଗ୍ୟ, ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରୁ ମାତ୍ର ୫୦ ମିଟର ଦୂରରେ କଟକ ସଦର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ହୋଇଥିବାବେଳେ ଅଭିଯୁକ୍ତମାନେ ଏଭଳି କାଣ୍ଡ ଘଟାଇ ଫେରାର ହୋଇଯିବା ପୋଲିସର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ସମ୍ପର୍କରେ ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡା କହିଛନ୍ତି, ବୋମା ମାଡ ଘଟଣାରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

# ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



କଟକ ବାର୍ ଆସୋସିଏଶନ ପରିସରରେ ଅନୁଷ୍ଠିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଓ ଅନ୍ୟମାନେ।

**କଟକ ଅଫିସ, ୨୨।୩**

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସାଢେ ୭ ଫୁଟ ଉଚ୍ଚତାର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି କଟକ ବାର୍ ଆସୋସିଏଶନ ପରିସରରେ ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। ଏହାକୁ ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଡ୍‌ଭୋକେଟ ଜେନେରାଲ ଅଶୋକ କୁମାର ପରିଜା, ଭକ୍ତହରି ମହାନ୍ତି, ଦର୍ପହରି ଧଳ, ପ୍ରସନ୍ନ କୁମାର ସାହୁ, ଉମାକାନ୍ତ ନନ୍ଦ, ବିଜୟ ସାମଲ, ଆସୋସିଏଶନ ସଭାପତି ବିବେକାନନ୍ଦ ଭୂୟାଁ, ସମ୍ପାଦକ ବିଶ୍ୱଜିତ୍ ମହାପାତ୍ର, ଉପସଭାପତି ଚିତ୍ତରଞ୍ଜନ ବେହେରା, ଯୁଗ୍ମ ସମ୍ପାଦକ ମାନସ ରଞ୍ଜନ ସାମନ୍ତରାୟ, କୋଷାଧକ୍ଷ ପଞ୍ଚାନନ ପାଣିଗ୍ରାହୀ, ପାଠାଗାର ସମ୍ପାଦକ ବିଜୟ କୁମାର ପଣ୍ଡା, ସହକାରୀ ସମ୍ପାଦକ ଗୁରୁ ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ବାଇକ ଆରୋହୀ ମୃତ

**କଟକ ଅଫିସ,୨୨।୩**

କଟକ ଶିଖରପୁର ଛକଠାରେ ମଙ୍ଗଳବାର ରାତି ପ୍ରାୟ ୮ଟା ୪୫ରେ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ସେ ସ୍ଥାନୀୟ ତେଲେଙ୍ଗା ବଜାର ଅଞ୍ଚଳର ବୋଲି ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ଏକ ଟ୍ରକ(ଓଆର୦୫ଏଏଚ୍-୧୧୧୫) ସମ୍ରାଟ ହଲ ଆଡୁ ଓଏମ୍‌ପି ଆଡକୁ ଯାଉଥିବା ସମୟରେ ସମ୍ମୁଖରେ ଏକ ବାଇକ୍(ଓଡ଼ି୦୫ଏଏଚ-୯୩୦୪)କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଆରୋହୀ ଜଣଙ୍କ ତଳେ ପଡିଯାଇଥିଲେ। ଫଳରେ ଟ୍ରକର ପଛ ଚକ ତାଙ୍କ ଉପରେ ମାଡିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ସେଠାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଚାଉଳିଆଗଞ୍ଜ ପୋଲିସ ଓ ପିସିଆର ଭ୍ୟାନ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ଜବତ କରିଥିଲା। ଏହାପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ତେବେ ଦୁର୍ଘଟଣା ଘଟାଇଥିବା ଟ୍ରକ ଚାଳକଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି।

# କାର୍ଯ୍ୟାନୁଷ୍ଠାନ ନ ହେଲେ ଧାରଣା

**କଣ୍ଟାପଡା, ୨୨।୩(ଡି.ଏନ୍.ଏ.)**

**ସରପଞ୍ଚଙ୍କ ଘରକୁ ବୋମାମାଡ଼, ସମର୍ଥକଙ୍କୁ ଆକ୍ରମଣ ଘଟଣା**

ଗୋବିନ୍ଦପୁର ଥାନା ଅନ୍ତର୍ଗତ ବ୍ରାହ୍ମଣବାଟୀ ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚଙ୍କ ଘର ଉପରକୁ ବୋମାମାଡ ହୋଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଳମ୍ବ କରୁଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆସନ୍ତା ୨୮ ତାରିଖରେ ଅଡ଼ଶପୁରସ୍ଥିତ କଟକ ସଦର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଞ୍ଚଳବାସୀଙ୍କ ପକ୍ଷରୁ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଗତମାସ ୨୮ ତାରିଖରେ ପଞ୍ଚାୟତ ନିର୍ବାଚନ ଫଳ ପ୍ରକାଶ ପାଇବାପରେ ବ୍ରାହ୍ମଣବାଟୀ ସରପଞ୍ଚ ସଞ୍ଜୟ ରାଉତରାୟଙ୍କ ୨ଜଣ ସମର୍ଥକଙ୍କୁ ଆକ୍ରମଣ କରାଯିବା ସହ ତାଙ୍କ ଘରେ କେତେଜଣ ଯୁବକ ଭଙ୍ଗାରୁଜା କରିଥିଲେ। ଏହି ଘଟଣାର ଆପୋସ ସମାଧାନ ହୋଇଥିବାବେଳେ ପୁନର୍ବାର ଗତ ୧୦ ତାରିଖରେ କେତେଜଣ ଯୁବକ ପଞ୍ଚାୟତ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଥିଲେ। ଏହି ଘଟଣାରେ ପୋଲିସ ୫ଜଣଙ୍କ ନାଁରେ ମାମଲା ରୁଜୁ କରିଥିଲା। ଏକ ଶାନ୍ତି କମିଟି ଜରିଆରେ ଏହି ଘଟଣାର ସମାଧାନ ପାଇଁ ଦିନ ଧାର୍ଯ୍ୟ କରାଯାଇଥିବାବେଳେ ହୋଲି ଗତ ଶନିବାର ରାତିରେ ସଞ୍ଜୟଙ୍କ ଘର ଓ ପଞ୍ଚାୟତ କାର୍ଯ୍ୟାଳୟକୁ ବୋମାମାଡ କରାଯାଇଥିଲା ବୋଲି ସେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ଆଉ ଏକ ମାମଲା ରୁଜୁ କରିଥିଲା। ତେବେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଳମ୍ବ କରୁଥିବାରୁ ଅଭିଯୁକ୍ତମାନେ ପୂର୍ବପରି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବସି ଗାଳିଗୁଲଜ କରୁଛନ୍ତି। ତୁରନ୍ତ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆନ୍ଦୋଳନ ସହ ଧାରଣା ଦିଆଯିବ ବୋଲି ସଞ୍ଜୟ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କଟକ ସଦର ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡା କହିଛନ୍ତି, ସୁରକ୍ଷା ଦୃଷ୍ଟିରୁ ପଞ୍ଚାୟତ କାର୍ଯ୍ୟାଳୟରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି ବୋଲି ସେ କହିଛନ୍ତି। ଅପରପକ୍ଷେ ଏକ ସୁପରିକଳ୍ପିତ ଯୋଜନା କରି ବୋମାମାଡ଼ କରାଯାଇ କେତେଜଣ ଲୋକଙ୍କୁ ଫସାଇବା ପାଇଁ ଉଦ୍ୟମ କରାଯାଉଛି ବୋଲି ବ୍ରାହ୍ମଣବାଟୀ ଗ୍ରାମର କେତେକ ବ୍ୟକ୍ତି ପରିଚୟ ଗୋପନ ରଖି କହିଛନ୍ତି।